# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୧୨/୨୦୨୨ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, March 12/2022 | Page 16 | ₹ 7.00 | ★★★★★★

୪୮ଶ ଭାଗ ୧୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଡ୍ୟାନ୍ସିଂ ଶୋ' ଜଜ୍ ହେବେ ସୋନାଲି**

ବଲିଉଡ୍ ଚୁଲ୍‌ବୁଲି ନାୟିକା ସୋନାଲି ବେନ୍ଦ୍ରେ ଡିଆଇଡି ଲିଟିଲ୍ ମାଷ୍ଟର ସିଜନ୍-୫'ର ଜଜ୍ ଭାବେ ଦେଖାଯିବେ।

୧୪

୧୬

**ୱାର୍ଲ୍ଡ ଆଥ୍‌ଲେଟିକ୍ସରେ ଦୁତୀ ଭାଗନେବେ**

ସର୍ବିୟାର ବେଲ୍‌ଗ୍ରେଡ୍‌ରେ ହେବାକୁଥିବା ୱାର୍ଲ୍ଡ ଆଥ୍‌ଲେଟିକ୍ସ ଇନ୍‌ଡୋର ଚାମ୍ପିୟନଶିପ୍‌ରେ ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୁତୀ ଚାନ୍ଦ ଭାଗନେବେ।



# ଏପ୍ରିଲ ୨୯ରୁ ମାଟ୍ରିକ ପରୀକ୍ଷା

**ଭୁବନେଶ୍ୱର, ୧୧।୩(ବ୍ୟୁରୋ)**

- ମଧ୍ୟମା, ମୁକ୍ତ ବିଦ୍ୟାଳୟ ପରୀକ୍ଷା ବି ସମାନ ସମୟରେ ହେବ
- ନିଜ ସ୍କୁଲରେ ଅଫ୍‌ଲାଇନ୍‌ରେ ପରୀକ୍ଷା ଦେବେ ପିଲା
- ୩ ପଦ୍ଧତିରେ ଫଳାଫଳ ନିର୍ଦ୍ଧାରଣ ହେବ

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ମାଟ୍ରିକ ପରୀକ୍ଷା (ସମେଟିଭ୍ ଆସେସ୍‌ମେଣ୍ଟ-୨) ଏପ୍ରିଲ ୨୯ ତାରିଖରୁ ଆରମ୍ଭ ହେବ। ଏହା ମେ' ୬ ଯାଏ ଚାଲିବ। ମଧ୍ୟମା(ସଂସ୍କୃତ) ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ମଧ୍ୟ ଏହି ସମୟରେ ଅନୁଷ୍ଠିତ ହେବ ବୋଲି ଶୁକ୍ରବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଘୋଷଣା କରିଛନ୍ତି। ସେ କହିଛନ୍ତି, ଏଥର ପିଲାମାନେ ପଢୁଥିବା ନିଜ ସ୍କୁଲରେ ମାଟ୍ରିକ ପରୀକ୍ଷା ଦେବେ। କିନ୍ତୁ ପରୀକ୍ଷା ପରିଚାଳନା ପାଇଁ ଅନ୍ୟ ସ୍କୁଲର ଶିକ୍ଷକ ନିୟୋଜିତ ହେବେ। ଯଦି କୌଣସି ବିଦ୍ୟାଳୟରେ ପରୀକ୍ଷା ସମ୍ଭବ ହେବ ନାହିଁ, ତେବେ ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନିକଟରେ ଥିବା ଅନ୍ୟ ବିଦ୍ୟାଳୟରେ ପରୀକ୍ଷା ଦେବାକୁ ବ୍ୟବସ୍ଥା କରାଯିବ। ଏ ନେଇ ପରିଷଦ ଗାଇଡ୍‌ଲାଇନ ପ୍ରସ୍ତୁତ କରିବ। ମହାମାରୀର ପ୍ରକୋପ କମିଥିବାରୁ ଏଥର ଅଫ୍‌ଲାଇନ୍ ମୋଡ୍‌ରେ



ମାଟ୍ରିକ ପରୀକ୍ଷା କରାଯିବ। ଏଥିସହ ତିନୋଟି ପଦ୍ଧତିରେ ପରୀକ୍ଷାର ଫଳାଫଳ ନିର୍ଦ୍ଧାରଣ କରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି।

ସମେଟିଭ୍ ଆସେସ୍‌ମେଣ୍ଟ-୨ ପରୀକ୍ଷାକୁ ସମସ୍ତ ଛାତ୍ରୀଛାତ୍ରଙ୍କ ଲାଗି ବାଧ୍ୟତାମୂଳକ କରାଯାଇଛି। ପରିଷଦ ତିନୋଟି ପଦ୍ଧତିରେ ପରୀକ୍ଷା ଫଳ ନିର୍ଦ୍ଧାରଣ କରିବ। ପ୍ରଥମ ଦୁଇଟି ହେଉଛି ବିକଳ୍ପ ମୂଲ୍ୟାୟନ ପଦ୍ଧତି ଏବଂ ତୃତୀୟଟି ନୂତନ ମୂଲ୍ୟାୟନ ପଦ୍ଧତି ଅନୁସାରେ ଫଳ ନିର୍ଦ୍ଧାରଣ ହେବ। ପ୍ରଥମ ପଦ୍ଧତି ଅନୁସାରେ ସମେଟିଭ ଆସେସ୍‌ମେଣ୍ଟ-୧ ଓ ଇଣ୍ଟରନାଲ ଆସେସ୍‌ମେଣ୍ଟ ମାର୍କର ୨ ଗୁଣ, ଦ୍ୱିତୀୟରେ ସମେଟିଭ ଆସେସ୍‌ମେଣ୍ଟ-୨ ମାର୍କର ୨ ଗୁଣ ଏବଂ ତୃତୀୟ ପଦ୍ଧତିରେ ଇଣ୍ଟରନାଲ ଆସେସ୍‌ମେଣ୍ଟର ୨୦%, ସମେଟିଭ-୧ର ୩୦% ଓ ସମେଟିଭ-୨ର ୫୦% ମାର୍କକୁ ବିଚାରକୁ ନିଆଯିବ। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଫଳ ଏହି ୩ ପଦ୍ଧତିରେ ନିର୍ଦ୍ଧାରଣ କରାଯିବ, ଯେଉଁଥିରେ ସେମାନେ ସର୍ବାଧିକ ନମ୍ବର ରଖିବେ ତାହା ତାଙ୍କର ଚୂଡ଼ାନ୍ତ ଫଳ ହେବ। ଏହି ଘୋଷଣା ପରେ ମାଟ୍ରିକ ପରୀକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକଙ୍କ ☞ପୃଷ୍ଠା-୮

# ପ୍ରତ୍ୟକ୍ଷ ସଂଘର୍ଷ ନ ଏଡ଼ାଇଲେ ତୃତୀୟ ବିଶ୍ୱଯୁଦ୍ଧ: ବାଇଡେନ୍

**ୱାଶିଂଟନ,୧୧।୩**

- ଆମେରିକା, ୟୁକ୍ରେନ୍ ରାସାୟନିକ ଅସ୍ତ୍ର ବିକଶିତ କରିଛନ୍ତି: ରୁଷିଆ
- ଜାତିସଂଘରେ ଜରୁରୀ ବୈଠକ

ୟୁକ୍ରେନ୍ ବିରୋଧରେ ରୁଷିଆ ରାସାୟନିକ ଅସ୍ତ୍ର ପ୍ରୟୋଗ କରିଥିଲେ ମସ୍କୋକୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଶୁକ୍ରବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କଡ଼ା ଚେତାବନୀ ଦେଇଛନ୍ତି। ଏଥିସହ ନର୍ଥ ଆଟଲାଣ୍ଟିକ୍ ଟ୍ରିଟି ଅର୍ଗାନାଇଜେଶନ (ନାଟୋ) ଏବଂ ରୁଷିଆ ପ୍ରତ୍ୟକ୍ଷ ଭାବେ ସଂଘର୍ଷ କଲେ ତୃତୀୟ ବିଶ୍ୱଯୁଦ୍ଧ ହେବ ବୋଲି ସେ ସତର୍କ କରାଇଛନ୍ତି।

ରୁଷିଆର ୟୁକ୍ରେନ୍ ଆକ୍ରମଣ ଶୁକ୍ରବାର ଷୋଡ଼ଶ ଦିନରେ ପହଞ୍ଚିଥିବାବେଳେ ଶାନ୍ତି ଉଦ୍ୟମ ଫଳପ୍ରଦ ହୋଇନାହିଁ। ରୁଷିଆ ସୈନ୍ୟଙ୍କ ଗୁଳିବର୍ଷା ଓ କ୍ଷେପଣାସ୍ତ୍ର ମାଡ଼ରେ ୟୁକ୍ରେନ୍ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଅଦ୍ୟାବଧି ୟୁକ୍ରେନ୍‌ର ୫୪୯ ନାଗରିକ ନିହତ ଓ ୯୫୭ ଆହତ ହେଲେଣି। ଯୁଦ୍ଧ ଯୋଗୁ ମୋଟ ୨୫ ଲକ୍ଷ ଲୋକ ୟୁକ୍ରେନ୍ ଛାଡ଼ି ଅନ୍ୟ ଦେଶଗୁଡ଼ିକୁ ପଳାୟନ କଲେଣି। ମସ୍କୋ ଉପରେ ଲଗାମ ଲଗାଇବା ପାଇଁ ଆମେରିକା ଓ ବ୍ରିଟେନ ସମେତ ୟୁରୋପୀୟ ସଂଘ (ଇୟୁ) ସଦସ୍ୟ ରାଷ୍ଟ୍ରଗୁଡ଼ିକ ଅନେକ କଠୋର



ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍

କଟକଣା ଜାରି କଲେଣି। ତଥାପି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଟାଣପଣ ଭାଙ୍ଗୁନାହିଁ। ୟୁକ୍ରେନ୍‌ରେ ଥିବା ରୁଷୀୟ ସୈନ୍ୟଙ୍କ ଉପରେ ପ୍ରୟୋଗ ଲାଗି କ୍ୱିଭ୍ ଓ ୱାଶିଂଟନ ରାସାୟନିକ ଅସ୍ତ୍ର ବିକଶିତ କରିଥିବା ମସ୍କୋ ଅଭିଯୋଗ ଆଣିଛି। ରୁଷିଆର ଅନୁରୋଧକ୍ରମେ ଏହି ପ୍ରସଙ୍ଗରେ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ☞ପୃଷ୍ଠା-୮

# ଏପ୍ରିଲ ୨୬ରୁ ସିବିଏସ୍‌ଇ ଦଶମ, ଦ୍ୱାଦଶ

**ଭୁବନେଶ୍ୱର, ୧୧।୩(ବ୍ୟୁରୋ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)ର ଦଶମ ଓ ଦ୍ୱାଦଶ ଟର୍ମ-୨ ପରୀକ୍ଷା ଏପ୍ରିଲ ୨୬ରୁ ଆରମ୍ଭ ହେବ।। ଦଶମ ବୋର୍ଡ ପରୀକ୍ଷା ମେ' ୨୪ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ଜୁନ୍ ୧୫ରେ ଶେଷ ହେବ। ଏସବୁ ପରୀକ୍ଷା ସବ୍‌ଜେକ୍ଟିଭ ମୋଡ୍‌ରେ ହେବ ବୋଲି ବୋର୍ଡ ପକ୍ଷରୁ ଶୁକ୍ରବାର ପରୀକ୍ଷା ସୂଚୀ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରତ୍ୟେକ ବିଷୟ ପାଇଁ ୨ ଘଣ୍ଟା ସମୟ ରହିବ। ସକାଳ ସାଢ଼େ ୧୦ଟାରୁ ସାଢ଼େ ୧୨ଟା ମଧ୍ୟରେ ପରୀକ୍ଷା ଅନୁଷ୍ଠିତ ହେବ। ଏସବୁ ପରୀକ୍ଷା ଅଫ୍‌ଲାଇନ ମୋଡ୍‌ରେ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ହେବ। ପରୀକ୍ଷା ଆରମ୍ଭ ପୂର୍ବରୁ ପିଲାଙ୍କୁ ପ୍ରଶ୍ନ ପଢ଼ିବା ପାଇଁ ୧୫ ମିନିଟ୍ ଦିଆଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ସଂକ୍ରମଣକୁ ଦୃଷ୍ଟିରେ ରଖି ଏସବୁ ପରୀକ୍ଷା ସମ୍ପୂର୍ଣ୍ଣ କରୋନା କଟକଣାରେ କରାଯିବାକୁ ନିର୍ଦ୍ଦେଶ ରହିଛି। ଛାତ୍ରୀଛାତ୍ର ମାସ୍କ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ନିୟମକୁ ଅଣଦେଖା**







**ତରଜଙ୍ଗା ସମିତିସଭ୍ୟାଙ୍କୁ ଅପହରଣ**

ତିର୍ତ୍ତୋଲ, (ଡି.ଏନ.ଏ.): ଜଗତ୍‌ସିଂହପୁର ଜିଲ୍ଲା ତିର୍ତ୍ତୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ ଲାଗି ଶନିବାର ନିର୍ବାଚନ ହେବ। ଏହା ପୂର୍ବରୁ ଜଣେ ସମିତିସଭ୍ୟାଙ୍କୁ ଅପହରଣ କରାଯାଇଥିବା ନେଇ ଥାନାରେ ଶୁକ୍ରବାର ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ତିର୍ତ୍ତୋଲ ଥାନା ତରଜଙ୍ଗା ପଞ୍ଚାୟତର ସମିତିସଭ୍ୟା ଗୁରୁବାରୀ ମୁର୍ମୁଙ୍କୁ ଅପହରଣ କରାଯାଇଥିବା ନେଇ ବାପା ରାମ ଲିଖିତ ଭାବେ ଥାନାରେ ଜଣାଇଛନ୍ତି। ସ୍ଥାନୀୟ କୋଟକଣା ଗ୍ରାମର ବୁଲୁ ମଲ୍ଲିକ ଏବଂ ତପୁନା ଦାସ ତାଙ୍କ ଝିଅଙ୍କୁ ଅପହରଣ କରି ନେଇଥିବା ସେ ଏତଲାରେ ଦର୍ଶାଇଛନ୍ତି।

# ୟୁପିରେ ଭାଜପା, ପଞ୍ଜାବରେ ଏଏପିର ରେକର୍ଡ

**ଉତ୍ତର ପ୍ରଦେଶ**



| ଦଳ | ୨୦୧୭ | ୨୦୨୨ |
|---|---|---|
| ଭାଜପା | ୩୯.୬% | ୪୧.୩% |
| ଏସ୍‌ପି | ୨୧.୮% | ୩୨% |
| ବିଏସ୍‌ପି | ୨୨.୨୩% | ୧୨.୭% |
| କଂଗ୍ରେସ | ୬.୨% | ୨.୩% |

**ପଞ୍ଜାବ**



| ଦଳ | ୨୦୧୭ | ୨୦୨୨ |
|---|---|---|
| ଏଏପି | ୨୩.୭% | ୪୨% |
| କଂଗ୍ରେସ | ୩୮.୬% | ୨୨.୯୬% |
| ଏସ୍‌ଏଡି | ୨୫.୨% | ୧୮.୩୮% |
| ଭାଜପା | ୫.୪% | ୬.୬% |

**ଉତ୍ତରାଖଣ୍ଡ**



| ଦଳ | ୨୦୧୭ | ୨୦୨୨ |
|---|---|---|
| ଭାଜପା | ୪୬.୫% | ୪୪% |
| କଂଗ୍ରେସ | ୩୩.୫% | ୩୮% |
| ଏସ୍‌ପି | ୦.୪% | ୦.୨୯% |
| ବିଏସ୍‌ପି | ୭% | ୪.୮୨% |

**ମଣିପୁର**



| ଦଳ | ୨୦୧୭ | ୨୦୨୨ |
|---|---|---|
| ଭାଜପା | ୩୬.୩% | ୩୭.୮% |
| କଂଗ୍ରେସ | ୩୫.୧% | ୧୬.୮% |
| ଜେଡିୟୁ | – | ୧୦.୭୭% |

**ଗୋଆ**



| ଦଳ | ୨୦୧୭ | ୨୦୨୨ |
|---|---|---|
| ଭାଜପା | ୩୨.୫% | ୩୩.୩% |
| କଂଗ୍ରେସ | ୨୮.୪% | ୨୩.୫% |
| ଏଏପି | ୬.୩% | ୬.୭୭% |

ନୂଆଦିଲ୍ଲୀ,୧୧।୩

ଉତ୍ତରପ୍ରଦେଶରେ ଭାଜପା ଏବଂ ପଞ୍ଜାବରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ବିଧାନସଭା ନିର୍ବାଚନରେ କେବଳ ଜବରଦସ୍ତ ବିଜୟ ହାସଲ କରିନାହାନ୍ତି ବରଂ କିଛି ଦଶନ୍ଧିର ରେକର୍ଡ ଭାଙ୍ଗିଛନ୍ତି।

ଉତ୍ତରପ୍ରଦେଶରେ ୧୯୭୭ ପରେ ଭାଜପା ଏକମାତ୍ର ଦଳ ଭାବେ ୪୦% ଭୋଟହାର ସୀମାକୁ ପାର କରିଛି। ସେହିପରି ପଞ୍ଜାବରେ ୧୯୯୭ରେ ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ୯୩ ଆସନ ଜିତିଥିଲା। ଏବେ ଏସ୍‌ଏଡି, କଂଗ୍ରେସ ଓ ଭାଜପା ଭଳି ପ୍ରମୁଖ ଦଳକୁ ଧରାଶାୟୀ କରି ଏଏପି ୯୨ ଆସନ ହାସଲ କରିଛି।

ଭାରତର ନିର୍ବାଚନ କମିଶନଙ୍କ ତଥ୍ୟ ଅନୁସାରେ ଭାଜପା ୨୦୨୨ ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନରେ ୪୧.୩% ଭୋଟ ହାସଲ କରିଥିବାବେଳେ ୧୯୭୭ରେ ଜନତା ପାର୍ଟି ସର୍ବୋଚ୍ଚ ୪୭.୮% ଭୋଟ ହାସଲ କରିଥିଲା। ୧୯୭୭ରୁ ଇତିମଧ୍ୟରେ କଂଗ୍ରେସ, ଭାଜପା, ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ରାଜ୍ୟରେ ସରକାର ଗଢ଼ିଥିଲେ ମଧ୍ୟ ସେମାନଙ୍କ ଭୋଟ ହାର ୩୯–୪୦% ମଧ୍ୟରେ ରହିଥିଲା। ଚଳିତ ନିର୍ବାଚନରେ ଭାଜପା ୨୦୧୭ ତୁଳନାରେ ୫୭ଟି କମ୍ ଆସନ ପାଇଥିଲେ ମଧ୍ୟ ଭୋଟହାର ୩୯.୬%ରୁ ୪୧.୩%କୁ ବୃଦ୍ଧିପାଇଛି। ଏ କ୍ଷେତ୍ରରେ ସମାଜବାଦୀ ପାର୍ଟି ଉଲ୍ଲେଖନୀୟ ସଫଳତା ପାଇଛି। ଏସ୍‌ପି ୨୦୧୭ରେ ୨୧.୮% ଭୋଟ ପାଇଥିବାବେଳେ ଏଥର ୩୨% ହାତେଇଛି। ଏପରିକି ୨୦୧୨ ଏସ୍‌ପି ସରକାର ଗଢ଼ିଥିଲେ ମଧ୍ୟ ଭୋଟହାର ଥିଲା ୨୯%। ବିଏସ୍‌ପି କଥା ଦେଖିଲେ ୧୯୯୬ ପରଠାରୁ ଦଳକୁ ସର୍ବନିମ୍ନ ଭୋଟ ମିଳିଛି। ବିଏସ୍‌ପି ୨୦୧୭ରେ ୨୨.୨୩% ଏବଂ ଏବେ ୧୨.୭% ଭୋଟ ପାଇଛି। ପଡ଼ୋଶୀ ଉତ୍ତରାଖଣ୍ଡରେ ମଧ୍ୟ ବିଏସ୍‌ପିକୁ ସର୍ବକାଳୀନ କମ୍ ଭୋଟ (୪.୮%) ମିଳିଛି। ବିଏସ୍‌ପିଠାରୁ ଅଧିକ ଶୋଚନୀୟ ଅବସ୍ଥା କଂଗ୍ରେସର ରହିଛି। ୨୦୧୭ରେ କଂଗ୍ରେସକୁ ଉତ୍ତରପ୍ରଦେଶରେ ୬.୨% ଭୋଟ ମିଳିଥିବାବେଳେ ଏଥର ୨.୩% ମିଳିଛି।

ଉତ୍ତରପ୍ରଦେଶ ଭଳି ପଞ୍ଜାବରେ କଂଗ୍ରେସକୁ ବଡ଼ ଝଟକା ଲାଗିଛି। କଂଗ୍ରେସ ନେତା ତଥା ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି ଲଢ଼ିଥିବା ୨ଟି ଯାକ ଆସନରେ ପରାଜିତ ହୋଇଛନ୍ତି। ସେହିପରି ପଞ୍ଜାବ କଂଗ୍ରେସ ମୁଖ୍ୟ ତଥା ଲୋକପ୍ରିୟ କ୍ରିକେଟର ନବଜୋତ୍ ସିଂ ସିଦ୍ଧୁ ମଧ୍ୟ ହାରିଯାଇଛନ୍ତି। ୨୦୨୨ ପଞ୍ଜାବ ବିଧାନସଭା ନିର୍ବାଚନରେ କଂଗ୍ରେସର ଭୋଟ ହାର ଗୁରୁତର ଭାବେ ହ୍ରାସ ପାଇଛି। ଦଳ ୨୦୧୭ରେ ୩୮.୬% ଭୋଟ ପାଇଥିବାବେଳେ ଏଥର ମିଳିଛି ୨୨.୯୬% ଭୋଟ। ଏଭଳି ସ୍ଥଳେ ସମସ୍ତ ଆକଳନ, ଟିଭି ଚ୍ୟାନେଲଗୁଡ଼ିକରେ ପ୍ରସାରିତ ବୁଥ୍ ଫେରନ୍ତାଙ୍କ ମତ ଏବଂ ରାଜ୍ୟରେ ପୂର୍ବରୁ ଶାସନ ଗାଦିରେ ବସିଥିବା ପ୍ରମୁଖ ଦଳଗୁଡ଼ିକର ଦୃଢ଼ୋକ୍ତିକୁ ଭୁଲ୍ ପ୍ରମାଣିତ କରି ଏଏପି ଅପ୍ରତ୍ୟାଶିତ ସଫଳତା ହାସଲ କରିଛି। ଉଭୟ ଆସନ ଏବଂ ଭୋଟ ହାର କ୍ଷେତ୍ରରେ ଏଏପି ସିଂହଭାଗ ହାସଲ କରିଛି। ଏଏପି ୨୦୧୭ରେ ୨୦ ଆସନ ଏବଂ ୨୩.୭% ଭୋଟ ପାଇଥିଲା। ଏଥର ୪୨% ଭୋଟ ହାତେଇବା ସହ ୯୨ ଆସନ ଦଖଲ କରିଛି। କେବଳ ସେତିକି ନୁହେଁ, ଏଭଳି ସଫଳତା ଗତ ୪ ବିଧାନସଭା ନିର୍ବାଚନରେ କୌଣସି ଦଳ ହାସଲ କରିପାରି ନାହାନ୍ତି।

**ଭୋଟ ହାର**

ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନ ଫଳ ଘୋଷଣା ପରେ ଭାଜପା ରାଜ୍ୟରେ କ୍ଷମତା ବଜାୟ ରଖିବାକୁ ସକ୍ଷମ ହୋଇଥିଲେ ମଧ୍ୟ ଦଳର ଉଭୟ ଆସନ ଏବଂ ଭୋଟ ହାର ହ୍ରାସ ପାଇଛି। ଭାଜପା ୨୦୧୭ରେ ୫୭ ଆସନରେ ବିଜୟୀ ହୋଇଥିବା ବେଳେ ୪୬.୫% ଭୋଟ ପାଇଥିଲା। ଏଥର ଭାଜପା ୪୭ ଆସନ(୧୦ କମ୍) ଏବଂ ୪୪% ଭୋଟ ପାଇଛି। କିନ୍ତୁ କଂଗ୍ରେସ ୨୦୧୭ ତୁଳନାରେ ଅଧିକ ଆସନ ଏବଂ ଭୋଟ ପାଇବାରେ ସକ୍ଷମ ହୋଇଛି। ୨୦୧୭ରେ କଂଗ୍ରେସ ୧୧ ଆସନ ଏବଂ ୩୩.୫% ଭୋଟ ହାସଲ କରିଥିବାବେଳେ ୨୦୨୨ରେ ୧୯ ଆସନ ଏବଂ ୩୮% ଭୋଟ ପାଇଛି।

ମଣିପୁର ବିଧାନସଭା ନିର୍ବାଚନ କଥା ଦେଖିଲେ କଂଗ୍ରେସର ଭୋଟ ହାର ସର୍ବକାଳୀନ ହ୍ରାସ ଘଟିଛି। କଂଗ୍ରେସ ୨୦୧୭ରେ ୩୫.୧% ଭୋଟ ପାଇଥିବାବେଳେ ୨୦୨୨ରେ ତାହା ୧୬.୮%କୁ ଖସି ଆସିଛି। ଏହାସହିତ ୨୩ ଆସନ ହରାଇଛି। କିନ୍ତୁ ଭାଜପା ୨୦୧୭ ନିର୍ବାଚନଠାରୁ ୨୦୨୨ରେ ଅଧିକ ୧୧ ଆସନରେ ବିଜୟୀ ହୋଇଥିବାବେଳେ ଦଳର ଭୋଟ ହାର ୩୬.୩% ରୁ ୩୭.୮%କୁ ବୃଦ୍ଧିପାଇଛି।

ମଣିପୁର ଭଳି ସଫଳତା ଭାଜପା ଗୋଆରେ ପାଇବା ସହ କ୍ଷମତା ନିଜ ହାତରେ ରଖିବାକୁ ସକ୍ଷମ ହୋଇଛି। ଦଳ ଏଥର ୩୩.୩% ଭୋଟ ଏବଂ ୨୦ ଆସନ ପାଇଛି। ୨୦୧୭ରେ ଭାଜପା ୩୨.୫% ଭୋଟ ଏବଂ ୧୩ ଆସନ ପାଇଥିଲା। କଂଗ୍ରେସ ୨୦୧୭ରେ ୨୮.୪% ଭୋଟ ଏବଂ ୧୭ ଆସନ ପାଇଥିଲା। ୨୦୨୨ରେ ତାହା ହ୍ରାସ ପାଇ ଦଳ ୨୩.୫% ଭୋଟ ଏବଂ ୧୧ ଆସନ ପାଇଛି। ଏଏପି ଦିଲ୍ଲୀ, ପଞ୍ଜାବ ସଫଳତା ପରେ ଗୋଆରେ ମଧ୍ୟ ନିଜର ଶକ୍ତି ବୃଦ୍ଧି କରିବାରେ ଲାଗିଛି। ୨୦୧୭ରେ ଏଏପି କୌଣସି ଆସନରେ ଜିତି ନ ଥିଲେ ମଧ୍ୟ ୬.୩% ଭୋଟ ପାଇଥିଲା। ୨୦୨୨ରେ ଏଏପି ୨ ଆସନରେ ଜିତିବା ସହ ୬.୭୭% ଭୋଟ ହାତେଇଛି।

# ୨୦୨୪ ନିର୍ବାଚନ ଏକାଠି ଲଢ଼ିବାକୁ ମମତାଙ୍କ ଆହ୍ୱାନ

କୋଲକାତା,୧୧।୩(ପି.ଟି.)



ମମତା ବାନାର୍ଜୀ

ପାଞ୍ଚ ରାଜ୍ୟ ବିଧାନସଭା ନିର୍ବାଚନକୁ ଭାଜପା ୪:୧ରେ ଜିତିଯିବା ପରେ ଫଳାଫଳ ୨୦୨୪ ଲୋକ ସଭାର ସଙ୍କେତ ଦେଉଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଭାଜପା ମୁଖ୍ୟାଳୟଠାରେ ଦଳୀୟ କର୍ମୀମାନଙ୍କୁ ସମ୍ବୋଧିତ କରି କହିଥିଲେ। ଏହାର ଦିନକ ପରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ ବିରୋଧୀ ମେଣ୍ଟକୁ ସୁଦୃଢ଼ କରିବାକୁ ପୁଣିଥରେ ଅଣ୍ଟା ଭିଡ଼ିଛନ୍ତି। ବିରୋଧୀ ମେଣ୍ଟରେ କଂଗ୍ରେସକୁ ସାମିଲ କରିବା ଲାଗି ସେ ଆମନ୍ତ୍ରଣ କରିଛନ୍ତି। ୨୦୨୪ ସାଧାରଣ ନିର୍ବାଚନକୁ ବିରୋଧୀ ଦଳଗୁଡ଼ିକ ଏକାଠି ଲଢ଼ିପାରିବା। ଏଥର ନିର୍ବାଚନରେ କଂଗ୍ରେସ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଆଗାମୀ ଦିନରେ ଭାଜପାକୁ ବଡ଼ ବ୍ୟବଧାନରେ ପରାଜିତ କରିବା ଲାଗି ବର୍ତ୍ତମାନର ଫଳାଫଳକୁ ସକାରାତ୍ମକ ଭାବେ ନେବା ଉଚିତ। ୨୦୨୪ ନିର୍ବାଚନ ଏକାଠି ଲଢ଼ିବା ପାଇଁ କଂଗ୍ରେସ ଯଦି ଚାହେଁ, ତେବେ ବର୍ତ୍ତମାନ ଆକ୍ରମଣାତ୍ମକ ନ ହୋଇ ସକାରାତ୍ମକ ହେଉ। ବର୍ତ୍ତମାନର ଫଳାଫଳ ୨୦୨୪ର ସଙ୍କେତ ଦେଉଛି ବୋଲି ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟକୁ ଟିଏମ୍‌ସି ଅଧ୍ୟକ୍ଷା ଖଣ୍ଡନ କରିଛନ୍ତି। ଏହା ବାସ୍ତବତା ନୁହେଁ। ଇଭିଏମ୍‌ରେ ଜାଲିଆତି ହୋଇଥିବା ମମତା ଅଭିଯୋଗ କରିଛନ୍ତି।

ବାରାଣସୀର ଏକ କେନ୍ଦ୍ରରୁ ଇଭିଏମ୍ ଚୋରି ହୋଇଥିବା ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଅଭିଯୋଗ କରିଥିଲେ। ଉତ୍ତରପ୍ରଦେଶ ସମେତ ୪ ରାଜ୍ୟରେ ଭାଜପାର ବିଜୟକୁ ନେଇ ମମତା ସନ୍ଦେହ ପ୍ରକାଶ କରିଛନ୍ତି। ଭାଜପା ନିର୍ବାଚନ କଳ, କେନ୍ଦ୍ରୀୟ ବଳ ଏବଂ ସଂସ୍ଥାର ଅପବ୍ୟବହାର କରି ଜିତିଯାଇଛି। ସେମାନେ ନାଗରା ବଜାଉଛନ୍ତି। ଏଥିରେ ମ୍ୟୁଜିକ୍ ହୋଇପାରିବ ନାହିଁ। ମ୍ୟୁଜିକ୍ ପାଇଁ ହାରମୋନିୟମ ଦରକାର ବୋଲି ଟିଏମ୍‌ସି ନେତ୍ରୀ କହିଛନ୍ତି। ଇଭିଏମ୍ ସ୍ଥାନାନ୍ତର ଲାଗି ବାରାଣସୀର ଏଡିଏମ୍‌ଙ୍କୁ ନିଲମ୍ବନ କରାଯିବ ଏକ ବଡ଼ ଘଟଣା। ଅଖିଳେଶଙ୍କୁ ହରାଇ ଦିଆଯାଇଥିବା ସେ ଅନୁଭବ କରୁଛନ୍ତି ବୋଲି ମମତା କହିଛନ୍ତି। ଏସ୍‌ପି ନେତା ବିଚଳିତ ନ ହୋଇ ଲୋକଙ୍କ ପାଖକୁ ଯାଆନ୍ତୁ ଓ ଏହାର ଚ୍ୟାଲେଞ୍ଜ କରନ୍ତୁ ବୋଲି ଟିଏମ୍‌ସି ନେତ୍ରୀ ପରାମର୍ଶ ଦେଇଛନ୍ତି।

# ୟୁପି ବିଧାନସଭାକୁ ୩୬ ମୁସଲମାନ ପ୍ରାର୍ଥୀ ନିର୍ବାଚିତ

ଲକ୍ଷ୍ନୌ,୧୧।୩(ଆଇଏଏନ୍‌ଏସ୍)

ଚଳିତ ନିର୍ବାଚନରେ ଅଷ୍ଟାଦଶ ଉତ୍ତରପ୍ରଦେଶ ବିଧାନସଭାକୁ ୩୬ ମୁସଲମାନ ପ୍ରାର୍ଥୀ ନିର୍ବାଚିତ ହୋଇଛନ୍ତି। ଏହା ପୂର୍ବ ବିଧାନସଭା ତୁଳନାରେ ୨ ଅଧିକ। ଉତ୍ତରପ୍ରଦେଶ ଜନସଂଖ୍ୟାର ୨୦ ପ୍ରତିଶତ ମୁସଲମାନ ହୋଇଥିବାବେଳେ ନବନିର୍ବାଚିତ ବିଧାନସଭାରେ ସେମାନଙ୍କ ପ୍ରତିନିଧିତ୍ୱ ହାର ୮.୯୩ ପ୍ରତିଶତ ରହିଛି। ନିର୍ବାଚିତ ହୋଇଥିବା ପ୍ରମୁଖ ମୁସଲମାନ ବିଧାୟକ ହେଲେ ମହମ୍ମଦ ଆଜମ ଖାନ୍, ତାଙ୍କ ପୁଅ ଅବଦୁଲ୍ଲା ଆଜମ ଖାନ୍, ଗ୍ୟାଙ୍ଗ୍‌ଷ୍ଟରରୁ ରାଜନେତା ହୋଇଥିବା ମୁଖ୍‌ତାର ଅନ୍‌ସାରିଙ୍କ ପୁଅ ଆବ୍ବାସ ଏବଂ ପୁତୁରା ମନ୍ନୁ। ଜେଲ୍‌ରେ ଥିବା ଏସ୍‌ପି ନେତା ଆଜମ ଖାନ୍ ରାମପୁର ଆସନରୁ ୧,୩୧,୨୨୫ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ତାଙ୍କ ପୁଅ ଅମଦୁଲ୍ଲା ଆଜମ୍ ସୁଆର ଆସନରୁ ୧,୨୬,୧୬୨ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ସେହିପରି ମାଉ ଆସନରୁ ଏସ୍‌ବିଏସ୍‌ପି ଟିକେଟରେ ଲଢୁଥିବା ଆବ୍ବାସ ଅନ୍‌ସାରି ଭାଜପା ପ୍ରାର୍ଥୀ ଅଶୋକ କୁମାର ସିଂଙ୍କୁ ୩୮,୨୨୭ ଖଣ୍ଡ ଭୋଟରେ ପରାଜିତ କରିଛନ୍ତି। ମନ୍ନୁ ଓରଫ ସୁହେବ ଅନ୍‌ସାରି ମହମ୍ମଦାବାଦ ଆସନରୁ ବିଜୟୀ ହୋଇଛନ୍ତି। ସେ ଭାଜପା ବିଧାୟକ ଅଲକା ରାୟଙ୍କୁ ୧୮,୧୯୯ ଭୋଟରେ ପରାଜିତ କରିଛନ୍ତି। ଏଥର ଭାଜପା ୮୮ ମୁସଲମାନ ପ୍ରାର୍ଥୀ ଦେଇଥିବାବେଳେ କଂଗ୍ରେସ ୭୫ ଏବଂ ସମାଜବାଦୀ ପାର୍ଟି ୬୪ ମୁସଲମାନଙ୍କୁ ପ୍ରାର୍ଥୀ କରିଥିଲା। ସେହିପରି ଅସାଦୁଦ୍ଦିନ ଓ୍ୱାଇସିଙ୍କ ଏଆଇଏମ୍‌ଆଇଏମ୍ ଏହି ସମ୍ପ୍ରଦାୟରୁ ୬୦ରୁ ଅଧିକଙ୍କୁ ଟିକେଟ ଦେଇଥିଲା।

# ‘ପଞ୍ଚାୟତରେ ପ୍ରାର୍ଥୀ ହୋଇଥିବା ବ୍ୟକ୍ତି ପୌର ନିର୍ବାଚନ ଲଢୁଛନ୍ତି’

**ଅଭିଯୋଗ ଆଣି ନିର୍ବାଚନ କମିଶନଙ୍କୁ ଭେଟିଲା ଭାଜପା**

ଭୁବନେଶ୍ୱର, ୧୧।୩(ବ୍ୟୁରୋ)

ରାଜ୍ୟରେ ବର୍ତ୍ତମାନ ପୌର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇସାରିଲାଣି। ମାତ୍ର ତ୍ରୁଟିପୂର୍ଣ୍ଣ ଭୋଟର ତାଲିକା ଯୋଗୁ ଗତ ପଞ୍ଚାୟତ ନିର୍ବାଚନରେ ଲଢୁଥିବା ପ୍ରାର୍ଥୀମାନେ ପୁଣି ଚଳିତ ପୌର ନିର୍ବାଚନରେ ପ୍ରାର୍ଥୀ ହୋଇଛନ୍ତି। ଏହା ବିରୋଧରେ କୌଣସି ଯାଞ୍ଚ ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଶାସକ ଦଳର ଷଡ଼ଯନ୍ତ୍ର ଏବଂ ରାଜ୍ୟ ନିର୍ବାଚନ କମିଶନଙ୍କ ନୀରବତା ଓ ପକ୍ଷପାତିତାର ଅଭିଯୋଗ କରିଛି ଭାଜପା। ଏ ନେଇ ଭାଜପାର ଏକ ପ୍ରତିନିଧି ଦଳ ଶୁକ୍ରବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅବଗତ କରାଇବା ସହ ତୁରନ୍ତ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ଜଣାଇଛି।

# ଏହି ବିଜୟ ଆମ ପାଇଁ ଦାୟିତ୍ୱ: ମୁଖ୍ୟମନ୍ତ୍ରୀ

**ହିଞ୍ଜିଳି, ଶେରଗଡ଼ ବ୍ଲକ ନିର୍ବାଚିତ ପ୍ରତିନିଧିଙ୍କ ସହ ନବୀନଙ୍କ ଆଲୋଚନା**

ଭୁବନେଶ୍ୱର, ୧୧।୩(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଶୁକ୍ରବାର ଅପରାହ୍ନରେ ହିଞ୍ଜିଳି ଓ ଶେରଗଡ଼ ବ୍ଲକର ନବନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନଙ୍କ ସହ ଆଲୋଚନାକରି ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହାସହ ଦଳମତରୁ ଉର୍ଦ୍ଧ୍ୱରେ ରହି ଲୋକଙ୍କ ସେବା କରିବା ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ପରାମର୍ଶ ଦେଇଛନ୍ତି। ନବୀନ କହିଛନ୍ତି, ବର୍ତ୍ତମାନ ନିର୍ବାଚନ ଶେଷ ହୋଇଛି। ତେଣୁ ଆପଣମାନେ ସମସ୍ତଙ୍କ ପାଇଁ କାମ କରନ୍ତୁ। ଦଳମତରୁ ଉପରକୁ ଉଠି କାମ କଲେ ଆମେ ସବୁବେଳେ ଲୋକଙ୍କ ଭରସା ଓ ଆଶୀର୍ବାଦ ପାଇପାରିବା। ସାରା ରାଜ୍ୟରେ ପଞ୍ଚାୟତ ନିର୍ବାଚନରେ ଲୋକେ ଏକ ଐତିହାସିକ ରାୟ ଦେଇଛନ୍ତି। ସେଥିପାଇଁ



ସେମାନଙ୍କ ନିକଟରେ ଆମେ ଋଣୀ। ଏ ବିଜୟ ଏକ ବହୁତ ବଡ଼ ଦାୟିତ୍ୱ ବୋଲି ପ୍ରକାଶକରି ସେ କହିଛନ୍ତି, ଆଶା କରୁଛି ଯେ ସମସ୍ତେ ନିଜ ଗାଁର, ଅଞ୍ଚଳର ବିଜୟ ପାଇଁ କାମ କରିବେ। ଲୋକଙ୍କ ସୁଖଦୁଃଖରେ ସବୁବେଳେ ସେମାନଙ୍କ ସାଥିରେ ରହିବେ।

# ନାଏବ ସରପଞ୍ଚ ନିର୍ବାଚନ ବେଳେ ଉତ୍ତେଜନା

## ୪ ୱାର୍ଡ ସଭ୍ୟଙ୍କୁ ଅପହରଣ ଅଭିଯୋଗ

**ସାହାଜବାହାଲରେ ଭୋଟବାକ୍ସ ଛଡ଼ାଇ ନେଲେ ମହିଳା**

ବଲାଙ୍ଗୀର ଅଫିସ/ଦେଓଗାଁ, ୧୧।୩ (ଡି.ଏନ.ଏ.)

ଶୁକ୍ରବାର ନାଏବ ସରପଞ୍ଚ ନିର୍ବାଚନ ସମୟରେ ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ସାହାଜବାହାଲ ଏବଂ ବଡ଼ବାହାଲ ଗ୍ରାମ ପଞ୍ଚାୟତରେ ୪ ଜଣ ୱାର୍ଡ ସଭ୍ୟଙ୍କୁ ଅପହରଣ ଅଭିଯୋଗ ହୋଇଛି। ଏହାସହିତ ସାହାଜବାହାଲ ପଞ୍ଚାୟତରେ ଭୋଟବାକ୍ସକୁ କେତେଜଣ ମହିଳା ଛଡ଼ାଇ ନେଇଥିବା ବେଳେ ଦେଷଣ୍ଟ ଗ୍ରାମ ପଞ୍ଚାୟତରେ ଜଣେ ବ୍ୟକ୍ତି ଗ୍ରାମ ପଞ୍ଚାୟତ ଅଫିସରେ ତାଲା ପକାଇ ଦେବାରୁ ଦୀର୍ଘ ସମୟ ଧରି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏନେଇ ନେଇ ଦେଓଗାଁ ଥାନାରେ ୨ଟି ପୃଥକ୍ ମାମଲା ରୁଜୁ ହୋଇଛି। ନିରୁପମା ମହାନନ୍ଦଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା (୩୯/୨୦୨୨) ରୁଜୁ ହୋଇଛି। ତାଙ୍କ ଅଭିଯୋଗ ଅନୁସାରେ ୱାର୍ଡସଭ୍ୟ ଯୁଧିଷ୍ଠିର ଡାଙ୍ଗ ଓ ନାରାୟଣ ଭୋଇଙ୍କୁ ଶିବତଳା ହରଗୌରୀ ମନ୍ଦିର ନିକଟରୁ ୪ ଜଣ ବ୍ୟକ୍ତି ଅପହରଣ କରିନେଇଛନ୍ତି। ସେହିପରି ଭୋଟବାକ୍ସ ଛଡ଼ାଇ ନେବା ଘଟଣାରେ ନିର୍ବାଚନ ଅଧିକାରୀ ଶ୍ୟାମମୋହନ ବଢ଼େଇଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ଅନ୍ୟ ଏକ ମାମଲା (ନଂ. ୪୦/୨୦୨୨) ରୁଜୁ କରାଯାଇଛି। ଅଭିଯୋଗ ଅନୁସାରେ କେତେଜଣ ମହିଳା ପଞ୍ଚାୟତ କାର୍ଯ୍ୟାଳୟକୁ ପଶି ଭୋଟବାକ୍ସ, ଭୋଟଦେବା ସିଲ୍ ଓ ରେଜିଷ୍ଟର ଆଦି ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି। କାଳେ ଭୋଟ ହୋଇଯିବ ଭାବି ମହିଳାମାନେ ଏଭଳି କାଣ୍ଡ ଭିଆଇଥିବା ଚର୍ଚ୍ଚାର ବିଷୟ ହୋଇଛି। ତୁଷୁରା ଥାନା ବଡ଼ବାହାଲ ଗ୍ରାମପଞ୍ଚାୟତରେ କୋରମ ଅଭାବ ଏବଂ ଉତ୍ତେଜନା କାରଣରୁ ନାଏବ ସରପଞ୍ଚ ନିର୍ବାଚନକୁ ସ୍ଥଗିତ ରଖାଯାଇଥିବା ନିର୍ବାଚନ ଅଧିକାରୀ ନନ୍ଦିକିଶୋର ସାହୁ ସୂଚନା ଦେଇଛନ୍ତି। ମତଦାନ କକ୍ଷରେ ୧୧ଜଣ ୱାର୍ଡ ସଭ୍ୟ ମଧ୍ୟରୁ ନବନିର୍ବାଚିତ ସରପଞ୍ଚ ଜ୍ୟୋତ୍ସ୍ନାମୟୀ ରଣାଙ୍କ ସମେତ ୫ଜଣ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। କେତେଜଣ ସ୍ଥାନୀୟ ବ୍ୟକ୍ତି ହଠାତ୍ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗଣ୍ଡଗୋଳ କରିବା ସହ ଜଣେ ୱାର୍ଡ ସଭ୍ୟ ଓ ଜଣେ ୱାର୍ଡ ସଭ୍ୟାଙ୍କୁ ଜବରଦସ୍ତି ଅପହରଣ କରି ନେଇଥିଲେ। ଫଳରେ ଏଠାରେ ନିର୍ବାଚନକୁ ସ୍ଥଗିତ ରଖାଯାଇଛି।

# ନାକଚ ଭୋଟକୁ ନେଇ ଦ୍ୱନ୍ଦ୍ୱ: ପ୍ରିଜାଇଡିଂ ଅଫିସର, ବିଡିଓ ଅଟକ

କଣ୍ଟାପଡା,୧୧।୩(ଡି.ଏନ୍.ଏ.)

କଟକ ଜିଲା କଣ୍ଟାପଡା ବ୍ଲକ ଅନ୍ତର୍ଗତ ପାଟସୁନ୍ଦରପୁର ପଞ୍ଚାୟତର ନାଏବ ସରପଞ୍ଚ ନିର୍ବାଚନରେ ଏକ ନାକଚ ଭୋଟକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏହାକୁ କେନ୍ଦ୍ରକରି ଗୋଟିଏ ଗୋଷ୍ଠୀ ଭୋଟ ପୁନଃଗଣତି ଦାବିକରି ପ୍ରିଜାଇଡିଂ ଅଫିସର ଓ କଣ୍ଟାପଡା ବିଡିଓଙ୍କୁ ଅଟକ ରଖିଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ପଞ୍ଚାୟତର ନାଏବ ସରପଞ୍ଚ ପଦବୀ ପାଇଁ ମଞ୍ଜୁବାଳା ଭୋଇ ଓ କୃଷ୍ଣଚନ୍ଦ୍ର ଭୋଇ ପ୍ରାର୍ଥୀ ହୋଇଥିଲେ। ନିର୍ବାଚନ ପରେ କୃଷ୍ଣଙ୍କ ସପକ୍ଷରେ ୧୦ ଖଣ୍ଡ ଓ ମଞ୍ଜୁଙ୍କ ସପକ୍ଷରେ ୯ଖଣ୍ଡ ଭୋଟ ଯାଇଥିଲା। ତେବେ ଗୋଟିଏ ଭୋଟ ନାକଚ କରାଯିବା ଫଳରେ ଦ୍ୱନ୍ଦ୍ୱ ଉପୁଜିଥିଲା। ଉକ୍ତ ଭୋଟ୍‌ର ଅଧିକ ଭାଗ ମଞ୍ଜୁଙ୍କ ଆଡକୁ ଯାଇଥିବାରୁ ଏହାକୁ ନାକଚ ନ କରିବାକୁ ତାଙ୍କ ସମର୍ଥକମାନେ ଅଡି ବସିଥିଲେ। ଖବରପାଇ କଣ୍ଟାପଡା ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ସନ୍ତୋଷ ପତି ଘଟଣାସ୍ଥଳରେ ପହଞ୍ଚି ଏହାର ଯାଞ୍ଚ କରିଥିଲେ ମଧ୍ୟ କୌଣସି ନିଷ୍ପତ୍ତି ନେଇ ପାରି ନ ଥିଲେ। ଫଳରେ ପ୍ରିଜାଡିଂ ଅଫିସର ଅଜିତ୍ ମହାପାତ୍ର କୃଷ୍ଣଙ୍କୁ ବିଜୟୀ ଘୋଷଣା କରି ଭୋଟବାକ୍ସକୁ ସିଲ୍ କରି ଦେଇଥିଲେ। ଏହାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ୟକ୍ତ ଲୋକମାନେ ପ୍ରିଜାଡିଂ ଅଫିସର ଓ ବିଡିଓଙ୍କୁ ଅଟକ ରଖିଥିଲେ।

# ଲୋକଙ୍କ ମାଡ଼ରେ ସାହାରପଡ଼ା ଫାଣ୍ଡି ଅଧିକାରୀ ଗୁରୁତର

**ଥାନାରେ ମାମଲା, ୧୩ ଗିରଫ**

ପାଟଣା,୧୧।୩(ସ୍ୱ. ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନା ଉପାନ୍ତ ଅଞ୍ଚଳ ରାଇଡିହା ପଞ୍ଚାୟତରେ ଶୁକ୍ରବାର ନାଏବ ସରପଞ୍ଚ ପ୍ରାର୍ଥୀଙ୍କୁ ବିରୋଧ କରାଯିବାକୁ କେନ୍ଦ୍ରକରି ଉତ୍ତେଜନା ପ୍ରକାଶ ପାଇଥିଲା। ଶତାଧିକ ମହିଳା ଓ ପୁରୁଷଙ୍କ ଆକ୍ରମଣରେ ସାହାରପଡ଼ା ଫାଣ୍ଡି ଅଧିକାରୀ ଶିବ ପ୍ରସାଦ ଆଇଚ ଗୁରୁତର ହୋଇଥିବାବେଳେ ତାଙ୍କ ଡାହାଣ ହାତ ଭାଙ୍ଗିଯାଇଛି। ତାଙ୍କୁ ମୟୂରଭଞ୍ଜ ଜିଲା କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏହି ଆକ୍ରମଣରେ ୪ରୁ ଉର୍ଦ୍ଧ୍ୱ ପୋଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ଏନେଇ ପୋଲିସ ଏକ ମାମଲା (ନଂ. ୪୬/୨୨) ରୁଜୁ କରି ୧୩ ଜଣଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ଶୁକ୍ରବାର ଆଶାୟୀ ନାଏବ ସରପଞ୍ଚ ନମିତା ମହାନ୍ତ ୭ ୱାର୍ଡ ସଦସ୍ୟଙ୍କୁ ନେଇ ଅଜ୍ଞାତବାସରୁ ଫେରି ପଞ୍ଚାୟତକୁ ଆସିବା ବେଳେ ୧୧ ଗାଁର ୨ ଶହରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ତାଙ୍କୁ ବିରୋଧ କରିଥିଲେ। ଧସ୍ତାଧସ୍ତି ହେବାରୁ ପୋଲିସ ନମିତାଙ୍କୁ ସୁରକ୍ଷା ଯୋଗାଇଦେବାକୁ ଯାଇ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲା। ଘଟଗାଁ ଏସ୍‌ଡିପିଓ ଅସିତ ରଞ୍ଜନ ମହାନ୍ତି ଓ ପାଟଣା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ ଏକ ପ୍ଲାଟୁନ ଫୋର୍ସ ମୁତୟନ କରି ସ୍ଥିତି ଉପରେ ନଜର ରଖିଛନ୍ତି। ତେବେ କଡ଼ା ପୋଲିସ ବ୍ୟବସ୍ଥା ମଧ୍ୟରେ ନିର୍ବାଚନ ଶେଷ ହୋଇଛି। ନମିତା ୬ ଖଣ୍ଡ ଭୋଟ ପାଇ ନାଏବ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି।

# ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ

**ଝରିଗାଁ ବ୍ଲକର ୫ ପଞ୍ଚାୟତର ନାଏବ ସରପଞ୍ଚ ନିର୍ବାଚନ ସ୍ଥଗିତ**

ଝରିଗାଁ, ୧୧।୩(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବଡ଼ଟେମରା ପଞ୍ଚାୟତରେ ଶୁକ୍ରବାର ହେବାକୁ ଥିବା ନାଏବ ସରପଞ୍ଚ ନିର୍ବାଚନକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଝରିଗାଁ ବ୍ଲକର ଧମନାଗୁଡ଼ା, ଧୋଡ୍ରା, ଭାଲୁକୁନାଡି ଏବଂ ଫୁପୁଗାଁ ପଞ୍ଚାୟତରେ କୋରମ ଅଭାବ ଯୋଗୁ ନାଏବ ସରପଞ୍ଚ ନିର୍ବାଚନ ହୋଇ ପାରି ନ ଥିବା ବିଡ଼ିଓ ସତ୍ୟନାରାୟଣ ମେହେର ସୂଚନା ଦେଇଛନ୍ତି।

ବଡ଼ଟେମେରା ପଞ୍ଚାୟତରେ ସରପଞ୍ଚ ଆସନ ପାଇଁ ୩ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ତେବେ ଜାଣିଶୁଣି ୨ଜଣଙ୍କ ନାମାଙ୍କନ ପତ୍ର ନାକଚ କରାଯାଇ ଚଟୁପକନା ଗ୍ରାମର ଯମୁନା ମୁଦୁଲିଙ୍କୁ ବିଜୟୀ ଘୋଷଣା କରାଯାଇଥିଲା ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ତେଣୁ ପ୍ରଥମେ ସରପଞ୍ଚ ଓ ପରେ ନାଏବ ସରପଞ୍ଚ ନିର୍ବାଚନ କରିବାକୁ ସେମାନେ କହିଛନ୍ତି। ପଞ୍ଚାୟତ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ। ଖବରପାଇ ଝରିଗାଁ ତହସିଲଦାର ହୃଷିକେଶ ଗଣ୍ଡ, ଉମରକୋଟ ଏସ୍‌ଡ଼ିପିଓ ଦିନେଶ କୁମାର ନାଏକ, ଝରିଗାଁ ଥାନାଧିକାରୀ ନଟବର ନନ୍ଦ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ତେବେ ଏଠାରେ ନାଏବ ସରପଞ୍ଚ ନିର୍ବାଚନ ସ୍ଥଗିତ କରାଯାଇଥିଲା।



ବଡ଼ଟେମେରା ପଞ୍ଚାୟତରେ ତାଲା ପକାଇ ବସିଛନ୍ତି ଗ୍ରାମବାସୀ।

# ୱାର୍ଡମେମ୍ବରଙ୍କୁ ଅପହରଣ ଅଭିଯୋଗ: କଂଗ୍ରେସର ଥାନା ଘେରାଉ

ଚାନ୍ଦବାଲି, ୧୧।୩ (ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ବାଂଶଡ଼ା ପଞ୍ଚାୟତରେ ଶୁକ୍ରବାର ନାଏବ ସରପଞ୍ଚ ନିର୍ବାଚନ ହୋଇପାରି ନାହିଁ। କଂଗ୍ରେସ ସମର୍ଥିତ ପ୍ରାର୍ଥୀ ଭାବେ ଜିତିଥିବା ୱାର୍ଡମେମ୍ବରଙ୍କୁ ଅନ୍ୟ ଦଳର ଲୋକେ ଅପହରଣ କରିନେଇଥିବା ଅଭିଯୋଗ କରି ବାଂଶଡ଼ା ଥାନା ଘେରାଉ କରାଯାଇଥିଲା। ସୂଚନା ଅନୁଯାୟୀ, ଏହି ପଞ୍ଚାୟତରେ ଏଥର କଂଗ୍ରେସ ସମର୍ଥିତ ସରପଞ୍ଚ ଏବଂ ସମିତିସଭ୍ୟ ପ୍ରାର୍ଥୀ ଜିତିଥିବା ବେଳେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ତେବେ ଏହି ପଞ୍ଚାୟତରେ ନିର୍ବାଚିତ ୧୧ ୱାର୍ଡ ସଭ୍ୟଙ୍କ ମଧ୍ୟରୁ ୫ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ଜିତିଛନ୍ତି। ଶୁକ୍ରବାର ନାଏବ ସରପଞ୍ଚ ନିର୍ବାଚନ ଥିବାବେଳେ ୧୦ ନଂ. ୱାର୍ଡ ମେମ୍ବର ଚନ୍ଦନ ମହାଲିକଙ୍କୁ କେହି ଅପହରଣ କରିନେଇଥିବା ତାଙ୍କ ସ୍ତ୍ରୀ ମଧୁଛନ୍ଦା ବାଂଶଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୧୦୩/୨୨) ରୁଜୁ କରାଯାଇଛି। କଂଗ୍ରେସ ପକ୍ଷରୁ ବାଂଶଡ଼ା ଥାନାକୁ ଘେରାଉ କରାଯିବା ସହ ତୁରନ୍ତ ଚନ୍ଦନଙ୍କୁ ଫେରାଇ ଆଣିବାକୁ ଦାବି କରାଯାଇଥିଲା। ଶତାଧିକ ମହିଳା ଏବଂ ପୁରୁଷ ଥାନା ଆଗରେ ଧାରଣାରେ ବସି ରହିଥିଲେ। ଖବର ଲେଖା ହେବା ବେଳକୁ ଧାରଣା ଜାରି ରହିଥିଲା। ଅନ୍ୟପକ୍ଷେ ବାଂଶଡ଼ା ପଞ୍ଚାୟତ ଅଫିସରେ ବିଜେଡି ସମର୍ଥିତ ୬ ଜଣ ୱାର୍ଡମେମ୍ବର ଆସି ଦସ୍ତଖତ କରିଥିବା ବେଳେ କୋରମ ଅଭାବରୁ ନାଏବ ସରପଞ୍ଚ ନିର୍ବାଚନ ହୋଇପାରି ନାହିଁ। ଏଥିପାଇଁ ମ୍ୟାଜିକ ସଂଖ୍ୟା ୭ ଆବଶ୍ୟକ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ପିୟୁଷକାନ୍ତି ଦାସ କହିଛନ୍ତି।


JioMart.com
Presents
Reliance
Growth is Life
ହୋଲି ରେଡି ସେଲ୍
12th-13th March
Jio
ଜିଓମାର୍ଟ୍ ଆପ୍ ବର୍ତ୍ତମାନ ଡାଉନଲୋଡ୍ କରନ୍ତୁ
ଫ୍ରୀ ହୋମ୍ ଡେଲିଭରୀ
ସର୍ବନ୍ୟୁନ ଅର୍ଡର୍ ନାହିଁ
ଅଫର୍ସ ଏଠାରେ ମଧ ଉପଲବ୍ଧ
SMART STORES
Reliance fresh Signature.
50% OFF
ବିକାଜୀ ରସଗୁଲା/ଗୁଲାବ ଜାମୁନ୍ 1 kg / ପ୍ରଭୁଜୀ ଗୁଜିଆ 276 g
50% ଛାଡ଼ +ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍* ଲ୍ଲ ମୂଲ୍ୟ ଉପରେ
MRP ₹259 ତେଣିକି ଆମ ମୂଲ୍ୟ ₹130 ତେଣିକି
ହୋଲି କଲର୍ସ / ହୋଲି ୱାଟର ଗନ୍ସ (ପିଚକାରୀ)
50% ଛାଡ଼ +ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍*
MRP ₹105 ତେଣିକି ଆମ ମୂଲ୍ୟ ₹53 ତେଣିକି
ଲେ'ସ୍ / ପାର୍ଲେ ୱାଫର୍ ଚିପ୍‌ସ 70 g ତେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ)
ପର୍ଯ୍ୟନ୍ତ 50% ଛାଡ଼ +ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍*
MRP ₹30 ତେଣିକି
ବି ନେଚୁରାଲ୍ / ଟ୍ରପିକାନା / ରିଅଲ୍ / ର' ପ୍ରିସେରୀ ଜୁସ୍ 1 ℓ (ନିର୍ଦ୍ଦିଷ୍ଟ ରେଞ୍ଜ) / ସ୍ଲାଇସ୍ 1.75 ℓ
ପର୍ଯ୍ୟନ୍ତ 50% ଛାଡ଼ +ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍*
MRP ₹90 ତେଣିକି
ରସନା ଫ୍ରୁଟ୍ ପ୍ଲସ୍ 750 g (ଅରେଞ୍ଜ / ମ୍ୟାଙ୍ଗୋ)
50% ଛାଡ଼ +ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍*
MRP ₹240 ତେଣିକି ଆମ ମୂଲ୍ୟ ₹120 ତେଣିକି
ବେସନ/ମଇଦା/ ସୁଜି/ ଦଲିଆ 500 g / 1 kg
50% ଛାଡ଼ +ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍*
MRP ₹40 ତେଣିକି ଆମ ମୂଲ୍ୟ ₹20 ତେଣିକି
ଗୁରୁଜୀ ବାଦାମ ସିରପ୍ / ଥଣ୍ଡାଇ 700 ml
ସଞ୍ଚନ୍ତୁ ₹80 +ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍*
MRP ₹300 ତେଣିକି ଆମ ମୂଲ୍ୟ ₹220 ତେଣିକି
ପ୍ରଭୁଜୀ ନମକୀନ୍ 1 kg
50% ଛାଡ଼ +ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍*
MRP ₹260 ତେଣିକି ଆମ ମୂଲ୍ୟ ₹130 ତେଣିକି
କୋକା କୋଲା / ସ୍ପ୍ରାଇଟ୍ 750 ml / ମିରିଣ୍ଡା ଅରେଞ୍ଜ / ପେପ୍‌ସି 2 ℓ
ପର୍ଯ୍ୟନ୍ତ 33% ଛାଡ଼ +ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍*
MRP ₹40 ତେଣିକି
ଗୋଦରେଜ୍ 150 g X 4 / ପେଅର୍ସ / ଲିରିଲ୍ / ଡଭ୍ 125 g X 3 / ଲକ୍ସ 150 g X 3 / ସିଂଥଲ୍ 150 g X 5 (ମଲ୍ଟି ପ୍ୟାକ)(ନିର୍ଦ୍ଦିଷ୍ଟ ରେଞ୍ଜ)
25% ଛାଡ଼ +ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍*
MRP ₹159 ତେଣିକି ଆମ ମୂଲ୍ୟ ₹120 ତେଣିକି
ରିନ୍ ଆଲା ଫେବ୍ରିକ୍ ହ୍ୱାଇଟେନର୍ 500 ml / ଭ୍ୟାନିସ୍ ଅକ୍ସି ଷ୍ଟେନ୍ ରିମୁଭର ପାଉଡ଼ର 400 g / ଲିକ୍ୱିଡ୍ 400 ml (ନିର୍ଦ୍ଦିଷ୍ଟ ରେଞ୍ଜ)
33% ଛାଡ଼ +ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍*
MRP ₹78 ତେଣିକି ଆମ ମୂଲ୍ୟ ₹53 ତେଣିକି
ସନସିଲ୍କ/ ପ୍ୟାଣ୍ଟିନ / କ୍ଲିନିକ୍ ପ୍ଲସ ଶାମ୍ପୁ 650 ml (ନିର୍ଦ୍ଦିଷ୍ଟ ରେଞ୍ଜ)
50% ଛାଡ଼ +ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍*
MRP ₹478 ତେଣିକି ଆମ ମୂଲ୍ୟ ₹239 ତେଣିକି
ବିସ୍କୁଟ୍- ଲାର୍ଜ ପ୍ୟାକ୍ 300 g ତେଣିକି (ନିର୍ଦ୍ଦିଷ୍ଟ ରେଞ୍ଜ)
ପର୍ଯ୍ୟନ୍ତ 50% ଛାଡ଼ +ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍*
MRP ₹80 ତେଣିକି
ସର୍ଫ ଏକ୍ସେଲ ଇଜୀ 1.5 kg/ ସର୍ଫ୍ ଏକ୍ସେଲ ମେଟିକ୍ 4+2 kg/ ଲିକ୍ୱିଡ୍ 2 ℓ (ଟପ୍/ ଫ୍ରଣ୍ଟ ଲୋଡ୍) ଏରିଅଲ୍ ମେଟିକ୍ 4+2 kg ଫ୍ରୀ (ଟପ୍/ ଫ୍ରଣ୍ଟ ଲୋଡ୍)(ନିର୍ଦ୍ଦିଷ୍ଟ ରେଞ୍ଜ)
25% ଛାଡ଼ +ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍*
MRP ₹205 ତେଣିକି ଆମ ମୂଲ୍ୟ ₹154 ତେଣିକି
କ୍ୟାଚ୍ ମସଲା ରେଞ୍ଜ
33%* ଛାଡ଼ +ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍*
*MRP ଉପରେ
ଇଣ୍ଡିଆ ଗେଟ୍ ବାସମତି ରାଇସ୍ ସୁପର 1 kg
ଆମ ମୂଲ୍ୟ ₹179 +ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍*
ଫ୍ରୀ ଇଣ୍ଡିଆ ଗେଟ୍ ବାସମତି ରାଇସ୍ ସୁପର 500 g
MRP ₹190 ସଞ୍ଚନ୍ତୁ ₹11
ଗୁଡ୍ ଲାଇଫ୍ ରେଜସିନ୍ସ (ଗ୍ରୀନ୍ / ୟେଲୋ) / କ୍ୟାଶ୍ୟୁ (W320) 500 g
ଆମ ମୂଲ୍ୟ ₹145/ ₹415 +ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍*
MRP ₹183 / ₹499 ସଞ୍ଚନ୍ତୁ ₹38 / ₹84
ହରଡ଼ / ତୁର୍ ଡାଲି 2 kg
ଆମ ମୂଲ୍ୟ ₹198 (₹99 /kg) +ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍*
MRP ₹270 ସଞ୍ଚନ୍ତୁ ₹72
ଗୁଡ୍ ଲାଇଫ୍ ସୁଗାର 5 kg
ଆମ ମୂଲ୍ୟ ₹219 (₹43.80 /kg) +ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍*
MRP ₹285 ସଞ୍ଚନ୍ତୁ ₹66
ହେରିଟେଜ୍ କାଓ ଘି 1 ℓ
ଆମ ମୂଲ୍ୟ ₹369 +ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍*
MRP ₹760 ସଞ୍ଚନ୍ତୁ ₹391
ଓମଫେଡ୍ ହୋଲ୍ ମିଲ୍କ କର୍ଡ଼ 500 g
ଆମ ମୂଲ୍ୟ ₹27 +ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍*
MRP ₹30 ସଞ୍ଚନ୍ତୁ ₹3
JioMart FASHION
ପର୍ଯ୍ୟନ୍ତ 60%* ଛାଡ଼
ଓମେନ୍ସ ଆଣ୍ଡ ମେନ୍ସ କୁର୍ତ୍ତାସ୍
*Applicable only on Jiomart
ଅବିଶ୍ୱସନୀୟ ଅଫର୍ସ + ପାଆନ୍ତୁ ଅତିରିକ୍ତ 10% କ୍ୟାସ୍‌ବ୍ୟାକ୍!*
JioMart ମହା କ୍ୟାସ୍‌ବ୍ୟାକ ୨
ICICI Bank
10% Cashback*
*Applicable on Debit Cards*
on Min. Txn. of ₹1000/- | Max. Cashback up to ₹500/-
Valid From 12th to 13th Mar. 2022 | Valid Once per Card
*T&C Apply
ଭୁବନେଶ୍ୱର • କଟକ • ଢେଙ୍କାନାଳ • ଭଦ୍ରକ • ଯାଜପୁର ରୋଡ୍ • ସେମିଲିଗୁଡ଼ା • ଅନୁଗୁଳ • ବାଲେଶ୍ୱର • ବାରିପଦା • ବଲାଙ୍ଗିର • ଝାରସୁଗୁଡ଼ା • ସୁନ୍ଦରଗଡ • ପୁରୀ • ରାୟଗଡ଼ା • ରାଉରକେଲା • ସମ୍ବଲପୁର • ଖୋର୍ଦ୍ଧା • କେନ୍ଦ୍ରାପଡ଼ା • ବରଗଡ଼

**ଆଜିର ମନ୍ତବ୍ୟ**

ପଞ୍ଜାବ ଜନସାଧାରଣ ରାଜନୀତିରେ ଆଣିଥିବା ପରିବର୍ତ୍ତନ ସ୍ୱାଗତଯୋଗ୍ୟ। ସେମାନେ ବହୁତ ଭଲ ନିଷ୍ପତ୍ତି ନେଇଛନ୍ତି ଓ ଏକ ନୂଆ ମୂଲ୍ୟବୁଆ ପକାଇଛନ୍ତି। ସେମାନଙ୍କ ନିଷ୍ପତ୍ତିକୁ ବିନମ୍ରତାର ସହ ଗ୍ରହଣ କରାଯିବା ଉଚିତ।

-ନବଜୋତ ସିଂ ସିଦ୍ଧୁ, ପଞ୍ଜାବ ପିସିସି ମୁଖ୍ୟ



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଏପ୍ରିଲ ୨୬ରୁ ସିବିଏସ୍‌ଇ...

ପିନ୍ଧି ଆସିବା ସହ ନିଜେ ସାନିଟାଇଜର ଆଣିବେ। ପରୀକ୍ଷା ହଲ୍‌ରେ ସାମାଜିକ ଦୂରତ୍ୱ ପାଳନ କରାଯିବ। ସେହିପରି ପିଲା ଅସୁସ୍ଥତା କିମ୍ବା କୌଣସି କୋଭିଡ୍ ଲକ୍ଷଣ ନ ଥିବା ସଂକ୍ରାନ୍ତରେ ଅଭିଭାବକ ନିଶ୍ଚିତ

### ପ୍ରଥମ ପୃଷ୍ଠାରୁ...

କରିବେ। ଅଭିଭାବକ ପିଲାମାନଙ୍କୁ କୋଭିଡ୍ କଟକଣା ସମ୍ପର୍କରେ ସଚେତନ କରିବେ। ପରୀକ୍ଷା ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ବୋର୍ଡର ୱେବ୍‌ସାଇଟ୍ www.cbse.gov.inକୁ ଦେଖିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଣେ ଭୁତି ଖାଏ କୁଟି, କାମକୁ ଯାଏ ସକାଳୁ ଉଠି।**

ଗରିବ ହେଲେ ସବୁ ସହିବାକୁ ପଡ଼େ। ଯେତେ ପ୍ରତିକୂଳ ପରିସ୍ଥିତି ଆସିଲେ ମଧ୍ୟ ବଞ୍ଚିବା ପାଇଁ ସଂଘର୍ଷ କରିବାକୁ ପଡ଼େ। ପରଘରେ ମୂଲ ମଜୁରି କରି ପେଟ ପୋଷୁଥିବା ଦରିଦ୍ର ଶ୍ରେଣୀର ବ୍ୟକ୍ତି ବଡ଼ି ସକାଳୁ ଉଠି କାମ ଅନ୍ୱେଷଣରେ ବାହାରି ଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଖିରେ ପକେଇ ଦେଉଛି ଧୂଳି ମାଡ଼ ମାରି ଫେରେ କରୁଛି କଳି।**

ସିଆଣିଆ ପ୍ରକୃତିର ବ୍ୟକ୍ତି ଅନ୍ୟକୁ ଠକିବାରେ ସିଦ୍ଧହସ୍ତ ହୋଇଥାନ୍ତି। ନିଜେ ଦୋଷ କରି ସେ ଦୋଷ କରିନାହିଁ ଓ ଭୁଲ ତା'ର ନୁହେଁ ବୋଲି ସଫେଇ ଦେଇ ଅଯଥାରେ କଳିକଜିଆ ସୃଷ୍ଟି କରିଥାନ୍ତି। ମାଡ଼ ଦେଇ ଓଲଟା ଫେରାଦ ହେବା ସେମାନଙ୍କ ଅଭ୍ୟାସଗତ ମନ୍ଦ ପ୍ରକୃତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# classifieds Everyday

0674-2580101, 2549302




## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

**Ready 4BHK Duplex Unit at Balianta. Land-1400 and Construction-2200 @ 8500000. 8984071303.** D-23380

Well developed yellowzone plots are available near AMRI Hospital, Khandagiri. 8249057398, 8456920764. D-71621

**Gharabari plot for sale near Pahala, Bhingarpur, Kesura (Bankulal, Contact: 8144128238, 6371268258.** D-71957

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-23189

Gharabari land 1707sqft. near AIIMS Hospital, Police Academy back side Bhubaneswar @2500/- per sqft. for sale. Contact: 9438376959. D-71478

**ସୁନ୍ଦରପଦା ଏବଂ ବାଲିଅନ୍ତାରେ developed, demarcated, gharabari, electricity plot କିଣନ୍ତୁ। 7008492511.** D-23375

**Puri NH ପାଖ 1BHK ready flat in a gated community for sale with all accessories booking @2.70L. 7008092158.** D-23379

**Residential plot near AIIMS, Bhubaneswar, Sole Owner, 2000 sqft. 18 Lakhs. Contact- 8917645241.** D-23305

Sum Hospital ଘଘଂପାଟନାରେ ସ୍ଥିତିବାନ ପ୍ଲଟ୍ ୩୦ଫୁଟ୍ ରୋଡ୍, ଇଲେକ୍ଟ୍ରି ସହ ମିଳୁଛି। 7653997595. D-73208

**ଭୁବନେଶ୍ୱର ବାରଙ୍ଗ ଥାନାରୁ 1Km. ଦୂରରେ କୁଞ୍ଜବିହାରୀ କଲେଜ ପାଖରେ ୧୦୦ ଫୁଟ ପିଚୁରୋଡ୍‌କୁ ଲାଗି yellow zone plot sqft. 970/-. 6371801630, 9556907765.** D-73209

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର Biggest Commercial Hub "GrandBazar" ସମ୍ମୁଖରୁ ଅଳ୍ପଦୂରରେ ବାସୋପଯୋଗୀ ଘରବାରି ପ୍ଲଟ୍ ଶସ୍ତାରେ କିଣନ୍ତୁ। 8249310759. D-73204

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-23190

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.-300/- ଏବଂ ତ୍ରିନାଥବଜାର ନିକଟରେ sqft.-240/- (outright). 9776974912. D-23286

**Bhubaneswar Vingarpur Oxford College ଛକ ନିକଟରେ ୬୦ ଫୁଟ ରାସ୍ତାକୁ ଲାଗି ସଙ୍ଗେସଙ୍ଗେ ଘର କଲାଭଳି ଘରବାଡ଼ି plot ବିକ୍ରିହେବ। 6370025920, 9937674302.** D-71793

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71955




Want a dream home on your own plot assistance for construction design and development. Contact: K.K. Construction. 7008268129, 9439143273. D-71334




2BHK for rent Rs.-7000 per month 118- Ratnakarbag-1. 9902406161. D-23374




Ashirvaad Saloon and SPA get good massage for your health tha best therapy. 7077181074. D-71874

Monalisa massage Club: All types Body massage with hiprofile smart lady rooms service available. 9708545108. D-23347

Refreshing your mind and body with the best therapy, 7873794731. D-23292

Newly opening SPA positively health benefits with expert therapist. 8917332216. D-71953

All types body massage with hiprofile smart lady room service available. 9142145769. D-71337

Newly open full body massage ladies and gents. 8327740003. D-71875

Herbal full body relax massage by trend lady therapist. 7008773793. D-71476

**Relax, Refresh your body, Mind at Saikrupa Spa with best therapies. 8984068077.** D-23343

All types body massage with hiprofile smart lady room service available. 8917243035. D-71341

## AFFIDAVIT

By virtue of an affidavit in the Court of Executive Magistrate, Khaira I declare that my name has been mentioned as Harihar Nayak in Aadhaar Card & SBI Passbook. But in LIC Certificate (Policy No.-585079364) my name has been recorded as Harekrushna Nayak. Both Harihar & Harekrushna, S/o.- Budhiram Nayak of Village- Nandor, PO.- Gandibed, PS.- Khaira, Dist.- Balasore are one & same person. D-23378

I, Manorama, spouse of Ex- Sergent Balaraja Tripathy resident of Gitabhawan Redcross road, Puri, Odisha have changed my name from Manorama to Manorama Tripathy vide affidavit No.-11 dated 08.03.2022 of Executive Magistrate, Puri. D-68897

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ସଭ୍ୟ ଓଡ଼ିଶା ରାଜସ୍ୱ ପର୍ଷଦଙ୍କ ଅଦାଲତ, କଟକ, କ୍ୟାମ୍ପ କୋର୍ଟ ଭୁବନେଶ୍ୱର ସନ୍ନିକଟ କେଶରୀ ନଗର, ନିର୍ମାଣ ସୌଧ, ୟୁନିଟ୍ ନଂ.-୫, ଭୁବନେଶ୍ୱର, ଓ ଏସ୍ ଏସ୍ କେଶ୍ ନଂ.- ୫୭୭/୨୦୧୮, ଓ ଏସ୍ ଏସ୍ କେଶ୍ ନଂ.-୫୭୮/୨୦୧୮, ଓ ଏସ୍ ଏସ୍ କେଶ୍ ନଂ.- ୫୭୯/୨୦୧୮

ଶ୍ରୀ ବିରାଜ ଦାଶ

............ବାଦୀ/ଦରଖାସ୍ତକାରୀ

ବନାମ

ଶ୍ରୀ ଲକ୍ଷ୍ମୀଧର ପାଣି ଏବଂ ଅନ୍ୟମାନେ

...ପ୍ରତିବାଦୀ/ ଅପରପକ୍ଷ

ଆଦେଶ ନଂ ୫ ଏବଂ ନିୟମ ୨୦ (୧-କ) ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ଖବରକାଗଜ ଦ୍ୱାରା ବିଜ୍ଞାପନ ମାଧ୍ୟମରେ ନିମ୍ନଲିଖିତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ନୋଟିସ୍ ଦିଆଯାଉଛି କି ଧାର୍ଯ୍ୟ ତାରିଖ ଦିନ ଉପର ଲିଖିତ ଅଦାଲତରେ ଉପସ୍ଥିତ ରହି ଉକ୍ତ ମକଦ୍ଦମାକୁ ସେମାନଙ୍କ ତରଫରୁ ପରିଚାଳନା କରିବେ:-

ପ୍ରତିବାଦୀ/ଅପରପକ୍ଷଙ୍କ ନାମ ଓ ଧାମ- ପ୍ରତିବାଦୀ/ ଅପରପକ୍ଷ ନଂ.- (୧) ଶ୍ରୀ ଲକ୍ଷ୍ମୀଧର ପାଣି, ପିତା- ସ୍ୱର୍ଗତ ଭ୍ରମର ପାଣି। ପ୍ରତିବାଦୀ/ଅପରପକ୍ଷ ନଂ.- (୨) ଶ୍ରୀ ରାଧାଶ୍ୟାମ ପାଣି, ପିତା- ସ୍ୱର୍ଗତ ଅରକ୍ଷିତ ପାଣି। ପ୍ରତିବାଦୀ/ଅପରପକ୍ଷ ନଂ.- (୩) ଶ୍ରୀ ନାରଣ ପାଣି, ପିତା- ମଦନ ପାଣି। ପ୍ରତିବାଦୀ/ଅପରପକ୍ଷ ନଂ.- (୪) ଅରକ୍ଷିତ ପାଣି, ପିତା- ଶ୍ରୀଧର ପାଣି। ପ୍ରତିବାଦୀ/ଅପରପକ୍ଷ ନଂ.- (୧) ଲଗାୟାତ (୪) ମାନଙ୍କ ଠିକଣା ଗ୍ରାମ/ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା। ପ୍ରତିବାଦୀ/ଅପରପକ୍ଷ ନଂ.- (୫) ଶ୍ରୀମତୀ ସୁଷମା ମଞ୍ଜରୀ ପ୍ରଧାନ, ସ୍ୱାମୀ- ବିଚିତ୍ରାନନ୍ଦ ପ୍ରଧାନ, ଗ୍ରାମ- ଅପଣିଆ, ପୋଷ୍ଟ/ଥାନା- ଚାଉଳିଆଗଞ୍ଜ, ଜିଲ୍ଲା- କଟକ। ପ୍ରତିବାଦୀ/ଅପରପକ୍ଷ ନଂ.- (୬) ଶ୍ରୀ ରାଜୀବ କୁମାର କର, ପିତା- ରଜତ କୁମାର କର, ଠିକଣା- N-୧/୨୮୩, ନୟପଲ୍ଲୀ, ପୋଷ୍ଟ/ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ/ଅପରପକ୍ଷ ନଂ.- (୭) ସୁଧାଂଶୁ ଶେଖର ପଲେଇ, ପିତା- ନକୁଳ ଚରଣ ପଲେଇ, ଗ୍ରାମ/ପୋଷ୍ଟ- ବାଲିସାହି, ଥାନା- ରାଜକନିକା, ଜିଲ୍ଲା- କେନ୍ଦ୍ରାପଡ଼ା।

ନୋଟିସ୍

ଉପରଲିଖିତ ପ୍ରତିବାଦୀ ନଂ. (୧) ଲଗାୟାତ (୭) ମାନଙ୍କ ପକ୍ଷଭୁକ୍ତ କରି ବାଦୀ/ଦରଖାସ୍ତକାରି ଓଡ଼ିଶା ଭୂବନ୍ଦୋବସ୍ତ ଆଇନ ୧୯୮୫ ଧାରା ୧୫ (ଖ) ମୁତାବକ ରିଭିଜନ ମକଦ୍ଦମା ଦାଏର କରିଛନ୍ତି କି ବାଦୀ ନିମ୍ନଲିଖିତ ତଫସିଲ ବର୍ଣ୍ଣିତ ଭୂ ସମ୍ପତ୍ତି ଗତ ତା୦୨।୧୨।୧୯୮୯ରିଖ ରେଜିଷ୍ଟ୍ରି କ୍ରୟ ଦଲିଲ ନଂ.-୧୨୦୧୨ ଏବଂ କ୍ରମିକ ନଂ.- ୧୩୦୫୧ ଦ୍ୱାରା ମୌଜା- ଭୂଆସୁଣୀ ଅନ୍ତର୍ଗତ ସାବକ ଖାତା ନଂ.-୧୯୧, ପ୍ଲଟ୍ ନଂ.-୫୧୧ରୁ ରକବା ଏ.ସି. ୦.୨୭୭ କ୍ରୟ କରିଛନ୍ତି। କିନ୍ତୁ ଚଳିତ ହାଲ୍ ବନ୍ଦୋବସ୍ତରେ ଉକ୍ତ ଭୂସମ୍ପତ୍ତିଟି ତିନୋଟି ପର୍ଯ୍ୟାୟ କ୍ରମେ ତାହା ତିନି ଗୋଟି ପୃଥକ ଖାତା ହୋଇ ଉପର ଲିଖିତ ପ୍ରତିବାଦୀମାନଙ୍କ ନାମରେ ରେକର୍ଡ ଦରଜ ଦେଇ ଥିବାରୁ ବାଦୀ ତିନିଗୋଟି ପୃଥକ ମକଦ୍ଦମା କରିଛନ୍ତି, ଯାହାକି ଆଦ୍ୟ ବିଜ୍ଞାପନରେ ଉପରେ ଲିଖିତ ହୋଇଅଛି କିନ୍ତୁ ଉକ୍ତ ରିଭିଜନ କେଶ ସମ୍ବନ୍ଧୀୟ ନୋଟିସ୍ ଆପଣଙ୍କୁ ଦର୍ଶାଯାଇଥିବା ଠିକଣାରେ ଯାଇ ଫେରସ୍ତ ଆସି ଥିବାରୁ ଆପଣଙ୍କ ଅବଗତି ନିମନ୍ତେ ଉକ୍ତ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଜଣାଇ ଦିଆଯାଉଛି ଯେ ଉପରୋକ୍ତ ରିଭିଜନ କେଶ୍ ଶୁଣାଣି ମାନ୍ୟବର ସଭ୍ୟ ରାଜସ୍ୱ ପର୍ଷଦଙ୍କ ଅଦାଲତ, ଓଡ଼ିଶା, କଟକ ମହୋଦୟଙ୍କ ଇଜିଲାସ କ୍ୟାମ୍ପକୋର୍ଟ ଅଫିସ୍ ଭୁବନେଶ୍ୱର (ୟୁନିଟ୍ ନଂ.-୫) କେଶରୀନଗର ରାଜୀବଭବନ ପଛ ପାର୍ଶ୍ୱ କାର୍ଯ୍ୟାଳୟଠାରେ ଆସନ୍ତା ତା ୨୪।୦୩।୨୦୨୨ରିଖ ଦିବା ୧୧.୩୦ ଘଟିକା ସମୟରେ ବିଚାର କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଅଛି। ଉକ୍ତ କେଶର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ମକଦ୍ଦମାଭୁକ୍ତ ଭୂସମ୍ପତ୍ତିର ବିବରଣୀ

ତଫସିଲ ଭୂ ସମ୍ପତ୍ତି-ଏ

ଜିଲ୍ଲା- ଖୋର୍ଦ୍ଧା, ତହସିଲଦାର ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଭୂଆସୁଣୀ, ହାଲ ଖାତା ନଂ.-୧୧୨୩, ହାଲ ପ୍ଲଟ୍ ନଂ.- ୨୨୭୨ ରକବା ଏ.ସି. ୦.୧୦୫ ଡିସିମିଲ (ପୂର୍ଣ୍ଣ ପ୍ଲଟ୍/ପୂର୍ଣ୍ଣ ରକବା), ହାଲ ପ୍ଲଟ୍ ନଂ.- ୨୨୭୩ ମଧ୍ୟରୁ ରକବା ଏ.ସି ୦.୦୨୪ ଡିସିମିଲ ଯାହାର ରେକର୍ଡ ରକବା ଏ.ସି. ୦.୦୭୦ ଡିସିମିଲ ଅଟେ ଏବଂ ପ୍ଲଟ୍ ନଂ.- ୨୨୭୫ ମଧ୍ୟରୁ ରକବା ଏ.ସି. ୦.୦୩୮ ଡିସିମିଲ ଯାହାର ରେକର୍ଡ ରକବା ଏ.ସି. ୦.୦୨୨୪ ଡିସିମିଲ ଅଟେ। ଉକ୍ତ ତିନିଗୋଟି ପ୍ଲଟ୍‌ର କିସମ- ପତିତ (ଗୋଡିଆ) ରହିଭଳି ଏକ ଖାତା ତିନିଗୋଟି ପ୍ଲଟ୍‌ର ସମଷ୍ଟି ବାଦୀଙ୍କ ରେକର୍ଡ ଦାବି ରକବା ଏ.ସି. ୦.୨୨୪ ଡିସିମିଲ ଅଟେ, ଯାହାକି ସାବକ (୧୯୬୨ ସାଲ) ମୁତାବକ ଖାତା ନଂ.- ୧୯୧ ସାବକ ପ୍ଲଟ୍ ନଂ.- ୫୧୧ କ୍ରୟ ବୃତ୍ତି ଏ.ସି. ୦.୨୭୭ ଡିସିମିଲ ଅଟେ, ସାବକ ମତେ ରେକର୍ଡ ରକବା ଏ.ସି. ୧.୨୪୭ ଡିସିମିଲ

ତଫସିଲ ଭୂ ସମ୍ପତ୍ତି-ବି

ଜିଲ୍ଲା- ଖୋର୍ଦ୍ଧା, ତହସିଲଦାର ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଭୂଆସୁଣୀ, ହାଲ୍ ଖାତା ନଂ- ୧୦୮୬, ହଲ୍ ପ୍ଲଟ୍ ନଂ.- ୨୨୭୩/୨୯୨୯ ରକବା ଏ.ସି. ୦.୫୫ ଡିସିମିଲ (ପୂର୍ଣ୍ଣ ପ୍ଲଟ୍/ପୂର୍ଣ୍ଣ ରକବା), ପ୍ଲଟ୍‌ର କିସମ- ପତିତ (ଗୋଡିଆ) ଯାହାକି ସାବକ (୧୯୬୨ ସାଲ) ମୁତାବକ ଖାତା ନଂ.-୧୯୧ ସାବକ ପ୍ଲଟ୍ ନଂ.-୫୧୧ କ୍ରୟ ବୃତ୍ତି ଏ.ସି. ୦.୨୭୭ ଡିସିମିଲ ଅଟେ, ସାବକ ମତେ ରେକର୍ଡ ରକବା ଏ.ସି. ୧.୨୪୭ ଡିସିମିଲ।

ତଫସିଲ ଭୂ ସମ୍ପତ୍ତି-ସି

ଜିଲ୍ଲା- ଖୋର୍ଦ୍ଧା, ତହସିଲଦାର ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଭୂଆସୁଣୀ, ହାଲ୍ ଖାତା ନଂ.- ୧୪୪୧, ହାଲ୍ ପ୍ଲଟ୍ ନଂ.- ୨୨୭୨/୩୪୨୨ ରକବା ଏ.ସି. ୦.୫୫ ଡିସିମିଲ (ପୂର୍ଣ୍ଣ ପ୍ଲଟ୍/ପୂର୍ଣ୍ଣ ରକବା), ପ୍ଲଟ୍‌ର କିସମ- ପତିତ (ଗୋଡ଼ିଆ) ଯାହାକି ସାବକ (୧୯୬୨ ସାଲ) ମୁତାବକ ଖାତା ନଂ.- ୧୯୧ ସାବକ ପ୍ଲଟ୍ ନଂ.-୫୧୧ କ୍ରୟ ବୃତ୍ତି ଏ.ସି. ୦.୨୭୭ ଡିସିମିଲ ଅଟେ, ସାବକ ମତେ ରେକର୍ଡ ରକବା ଏ.ସି. ୧.୨୪୭ ଡିସିମିଲ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ କ୍ରମିକ ନଂ.- (୧) ଲଗାୟାତ (୭) ମାନେ କିମ୍ବା ତାଙ୍କର ଉତ୍ତରାଧିକାରୀ ବା ଏହି ତଫସିଲ ବର୍ଣ୍ଣିତ ସମ୍ପତ୍ତିର ସ୍ୱତ୍ୱଦାବି କରୁଥିବା ବ୍ୟକ୍ତି କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ରାଜସ୍ୱ ପର୍ଷଦଙ୍କ ଅଦାଲତରେ ଉପସ୍ଥିତ ରହି ତଦ୍‌ବିର କରିବେ ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମାକୁ ଫଇସଲା କରାଯିବ।

ରାଜସ୍ୱ ପର୍ଷଦ ସଭ୍ୟଙ୍କ ଆଦେଶ କ୍ରମେ

Sd./- Under Secretary Board Revenue, Odisha, Cuttack. D-23369

ମାନ୍ୟବର ସଭ୍ୟ ଓଡ଼ିଶା ରାଜସ୍ୱ ପର୍ଷଦଙ୍କ ଅଦାଲତ, କଟକ, କ୍ୟାମ୍ପ କୋର୍ଟ ଭୁବନେଶ୍ୱର ସନ୍ନିକଟ କେଶରୀ ନଗର, ନିର୍ମାଣ ସୌଧ, ୟୁନିଟ୍ ନଂ.-୫, ଭୁବନେଶ୍ୱର ଓ ଏସ୍ ଏସ୍ କେଶ୍ ନଂ.-୩୫୫/୨୦୧୮

ଶ୍ରୀମତୀ ଉତ୍ତମା ମହାନ୍ତି

....ବାଦୀ/ଦରଖାସ୍ତକାରୀ

ବନାମ

ଶ୍ରୀ ରାମଚନ୍ଦ୍ର ଓଝା ଏବଂ ଅନ୍ୟମାନେ

....ପ୍ରତିବାଦୀ/ଅପରପକ୍ଷ

ଆଦେଶ ନଂ.-୫ ଏବଂ ନିୟମ ୨୦ (୧-କ) ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ଖବରକାଗଜ ଦ୍ୱାରା ବିଜ୍ଞାପନ ମାଧ୍ୟମରେ ନିମ୍ନଲିଖିତ ପ୍ରତିବାଦୀମାନଙ୍କୁ ଅବଗତି ନିମନ୍ତେ ନୋଟିସ୍ ଦିଆଯାଉଛି କି ଧାର୍ଯ୍ୟ ତାରିଖ ଦିନ ଉପରଲିଖିତ ଅଦାଲତରେ ଉପସ୍ଥିତ ରହି ଉକ୍ତ ମକଦ୍ଦମାକୁ ସେମାନଙ୍କ ତରଫରୁ ପରିଚାଳନା କରିବେ:-

ପ୍ରତିବାଦୀ/ଅପରପକ୍ଷଙ୍କ ନାମ ଓ ଧାମ- ପ୍ରତିବାଦୀ/ଅପରପକ୍ଷ ନଂ. (୬) ଶ୍ରୀ ସୁଦର୍ଶନ ସେନାପତି, ବୟସ- ୬୬ ବର୍ଷ, ପିତା- ସ୍ୱର୍ଗତ ନଟବର ସେନାପତି, ଠିକଣା- ପ୍ଲଟ୍ ନଂ.- ୩୫୫୦/୩୯୬୨, ପାଣ୍ଡବ ନଗର, ଟଙ୍କପାଣି ରୋଡ୍, ଥାନା- ବଡ଼ଗଡ଼, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ବର୍ତ୍ତମାନ ଠିକଣା- କୁଣ୍ଢେଇବେଣ୍ଟ ସାହି, ପୋଷ୍ଟ- କୁଣ୍ଢେଇବେଣ୍ଟ ସାହି, ପିନ୍ କୋଡ୍- ୭୫୨୦୦୧, ଜିଲ୍ଲା/ସହର-ପୁରୀ, ପ୍ରତିବାଦୀ ନଂ. (୬)ଙ୍କୁ ପକ୍ଷଭୁକ୍ତ କରି ବାଦୀ/ଦରଖାସ୍ତକାରୀ ଓଡ଼ିଶା ଭୂ ବନ୍ଦୋବସ୍ତ ଆଇନ ଧାରା ୧୫ (ଖ) ମୁତାବକ ରିଭିଜନ ମକଦ୍ଦମା ଦାଏର କରିଛନ୍ତି କି ବାଦୀ ନିମ୍ନଲିଖିତ ତଫସିଲ ବର୍ଣ୍ଣିତ ଭୂ ସମ୍ପତ୍ତି ଗତ ତା୨୪।୧୨।୧୯୯୭ରିଖ ରେଜେଷ୍ଟ୍ରି କ୍ରୟ ଦଲିଲ ନଂ.- ୫୮୨୭ ଏବଂ କ୍ରମିକ ନଂ.- ୬୫୫୭ ଦ୍ୱାରା ମୌଜା- ଭାଲୁଙ୍କା ଅନ୍ତର୍ଗତ ସାବକ ଖାତା ନଂ.- ୫୬ ପ୍ଲଟ୍ ନଂ.- ୧୬୪ରୁ ରକବା ଏ.ସି. ୦.୦୬୦ କ୍ରୟ କରିଛନ୍ତି, ଯାହାର ମୂଳ ରକବା ଏ.ସି. ୦.୭୪୦ ଡିସିମିଲ ଅଟେ, କିନ୍ତୁ ଚଳିତ ହାଲ୍ ବନ୍ଦୋବସ୍ତ ସନ ୨୦୧୩-୧୪ ମସିହାରେ ଉକ୍ତ ଭୂ ସମ୍ପତ୍ତିଟି ପୃଥକ ଖାତା ଏବଂ ପ୍ଲଟ୍ ନିମ୍ନ ତଫସିଲକୁ ବାଦୀଙ୍କ ନାମରେ ରେକର୍ଡ ଦରଜ କରିବା ପାଇଁ ଉପରଲିଖିତ ରିଭିଜନ ମକଦ୍ଦମା କରିଛନ୍ତି କିନ୍ତୁ ଉକ୍ତ ରିଭିଜନ କେଶ୍ ସମ୍ବନ୍ଧୀୟ ନୋଟିସ୍ ଆପଣଙ୍କୁ ଦର୍ଶାଯାଇଥିବା ଠିକଣାରେ ଯାଇ ଫେରସ୍ତ ଆସିଥିବାରୁ ଆପଣଙ୍କ ଅବଗତି ନିମନ୍ତେ ଉକ୍ତ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଜଣାଇଦିଆଯାଉଛି ଯେ ଉପରୋକ୍ତ ରିଭିଜନ କେଶ୍ ଶୁଣାଣି ମାନ୍ୟବର ସଭ୍ୟ ରାଜସ୍ୱ ପର୍ଷଦଙ୍କ ଅଦାଲତ, ଓଡ଼ିଶା, କଟକ ମହୋଦୟଙ୍କ ଇଜିଲାସ୍ କ୍ୟାମ୍ପକୋର୍ଟ ଅଫିସ୍ ଭୁବନେଶ୍ୱର (ୟୁନିଟ ନଂ.-୫) କେଶରୀନଗର ରାଜୀବଭବନ ପଛ ପାର୍ଶ୍ୱରେ କାର୍ଯ୍ୟାଳୟଠାରେ ଆସନ୍ତା ତା ୨୪।୦୩।୨୦୨୨ରିଖ ଦିବା ୧୧.୩୦ ଘଟିକା ସମୟରେ ବିଚାର କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଅଛି। ଉକ୍ତ କେଶ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ମକଦ୍ଦମାଭୁକ୍ତ ଭୂସମ୍ପତ୍ତିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲଦାର ଭୁବନେଶ୍ୱର, ଥାନା- ଚନ୍ଦକା, ସବ୍‌ରେଜିଷ୍ଟ୍ରର- ଖଣ୍ଡଗିରି, ମୌଜା- ଭାଲୁଙ୍କା, ହାଲ ଖାତା ନଂ.-୨୦୭, ହାଲ ପ୍ଲଟ୍ ନଂ.-୧୪୮ ରକବା ଏ.ସି. ୦.୦୬୦ ଡିସିମିଲ (ପଚ୍ଛା ରକବା), ଯାହାର ରେକର୍ଡ ରକବା- ଏ.ସି. ୨.୧୨୨ ଡିସିମିଲ, କିସମ- ପତିତ, ଯାହାର ସାବକ ଖାତା ନଂ.-୫୬, ସାବକ ପ୍ଲଟ୍ ନଂ.-୧୬୪, କ୍ରୟ ବୃତ୍ତି- ଏ.ସି ୦.୦୬୦ ଡିସିମିଲ ଯାହାର ରେକର୍ଡ ରକବା ଏ.ସି. ୦.୭୪୦ ଡିସିମିଲ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.- (୬) କିମ୍ବା ଆପଣଙ୍କ ଉତ୍ତରାଧିକାରୀ ବା ଏହି ତଫସିଲ ବର୍ଣ୍ଣିତ ସମ୍ପତ୍ତିର ସ୍ୱତ୍ୱଦାବି କରୁଥିବା ବ୍ୟକ୍ତି କିମ୍ବା ସେମାନଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧି ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ରାଜସ୍ୱ ପର୍ଷଦଙ୍କ ଅଦାଲତରେ ଉପସ୍ଥିତ ରହି ତଦବିର କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମାକୁ ଫଇସଲା କରାଯିବ।

ରାଜସ୍ୱ ପର୍ଷଦ ସଭ୍ୟଙ୍କ ଆଦେଶ କ୍ରମେ

Sd./- Under Secretary, Board of Revenue, Odisha, Cuttack. D-23368

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପାରିବାରିକ ଓ କର୍ମ କ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ନିଜ ଲୋକମାନଙ୍କ ପରୋକ୍ଷ ଶତ୍ରୁତା ଅନୁଭବରେ ଆସିବ। ବନ୍ଧୁଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହେବେ ।

**ବୃଷ** ପାରିବାରିକ ଅସ୍ଥିରତା ମାନସିକ ସ୍ଥିତିକୁ ବିଗାଡି ଦେଇପାରେ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରନ୍ତି। ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ମନ୍ଦ ହେବ ନାହିଁ।

**ମିଥୁନ** କର୍ମକ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବାରେ କୌଣସି ଅସୁବିଧା ହେବ ନାହିଁ। କେତେକ କାମ ସକାଶେ ପରିବାର ଭିତରୁ ସମାଲୋଚିତ ହେବାକୁ ପଡ଼ିବ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି।

**କର୍କଟ** ଆଜିର ପରିସ୍ଥିତି ବହୁତ ଭଲ ରହିବ ଏବଂ ଅର୍ଥ ସମ୍ପର୍କୀୟ ସମସ୍ୟା ସୁଧୁରିଯିବ। ବନ୍ଧୁ ଜରିଆରେ ଆକସ୍ମିକ ଭାବରେ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହେବେ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**ସିଂହ** ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାର୍ଯ୍ୟ ସାଧନ କରିବାରେ ସମର୍ଥ ହେବେ। ବହୁତ ଅନୁସନ୍ଧାନ ପରେ ଅପରାହ୍ନରେ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନ ଭଲ ରହି ନ ପାରେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା** କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ଘର ଲୋକମାନଙ୍କୁ ଉପେକ୍ଷା କରି ପରକଥାରେ ପଡ଼ି ଭୁଲ୍ ମାର୍ଗ ଅନୁସରଣ କରି ପଶ୍ଚାତ୍ତାପ କରିବାକୁ ପଡ଼ିପାରେ। ଅର୍ଥାଭାବରୁ କୌଣସି କାମ କରିବାରେ ପଛେଇ ଯାଇ ପାରନ୍ତି।

**ତୁଳା** ପ୍ରତ୍ୟେକ କାମରେ ସଫଳତାରୁ ମାନସିକ ସ୍ଥିତି ଭଲ ରହିବ। ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ବିଛା** ପରିବାରର ବିଭିନ୍ନ ପ୍ରକାର ସମସ୍ୟା ଚିନ୍ତାକରି ମନ ଭାରାକାନ୍ତ ରହିବ। ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ସମ୍ଭାବନା ରହିଛି। ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାର କରଜ କରି ଆବଶ୍ୟକତା ଚଳାଇ ନେବେ। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପାଇବେ।

**ଧନୁ** ଆଜିର କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ସହ ଫଳପ୍ରଦ ଆଲୋଚନା କରିବେ। ପାରିବାରିକ, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ କଳହ ଦେଖାଦେଇପାରେ। ସମ୍ପର୍କୀୟଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର** ଆଜି ସାଧାରଣ କଥାକୁ କେନ୍ଦ୍ରକରି କଳହର ସମ୍ମୁଖୀନ ହୋଇପାରନ୍ତି। ଇଚ୍ଛା ନଥିଲେ ମଧ୍ୟ ଘରର କେତେକ ଅତ୍ୟାବଶ୍ୟକ ଜିନିଷ ଆଣିବାକୁ ବାଧ ହେବେ। କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖା ଦେଇଥିବା କାରଣରୁ ମନ ବିଚଳିତ ଅବଶ୍ୟ ରହିବ। ସାମାଜିକ ସ୍ତରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ।

**କୁମ୍ଭ** ଟେନ୍‌ସନ ଲାଗିରହିଲେ ମଧ୍ୟ ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ପାଖ, ପଡ଼ୋଶୀଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। କିନ୍ତୁ ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ଆଶଙ୍କା ରହିଛି।

**ମୀନ** ଗତକାଲିଠାରୁ ନିଜ ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। କର୍ମକ୍ଷେତ୍ରରେ ଈର୍ଷାପର ବନ୍ଧୁମାନେ ସମ୍ମୁଖରେ ନୀରବ ରହି ପଛରେ ବହୁତ କଥା କହିବେ। ପଡ଼ୋଶୀଙ୍କ ସହାୟତାରେ ଅର୍ଥାଭାବ କେତେକାଂଶରେ ଦୂରୀଭୂତ ହୋଇଯିବ। ଆତ୍ମୀୟସ୍ୱଜନ କିମ୍ବା ଗୁରୁଜନଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିପାରନ୍ତି।

## ଏକାଡେମି ଆୱାର୍ଡ ପାଇଁ 'ରାଇଟିଂ ୱିଥ୍ ଫାୟାର୍' ମନୋନୀତ

ନୂଆଦିଲ୍ଲୀ,୧୧।୩: 'ରାଇଟିଂ ୱିଥ୍ ଫାୟାର' ଡକ୍ୟୁମେଣ୍ଟାରି ୯୪ତମ ଏକାଡେମି ଆୱାର୍ଡ ପାଇଁ ମନୋନୀତ ହୋଇଛି। ପ୍ରିୟଙ୍କା ଚୋପ୍ରା ଜୋନାସ ଇନ୍‌ଷ୍ଟାଗ୍ରାମ୍‌ରେ ରାଇଟିଂ ୱିଥ୍ ଫାୟାର ନିର୍ଦ୍ଦେଶକ ରିଣ୍ଟୁ ଥୋମାସ ଏବଂ ସୁଶାନ୍ତ ଘୋଷଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହା ହେଉଛି ଭାରତର ପ୍ରଥମ ଡକ୍ୟୁମେଣ୍ଟାରି ଫିଲ୍ମ ଯାହା ଏକାଡେମି ଆୱାର୍ଡ ପାଇଁ ବଛାଯାଇଛି। ବେଷ୍ଟ ଡକ୍ୟୁମେଣ୍ଟାରି ଫିଚର କାଟେଗୋରିରେ ଏହାର ନାମ ଚୟନ କରାଯାଇଛି। ସାମାଜିକ କଟକଣା ସତ୍ତ୍ୱେ ମୀରା ଓ ସହଯୋଗୀ ରିପୋର୍ଟର ସୁନୀତା ଅପରାଧ, ନାରୀ ନିର୍ଯାତନା ଓ ଲିଙ୍ଗଗତ ଭେଦଭାବକୁ ନେଇ ଖବର ପ୍ରସାରଣ କରିଥିଲେ ; ଯାହାକୁ ଡକ୍ୟୁମେଣ୍ଟାରିରେ ବିସ୍ତୃତ ଭାବେ ଦର୍ଶା ଯାଇଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୫,୪୩,୫୨,୯୨୪ | ୬୦,୫୩,୯୨୪ | ୩୮,୮୫,୦୧,୪୩୭ |
| ଭାରତ | ୪,୨୯,୮୪,୨୬୧ | ୫,୧୫,୭୪୫ | ୪,୨୪,୨୬,୩୨୮ |
| ଓଡ଼ିଶା | ୧୨,୮୬,୪୫୭ | ୯୧୦୫(+୫୩) | ୧୨,୬୬,୨୮୫ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଓଡ଼ିଶାରେ ଫ୍ଲାଟ୍ ଚାହିଦା ବଢ଼ୁଛି



ଅନିଲ କୁମାର ଅଗ୍ରୱାଲ
ଏମ୍‌ଡି, ଓଡ଼ିଶା ଟୁଇନ୍ ସିଟି ବିଲ୍ଡର୍ସ ପ୍ରା.ଲିଃ

**ବାସଗୃହ ମଣିଷର ଅନ୍ୟତମ ମୌଳିକ ଆବଶ୍ୟକତା। ତେଣୁ ଜୀବନକାଳ ମଧ୍ୟରେ ସ୍ୱପ୍ନର ଘରଟିଏ ତୋଳିବାକୁ ପ୍ରତ୍ୟେକ ବ୍ୟକ୍ତି ଚାହାନ୍ତି। ଉତ୍ତମ ପରିବେଶ ଓ ଗମନାଗମନ ସୁବିଧା ଘର ପାଇଁ ଜରୁରୀ। ଓଡ଼ିଶାରେ ଅତ୍ୟାଧୁନିକ କାରିଗରି ଉପଯୋଗ କରି ଗୃହ ନିର୍ମାଣ ସମୟସାପେକ୍ଷ ଓ ବ୍ୟୟବହୁଳ ହୋଇଥିବାବେଳେ କରୋନା ମହାମାରୀ ଏଥିରେ ଆହୁରି ବଡ଼ ବାଧକ ସାଜିଥିଲା। ଏଭଳି ସ୍ଥିତିରେ ତମାମ ଚ୍ୟାଲେଞ୍ଜର ସଫଳ ମୁକାବିଲା କରି ସୁଲଭ ମୂଲ୍ୟରେ ସବୁ ବର୍ଗର ଲୋକଙ୍କୁ କିପରି ଘର ଯୋଗାଇଆସିଛନ୍ତି ସେନେଇ ଧରିତ୍ରୀ ସହ ମନଖୋଲି କଥା ହୋଇଛନ୍ତି 'ଓଡ଼ିଶା ଟୁଇନ୍ ସିଟି ବିଲ୍ଡର୍ସ ପ୍ରାଇଭେଟ୍ ଲିମିଟେଡ୍' ପରିଚାଳନା ନିର୍ଦ୍ଦେଶକ ଅନିଲ କୁମାର ଅଗ୍ରୱାଲ।**

**❖ ଶିଳ୍ପ ଛାଡ଼ି ରିୟଲ ଇଷ୍ଟେଟ୍ ବ୍ୟବସାୟକୁ କାହିଁକି ଆପଣାଇଲେ?**

ମୁଁ ପ୍ରଥମେ ଏକ କ୍ଷୁଦ୍ରଶିଳ୍ପ ମାଧ୍ୟମରେ ଡବଲ ମଙ୍କି ବ୍ରାଣ୍ଡ ଗାଲ୍‌ଭାନାଇଜ୍‌ଡ ବାଲ୍ଟି ତିଆରି ବ୍ୟବସାୟ ଆରମ୍ଭ କରିଥିଲି। ମା'ଙ୍କ ପ୍ରେରଣାରେ ବାପା ପ୍ରତିଷ୍ଠା କରିଥିବା ଏହି ଶିଳ୍ପରେ ମାଟ୍ରିକ ପାସ୍ ପରେ ଯୋଗଦେଇଥିଲି। ମାତ୍ର ବାଲ୍ଟି ବ୍ୟବସାୟର ମାର୍କେଟ ଚାହିଦା କମୁଥିବା ଦେଖି ଏକ ଭିନ୍ନ ବ୍ୟବସାୟ ପ୍ରତି ମନବଳାଇଥିଲି। ପ୍ରତିବର୍ଷ ଆମ ନିଜ ଘର ତୋଳିବା ଓ ମରାମତି କାର୍ଯ୍ୟ ଆଦିରେ ମୋର ଅଭିଜ୍ଞତା ଥିଲା। ବାପା ରାଜକିଶୋର ଅଗ୍ରୱାଲ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ହୋଇଥିଲେ ବି ଗୃହ ନିର୍ମାଣ କ୍ଷେତ୍ରରେ ତାଙ୍କର ଯଥେଷ୍ଟ ଜ୍ଞାନ ଥିଲା। ତାଙ୍କ ଗୁଣ ମୋଠାରେ ପ୍ରତିଫଳିତ ହୋଇଥିଲା।

**❖ ରାଜ୍ୟରେ ରିୟଲ ଇଷ୍ଟେଟ୍ ବ୍ୟବସାୟ କିପରି ରହିଛି?**

ଓଡ଼ିଶା ଏକ ଗ୍ରାମ ବହୁଳ ରାଜ୍ୟ। ସୀମିତ ସମ୍ବଳରେ ସହରରେ ରହିବାର ଇଚ୍ଛା ଲୋକଙ୍କୁ ନିର୍ମିତ ଘର (ଫ୍ଲାଟ୍) ଆଡ଼କୁ ଆକୃଷ୍ଟ କରୁଛି। ଜମି କିଣି ନିଜେ ଘର ତିଆରି କରିବା ଲାଗି ଆବଶ୍ୟକ ଅର୍ଥ ଓ ସମୟ ଅଭାବ ଯୋଗୁ ଫ୍ଲାଟ୍‌ର ଚାହିଦା ବଢ଼ୁଛି।

**❖ ଏହି ବ୍ୟବସାୟ କ୍ଷେତ୍ରରେ ଆପଣଙ୍କ ଯାତ୍ରା କିପରି ରହିଛି?**

୨୦୦୦ରେ ମୁଁ ଓଡ଼ିଶା ଟୁଇନ୍ ସିଟି ବିଲ୍ଡର୍ସ ପ୍ରାଇଭେଟ ଲିମିଟେଡ୍ ଆରମ୍ଭ କରିଥିଲି। ୧୮ଟି ଫ୍ଲାଟ୍‌ର ଏକ ପ୍ରକଳ୍ପ କଟକରେ ଶୁଭାରମ୍ଭ ହୋଇଥିଲା। ପରେ ତୁଳସୀପୁର, ପ୍ରଫେସରପଡ଼ା, କ୍ୟାଣ୍ଟନମେଣ୍ଟ ରୋଡ୍ ଓ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଆପାର୍ଟମେଣ୍ଟ ନିର୍ମାଣ ହୋଇପାରିଛି। ବର୍ତ୍ତମାନ ତ୍ରିଶୂଳିଆଠାରେ ମଧ୍ୟବିତ୍ତ ପରିବାରଙ୍କ ପାଇଁ ଏକ ବହୁତଳ ଆପାର୍ଟମେଣ୍ଟ ନିର୍ମାଣ କାର୍ଯ୍ୟ ଚାଲିଛି। ଏଥିରେ ୨୦୦ ପରିବାର ରହିବା ଭଳି ସ୍ଥାନ ରହିଛି।

**❖ ରିୟଲ ଇଷ୍ଟେଟ୍ କ୍ଷେତ୍ରରେ ଥିବା ଆହ୍ୱାନ ଏବଂ ସେଗୁଡ଼ିକର ସମାଧାନ କ'ଣ?**

ଆଜିକା ଦିନରେ ସରକାରଙ୍କ ବିଭିନ୍ନ ସଂସ୍ଥାରୁ କ୍ଲିୟରାନ୍ସ ଆଣି ସୀମିତ ସମୟ ମଧ୍ୟରେ ପ୍ରକଳ୍ପ ଶେଷ କରିବା କାଠିକର ପାଠ। ନଗର ଉନ୍ନୟନ, ଅଗ୍ନିଶମ, ପରିବେଶ, ପାନୀୟ ଜଳ ଓ ଜଳ ନିଷ୍କାସନ ଆଦି ବିଭାଗରୁ ମଞ୍ଜୁରୀ ଆଣିବାକୁ ପଡ଼ିଥାଏ। ଏହାର ସମାଧାନ ପାଇଁ ସରକାର ରିୟଲ ଇଷ୍ଟେଟ୍ ରେଗୁଲେଟୋରି ଅଥରିଟି (ଆର୍‌ଇଆର୍‌ଏ) ଗଢ଼ିଛନ୍ତି। ସିଙ୍ଗଲ ୱିଣ୍ଡୋ ସାଙ୍କ୍ସନ ବ୍ୟବସ୍ଥା ଉପଲବ୍ଧ କରାଇଲେ ଗୃହ ନିର୍ମାଣକାରୀମାନେ ଯଥା ସମୟରେ ପ୍ରକଳ୍ପ ଶେଷକରି ଗ୍ରାହକଙ୍କୁ ଯୋଗାଇ ଦେଇପାରିବେ।




**❖ ଘର କିଣିବାବେଳେ ଗ୍ରାହକମାନେ କେଉଁ ଦିଗ ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ ?**

ଗ୍ରାହକମାନଙ୍କ ପାଇଁ ସରକାର ନିୟନ୍ତ୍ରଣ ସୁବିଧା ଆଣିଛନ୍ତି। ସେମାନେ କେବଳ ଆର୍‌ଇଆର୍‌ଏ ପଞ୍ଜୀକରଣ ନଂ. ଦେଖିଲେ ଉକ୍ତ ପ୍ରକଳ୍ପ ନିର୍ମାଣକାରୀ ସଂସ୍ଥା ଏବଂ ତାହାର ସମସ୍ତ ବିବରଣୀର ସୂଚନା ମିଳିପାରିବ।

**❖ ବ୍ୟବସାୟ ପାଇଁ ରାଜ୍ୟର ନୀତି ଓ ସହଯୋଗ କିପରି ରହିଛି ?**

ରାଜ୍ୟ ସରକାର ନଗର ଉନ୍ନୟନ ବିଭାଗ ମାଧ୍ୟମରେ ନିର୍ମାଣକାରୀମାନେ କିପରି ଠିକ୍ ମୂଲ୍ୟରେ ଫ୍ଲାଟ୍ ଯୋଗାଇପାରିବେ ସେଥିପ୍ରତି ଦୃଷ୍ଟି ଦେଇଛନ୍ତି। ସମୟାନୁକ୍ରମେ ସ୍ଥିତି ଅନୁଧ୍ୟାନ କରି ନିୟମ ପ୍ରଣୟନ କରିଛନ୍ତି।

**❖ ଓଡ଼ିଶାର ଗ୍ରାହକମାନେ କେଉଁଭଳି ଘରକୁ ଅଧିକ ପସନ୍ଦ କରୁଛନ୍ତି ?**

ରାଜ୍ୟରେ ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ବର୍ଗର ଲୋକ ଅଧିକ ଥିବାରୁ ପ୍ରାୟତଃ ୨ ବିଏଚ୍‌କେ ଓ ୩ ବିଏଚ୍‌କେର ଚାହିଦା ଅଧିକ ରହିଛି। ଆଧୁନିକ ଢଙ୍ଗର ଘର ସେମାନଙ୍କ ପସନ୍ଦ। ଓଡ଼ିଶା ଗ୍ରୀଷ୍ମ ପ୍ରଧାନ ରାଜ୍ୟ ହୋଇଥିବାରୁ ଉତ୍ତମ ବାୟୁ ଚଳାଚଳ ଓ ସବୁଜ ବଳୟ ମଧ୍ୟରେ ଥିବା ପ୍ରକଳ୍ପଗୁଡ଼ିକରେ ଲୋକଙ୍କ ଅଧିକ ଆଗ୍ରହ ରହିଛି।

**❖ କରୋନା ସମୟରେ କମ୍ପାନୀ ଚଳାଇବା ପାଇଁ କି ପଦକ୍ଷେପ ନେଇଥିଲେ?**

ନିର୍ମାଣ କାର୍ଯ୍ୟ ଲାଗି ବହୁ ସଂଖ୍ୟକ ଶ୍ରମିକ ଆବଶ୍ୟକ। ଏଥିପାଇଁ ଗ୍ରାମାଞ୍ଚଳରୁ ଶ୍ରମିକମାନଙ୍କୁ ଆଣିବାକୁ ପଡ଼ିଥାଏ। କରୋନା ସମୟରେ ହଠାତ୍ ଲକ୍‌ଡାଉନ୍ ଜାରି କରାଯିବାରୁ ଶତାଧିକ ଶ୍ରମିକ ଗାଁକୁ ଫେରିପାରି ନ ଥିଲେ। ସେମାନଙ୍କ ରହିବା, ଖାଇବା ଆଦିର ବ୍ୟବସ୍ଥା କରାଯାଇଥିଲା। ସରକାରୀ ଅନୁମତି ପାଇବା ପରେ ସେମାନଙ୍କୁ ପୁନର୍ବାର କାର୍ଯ୍ୟରେ ନିୟୋଜିତ କରାଗଲା। ଅର୍ଥ ଓ ନିର୍ମାଣ ସାମଗ୍ରୀ ପାଇବା ପାଇଁ ବିଶେଷ ଅସୁବିଧା ଥିଲା। ଧୈର୍ଯ୍ୟ, ସାହସ, ଦୃଢ଼ ମନୋବଳ ସହ ବାପାଙ୍କ ଉପଦେଶ ଏହି କଠିନ ସମୟରେ ମଧ୍ୟ ମୋତେ ଆଗେଇନେଇଥିଲା।

# ଭାଜପାକୁ ଭୋଟ ଦେଲେ 'ମନମୋହନ ସିଂ', 'ମୁଲାୟମ ସିଂ'

ଆମ୍ବେଡ୍‌କର ନଗର(ୟୁପି), ୧୧।୩ (ଆଇଏଏନ୍‌ଏସ୍)

ମନମୋହନ ସିଂ ଏବଂ ମୁଲାୟମ ସିଂ ଭାଜପାକୁ ଭୋଟ ଦେଇଛନ୍ତି। କଥାଟା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ତେବେ ଆମେ ଏଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା କଂଗ୍ରେସ ନେତା ମନମୋହନ ସିଂ କିମ୍ବା ୟୁପିର ପୂର୍ବତନ ମୁଖ୍ୟମନ୍ତ୍ରୀ ମୁଲାୟମ ସିଂ ଯାଦବଙ୍କ କଥା କହୁନାହୁଁ। ଏଠାରେ ଯେଉଁ ମନମୋହନ ଏବଂ ମୁଲାୟମ ସିଂଙ୍କ କଥା କୁହାଯାଇଛି, ସେମାନେ ଉତ୍ତରପ୍ରଦେଶ ଆମ୍ବେଡ୍‌କର ନଗର ଜିଲାର ଜଲାଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହାଇଦରାବାଦ ଗ୍ରାମର ଚାଷୀ ମିଥାଇ ଲାଲ୍ (୫୭)ଙ୍କ ଦୁଇପୁଅ। ବର୍ତ୍ତମାନର ରାଜନୀତି ଲୋକମାନଙ୍କୁ ସବୁ ପ୍ରସଙ୍ଗରେ ପରସ୍ପରଠାରୁ ଅଲଗା କରିଦେଉଥିବାବେଳେ ମିଥାଇଲାଲ୍‌ଙ୍କ ପରିବାରରେ ବିଭିନ୍ନ ଦଳର ରାଜନେତାମାନେ ରହି ଶାନ୍ତି ଓ ସଦ୍‌ଭାବନାର ବାସ୍ତବ ବାର୍ତ୍ତା ଦେଉଛନ୍ତି। ମିଥାଇ ତାଙ୍କ ୭ ପିଲାଙ୍କ ନାମ ମୁଲାୟମ ସିଂ, କଲ୍ୟାଣ ସିଂ, ରାଜନାଥ ସିଂ, ବାଲ୍ ଠାକ୍‌ରେ, ଜୈଲ୍ ସିଂ, ମନମୋହନ ସିଂ ଏବଂ ଝିଅଙ୍କ ନାଁ ଜୟଲଳିଥା ରଖିଛନ୍ତି। କଲ୍ୟାଣ ଓ ରାଜନାଥ ଏକ ଫ୍ୟାକ୍ଟ୍ରିରେ କାମ କରୁଥିବାବେଳେ ଜୈଲ ସିଂଙ୍କର ଏକ ଫର୍ନିଚର ଦୋକାନ ଅଛି। ମନମୋହନ ଏବଂ ବାଲ୍ ଠାକ୍‌ରେ ଏବେ ପାଠ ପଢ଼ୁଛନ୍ତି। ଏଥର ନିର୍ବାଚନରେ କାହାକୁ ଭୋଟ ଦେଲ ବୋଲି ପଚାରିବାରୁ ଜୈଲ୍ କହିଥିଲେ, ଆମେ ଭାଜପା ସରକାରରୁ ଅନେକ ଲାଭ ପାଇଛୁ, ତେଣୁ ଏହି ଦଳକୁ ଭୋଟ ଦେଇଛୁ ବୋଲି ସେ କହିଥିଲେ।

**WANTED**
LADY OFFICE EXECUTIVE
PHULNAKHARA, CUTTACK
FREE ACCOMMODATION + FREE FOODING+10,000
7809525452

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIRED**
1. BACK OFFICE ASSISTANT
Salary- 6000/- to 7000/-
2. SALES EXECUTIVE
Salary- 10,000/- to 12,000/-
AASHAA SERVICES
Pandra, Bhubaneswar, Near Puri bypass.
Please share your CV and photo.
Email : admin@aashaaservices.com
WhatsApp : 9658144990

**JOB APPOINTMENT**
Chemical Company Job
Required ୬୦ ଜଣ, Boys & Girls ଓଡ଼ିଶାର ସବୁ ଜିଲ୍ଲାରେ ଆବଶ୍ୟକ, Salary- Rs.6,000/- to Rs.12,000/- Marketing & Other Post. Processing Fee & GST ସହିତ Rs.370/- D.D. Company ନାମରେ Deposit କରିବେ । Sahani Chemical, A/c No. 259958440366, IndusInd Bank, Noida Sec-48, Br. Code: 0565, IFSC- INDB0000565, Harit Vihar, Street No.- 3A, H.No-249, Kh. No- 17/8, Block Burari, New Delhi-110084, Mob.: 9958440366, E-mail- sahanichemicals@gmail.com

**NIST Autonomous**
www.nist.edu
Institute Park, Pallur Hills, Berhampur, Odisha- 761008
25 YEARS
Applications are invited for
1. Faculty positions in School of Computer Sciences and School of Management & Commerce
• Professor • Associate Professor • Assistant Professor
Qualification - As per AICTE/UGC norms
2. Technical Assistants in School of Computer Sciences
Qualification - BCA/BSc. Comp. Sc./MCA/MSc. Comp. Sc.
For detailed job descriptions you may visit - www.nist.edu/career
Eligible Candidates may forward their CV to career@nist.edu within 7 days

**URGENT REQUIRED**
ହାୱାଇ କ୍ଷେତ୍ରରେ (ଡାଇରେକ୍ଟ ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
Ground Staff, Supervisor, Checker, loader, Helper, Driver
Salary : 25,500/- ରୁ 55,500/-, ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ ।
CONTACT : 8130157637

See Career Appointment on every Wednesday & Saturday

**REQUIRED**
SMZVIG AUTOMATION PVT. LTD.
(A leading manufacturer of Electrical Panel Board Company) (An ISO Certified Company) with CPRI Approved, Kalinga Vihar, Bhubaneswar
Marketing Executive: 2 Nos. (Any Graduate with 2 years exp. in Electrical Field). Salary: Approx.11,000/- to 14,000/- per month with TA+DA, 2 wheeler must for the above post.
Contact:8763281608, 8118008309
Email:smzvigautomation@gmail.com

ଘରୋଇ କାମ କରିବା ନିମନ୍ତେ ଅବିବାହିତ ମହିଳା /ଦମ୍ପତି ଆବଶ୍ୟକ
ରହିବା ଏବଂ ଖାଇବା ସୁବିଧା ଉପଲବ୍ଧ ।
9132933333

ASHWINI HOSPITAL
empowered to heal...
URGENT REQUIREMENT
Multiple positions for :

| | |
|---|---|
| Operation Theatre Manager | 5-10 years experience |
| Surgical Technician | 3-5 years experience |
| Anaesthesia Technician | 3-5 years experience |
| Anaesthesia Nurse | 2+ years of experience |
| B.Sc Nursing | 3-5 years experience |

Candidates with BSc OT Technology and B.Sc Nursing preferred. Competitive compensation. Interested candidates can email their CV to
hrd@ashwinihospitalcuttack.com
Ph.No.: 9238008834
Department of Surgical Specialties

www.ltfs.com
CIN: U65910WB1993FLC060810
L&T Financial Services
WALK-IN Interview Drive – Micro Loan Officers
9th, 10th & 11th March 2022
L&T Financial Services, L&T groupର ଏକ ଅଂଶ ଓ ଏହା ଭାରତର ଏକ ଅଗ୍ରଣୀ ଏନବିଏଫସି ବ୍ରାଣ୍ଡ ଅଟେ ଯାହା ମାଧ୍ୟମରେ ବ୍ୟାପକ ଶ୍ରେଣୀୟ ଆର୍ଥିକ ଉତ୍ପାଦ ପ୍ରଦାନ କରାଯାଉଛି । ବର୍ତ୍ତମାନ ଏହାର ମାଇକ୍ରୋଲୋନ୍ ବ୍ୟବସାୟ ପାଇଁ ଆବେଦନ ଆମନ୍ତ୍ରଣ କରୁଛି।
ପଦବୀ : ସେଲ୍ସ ଓ କଲେକ୍ସନ ଅଫିସର
ଚାକିରୀ ସ୍ଥାନ : ସାରା ଓଡ଼ିଶା
ଯୋଗ୍ୟତା : ଯେକୌଣସି ସ୍ନାତକ
ବୟସ : 21 ରୁ 30 ବର୍ଷ
ବେତନ : ସର୍ବୋତ୍ତମ ଇନ୍‌ସେନଟିଭ୍ ସ୍କିମ୍ ସହିତ ଆକର୍ଷଣୀୟ ବେତନ
ଇଣ୍ଟରଭ୍ୟୁ ସବିଶେଷ:

| ସମୟ | ସ୍ଥାନ |
|---|---|
| ସକାଳ 10 ଘ. ରୁ ଅପରାହ୍ନ 5 ଘ. | ଏଲ୍&ଟି ଫାଇନାନ୍‌ସିଆଲ୍ ସର୍ଭିସେସ୍ ସା : ହେମସୁରପଡ଼ା, ଜେନା ଟିମ୍ବର ପଛ ପାଖ, ଅନଗୁଳ, ଓଡ଼ିଶା 759 122. ଯୋଗାଯୋଗ ବିବରଣୀ: ଅଜୟ – 9583495487 |
| | ଆସ୍କା ରୋଡ୍, ଲେବର ଅଫିସ ସମ୍ମୁଖ, ବ୍ରହ୍ମପୁର । ଯୋଗାଯୋଗ ବିବରଣୀ - ଶ୍ରୀକାନ୍ତ: 6371970931 |
| | ସା ପ୍ଲଟ୍ ନଂ. 99/402, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିକଟ, ଫୁଲନଖରା, ଜିଲ୍ଲା ଖୋର୍ଦ୍ଧା ଯୋଗାଯୋଗ ବିବରଣୀ - ପଦ୍ମନାଭ ଦାସ –7978975400 |
| | କୁଞ୍ଜକାନ୍ତ, ବ୍ଲକ୍ ଅଫିସ୍ ନିକଟ, ସା/ପୋ : ଢେଙ୍କାନାଳ । ଯୋଗାଯୋଗ ବିବରଣୀ - ଅଚ୍ୟୁତାନନ୍ଦ ସାହା: 8249258231 |
| | ସା/ପୋ : ଡାଳ, ବ୍ୟାସନଗର, ଯାଜପୁର ରୋଡ୍, ଯାଜପୁର ଯୋଗାଯୋଗ ବିବରଣୀ - ରିପନ୍ – 9778049999 |
| | ନବିନବାଗ, ଅଙ୍କୁଶ୍ରୀ କଲ୍ୟାଣ ମଣ୍ଡପ ନିକଟ, ଖୋର୍ଦ୍ଧା, ଯୋଗାଯୋଗ ବିବରଣୀ - ଶୁଭ୍ରାଂଶୁ ସାହୁ: 7325941183 |
| | ମାର୍ଫତ୍ ସୁଦାମ ପୁଷ୍ଟି, ସା–ପ୍ରଫୁଲ୍ଲ ନଗର, ଆର୍ଯ୍ୟନ୍ତ ଆକାଡେମି ନିକଟ, ଭଦ୍ରକ । ଯୋଗାଯୋଗ ବିବରଣୀ - ଦୁର୍ଗା – 8984458910 |

ଆଗ୍ରହୀ ପ୍ରାର୍ଥୀମାନଙ୍କୁ ସେମାନଙ୍କର ରେଜ୍ୟୁମେ, ପାନ କାର୍ଡ଼, ଆଧାର କାର୍ଡ଼ ଓ ସ୍ନାତକ କାଗଜାତ ସହିତ ଆସିବାକୁ ଅନୁରୋଧ କରାଯାଉଛି। ଦୁଇ ଚକିଆ ଗାଡ଼ି, ଡ୍ରାଇଭିଂ ଲାଇସେନ୍‌ସ ଥିବା ପୁରୁଷ ପ୍ରାର୍ଥୀଙ୍କୁ ଅଗ୍ରାଧୀକାର ପ୍ରଦାନ କରାଯିବ।

RAJPUTTANA CASTLE RESORTS AND CLUBS PRIVATE LIMITED, NASHIK, MAHARASHTRA

| POSITION | NO. OF VACANCY | EXPERIENCE | SALARY |
|---|---|---|---|
| Front Office Executive/ Manager | 5 | 3-8 Years (Min Graduation) | 15000/- to 30000/- |
| Housekeeping Staff/ Waiter Trainee | 30 | 6 months to 1 year (Hotel Management Course or Skill Development | 8000/- to 12000/- |
| Captain/Steward | 30 | 6 Months to 3 years (Skill Development or 12th pass required | 8000/- to 15000/- |

Food & Accomodation will be free.
Contact No.9689914135

# ୧୯ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କୁ ଦିଆଗଲା ତାଲିମ

## ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ହିସାବ କେମିତି ହେବ ହେଲା ଆଲୋଚନା

ଭୁବନେଶ୍ୱର, ୧୧।୩(ବ୍ୟୁରୋ)

ପୌରସଂସ୍ଥା ନିର୍ବାଚନ ନିମନ୍ତେ ନିଯୁକ୍ତ ହୋଇଥିବା ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ଏକ ତାଲିମ କାର୍ଯ୍ୟକ୍ରମ ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଅର୍ଥସେବାର ୧୯ ବରିଷ୍ଠ ଓ ଦକ୍ଷ ଅଧିକାରୀଙ୍କୁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇ ଶୁକ୍ରବାର ସେମାନଙ୍କୁ ପୌରସଂସ୍ଥା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀମାନଙ୍କ ନିର୍ବାଚନ ଖର୍ଚ୍ଚ ସମ୍ପର୍କରେ କିପରି ଓ କେଉଁ ପ୍ରକାରରେ ହିସାବ ରଖିବେ ସେନେଇ ତାଲିମ ଦିଆଯାଇଛି। ପ୍ରାର୍ଥୀ/ପ୍ରାର୍ଥିନୀମାନେ ଧାର୍ଯ୍ୟ ନିର୍ବାଚନୀ ଖର୍ଚ୍ଚଠାରୁ ଅଧିକ ଖର୍ଚ୍ଚ କଲେ କ'ଣ କରାଯିବ ସେନେଇ ମଧ୍ୟ ବିସ୍ତୃତ ଭାବେ ତାଲିମ ଦିଆଯାଇଛି। ନିର୍ବାଚନ କମିଶନଙ୍କ ସଚିବ ରବୀନ୍ଦ୍ରନାଥ ସାହୁ ଏବଂ ସ୍ୱତନ୍ତ୍ର ସଚିବ ରଘୁରାମ ଆର୍. ଆୟାର ଉପସ୍ଥିତ ରହି ଅଧିକାରୀଙ୍କୁ ପ୍ରାର୍ଥୀଙ୍କ ଖର୍ଚ୍ଚ ସମ୍ପର୍କରେ ଅବଗତ କରାଇଥିଲେ। ଆସନ୍ତା ୧୫ରୁ ୨୨ ତାରିଖ ପର୍ଯ୍ୟନ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ଆବଣ୍ଟିତ ହୋଇଥିବା ବିଭିନ୍ନ ଜିଲା ଗସ୍ତକରି ସେମାନେ ତାଙ୍କ କାର୍ଯ୍ୟ ଆରମ୍ଭ କରିବେ।

ପୌର ନିର୍ବାଚନ ନିମନ୍ତେ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଯାବତୀୟ ଖର୍ଚ୍ଚର ହିସାବ କିତାବକୁ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ଏକ ରେଜିଷ୍ଟରରେ ଲିପିବଦ୍ଧ କରିବେ। ନିର୍ବାଚନରେ ପ୍ରାର୍ଥୀମାନେ କେତେ ସଂଖ୍ୟକ ଗାଡ଼ି ବ୍ୟବହାର କରୁଛନ୍ତି ଓ ବ୍ୟାନର,ପୋଷ୍ଟର ବାବଦର ଖର୍ଚ୍ଚ ସମ୍ପୂର୍ଣ୍ଣ ଭାବେ ଏକ ରେଜିଷ୍ଟରରେ ଲିପିବଦ୍ଧ କରାଯିବା ସହ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ସେସବୁକୁ ତର୍ଜମା କରିବେ। ନିର୍ବାଚନ କମିଶନଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ନିର୍ବାଚନୀ ଖର୍ଚ୍ଚ, ନିର୍ଦ୍ଧାରିତ ଗାଡ଼ିର ବ୍ୟବହାର, ପ୍ରାର୍ଥୀ/ପ୍ରାର୍ଥିନୀମାନେ ନିର୍ବାଚନରେ ବ୍ୟବହାର କରୁଛନ୍ତି ନା ତା'ଠାରୁ ଅଧିକ ନିର୍ବାଚନୀ ଖର୍ଚ୍ଚ ଓ ଗାଡ଼ି ବ୍ୟବହାର କରୁଛନ୍ତି ସେନେଇ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ତୀକ୍ଷ୍ଣ ଦୃଷ୍ଟିଦେବେ। ଏହାସହ ସାଧାରଣ ପର୍ଯ୍ୟବେକ୍ଷକ ଏବଂ ସମ୍ପୃକ୍ତ ଜିଲାର ଜିଲାପାଳଙ୍କ ସହ ଯୋଗସୂତ୍ର ରକ୍ଷାକରି କାର୍ଯ୍ୟ କରିବାକୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଛନ୍ତି।

# ଫିନାଇଲ୍ ମିଶା ଡାଲି ଖାଇ ୧୭ ଛାତ୍ରୀ ଅସୁସ୍ଥ

ରୂପସା, ୧୧।୩(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପ୍‌ସା ସ୍ଥିତ ଯୋଗେନ୍ଦ୍ର ଆଞ୍ଚଳିକ ମହାବିଦ୍ୟାଳୟର ୧୭ ଛାତ୍ରୀ ଶୁକ୍ରବାର ଫିନାଇଲ୍ ମିଶା ଡାଲି ଖାଇ ଅସୁସ୍ଥ ହୋଇ ପଡ଼ିଛନ୍ତି। ସେମାନଙ୍କୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ସଙ୍ଗେ ସଙ୍ଗେ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ। ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇଁ ୮ ଛାତ୍ରୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ମଧ୍ୟାହ୍ନଭୋଜନ ରୋଷେଇ ବେଳେ ରୋଷେୟାଙ୍କ ଅସାବଧାନତାରୁ ଡାଲିରେ ଫିନାଇଲ ପଡ଼ି ଯାଇଥିଲା। ଡାଲିକୁ ସେ ଧୋଇ ରାନ୍ଧିଥିଲେ। ମେସ୍‌ରେ ଥିବା ଛାତ୍ରୀମାନେ ମଧ୍ୟାହ୍ନଭୋଜନରେ ସେହି ଡାଲିକୁ ଖାଇଥିଲେ। ତେବେ କିଛିସମୟ ପରେ ୧୭ଜଣ ଛାତ୍ରୀ ଅସୁସ୍ଥ ହୋଇ ପଡ଼ିଥିଲେ। ମୁଣ୍ଡ ବୁଲାଇବା ସହ ପେଟ ବ୍ୟଥା ହେବାରୁ ସେମାନଙ୍କୁ ମେଡିକାଲ ନିଆଯାଇଥିଲା। ମୁଖ୍ୟ ରୋଷେୟା ଶୁକ୍ରବାର ଛୁଟିରେ ଘରକୁ ଯାଇଥିଲେ। ଅନ୍ୟ ଜଣେ ମହିଳା ସହାୟିକା ରୋଷେଇ କରୁଥିବା ବେଳେ ଅସାବଧାନତା ଯୋଗୁ ଏଭଳି ଅଘଟଣ ଘଟିଥିବା ଏବଂ ଚିକିତ୍ସା ପରେ ଛାତ୍ରୀମାନେ ସୁସ୍ଥ ଥିବା କଲେଜ ଅଧ୍ୟକ୍ଷା ମିନତୀରାଣୀ ବେହେରା କହିଛନ୍ତି।




ଏନପିଏସ ଆପଣଙ୍କୁ ପ୍ରଦାନ କରିଥାଏ
₹50,000/-
ପର୍ଯ୍ୟନ୍ତର ନିବେଶ ଉପରେ
ଅତିରିକ୍ତ କର ଲାଭ

ଏନପିଏସ କାହିଁକି?
• ବ୍ୟକ୍ତିବିଶେଷ, କର୍ମଚାରୀ ଏବଂ ନିଯୁକ୍ତିଦାତାଙ୍କ ପାଇଁ କର ଲାଭ
• ମାର୍କେଟ ସହିତ ଲିଙ୍କ ହୋଇଥିବା ଆକର୍ଷଣୀୟ ଫେରସ୍ତ
• କମ ମୂଲ୍ୟର ଉତ୍ପାଦ
• ପେନସନ ଫଣ୍ଡ ଏବଂ ନିବେଶ ବିକଳ୍ପ ଚୟନ ସୁବିଧା

ଆୟକର ଲାଭ
• ଏନପିଏସ ଆପଣଙ୍କୁ ଧାରା 80CCD (1B) ଅଧୀନରେ ₹50,000/- ପର୍ଯ୍ୟନ୍ତର ନିବେଶ ଉପରେ ଅତିରିକ୍ତ କର ଲାଭ ପ୍ରଦାନ କରିଥାଏ। ଧାରା 80CCE ଅଧୀନରେ ₹1.50 ଲକ୍ଷ ଓ ତଦୂର୍ଦ୍ଧ୍ୱ ସୀମାର ନିବେଶ ଉପରେ ଏହି ସୁବିଧା ଉପଲବ୍ଧ।

ନ୍ୟାସନାଲ ପେନସନ ସିଷ୍ଟମ (ଏନପିଏସ) ହେଉଛି ଏକ ସ୍ୱତନ୍ତ୍ର ଦୀର୍ଘକାଳୀନ ନିବେଶ ଯୋଜନା। ଏହା ଆପଣଙ୍କର ନିୟମିତ ସଞ୍ଚୟକୁ ବୃଦ୍ଧାବସ୍ଥା ପାଇଁ ସମ୍ପତ୍ତିରେ ରୂପାନ୍ତରିତ କରିଥାଏ। ଏହା ମଧ୍ୟ ଆପଣଙ୍କୁ ଅତିରିକ୍ତ କର ଲାଭ ପ୍ରଦାନ କରିଥାଏ।

Pension है, तो tension नहीं

ଏହି ବିଷୟରେ ଅଧିକ ଜାଣିବାକୁ QR କୋଡ ସ୍କାନ କରନ୍ତୁ
ଆମକୁ ଏଠାରେ ଫଲୋ କରନ୍ତୁ
ଅଧିକ ସୂଚନା ପାଇଁ, ଦୟାକରି ୱେବସାଇଟ https://npstrust.org.in ଭିଜିଟ କରନ୍ତୁ
*ଏନପିଏସ ଅଧୀନରେ ନିବେଶ ସହିତ ବଜାର ସମ୍ପର୍କିତ ବିପଦର ଆଶଙ୍କା ଜଡ଼ିତ ହୋଇଥାଏ ଏବଂ ଆର୍ଥିକ ବଜାରର ସ୍ଥିତି ଉପରେ ନିର୍ଭର କରି ଉତ୍ଥାନ ଏବଂ ପତନର ସମ୍ଭାବନା ରହିଥାଏ।
NPS TRUST

ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି- ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର - କାରଣ ସତ୍ୟ ହିଁ ପଥପ୍ରଦର୍ଶକ। **-ଶ୍ରୀମା**

# ନିୟମକୁ ଅଣଦେଖା



## ଦିଲ୍ଲୀକା ବାବୁ

**ଦିଲୀପ ଚେରିଏନ୍**

ହ୍ୱିସିଲ୍ବ୍ଲୋୟର ତଥା ହରିୟାଣା କ୍ୟାଡର୍ ଆଇଏଏସ୍ ଅଧିକାରୀ ଅଶୋକ ଖେମ୍କାଙ୍କୁ ୫୪ ଥର ବଦଳି( ଭାରତରେ ବାବୁଙ୍କ ମଧ୍ୟରେ ସବୁଠୁ ଅଧିକ) କରାଯାଇ ଥିଲେ ମଧ୍ୟ ୩୦ ବର୍ଷ ଚାକିରି ପରେ ଏବେ ହରିୟାଣା ସରକାର ତାଙ୍କୁ ମୁଖ୍ୟ ଶାସନ ସଚିବ ଭଳି ଶୀର୍ଷ ପଦବୀକୁ ପଦୋନ୍ନତି ଦେଇଛନ୍ତି। ବ୍ୟବହାରିକ ରୂପରେ ସେ ରାଜ୍ୟରେ ପ୍ରତ୍ୟେକ ରାଜନୈତିକ ବ୍ୟବସ୍ଥା ସହ ରହି ସବୁବେଳେ ଅସୁବିଧାରେ ପଡ଼ିଛନ୍ତି ଓ ହ୍ୱିସିଲବ୍ଲୋୟର ଭାବେ ସରକାରଙ୍କୁ ଅକଳରେ ପକାଇଛନ୍ତି। ଏଭଳି ଜଣେ ଅଧିକାରୀଙ୍କୁ ସରକାର ପଦୋନ୍ନତି ଦେବା ନିଶ୍ଚିତ ଭାବେ ଏକ ଉଲ୍ଲେଖନୀୟ ଘଟଣା। କେବଳ ଖେମ୍କା ନୁହନ୍ତି, ୧୯୯୧ ବ୍ୟାଚ୍‌ର ୬ ଜଣ ଆଇଏଏସ୍ ଅଧିକାରୀଙ୍କୁ ମଧ୍ୟ ଶୀର୍ଷ ପଦବୀକୁ ପଦୋନ୍ନତି ଦିଆଯାଇଛି। ବର୍ତ୍ତମାନ ଏଭଳି ଅଧିକାରୀଙ୍କ ସଂଖ୍ୟା ୨୦ରେ ପହଞ୍ଚିଥିବା ଜଣାପଡ଼ିଛି। ଖେମ୍କାଙ୍କ ସହ ଅନ୍ୟ ଅଧିକାରୀମାନଙ୍କ ମଧ୍ୟରେ ରହିଛନ୍ତି ବିନିତ୍ ଗର୍ଗ, ଅନିଲ ମଲିକ, ଜି.ଅନୁପମା, ଏ.କେ. ସିଂ, ଶ୍ରୀକାନ୍ତ ୱାଗାଡ ଏବଂ ଅଭିଷେକ ଲିଖି। ହରିୟାଣାର ମୋଟ ନିର୍ଦ୍ଧାରିତ କ୍ୟାଡର ପଦବୀ ସଂଖ୍ୟା ୨୦୫। ଏହା ମଧ୍ୟରେ ୪୪ ପଦବୀ କେନ୍ଦ୍ର ପ୍ରତିନିଯୁକ୍ତି (ଡେପୁଟେଶନ)ପାଇଁ ଉଦ୍ଦିଷ୍ଟ। ତେବେ ରାଜ୍ୟ ଶୀର୍ଷ ପଦବୀରେ ଅଧିକ ବାବୁ ରହିବା ଘଟଣାକୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ହରିୟାଣାର ଦୃଷ୍ଟାନ୍ତ ଭିନ୍ନ ନୁହେଁ, ଏହି ଧାରା ଦେଶ ସାରା ଅଧିକ ଦେଖାଯାଇଛି। ପର୍ଯ୍ୟବେକ୍ଷକମାନେ କହୁଛନ୍ତି ଯେ,ରାଜ୍ୟ ସରକାର ଶୀର୍ଷ ପଦବୀରେ ୬ ଜଣ ଆଇଏଏସ୍ ଅଧିକାରୀରୁ ଅଧିକ ରଖି ପାରିବେ ନାହିଁ ବୋଲି ନିୟମ ଥିବାବେଳେ ଏହି ନିୟମକୁ ବିକୃତ କରାଯାଉଛି। ବିଭିନ୍ନ ରାଜ୍ୟ ସରକାର ଏହି ନିୟମକୁ ଅଣଦେଖା କରିଚାଲିଛନ୍ତି।

### ପ୍ରତିନିଯୁକ୍ତି ନିୟମରେ ପରିବର୍ତ୍ତନ

ଅଲ୍ ଇଣ୍ଡିଆ ସର୍ଭିସ ରୁଲ୍ସର ସଂଶୋଧନ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ଯେ କୌଣସି ଆଇଏଏସ୍, ଆଇପିଏସ୍ କିମ୍ବା ଆଇଏଫ୍ଏସ୍ ଅଧିକାରୀଙ୍କୁ ରାଜ୍ୟର ସହମତି ହେଉ କିମ୍ବା ବିନା ସହମତିରେ ନେବାକୁ ଅନୁମତି ଦେବ। ଏହାକୁ ନେଇ ବିରୋଧୀ ଶାସିତ ରାଜ୍ୟଗୁଡ଼ିକ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିସାରିଛନ୍ତି। ଏଥିରେ ଅଟଳ ରହିଥିବା କେନ୍ଦ୍ର ଏବେ ଡିଆଇଜି ସ୍ତରୀୟ ଆଇପିଏସ୍ ଅଧିକାରୀଙ୍କ ସେଣ୍ଟ୍ରାଲ ଡେପୁଟେଶନ ବା କେନ୍ଦ୍ରୀୟ ପ୍ରତିନିଯୁକ୍ତି ପାଇଁ ଏମ୍ପ୍ୟାନେଲମେଣ୍ଟ ରୁଲ୍‌କୁ ବନ୍ଦ କରିଛନ୍ତି। କେନ୍ଦ୍ରୀୟ ପ୍ରତିନିଯୁକ୍ତି ପାଇଁ ରାଜ୍ୟରୁ ଅଧିକ ଡିଆଇଜି ପାହ୍ୟାର ପୋଲିସ ଅଧିକାରୀମାନଙ୍କୁ ନେଇ କେନ୍ଦ୍ରୀୟ ପୋଲିସ ସଂସ୍ଥା ଓ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀଗୁଡ଼ିକରେ ଥିବା ଖାଲି ପଦବୀଗୁଡ଼ିକୁ ପୂରଣ କରିବାକୁ ସମ୍ଭବତଃ ଏହି ନିୟମ ପରିବର୍ତ୍ତନ କରାଯାଇଥିଲା। କିନ୍ତୁ ଏବକାର ସ୍ଥିତି ବାସ୍ତବରେ ଅତି ଗମ୍ଭୀର। କେନ୍ଦ୍ରରେ ଆଇପିଏସ୍ ଅଧିକାରୀମାନଙ୍କ ପାଇଁ ସଂରକ୍ଷିତ ଡିଆଇଜି ସ୍ତରୀୟ ପଦବୀଗୁଡ଼ିକର ପାଖାପାଖି ଅଧା ଖାଲି ରହିଛି। ଆଇପିଏସ୍ କ୍ୟାଡର୍ ପାଇଁ ନିର୍ଦ୍ଧାରିତ ୨୫୨ ଡିଆଇଜି ପଦବୀ ମଧ୍ୟରୁ ୧୧୮ ଟି ପୂରଣ ହୋଇନାହିଁ। ସୂତ୍ରରୁ ଜଣାପଡ଼ିଛି ଯେ, କେନ୍ଦ୍ରରେ ନିଯୁକ୍ତି ପାଇଁ ରାଜ୍ୟଗୁଡ଼ିକୁ ଏହିସବୁ ଅଧିକାରୀଙ୍କୁ ପଠାଇବାକୁ ପଡ଼ିବ। ପ୍ରାରମ୍ଭରୁ ଆଇଏଏସ୍ ଅଧିକାରୀଙ୍କ ପାଇଁ ଡେପୁଟେଶନ ନିୟମର ସଂଶୋଧନ ପ୍ରସ୍ତାବକୁ କେତେକ ରାଜ୍ୟ ଦୃଢ଼ ବିରୋଧ କରିଥିଲେ। ବର୍ତ୍ତମାନ ଡିଆଇଜି ସ୍ତରୀୟ ଅଧିକାରୀଙ୍କ ପାଇଁ ଡେପୁଟେଶନ ରୁଲ୍ ପରିବର୍ତ୍ତନ ମଧ୍ୟ ସମାନ ପ୍ରକାର ପ୍ରତିରୋଧର ସମ୍ମୁଖୀନ ହେବ।

### ରେଲ୍‌ୱେରେ ପୁନର୍ଗଠନ

ଭାରତୀୟ ରେଲ୍‌ୱେର ଦକ୍ଷତା ବୃଦ୍ଧି କରିବା ପାଇଁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବହୁ ପ୍ରତୀକ୍ଷିତ ପୁନର୍ଗଠନ କାର୍ଯ୍ୟ ଆରମ୍ଭ କରିଛନ୍ତି। ଭାରତୀୟ ରେଲ୍‌ୱେର ୮ଟି ସର୍ଭିସକୁ ଏକାଠି କରି ଗୋଟିଏ ସଂସ୍ଥା ଗଠନ କରିବାକୁ କେନ୍ଦ୍ର ସରକାର ଅନୁମତି ଦେବାର ଦୁଇବର୍ଷ ପରେ ଏବେ ବୈଷ୍ଣବ ଇଣ୍ଡିଆନ୍ ରେଲ୍‌ୱେ ମ୍ୟାନେଜ୍‌ମେଣ୍ଟ ସର୍ଭିସ (ଆଇଆର୍ଏମ୍ଏସ୍) ଗଠନ ସମ୍ପର୍କରେ ଘୋଷଣା କରିଛନ୍ତି। ଏକ କର୍ପୋରେଟ୍ ଆକାଉଣ୍ଟିଂ ସିଷ୍ଟମ ଆରମ୍ଭ କରିବା, ଯାତ୍ରୀ ଓ ମାଲ ଭଡ଼ା ନିର୍ଦ୍ଧାରଣ କରିବାକୁ ଏକ ସ୍ୱତନ୍ତ୍ର ରେଳ ନିୟାମକ ଗଠନ କରିବା ଓ ଆଉ କିଛି ସଂସ୍କାରଭିତ୍ତିକ କାର୍ଯ୍ୟ ସହ ଆଇଆର୍ଏମ୍ଏସ୍ ପ୍ରସ୍ତାବ ସ୍ଥଗିତ ରହିଥିଲା। ଆଇଆର୍ଏମ୍ଏସ୍‌ର ନିଯୁକ୍ତି ୟୁପିଏସ୍‌ସି ଓ ଅନ୍ୟ ଅଲ୍ ଇଣ୍ଡିଆ ସର୍ଭିସ ଅଫିସର୍ସ ଦ୍ୱାରା ଆୟୋଜିତ ପରୀକ୍ଷା ମାଧ୍ୟମରେ କରାଯିବ। ଏଥିରେ ପ୍ରାର୍ଥୀମାନେ ସେମାନଙ୍କ ବିଶେଷ ଅଧିକାର କ୍ଷେତ୍ର ସମ୍ପର୍କରେ ସୂଚିତ କରିବେ। ତେବେ ନୂଆ ନିଯୁକ୍ତି ନୀତି ସମ୍ପର୍କରେ ସବିଶେଷ ତଥ୍ୟ ଏଯାବତ ଆସିବାକୁ ବାକି ରହିଛି ବୋଲି କୁହାଯାଉଛି। ବର୍ତ୍ତମାନ କାର୍ଯ୍ୟରତ କ୍ଲାସ୍ ୱାନ୍ ଅଧିକାରୀମାନଙ୍କର ବରିଷ୍ଠତା, ଦରମା ଏବଂ ପଦୋନ୍ନତି କିପରି ନିର୍ଦ୍ଧାରିତ ହେବ ସେ ବିଷୟରେ କିଛି ସ୍ପଷ୍ଟ ସୂଚନା ନାହିଁ। ସେଥିପାଇଁ ବୈଷ୍ଣବ, ରେଲ୍‌ୱେ ବୋର୍ଡ ଚେୟାରମ୍ୟାନ୍ ଓ ସିଇଓ ଭି.କେ. ତ୍ରିପାଠୀ ଏବଂ ବରିଷ୍ଠ ରେଲ୍‌ୱେ ଅଧିକାରୀମାନେ ଏ ସମ୍ପର୍କରେ ପ୍ରକାଶ କରିବା ଆବଶ୍ୟକ। ଏପରି କି ରେଲ୍‌ୱେରେ ପ୍ରାଇଭେଟ୍ ସେକ୍ଟର୍‌କୁ ପ୍ରୋତ୍ସାହିତ କରିବା ଲାଗି ଚୂଡ଼ାନ୍ତ ନୀତି ବିଷୟରେ ମଧ୍ୟ ଜଣାଇବାକୁ ପଡ଼ିବ।

Email: dilipcherian@gmail.com

# ସମ୍ବିଧାନ ବଦଳାଇବାର ବିତର୍କ



**ଅନିଲ କୁମାର ବିଶ୍ୱାଳ**

କିଛି ଦିନ ତଳେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ଦେଶର ସମ୍ବିଧାନକୁ ବଦଳାଇ ଆଉ ଥରେ ସମ୍ବିଧାନ ଲେଖାଯିବା ଦରକାର ବୋଲି ଦେଇଥିବା ବୟାନକୁ ନେଇ ବିବାଦ ଆରମ୍ଭ ହୋଇଛି। କୌଣସି ଦେଶର ସମ୍ବିଧାନ ହେଉଛି ସେହି ଦେଶର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ଧର୍ମଗ୍ରନ୍ଥ ଭଳି। ଯେମିତି ଗୀତା, ଭାଗବତ, ବାଇବେଲ, କୋରାନ ଏସବୁ ହେଉଛି କୌଣସି ସମ୍ପ୍ରଦାୟର ସବୁକିଛି, ସେମିତି ସମ୍ବିଧାନ ହେଉଛି କୌଣସି ସାର୍ବଭୌମ ରାଷ୍ଟ୍ରର ମୂଳ ଭୁତ ଆଧାର। ଏହାକୁ ବଦଳାଇବା ପାଇଁ ଯଦି କିଏ କୁହେ ତାହେଲେ ସ୍ୱାଭାବିକ ଭାବରେ ବିବାଦ ହେବ ହିଁ ହେବ। ତାଙ୍କର ଏହି ଉକ୍ତିକୁ ବିଭିନ୍ନ ରାଜନୈତିକ ଦଳ କଡ଼ା ସମାଲୋଚନା କରିବା ସହିତ ଦେଶଦ୍ରୋହ ଆଇନରେ ମକଦ୍ଦମା କରିବା ପାଇଁ ଦାବି କରୁଛନ୍ତି। କେସିଆର କହିଥିଲେ, 'ମୁଁ ଦୃଢ଼ଭାବରେ ବିଶ୍ୱାସ କରେ ଯେ ଭାରତର ସମ୍ବିଧାନ ଆଉ ଥରେ ଲେଖାହେବା ଦରକାର। ଅନେକ ରାଷ୍ଟ୍ର ସେମାନଙ୍କର ଆବଶ୍ୟକତା ଅନୁସାରେ ଦେଶର ସମ୍ବିଧାନ ପରିବର୍ତ୍ତନ କରିଛନ୍ତି। ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ବିତିଗଲାଣି। ଲୋକଙ୍କର ଆଶା ପୂରଣ ହୋଇପାରୁ ନାହିଁ। ତେଣୁ ଆମକୁ ଦେଶର ସମ୍ବିଧାନରେ କିଛି ନୂତନ ବ୍ୟବସ୍ଥା କରିବାକୁ ହେବ। ଏହା ଉପରେ ବିତର୍କ ଆଲୋଚନା ହେଉ। 'ଏକଥା ସତ ଯେ ଯେଉଁଭଳି ଢଙ୍ଗରେ ଶାସନ ଚାଲୁଛି ତାହା ଲୋକଙ୍କ ସର୍ବନିମ୍ନ ଆବଶ୍ୟକତା ପୂରଣ କରିବାରେ ବିଫଳ ଭଳି ଦେଖାଯାଉଛି। ଗଣତନ୍ତ୍ରରେ ଦଳତନ୍ତ୍ର, ପରିବାରତନ୍ତ୍ର, ଅଫିସରତନ୍ତ୍ର, ପୁଞ୍ଜିପତିଙ୍କ ଭିଡ଼ ଭିତରେ ସାଧାରଣ ଲୋକଙ୍କ ଆଶା ଆକାଂକ୍ଷା ଧୂଳିସାତ ହୋଇଯାଉଛି। ତନ୍ତ୍ର ସବଳ ଆଉ ଗଣ ଦୁର୍ବଳ ହୋଇଯାଉଛନ୍ତି। ବିଚାର ବ୍ୟବସ୍ଥା ଏମିତି ଜଟିଳ ହୋଇପଡ଼ିଛି ଯେ ସାଧାରଣ ଲୋକଟିଏ ନ୍ୟାୟ ପାଇପାରୁନି ଆଉ ପ୍ରଭାବଶାଳୀ ଲୋକଟିଏ କୁକର୍ମ କରି ଖସିଯାଉଛି। ନାଗରିକର ରାଜନୈତିକ ଅଧିକାର ଭୋଟ ଖଣ୍ଡିଏରେ ସୀମିତ ହୋଇଯାଉଛି। କୌଣସି ନୀତି ନିୟମ ପ୍ରଣୟନରେ ଜନତାଙ୍କ ଭାଗୀଦାରି ରହିବାର ବ୍ୟବସ୍ଥା ନାହିଁ। ଏମିତି ଖୁଣ କାଢ଼ିଲେ ଅନେକ ଖୁଣ ଦିଶୁଛି। ତେବେ କେବଳ ଖାଲି ଯେ ଖୁଣ ଅଛି ତାହା ନୁହେଁ ବରଂ ବହୁତ କିଛି ଭଲ କଥା ମଧ୍ୟ ଅଛି ଯାହା ଏ ଦେଶକୁ ଆଜି ପର୍ଯ୍ୟନ୍ତ ଚଲାଇ ଆସିଛି।

ଗଣତାନ୍ତ୍ରିକ ବ୍ୟବସ୍ଥାରେ ଖୋଲା ବିତର୍କ ସଂସ୍କାର ପ୍ରକ୍ରିୟା ପାଇଁ ବାଟ କାଢ଼େ। ଗଣତାନ୍ତ୍ରିକ ବ୍ୟବସ୍ଥା ହେଉଛି ଏକ ପରିବର୍ତ୍ତନଶୀଳ ବ୍ୟବସ୍ଥା। ୧୦୦ବର୍ଷ ତଳେ ଗଣତନ୍ତ୍ରର ପରିଭାଷା ଯାହା ଥିଲା, ଗଣତନ୍ତ୍ର ପ୍ରତି ଲୋକଙ୍କର ଦୃଷ୍ଟିଭଙ୍ଗୀ ଯାହା ଥିଲା ସେଥିରେ ଆଜି ଅନେକ ପରିବର୍ତ୍ତନ ହୋଇସାରିଛି। ୭୦ ବର୍ଷ ତଳର ନାଗରିକମାନଙ୍କର ମୌଳିକ ଅଧିକାରର ବ୍ୟାଖ୍ୟାନ, ବିକାଶର ପରିଭାଷା, ଶାସନ ପ୍ରକିୟା ଏସବୁରେ ଆମୂଳଚୂଳ ପରିବର୍ତ୍ତନ ହୋଇସାରିଲାଣି। କେସିଆର ଯାହା କହିଛନ୍ତି ଏହା ଉପରେ ବିତର୍କ ହେଉ। ବିତର୍କ ହେଲେ ହୁଏତ ଅନେକ ସମସ୍ୟାର ସମାଧାନ ପାଇଁ ରାସ୍ତା ବାହାରିପାରେ।

୧୯୪୫-୫୦ରେ ସମଗ୍ର ବିଶ୍ୱରେ ସମାଜବାଦର ଲହର ଥିଲା। ପଣ୍ଡିତ ଜବାହରଲାଲ ନେହେରୁ ମଧ୍ୟ ସମାଜବାଦର ଦୃଢ଼ ସମର୍ଥକ ଥିଲେ। ଡ. ଭୀମରାଓ ଆମ୍ବେଡକର ସମ୍ବିଧାନ ପ୍ରଣୟନ କମିଟିର ଅଧ୍ୟକ୍ଷ ଥିଲେ। ଉଭୟ ସମାଜବାଦ ଓ ସେକୁଲାରିଜମକୁ ସମ୍ବିଧାନରେ ସାମିଲ କରିବା ପାଇଁ ତାଙ୍କ ଉପରେ ସ୍ୱାଭାବିକ ଚାପ ଥିବା ସତ୍ତ୍ୱେ ବାବାସାହେବ ସେତେବେଳେ ପ୍ରସ୍ତାବନାରେ ଏହାକୁ ସାମିଲ କରି ନ ଥିଲେ। ଆମ୍ବେଡକରଙ୍କ ମତ ଥିଲା ଆମେ କୌଣସି ମତବାଦକୁ ଭାବି ପିଢ଼ିଙ୍କ ଉପରେ ଲଦି ପାରିବା ନାହିଁ। ଏହାଦ୍ୱାରା ସେମାନଙ୍କର ସ୍ୱତନ୍ତ୍ର ଚିନ୍ତନ ପ୍ରଭାବିତ ହେବ। ଯେତେବେଳେ ବାବା ସାହେବ ଦେଶର ସମ୍ବିଧାନକୁ ନେଇ ଦେଶର ଆଗାମୀ ପିଢ଼ିକୁ ଖୋଲା ଚିନ୍ତନ ପାଇଁ ରାସ୍ତା ଛାଡ଼ିଛନ୍ତି ତାହେଲେ ଆମେ କାହିଁକି ଆଜି ଏତେ ରୂଢ଼ିବାଦୀ ହୋଇଯାଇ କହିବା ଯେ ସମ୍ବିଧାନରେ କୌଣସି ପରିବର୍ତ୍ତନ ହୋଇପାରିବ ନାହିଁ। ବିତର୍କ ହେଉ। ବାବା ସାହେବ ୧୯୫୩ରେ ରାଜ୍ୟ ସଭାରେ କହିଥିଲେ ଯେ, ଏହି ସମ୍ବିଧାନ ସମସ୍ତଙ୍କୁ ସୁହାଇଲା ଭଳି ହୋଇନାହିଁ। ସେ ଏ କଥା ମଧ୍ୟ କହିଥିଲେ, ଯଦି ମୁଁ ଏହାକୁ ତିଆରି କରିଛି ବୋଲି କହୁଛ ତାହେଲେ ମୁଁ ଏହାକୁ ଚିରିବା ପାଇଁ ପ୍ରସ୍ତୁତ ଅଛି।

ସମ୍ବିଧାନର ସମାଲୋଚନା ଦେଶରେ ଆଗରୁ ହୋଇଛି। ସମ୍ବିଧାନ ପ୍ରଣୟନ ସଭାରେ ସଦସ୍ୟ ଥିବା କର୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ କେଙ୍ଗାଲ ହନୁମନ୍ଥାଇ ସମ୍ବିଧାନରେ ଭାରତୀୟ ଭାବନା ଅପେକ୍ଷା ବିଦେଶୀ ଭାବନା ବେଶି ରହିଥିବା ପ୍ରସଙ୍ଗରେ କହିଥିଲେ ଯେ, ଆମେ ବୀଣାର ସଙ୍ଗୀତ ଶୁଣିବା ପାଇଁ ଚାହୁଁଛେ କିନ୍ତୁ ଇଂଲିଶ ବ୍ୟାଣ୍ଡ୍‌କୁ ବଜାଉଛେ। ସମ୍ବିଧାନ ପ୍ରଣୟନ ସଭାରେ ଆଲୋଚନା ବେଳେ ସେତେବେଳେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଲୋକନାଥ ମିଶ୍ର କହିଥିଲେ ଯେ, ଧାର୍ମିକ ଅଧିକାରକୁ ମୌଳିକ ଅଧିକାରର ମାନ୍ୟତା ଦିଆ ନ ଯାଉ। ସେହିପରି ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଲକ୍ଷ୍ମୀନାରାୟଣ ସାହୁ ଏହି ସମ୍ବିଧାନକୁ ଗାନ୍ଧୀଙ୍କ ଗ୍ରାମ ସ୍ୱରାଜ ଅନୁଯାୟୀ ହୋଇ ନ ଥିବାର ଅଭିଯୋଗ ଆଣିଥିଲେ।

ଭାରତର ସମ୍ବିଧାନକୁ ବିଶ୍ୱର ସବୁଠାରୁ ବୃହତ୍ ସମ୍ବିଧାନ ବୋଲି କହି ଆମେ ଗର୍ବ ଅନୁଭବ କରିପାରିବା, ହେଲେ ଏ କଥା ମଧ୍ୟ ସତ ଯେ ଏହା ଏତେ ବୃହତ୍ ଓ ଅନେକ ପ୍ରସଙ୍ଗରେ ଏତେ ପରସ୍ପର ବିରୋଧୀ ଯେ ଏହାକୁ କେହି କେହି ଓକିଲଙ୍କ ସମ୍ବିଧାନ ବୋଲି କହିଥାନ୍ତି। ଭାରତର ସମ୍ବିଧାନ ହେଉଛି ୧ ଲକ୍ଷ ୪୬ ହଜାର ଶବ୍ଦ ବିଶିଷ୍ଟ। ଯେଉଁଠି ବିଶ୍ୱର ସବୁଠାରୁ ପୁରୁଣା ଗଣତନ୍ତ୍ର ଆମେରିକାର ହେଉଛି ମାତ୍ର ୭ ହଜାର ୭୬୨ ଶବ୍ଦ ବିଶିଷ୍ଟ। ଭାଉ ସାହେବ ଦେଶମୁଖଙ୍କ ଭଳି ଲୋକମାନେ ଏହାକୁ ବ୍ରିଟିଶ ସରକାର ବନାଇଥିବା ଗଭର୍ନମେଣ୍ଟ ଆକ୍ଟ ୧୯୩୫ର ନକଲ କପି ବୋଲି କହିଛନ୍ତି। ମୋଟାମୋଟି ଭାବରେ ଆମ ସମ୍ବିଧାନରେ ବିଶ୍ୱର ଅନେକ ରାଷ୍ଟ୍ରଙ୍କର ସମ୍ବିଧାନ ସମ୍ମିଳିତ ହୋଇଛି। ଏହାକୁ କେହି କେହି ସମାଲୋଚନା କରୁଥିଲେ ବି ଏହା ସେପରି କ୍ଷତିକାରକ ନୁହେଁ। ଆମକୁ କେବଳ ଏହି ସମସ୍ତ ଆଇନର ଭାରତୀୟ ସମାଜ ପରିପ୍ରେକ୍ଷୀରେ ଭାରତୀୟକରଣ କରିବାର ଆବଶ୍ୟକତା ରହିଛି ଓ ବଦଳୁଥିବା ସମୟରେ ଭାରତୀୟ ଲୋକଙ୍କର ଆଶା ଆକାଂକ୍ଷାକୁ ଏହା କିପରି ପୂରଣ କରିବ ତାହା ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି।

ବର୍ତ୍ତମାନର ସମ୍ବିଧାନରେ କିଛି ଅତି ଦରକାର କରୁଥିବା ବିନ୍ଦୁ ଉପରେ ଚର୍ଚ୍ଚା ନ କଲେ ଆଲୋଚନା ଅଧୁରା ହୋଇଯିବ। ବର୍ତ୍ତମାନ ସମୟରେ ଗଣତନ୍ତ୍ର ପାଇଁ ଗଣମାଧ୍ୟମର ଆବଶ୍ୟକତା ଅତ୍ୟନ୍ତ ବଢ଼ିଯାଇଛି। ସାଧାରଣ ଗରିବର ଦୁଃଖ କଥା ହେଉ, ପ୍ରଭାବଶାଳୀଙ୍କ କେଳେଙ୍କାରୀ ହେଉ, ଏସବୁ ଗଣମାଧ୍ୟମ ପାଇଁ ହିଁ ଲୋକଲୋଚନକୁ ଆସୁଛି। ଗଣମାଧ୍ୟମକୁ ଯଦିଓ ଆମେ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି କହୁଛୁ ହେଲେ ଏହାର କୌଣସି ସାମ୍ବିଧାନିକ ମାନ୍ୟତା ନାହିଁ। ଗଣମାଧ୍ୟମକୁ ଅନେକ ଦେଶରେ ସାମ୍ବିଧାନିକ ମାନ୍ୟତା ମିଳିଛି। ଆମ ଦେଶରେ ସେପରି ହେବାର ଆବଶ୍ୟକତା ଅଛି କି ? ଯେଉଁଭଳି ଢଙ୍ଗରେ ଦେଶରେ ବିଭିନ୍ନ ନିର୍ବାଚନ ପରିଚାଳନା ହେଉଛି ଏହାର ସାମ୍ବିଧାନିକ ପରିବର୍ତ୍ତନ ଉପରେ ମଧ୍ୟ ବିତର୍କ କରାଯିବାର ଆବଶ୍ୟକତା ରହିଛି। ସେହିପରି ବିଚାର ବ୍ୟବସ୍ଥାରେ ଏତେ ପ୍ରକାର ଜଟିଳ ପ୍ରକ୍ରିୟା ଓ ଆଇନ ରହିଛି ଯେ ଏହା ସାଧାରଣ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବାରେ ଅସମର୍ଥ ହୋଇପଡ଼ିଛି। ଏହାକୁ ନେଇ ସୁପ୍ରିମକୋର୍ଟର ବିଚାରପତି ମାନେବି ଉଦ୍‌ବେଗ ପ୍ରକାଶ କଲେଣି। ବିଚାର ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନକୁ ନେଇ ବିତର୍କ ହେବା ଦରକାର। ରାୟ ଅପେକ୍ଷା ଜାମିନର ମହତ୍ତ୍ୱ ଅଧିକ ବଢ଼ିଯାଇଛି। ସେହିପରି ବିଚାର ପ୍ରକିୟାକୁ କେବଳ ଆପରାଧିକ ମାମଲା ଓ ସିଭିଲ ମାମଲା ଭିତରେ ସୀମିତ କରାଯାଇଛି। ଆହୁରି ଅନେକ ପ୍ରସଙ୍ଗ ଏବେବି ବିଚାର ବିଭାଗର ପରିଧି ବାହାରେ ରହିଛି। ଫ୍ରାନ୍ସରେ ଦୁଇ ପ୍ରକାରର ଅଦାଲତ ରହିଛି। ଗୋଟିଏ ହେଲା ବିଚାର ବିଭାଗୀୟ ଅଦାଲତ (ଫୌଜଦାରି ଓ ସିଭିଲ) ଆଉ ଗୋଟିଏ ହେଲା ପ୍ରଶାସନିକ ଅଦାଲତ। ପ୍ରଶାସନିକ ଅଦାଲତରେ ଲୋକମାନେ ସରକାରଙ୍କ ଅବହେଳା ବିରୋଧରେ ମକଦ୍ଦମା କରିପାରିବେ। ଭାରତରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ଦୁର୍ନୀତି, ଲୋକମାନଙ୍କୁ ସେମାନଙ୍କର ଅଧିକାର ନ ମିଳିବା ଏକ ସର୍ବଭାରତୀୟ ପ୍ରସଙ୍ଗ। ତେଣୁ ଭାରତରେ ପ୍ରଶାସନିକ ଅଦାଲତର ଆବଶ୍ୟକତା ଉପରେ ବିତର୍କ ହେବା ଜରୁରୀ।

ସମ୍ବିଧାନ ଲାଗୁ ହେବା ଦିନରୁ ରାଜ୍ୟପାଳ ପଦବୀଟି ଏକ ଆଳଙ୍କାରିକ ପଦବୀ ଭଳି ରହିଆସିଛି। କେବଳ ବିଧାନସଭା ନିର୍ବାଚନ ପରେ ରାଜ୍ୟପାଳଙ୍କର କାମ ପଡୁଛି। ସେଥିରେ ପୁଣି ଏବେ ଏତେ ଗଣ୍ଡଗୋଳ ହେଉଛି ଯେ ସୁପ୍ରିମକୋର୍ଟକୁ ମାମଲା ଯାଉଛି। ଏହାଛଡା ରାଜ୍ୟପାଳଙ୍କର ବାକି କ୍ଷମତା ସବୁ ଆଳଙ୍କାରିକ। ରାଜ୍ୟପାଳଙ୍କୁ ଯଦି ଯଥେଷ୍ଟ କ୍ଷମତା ଦିଆଯିବ ତାହେଲେ ସେଥିପାଇଁ ନିର୍ବାଚନ ବ୍ୟବସ୍ଥା ମଧ୍ୟ କରିବା ପାଇଁ ପଡ଼ିବ। ସେହିପରି ରାଜ୍ୟପାଳଙ୍କୁ ବହିଷ୍କାର କରିବାର ଅଧିକାର ମଧ୍ୟ ସେହି ରାଜ୍ୟର ଲୋକମାନଙ୍କର ରହିବା ଦରକାର। ନ ହେଲେ ଗଣତନ୍ତ୍ର ରହିଲା କେଉଁଠି ?

ଏବେର ସମ୍ବିଧାନ ସରକାରଙ୍କୁ ସର୍ବଶକ୍ତିମାନ କରିଛି, ଲୋକଙ୍କୁ ନୁହେଁ। ଲୋକଙ୍କୁ ସର୍ବଶକ୍ତିମାନ କରିବା ପାଇଁ କେବଳ ନିର୍ବାଚନ ନୁହେଁ ବରଂ ନିର୍ବାଚନ ସହିତ ଆହୁରି କିଛି ବିଧି ବ୍ୟବସ୍ଥା ଯୋଡ଼ିବାକୁ ପଡ଼ିବ। ସେହିପରି ସରକାର ବଡ଼ ନା ବ୍ୟକ୍ତି ବଡ଼ ଏହାକୁ ନେଇ ସମ୍ବିଧାନରେ ସ୍ପଷ୍ଟତା ନ ଥିବା କାରଣରୁ ବିଭିନ୍ନ ସମୟରେ ବିବାଦ ହେଉଛି। ଅବଶ୍ୟ ସୁପ୍ରିମକୋର୍ଟ ଓ ବିଭିନ୍ନ ହାଇକୋର୍ଟ ଏହା ଉପରେ ସମାଧାନର ରାସ୍ତା କାଢୁଛନ୍ତି। କିନ୍ତୁ ଏହାର ସାମ୍ବିଧାନିକ ସ୍ପଷ୍ଟତାର ଆବଶ୍ୟକତା ରହିଛି।

ଏମିତି ଅନେକ କିଛି ଅଛି ଯାହାକୁ ନେଇ ଆଲୋଚନାର ଆବଶ୍ୟକତା ରହିଛି। ବାକି ରହିଲା ସମ୍ବିଧାନ ଆଉ ଥରେ ଲେଖିବାର ଆବଶ୍ୟକତା ଅଛି କି ନାହିଁ? ଯେଉଁଠି ବାବା ସାହେବଙ୍କ ଭଳି ବିଜ୍ଞ ବ୍ୟକ୍ତିମାନେ ଏହାକୁ ଲେଖିଛନ୍ତି ଏହାକୁ ପୂରାପୂରି ନ ହଟାଇ କେବଳ ଆବଶ୍ୟକ ସଂଶୋଧନ କରିଲେ ଶ୍ରେୟସ୍କର ହେବ।

ହରିରାଜପୁର, ପୁରୀ
ମୋ- ୮୨୪୯୮୬୮୯୬୧

# ଈଶୋପନିଷଦର ପ୍ରତିପାଦ୍ୟ ସିଦ୍ଧାନ୍ତ



**ଡା. ଗୋପାଳ ଚନ୍ଦ୍ର ଦାଶ**

ଈଶୋପନିଷଦର ବିଷୟବସ୍ତୁ ସମନ୍ୱୟ ସିଦ୍ଧାନ୍ତ ଉପରେ ପର୍ଯ୍ୟବସିତ। ଏହି ଉପନିଷଦର ମୁଖ୍ୟ ଆଲୋଚ୍ୟ ବିଷୟ ହେଉଛି ସଂସାରରେ ଉପଲବ୍ଧ ସମସ୍ତ ବିନାଶଶୀଳ ପଦାର୍ଥକୁ ତ୍ୟାଗ ପୂର୍ବକ ଭୋଗ। ବ୍ୟାସ ଦେବଙ୍କ ଅନୁଶିଷ୍ୟ, ଯାଜ୍ଞବଳ୍କ୍ୟଙ୍କ ଦ୍ୱାରା ରଚିତ ଏହି ସମନ୍ୱୟବାଦୀ ଉପନିଷଦରେ ଜ୍ଞାନ-କର୍ମ, ତ୍ୟାଗ-ଭୋଗ, ବିଦ୍ୟା-ଅବିଦ୍ୟା, ବସ୍ତୁବାଦ-ଅଧ୍ୟାତ୍ମବାଦ, ସୃଜନ-ବିନାଶ ତଥା ଏକେଶ୍ୱର ଓ ବହୁ ଈଶ୍ୱରବାଦ ମଧ୍ୟରେ ସନ୍ତୁଳନ ରକ୍ଷାକରି ସଫଳ ଜୀବନଯାପନ ପାଇଁ ଉପଦେଶ ଦିଆଯାଇଛି। ଏହି ଉପନିଷଦ ଶୁକ୍ଳ ଯଜୁର୍ବେଦ କାଣ୍ୱ ଶାଖାର ୪୦ତମ ଅଧ୍ୟାୟରୁ ସୃଷ୍ଟି। ଏହାର ମନ୍ତ୍ର ସଂଖ୍ୟା ୧୮ ଓ ଶ୍ରୀମଦ୍ ଭଗବଦ୍‌ଗୀତାର ୧୮ ଅଧ୍ୟାୟ ପରି ପ୍ରତି ମନ୍ତ୍ର ମହତ୍ତ୍ୱପୂର୍ଣ୍ଣ। ଶୃଙ୍ଖଳା ଦୃଷ୍ଟିରୁ ସମସ୍ତ ଉପନିଷଦ ମଧ୍ୟରେ ଏହାର ସ୍ଥାନ ପ୍ରଥମ। ବେଦର ତ୍ରୟ ସିଦ୍ଧାନ୍ତ ଯଥା ଈଶ୍ୱର, ଜୀବ, ପ୍ରକୃତି ତଥା ଜ୍ଞାନ, କର୍ମ ଓ ଉପାସନା ସମ୍ବନ୍ଧରେ ଏହି ଉପନିଷଦରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି। ଏହି ଉପନିଷଦର ୧୮ ଗୋଟି ମନ୍ତ୍ର ଦ୍ୱାରା କ୍ରମାନୁସାରେ ତ୍ୟାଗପୂର୍ବକ ଭୋଗ, ନିଷ୍କାମ କର୍ମ, ଅନୁଶାସନ ଉଲ୍ଲଂଘନର ଦୁଷ୍ପରିଣାମ, ବ୍ରହ୍ମଙ୍କର ସ୍ୱରୂପ, ବ୍ରହ୍ମ ଅନୁଭୂତି କରିଥିବା ବ୍ୟକ୍ତିର ଲକ୍ଷଣ, ବିଦ୍ୟା-ଅବିଦ୍ୟା ଓ ସୃଜନ-ବିନାଶ ମଧ୍ୟରେ ସନ୍ତୁଳନର ସୂତ୍ର, ପରମାତ୍ମାଙ୍କଠାରେ ନିଜର ସ୍ୱରୂପବୋଧ ତଥା ଶରୀରର ନଶ୍ୱରତା ଉପଲବ୍ଧି କରି ଜୀବନକୁ ଶ୍ରେଷ୍ଠ ମାର୍ଗରେ ଆଗେଇ ନେବାପାଇଁ ଈଶ୍ୱରଙ୍କଠାରେ ପ୍ରାର୍ଥନା ଆଦି ବିଷୟ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି।

ସମଗ୍ର ମାନବ ଜାତିକୁ ସମ୍ବୋଧନ କରି ଉପନିଷଦକାର କହିଛନ୍ତି ଯେ, ସମଗ୍ର ଦୃଶ୍ୟମାନ ଜଗତ ତଥା ମାନବ ଶରୀର ଈଶ୍ୱରଙ୍କର ଆବାସ ସ୍ଥାନ। ତେଣୁ ଜୀବନ ରୂପକ ସମ୍ପଦ ତଥା ଈଶ୍ୱରଙ୍କ ସୃଷ୍ଟିରେ ଉପଲବ୍ଧ ସମସ୍ତ ସାଧନକୁ ତ୍ୟାଗପୂର୍ବକ ଭୋଗ କର। ସର୍ବଦା ନିଷ୍କାମ କର୍ମ ସମ୍ପାଦନ କର, ଯାହା ତୁମକୁ କର୍ମ ବନ୍ଧନରୁ ମୁକ୍ତ କରି ଦୀର୍ଘାୟୁ ଜୀବନ ପ୍ରଦାନ କରିବ। ସଦ୍‌ଜ୍ଞାନ ଓ ନିଷ୍କାମ କର୍ମର ପ୍ରତିକୂଳ ଆଚରଣ କରୁଥିବା ବ୍ୟକ୍ତି ଆନନ୍ଦ ରହିତ ହୋଇ ଅନ୍ଧକାରପୂର୍ଣ୍ଣ ଜୀବନଯାପନ କରିଥାଏ। ମନୁଷ୍ୟର ବ୍ରହ୍ମ ଅନୁଭୂତି ହେଲେ ମୋହ ଓ ଶୋକ ଦୂରୀଭୂତ ହୋଇଯାଇଥାଏ। ପରମାତ୍ମା ସର୍ବବ୍ୟାପୀ, ତେଜସ୍ୱୀ, ବିଦେହ, ଅତୀନ୍ଦ୍ରିୟ, ପୂର୍ଣ୍ଣ, ଶୁଦ୍ଧ, ନିଷ୍ପାପ, କ୍ରାନ୍ତଦର୍ଶୀ, ମନୀଷୀ, ସର୍ବଜୟୀ ଓ ସ୍ୱୟଂଭୂ। ସେ ଆତ୍ମା ଭାବରେ ଶରୀରରେ ଓ ବ୍ରହ୍ମ ଭାବରେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡରେ ପରିବ୍ୟାପ୍ତ। ସେଥିପାଇଁ ସେ ଦୂରଠାରୁ ଦୂର ଓ ନିକଟରୁ ନିକଟତର । ସେ ମନଠାରୁ ଅଧିକ ଗତିଶୀଳ ପରି ବୋଧ ହେଉଥିଲେ ମଧ୍ୟ ପ୍ରକୃତରେ ସେ ସ୍ଥିର। ସେ ଉଭୟ ଜଡ଼ ଓ ଚେତନ ପଦାର୍ଥ ମଧ୍ୟରେ ବିଦ୍ୟମାନ। ଯେଉଁ ବ୍ୟକ୍ତି ଈଶ୍ୱରଙ୍କର ଏହିପରି ସତ୍ତାକୁ ଉପଲବ୍ଧି କରିଥାଏ ସେ କଦାପି ଭ୍ରମିତ ହୋଇ ନ ଥାଏ। ଆତ୍ମଜ୍ଞାନ ପ୍ରାପ୍ତ ହେଲେ ବ୍ୟକ୍ତି ସମସ୍ତ ଜୀବଠାରେ ଐଶ୍ୱରୀୟ ସତ୍ତା ଅନୁଭବ କରିଥାଏ। ସେଥିପାଇଁ ସେ ମୋହ ଓ ଶୋକଠାରୁ ଊର୍ଦ୍ଧ୍ୱରେ ଅବସ୍ଥାନ କରିଥାଏ। ମନୁଷ୍ୟ ଅବିଦ୍ୟା ଓ ବିଦ୍ୟାକୁ ଏକ ସଙ୍ଗରେ ଜାଣିପାରିଲେ ଅବିଦ୍ୟା ଦ୍ୱାରା ମୃତ୍ୟୁକୁ ପାର କରି ବିଦ୍ୟା ଦ୍ୱାରା ଅମରତ୍ୱ ପ୍ରାପ୍ତ ହୁଏ। ଏହାର ଅର୍ଥ ଅପରା ବିଦ୍ୟା ସଂସାର ଜଞ୍ଜାଳରୁ ମୁକ୍ତ କରେ, ମାତ୍ର ପରାବିଦ୍ୟା ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତ କରି ମୋକ୍ଷ ପ୍ରଦାନ କରିଥାଏ। ଅସମ୍ଭୂତି ଓ ସମ୍ଭୂତି ଉଭୟକୁ ସାଧନ ଭାବରେ ବ୍ୟବହାର କଲେ ମନୁଷ୍ୟ ମୃତ୍ୟୁକୁ ପାର କରି ଅମରତ୍ୱ ପ୍ରାପ୍ତ ହୁଏ। ଅସଂଭୂତି ବା ବିନାଶ କଳାର ଉପାସନା ଦ୍ୱାରା ଇନ୍ଦ୍ରିୟ ଭୋଗ ପରି ଅନିଷ୍ଟକାରୀ ସାଧନଗୁଡ଼ିକ ନଷ୍ଟ ହୋଇଯାଏ, ଯାହାଦ୍ୱାରା ମୃତ୍ୟୁରୁ ମୁକ୍ତି ମିଳିଥାଏ। ମାତ୍ର ସମ୍ଭୂତି ବା ସୃଜନ କଳାର ଉପାସନା ଦ୍ୱାରା ସକାରାତ୍ମକ ନିଷ୍କାମ କର୍ମ ସମ୍ପାଦନ ହୁଏ, ଯାହାଦ୍ୱାରା ବ୍ୟକ୍ତି ମୃତ୍ୟୁ ପରେ ମଧ୍ୟ ଅମର ରହେ। ଗୋଟିଏ ବ୍ୟକ୍ତିଗତ ଉନ୍ନତିର ମାର୍ଗ ହୋଇଥିବା ବେଳେ ଅନ୍ୟଟି ସାମୂହିକ ଉନ୍ନତିର ପଥ ।

ଅଜ୍ଞାନତା ଓ ଭୋଗ୍ୟ ବସ୍ତୁର ମୋହ ବା ଆବରଣ ଦ୍ୱାରା ଈଶ୍ୱର ଉପଲବ୍ଧି ହୋଇପାରି ନ ଥାଏ। (ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପିହିତଂ ମୁଖମ୍)। ତେଣୁ ସତ୍ୟବୋଧ ପାଇଁ ଆତ୍ମ ଅବଲୋକନ କରୁଥିବା ବ୍ୟକ୍ତି ଏହିପରି ମୋହିତ ବସ୍ତୁରୁ ନିବୃତ୍ତ ରହିବା ଦରକାର। ଅଜ୍ଞାନର ଅନାବରଣ ହେଲେ ବ୍ୟକ୍ତି ନିଜ ମଧ୍ୟରେ ବ୍ରହ୍ମ ଦର୍ଶନ କରିଥାଏ। ଆତ୍ମା ଅମର, ମାତ୍ର ଶରୀର ମରଣଶୀଳ। ସେଥିପାଇଁ ହେ ଶରୀରଧାରୀ ମାନବ ସର୍ବଦା ପରମାତ୍ମାଙ୍କୁ ସ୍ମରଣ କର, ନିଜର ସାମର୍ଥ୍ୟ ଓ କୃତ କର୍ମକୁ ସ୍ମରଣ କର। ଈଶ୍ୱର ଉପାସନା ଓ ଆତ୍ମାବଲୋକନ ମନୁଷ୍ୟକୁ ଆଗକୁ ବଢ଼ିବାରେ ସହାୟକ ହେବ। ଅନ୍ତିମରେ ସର୍ବଶକ୍ତିମାନ ପରମାତ୍ମାଙ୍କୁ ବିନୟର ସହ ଭୂମିଷ୍ଟ ହୋଇ ପ୍ରଣାମ କରିବା ସହିତ କୁଟିଳ ପାପ କର୍ମରୁ ନିବୃତ୍ତ ରହି ଶ୍ରେଷ୍ଠ ଓ ଐଶ୍ୱର୍ଯ୍ୟ ଦିଗରେ ମାର୍ଗ ଦର୍ଶନ ପାଇଁ ସର୍ବଦା ଈଶ୍ୱରଙ୍କୁ ପ୍ରାର୍ଥନା କରିବା ଲାଗି ଉପଦେଶ ଦିଆଯାଇଛି।

ମୋ: ୭୮୪୮୮୫୦୯୫୦

## ଏଇ ଭାରତରେ

୨୦୦ ବର୍ଷ ଧରି ଯାଯାବର ଜୀବନ ବିତାଉଥିବା ଗଡ଼ିଆ ଲୋହାର ସମ୍ପ୍ରଦାୟର ଲୋକଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ସକାଶେ ଦୀପା ପାୱାରଙ୍କ ପ୍ରୟାସ ପ୍ରଶଂସନୀୟ। ୩୩ ବର୍ଷୀୟା ଦୀପା ମଧ୍ୟ ଏହି ସମ୍ପ୍ରଦାୟର ଝିଅ। ସେ ୨୦୧୫ରେ 'ଅନୁଭୂତି' ଟ୍ରଷ୍ଟ ଗଠନ କରି ତା' ମାଧ୍ୟମରେ ଏହି ଲୋକଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ସମ୍ପର୍କରେ ସଚେତନ କରୁଛନ୍ତି। ଗଡ଼ିଆ ଲୋହାରମାନଙ୍କୁ ଅପରାଧୀ ବର୍ଗ ଭାବେ ଗଣାଯାଉଥିଲା। ଏହାକୁ ନେଇ ସେମାନେ ମାନସିକ ସ୍ତରରେ ଦୁର୍ବଳ ରହୁଥିଲେ। ଦୀପା ଏହାର ଇତିହାସ ଜାଣିବା ପରେ ସେମାନଙ୍କ ପାଇଁ ନୂଆ ପରିଚୟ ସୃଷ୍ଟି କରିବାର ସଙ୍କଳ୍ପ ନେଇ ମହାରାଷ୍ଟ୍ରର ୧୫ଟି ଜିଲାରେ ଏହି ଅଭିଯାନ ଚଳାଇଛନ୍ତି। ସେମାନଙ୍କ ପାଇଁ ଘର ଓ ଶିକ୍ଷା ଯୋଗାଇ ଦେଉଛନ୍ତି। ସେମାନେ ରହୁଥିବା ଅଞ୍ଚଳର ନେତା ଓ ପ୍ରଶାସନ ସହ ଯୋଗାଯୋଗ କରି ସେମାନଙ୍କ ସାମାଜିକ ସମସ୍ୟା ଦୂର କରୁଛନ୍ତି। କେବଳ ଏତିକି ନୁହେଁ, ଦୀପା ଓ ତାଙ୍କ ଟିମ୍ 'ହମ୍ ସମ୍ବିଧାନୀ' ସାକ୍ଷରତା ଅଭିଯାନ ଚଳାଇ ଜାତି ବିଦ୍ୱେଷ, ଗରିବିର ଶିକାର ହେଉଥିବା ଏହି ସମ୍ପ୍ରଦାୟର ଯୁବତୀଯୁବକମାନଙ୍କୁ ସଶକ୍ତ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୨ ମାର୍ଚ୍ଚ ୧୯୯୭**

- ଚୀନ୍‌ର କେନ୍ଦ୍ରୀୟ ହେନାନ ପ୍ରଦେଶରେ ଏକ ଘରୋଇ ମାଲିକାନାରେ ପରିଚାଳିତ କୋଇଲା ଖଣିରେ ବିସ୍ଫୋରଣ ଘଟି ୮୬ ଶ୍ରମିକଙ୍କ ମୃତ୍ୟୁ।
- ହିମାଚଳ ପ୍ରଦେଶର ଚାମ୍ବା ଜିଲା ଚୁନ୍ଧିଆରା ନିକଟରେ ଏକ ଘରୋଇ ବସ୍ ରାସ୍ତା ପାର୍ଶ୍ୱକୁ ଖସିପଡ଼ିବାରୁ ୧୩ ଯାତ୍ରୀ ମୃତ।
- କଶ୍ମୀରର ଖ୍ୟାତନାମା କବି, ଚିତ୍ରଶିଳ୍ପୀ ଗୁଲାମ ରସୁଲଙ୍କ ୬୮ ବର୍ଷ ବୟସରେ ପରଲୋକ।

## ସୁ-ଡୋ-କୁ

sudoku Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 1 | 8 | | | | | |
| | 7 | 2 | | | | | | |
| 9 | | | | 4 | 5 | | | |
| | | 8 | | | 3 | 2 | | 5 |
| | 1 | | 7 | 9 | | | | |
| 3 | | | | | | | 9 | 1 |
| | | | | | | | | 7 |
| | 5 | | 9 | 8 | | 1 | | 4 |
| | 8 | | 5 | 6 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 6 | 8 | 5 | 2 | 3 | 1 | 4 |
| 2 | 8 | 4 | 1 | 3 | 9 | 6 | 7 | 5 |
| 5 | 3 | 1 | 6 | 7 | 4 | 8 | 9 | 2 |
| 8 | 7 | 5 | 9 | 4 | 6 | 1 | 2 | 3 |
| 6 | 4 | 9 | 2 | 1 | 3 | 5 | 8 | 7 |
| 1 | 2 | 3 | 7 | 8 | 5 | 4 | 6 | 9 |
| 3 | 1 | 2 | 5 | 9 | 8 | 7 | 4 | 6 |
| 9 | 5 | 8 | 4 | 6 | 7 | 2 | 3 | 1 |
| 4 | 6 | 7 | 3 | 2 | 1 | 9 | 5 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ତୁରନ୍ତ ଶାସ୍ତି ଦିଆଯାଉ

ମହାଶୟ,

ପ୍ରଶାସନିକ ଅଧିକାରୀ ଏବଂ ପୋଲିସ ଅଧିକାରୀମାନେ ସରକାରଙ୍କର ଆଖି, କାନ, ନାକ ଭଳି କାମ କରିଥାନ୍ତି। ସମାଜକୁ ଶୃଙ୍ଖଳିତ ଭାବରେ ଚଳାଇବା ସେମାନଙ୍କର କାମ। ସରକାରଙ୍କର ସେମାନେ ବିଶ୍ୱସ୍ତ ଅଧିକାରୀ ଏବଂ ସରକାର ସେମାନଙ୍କୁ ଗେଜେଟେଡ ଅଫିସର ବୋଲି ମାନ୍ୟତା ଦେଇଥାନ୍ତି। ସେମାନେ ଫାଇଲରେ ଯାହା ଲେଖି ଦିଅନ୍ତି, ତାହା ବେଦରେ ଗାର ପଡ଼ିଲା ଭଳି ଆଇନରେ ଗାର ପଡ଼ିଯାଏ। ସେମାନେ ଯଦି ସ୍ୱଚ୍ଛ ନ ହେବେ ସମାଜ ହାଃ ହୁତାଶମୟ ହୋଇଯିବ। ବର୍ତ୍ତମାନ ଯାହା ଦେଖାଯାଉଛି ସେହିମାନେ ହିଁ ସରକାରୀ କ୍ଷମତାକୁ ଆୟୁଧ କରି, ଦୁର୍ନୀତିଗ୍ରସ୍ତ ହୋଇ କୋଟି କୋଟି ଟଙ୍କା ଓ ଧନ ସମ୍ପତ୍ତିର ମାଲିକ ହୋଇଯାଉଛନ୍ତି। ଅସାଧୁ ଲୋକଙ୍କ ସହିତ ସମ୍ପର୍କ ରଖି ସେମାନଙ୍କ ସାମ୍ରାଜ୍ୟକୁ ସମ୍ପ୍ରସାରିତ କରିଥିବେ ଏବଂ ଅନେକ ନିରୀହ ଲୋକଙ୍କୁ ଲୁଣ୍ଠନ କରିଥିବେ। ତେଣୁ ସେମାନେ ଯଦି ଭିଜିଲାନ୍ସ ବିଭାଗ ଦ୍ୱାରା ଧରା ହେଉଛନ୍ତି ତୁରନ୍ତ ସେମାନଙ୍କୁ ଶାସ୍ତି ଦିଆଯାଉ। ଫଳରେ ଅନ୍ୟ ଅଧିକାରୀମାନଙ୍କ ମନରେ ଭୟଜାତ ହେବ ଏବଂ ସେମାନେ ଅସାଧୁ ଉପାୟରେ ଅର୍ଥ ଉପାର୍ଜନ କରିବା ପୂର୍ବରୁ ଅନେକଥର ଚିନ୍ତା କରିବେ। ଯେଉଁମାନଙ୍କୁ ହାଃ ହୁତାଶ କରି ସିଏ ଅଚଳାଚଳ ସମ୍ପତ୍ତିର ମାଲିକ ହେଉଛନ୍ତି ସେହି ଲୋକମାନେ ତାଙ୍କର ଅର୍ଥ ସମ୍ପତ୍ତି ଫେରି ନ ପାଇଲେ ମଧ୍ୟ ଆଶ୍ୱସ୍ତି ଲାଭ କରିବେ।

**-ଅକ୍ଷୟ ମହାନ୍ତି, ନିର୍ମାଲ୍ୟ ଏନ୍‌କ୍ଲେଭ, ମହୁରା, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆସ ତୁମେ ଆସ ପାଶେ,
ଗଭୀର ନୀରବତାରେ
ପରଶ ଏ କ୍ଷୁବ୍ଧ ମୋର ତନୁ,
ଶୀତଳ ବିଦ୍ୟୁତ୍ ସମ
ସେ ପରଶ ଲାଗି ମମ
ପୁଞ୍ଜାଭ ବିଷାଦଚ୍ଛାୟା ମନୁ।
-(ଆଶ୍ଳେଷ ସ୍ୱର୍ଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ମୋଷ୍ଟ ୱାଣ୍ଟେଡ୍ ମାଓବାଦୀ ରିତେଶ ମୃତ**

ମାଲକାନଗିରି, (ଡି.ଏନ୍.ଏ.): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲାର କଇକା ଏବଂ ମଉସଲା ଜଙ୍ଗଲରେ ସୁରକ୍ଷା କର୍ମୀ ଏବଂ ମାଓବାଦୀ ମଧ୍ୟରେ ଗୁଳି ବିନିମୟ ବେଳେ ଶୁକ୍ରବାର ମୋଷ୍ଟ ୱାଣ୍ଟେଡ୍ ମାଓବାଦୀ ରିତେଶ ପୁଣେମରଙ୍କ ମୃତ୍ୟୁ ହୋଇଛି। ଏଥିରେ କେରିପୁର ୨୨୨ ସିଆରପିଏଫ୍ ବାଟାଲିୟନର ଯବାନ ରାମଲୁ ହେମଲା ଗୁରୁତର ହୋଇଛନ୍ତି। ମୃତ ରିତେଶ ମାଓବାଦୀ ନ୍ୟାଶନାଲ ପାର୍କ ଏରିଆ କମିଟି ସଦସ୍ୟ ତଥା ଡେପୁଟି କମାଣ୍ଡର ଥିଲେ। ସକାଳେ କଇକା ଏବଂ ମଉସଲା ଜଙ୍ଗଲରେ ମାଓ ଦମନ ନିମନ୍ତେ ଡିଆରଜି ଏବଂ କେରିପୁରସ୍ଥିତ ୨୨୨ ସିଆରପିଏଫ୍ ବାଟାଲିୟନର ଯବାନଙ୍କ ପକ୍ଷରୁ ମିଳିତ ଅପରେଶନବେଳେ ଉଭୟ ପକ୍ଷ ମଧ୍ୟରେ ଗୁଳିଚାଳନା ହୋଇଥିଲା।

## ସଂକ୍ଷେପରେ

### ଆଜି ବ୍ଲକ୍ ଅଧ୍ୟକ୍ଷ ପଦ ପାଇଁ ଭୋଟ

ଭୁବନେଶ୍ୱର,୧୧।୩(ବ୍ୟୁରୋ): ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାରେ ପରୋକ୍ଷ ନିର୍ବାଚନ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ଅନେକ ସ୍ଥାନରେ ନାଏବ ସରପଞ୍ଚ ନିର୍ବାଚନ ନେଇ ବିଶୃଙ୍ଖଳା ଦେଖାଦେଇଥିବା ବେଳେ ଅଧିକାଂଶ ସ୍ଥାନରେ ନାଏବ ସରପଞ୍ଚ ବଛା ସରିଛି। ଅନ୍ୟପକ୍ଷରେ ଶନିବାର ପଞ୍ଚାୟତ ସମିତି ଅଧ୍ୟକ୍ଷ ବା ବ୍ଲକ୍ ଅଧ୍ୟକ୍ଷ ନିର୍ବାଚନ ହେବ। ବ୍ଲକ୍ ଦଖଲ କରିବାକୁ ସମସ୍ତ ରାଜନୈତିକ ଦଳ ଜୋରଦାର କସରତ ଚଳାଇଛନ୍ତି। ସମୁଦାୟ ୩୧୪ ବ୍ଲକ୍‌ରୁ କିଏ କେତେ ବ୍ଲକ୍ ହାତେଇବାରେ ସକ୍ଷମ ହେଉଛି ତା' ଉପରେ ନଜର ରହିଛି। ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟର ସମସ୍ତ ପଞ୍ଚାୟତ ସମିତିର ଅଧ୍ୟକ୍ଷ ପଦବୀ ନିମନ୍ତେ ଶନିବାର ପରୋକ୍ଷ ନିର୍ବାଚନ ଅନୁଷ୍ଠିତ ହେବ। ଉପାଧ୍ୟକ୍ଷ ପଦବୀ ନିମନ୍ତେ ଆସନ୍ତା ୨୩ ତାରିଖରେ ନିର୍ବାଚନ ହେବ। ନିର୍ବାଚନ ନିମନ୍ତେ ନିଯୁକ୍ତ ହୋଇଥିବା ନିର୍ବାଚନ ଅଧିକାରୀମାନେ ପୂର୍ବାହ୍ନ ୧୦ଟା ୩୦ମିରୁ ୧୧ଟା ୩୦ମିନିଟ୍ ପର୍ଯ୍ୟନ୍ତ ପ୍ରାର୍ଥୀଙ୍କୁ ନାମାଙ୍କନ ପତ୍ର ଦେଇ ପୁନର୍ବାର ଗ୍ରହଣ କରିବେ ଓ ୧୧ଟା ୩୦ମିରୁ ୧୨ଟା ୩୦ମି. ମଧ୍ୟରେ ନାମାଙ୍କନ ପତ୍ରଗୁଡ଼ିକର ଯାଞ୍ଚ କରାଯିବ ଏବଂ ଅପରାହ୍ନ୧ଟା ପୂର୍ବରୁ ପ୍ରାର୍ଥୀମାନେ ଚାହିଁଲେ ନାମାଙ୍କନପତ୍ର ପ୍ରତ୍ୟାହାର କରିପାରିବେ। ଅପରାହ୍ନ ୧ଟା ୩୦ମିରୁ ୪ଟା ମଧ୍ୟରେ ଭୋଟ ଗ୍ରହଣ କରାଯିବ। ଏହାପରେ ଭୋଟ୍‌ଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ।

### ଡିଏଲ୍ ଇସ୍ୟୁ ପାଇଁ ଅନ୍‌ଲାଇନ ମେଡିକାଲ ସାର୍ଟିଫିକେଟ ଗ୍ରହଣ କରିବେ ଆର୍‌ଟିଓ

ଭୁବନେଶ୍ୱର,୧୧।୩: ଡ୍ରାଇଭିଂ ଲାଇସେନ୍ସ (ଡିଏଲ୍) ପାଇଁ ଆବେଦନ କରୁଥିବା ବ୍ୟକ୍ତିଙ୍କ ଠାରୁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ଗୁଡ଼ିକ ଏଣିକି ଆଉ ସିଧାସଳଖ ମେଡିକାଲ ସାର୍ଟିଫିକେଟ ଗ୍ରହଣ କରିବେ ନାହିଁ। ମେଡିକାଲ ସାର୍ଟିଫିକେଟ ଅନ୍‌ଲାଇନରେ ଦାଖଲ ହେବ। ଡିଏଲ୍ ପାଇଁ ଆବେଦନ କରିବାକୁ ଯାଉଥିବା ୪୦ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି କିମ୍ବା ଲାଇସେନ୍ସର ନବୀକରଣ ଚାହୁଁଥିବା ବ୍ୟକ୍ତି ମୋଟର ଯାନ ଆଇନ ଅନୁଯାୟୀ ଫର୍ମ ୧ (ଏ)ରେ ମେଡିକାଲ ସାର୍ଟିଫିକେଟ ଦାଖଲ କରିବା ବାଧ୍ୟତାମୂଳକ। ରାଜ୍ୟ ପରିବହନ କର୍ତ୍ତୃପକ୍ଷ (ଏସ୍‌ଟିଏ)ଙ୍କ ଅନୁଯାୟୀ ଓଡ଼ିଶା ସରକାରଙ୍କ ୫ଟି ନୀତିରେ ମେଡିକାଲ ସାର୍ଟିଫିକେଟ ଅନ୍‌ଲାଇନରେ ଦାଖଲ କରାଯାଇପାରିବ। ଲାଇସେନ୍ସ ପାଇବାରେ ଏହା ସହଜ ହେବା ସହ ଆର୍‌ଟିଓ ଅଫିସକୁ ଅଯଥା ଦୌଡ଼ିବାକୁ ପଡ଼ିବ ନାହିଁ। ସାରଥି ପୋର୍ଟାଲରେ ଆବଶ୍ୟକ ସୁବିଧା ପ୍ରଦାନ କରାଯାଇଥିବା ଏସ୍‌ଟିଏ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ଉକ୍ତ ପୋର୍ଟାଲରେ ଡାକ୍ତର ସିଧାସଳଖ ମେଡିକାଲ ସାର୍ଟିଫିକେଟ ଇସ୍ୟୁ କରିପାରିବେ। ଏଥିପାଇଁ ସେମାନଙ୍କୁ ଆଇଡି ଏବଂ ପାସ୍‌ୱାର୍ଡ ଯୋଗାଇଦିଆଯିବ। ସେମାନେ ସାରଥି ପୋର୍ଟାଲରେ ଆବେଦନକାରୀଙ୍କ ସାର୍ଟିଫିକେଟ ଅପ୍‌ଲୋଡ୍ କରିବେ। ଫଳରେ ସାର୍ଟିଫିକେଟରେ ଜାଲିଆତି ହୋଇପାରିବ ନାହିଁ।

# ପାକିସ୍ତାନରେ ଖସିଲା ଭାରତର ମିଶାଇଲ



## ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୧।୩

ଭାରତ ଜାଣିଶୁଣି ପାକିସ୍ତାନକୁ ମିଶାଇଲ ଛାଡ଼ିଥିବା ଇସ୍‌ଲାମାବାଦର ଅଭିଯୋଗକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଖଣ୍ଡନ କରିଛି। ଦୁର୍ଘଟଣାବଶତଃ ମିଶାଇଲ ସୀମାଠାରୁ ୧୪୨ କି.ମି ଅତିକ୍ରମ କରି ପାକିସ୍ତାନରେ ପଡ଼ିଥିଲା। ଉକ୍ତ ଘଟଣା ପାଇଁ ଭାରତ ଦୁଃଖ ପ୍ରକାଶ କରିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛି। ମାର୍ଚ୍ଚ ୯ରେ ସେନାର ରୋଟିନ୍ ମେଣ୍ଟେନାନ୍ସ ଚାଲିଥିବାବେଳେ ଯାନ୍ତ୍ରିକ ତ୍ରୁଟି କାରଣରୁ ମିଶାଇଲ୍ ପାକିସ୍ତାନର ପଞ୍ଜାବପ୍ରଦେଶରେ ପଡ଼ିଥିଲା। ଏଥିରେ କୌଣସି ପ୍ରକାର କ୍ଷତି କି ଜୀବନହାନି ହୋଇ ନ ଥିବା ମନ୍ତ୍ରଣାଳୟ କହିଛି।

ପାକିସ୍ତାନ ଭାରତୀୟ ଦୂତାବାସକୁ ସମନ ଜାରି କରି ଘଟଣାର ତଦନ୍ତ ଦାବି କରିଥିଲା। ଭାରତୀୟ ପ୍ରତିରକ୍ଷା ବ୍ୟାପାର ଦାୟିତ୍ୱରେ ଥିବା ଏମ୍. ସୁରେଶ କୁମାର ଗୁରୁବାର ରାତିରେ ଏ ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ସୁରତଗଡ଼ରୁ ଗୁରୁବାର ସନ୍ଧ୍ୟା ୬ଟା ୪୩ରେ ଦୁର୍ଘଟଣାବଶତଃ ସୁପରସୋନିକ୍ ଫ୍ଲାଇଙ୍ଗ୍ ଅବ୍‌ଜେକ୍ଟ ପାକିସ୍ତାନକୁ ଚାଲିଯାଇଥିଲା। ଏହା ପାକିସ୍ତାନ ଖାନେୱାଲ ଜିଲା ମେନ୍ ଚାନୁରେ ଖସିଥିଲା। ଉଭୟ ଦେଶର ସାମରିକ ମହାନିର୍ଦ୍ଦେଶକ ଏ ନେଇ ଆଲୋଚନା କରିସାରିଛନ୍ତି। ମିଶାଇଲଟି ବାୟୁମଣ୍ଡଳରେ ୭୦ରୁ ୮୦ ଫୁଟ ଅତିକ୍ରମ କରିବା ପରେ ହଠାତ୍ ଦିଗ ପରିବର୍ତ୍ତନ କରିଥିଲା ବୋଲି ସୁରେଶ କହିଛନ୍ତି।

# ହୃଷୀକେଶ ପାଇଲେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର



କବି ଡ. ହୃଷୀକେଶ ମଲ୍ଲିକ ଶୁକ୍ରବାର କେନ୍ଦ୍ର ସାହିତ୍ୟ ଏକାଡେମୀ ସଭାପତି ଚନ୍ଦ୍ରଶେଖର କମ୍ବରଙ୍କଠାରୁ ୨୦୨୧ ମସିହାର କେନ୍ଦ୍ର ସାହିତ୍ୟ ଏକାଡେମୀ ସମ୍ମାନ ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର,୧୧।୩(ବ୍ୟୁରୋ)

କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର-୨୦୨୧ ଶୁକ୍ରବାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀର କମାନୀ ପ୍ରେକ୍ଷାଳୟରେ ଆୟୋଜିତ ଉତ୍ସବରେ ଏକାଡେମୀ ସଭାପତି ଚନ୍ଦ୍ରଶେଖର କମ୍ବର ଦେଶର ୨୪ଟି ଭାଷାର ପୁରସ୍କୃତ ଲେଖକଙ୍କୁ ପୁଷ୍ପଗୁଚ୍ଛ, ଅଙ୍ଗବସ୍ତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିରେ ଓଡ଼ିଶାର ଦୁଇଜଣ ପୁରସ୍କୃତ ହୋଇଛନ୍ତି। କବି ଡ. ହୃଷୀକେଶ ମଲ୍ଲିକ ତାଙ୍କର କବିତା ପୁସ୍ତକ 'ସରିଯାଇଥିବା ଅପେରା' ଏବଂ ସାନ୍ତାଳୀ ଲେଖକ ନିରଞ୍ଜନ ହାଁସଦା ପୁରସ୍କୃତ ହୋଇଛନ୍ତି।

ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରତିଷ୍ଠିତ ମରାଠୀ ଲେଖକ ଭାଲଚନ୍ଦ୍ର ନେମାଡ଼େ ଯୋଗଦେଇ କହିଲେ, ଭାରତୀୟ ସାହିତ୍ୟରେ ଭାରତୀୟତାର ଅନ୍ୱେଷଣ ଓ ପ୍ରତିଷ୍ଠା ଲେଖକଙ୍କ ଲକ୍ଷ୍ୟ ହେବା ଉଚିତ। ଦକ୍ଷିଣ ଏସିଆର ଭାଷା ଓ ସାହିତ୍ୟ ସମଗ୍ର ପୃଥିବୀରେ ପ୍ରାଚୀନ। ଏହି ଦୃଷ୍ଟିରୁ ଭାରତୀୟ ସଂସ୍କୃତିର ପ୍ରାଚୀନତା ସର୍ବଜନ ସ୍ୱୀକୃତ। ସାହିତ୍ୟ ଏକାଡେମୀ ୨୪ ଭାଷାରେ ପୁରସ୍କାର ପ୍ରଦାନ କରୁଥିଲେ

### ଭାରତୀୟତାର ଅନ୍ୱେଷଣ ଓ ପ୍ରତିଷ୍ଠା ଲେଖକଙ୍କ ଲକ୍ଷ୍ୟ ହେବା ଉଚିତ: ଭାଲଚନ୍ଦ୍ର ନେମାଡ଼େ

ହେଁ ଆହୁରି ଅନେକ ଭାଷା ରହିଛି, ଯହିଁରେ ବଳିଷ୍ଠ ସାହିତ୍ୟ ସୃଷ୍ଟି ହେଉଛି। ପୁରସ୍କାର ପ୍ରଦାନ ପ୍ରସଙ୍ଗରେ ଏସବୁ ଭାଷାର ସାହିତ୍ୟକୁ ବିଚାରକୁ ନେବାର ଆବଶ୍ୟକତା ରହିଛି ବୋଲି ନେମାଡେ ଗୁରୁତ୍ୱାରୋପ କରିଥିଲେ। ଏକାଡେମୀ ସଭାପତି ଚନ୍ଦ୍ରଶେଖର କମ୍ବର କହିଲେ, ଭାରତୀୟ ଭାଷାର ବିବିଧତା ମଧ୍ୟରେ ଐତିହ୍ୟ ପ୍ରତିଷ୍ଠା ହେଉଛି ଭାରତୀୟ ସାହିତ୍ୟର ମୂଳ କଥା। ଉପସଭାପତି ମାଧବ କୌଶିକ କହିଲେ, ଏକାଡେମୀ ପୁରସ୍କାର ଅର୍ଥ ନୁହେଁ ଯେ ଏହା ଲେଖକଙ୍କୁ ପ୍ରତିଷ୍ଠା କରିଥାଏ। ସେଥିପାଇଁ ଏହାର ଗୁରୁତ୍ୱ ଲେଖକଙ୍କ ମଧ୍ୟରେ ରହିଛି। ଉତ୍ସବରେ ସଚିବ କେ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡ଼ିଆ ଭାଷା ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ବିଜୟାନନ୍ଦ ସିଂହ ଓ ସାନ୍ତାଳୀ ଭାଷାର ଆବାହକ ମଦନ ମୋହନ ସୋରେନ ଉପସ୍ଥିତ ଥିଲେ।

# 'ଶୁଣାଣିରେ ଭାଗନେଇ ନ ଥିଲେ ସତ୍ୟପାଠ ଦାଖଲ କର'

## ଢିଙ୍କିଆରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ମାମଲା

କଟକ ଅଫିସ/କୁଜଙ୍ଗ (ଡି.ଏନ.ଏ.),୧୧।୩

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଢିଙ୍କିଆ ଚାରିଦେଶରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ନେଇ ବିବାଦ ଜାରି ରହିଛି। ପ୍ରକଳ୍ପକୁ ବିରୋଧ କରୁଥିବା ଢିଙ୍କିଆ ଗ୍ରାମବାସୀଙ୍କ ଉପରେ ଗତ ଜାନୁୟାରୀ ୧୪ରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇ ହାଇକୋର୍ଟରେ ପୃଥକ୍ ଭାବେ ୩ଟି ଅଭିଯୋଗ ହୋଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆଇନଜୀବୀ କମିଟି ପକ୍ଷରୁ ଦ୍ୱିତୀୟ ଥର ପାଇଁ ଗତ ୫ ତାରିଖରେ ଉକ୍ତ ଅଞ୍ଚଳରେ ଜନଶୁଣାଣି କରାଯାଇଥିଲା। କିନ୍ତୁ ସେଥିରେ କେତେଜଣ ଗ୍ରାମବାସୀ ଭାଗ ନେଇପାରି ନ ଥିବା ନେଇ ଶୁକ୍ରବାର ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାକୁ ଗ୍ରହଣ କରି ହାଇକୋର୍ଟ ଯେଉଁମାନେ ଚାହିଁବେ ସେମାନେ ତାଙ୍କ ଆଇନଜୀବୀଙ୍କ ଜରିଆରେ ସରକାରୀ ଆଇନଜୀବୀଙ୍କ ନିକଟରେ ସତ୍ୟପାଠ ଦାଖଲ କରିପାରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ସତ୍ୟପାଠରେ ସେମାନେ ଉକ୍ତ ପ୍ରକଳ୍ପକୁ ବିରୋଧ କିମ୍ବା ସମର୍ଥନ କରୁଛନ୍ତି ତାହା ଉଲ୍ଲେଖ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି। ଏହି ସମସ୍ତ ସତ୍ୟପାଠକୁ ଜଗତ୍‌ସିଂହପୁର ଜିଲାପାଳଙ୍କୁ ପ୍ରଦାନ କରାଯିବ। ଜଗତ୍‌ସିଂହପୁର ଜିଲାପାଳ ଏହି ସତ୍ୟପାଠ ସହ ଗତ ୫ ତାରିଖରେ ଅନୁଷ୍ଠିତ ଜନଶୁଣାଣିର ଭିଡିଓକୁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟକୁ ପଠାଇବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ଶୁକ୍ରବାର ଏହି ମାମଲାରେ ଆଇନଜୀବୀ ପ୍ରଶାନ୍ତ ଜେନା ଏବେ ବି ଢିଙ୍କିଆକୁ ପୋଲିସ ଭୟରେ ୩୦ ଜଣ ଲୋକ ଫେରି ନ ଥିବା ନେଇ



ଅଦାଲତଙ୍କୁ ଅବଗତ କରିଥିଲେ। କିନ୍ତୁ ଭିଡିଓ କନ୍‌ଫରେନ୍ସ ଜରିଆରେ ହାଜର ହୋଇଥିବା ଜଗତ୍‌ସିଂହପୁର ଏସ୍‌ପି ଅଖିଳେଶ୍ୱର ସିଂ ଆଇନଜୀବୀ ଜେନାଙ୍କ ପକ୍ଷରୁ ଦିଆଯାଇଥିବା ୮୫ ଜଣଙ୍କ ତାଲିକା ମଧ୍ୟରୁ ୮୧ ଜଣ ଫେରି ଆସିଥିବାବେଳେ ଆଉ ମାତ୍ର ୪ ଜଣ ଫେରିନାହାନ୍ତି ବୋଲି ଅଦାଲତଙ୍କୁ କହିଥିଲେ। ଆଉ ଯେଉଁମାନେ ଫେରିନାହାନ୍ତି ବୋଲି କୁହାଯାଉଛି ସେମାନଙ୍କୁ ଜାନୁୟାରୀ ୧୪ ପୂର୍ବରୁ କେତେକ ଆପରାଧିକ ଘଟଣାରେ ଗିରଫ କରାଯାଇଥିବା ନେଇ ଅଦାଲତଙ୍କୁ କହିଥିଲେ। ଏହା ଉପରେ ହାଇକୋର୍ଟ ଜଗତସିଂହପୁର ଏସ୍‌ପିଙ୍କୁ ଯେଉଁମାନଙ୍କୁ ଜାନୁୟାରୀ ୧୪ ପୂର୍ବରୁ ଗିରଫ କରାଯାଇଛି ବୋଲି କୁହାଯାଉଛି ସେମାନଙ୍କ ନାଁରେ କେଉଁସବୁ ଦଫା ଲଗାଯାଇଛି ତାହାର ସବିଶେଷ ତଥ୍ୟ ସତ୍ୟପାଠ ଜରିଆରେ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଏସ୍. ମୁରଲୀଧର ଏବଂ ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ଏହି ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଏପ୍ରିଲ ୭ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ ହୋଇଛି। ସୂଚନାଥାଉ କି ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗତ ୫ ତାରିଖରେ ଆଇନଜୀବୀ ପ୍ରଶାନ୍ତ କୁମାର ଜେନା, ସୁକାନ୍ତ କୁମାର ଦଳାଇ, ଓମ୍‌କାର ଦେବଦାସ, ଜନ୍ମେଜୟ କଟକିଆ ଏବଂ ଦେବକାନ୍ତ ମହାନ୍ତିଙ୍କୁ ନେଇ ଗଠିତ ୫ ଜଣିଆ ଆଇନଜୀବୀ କମିଟି ଢିଙ୍କିଆ ଅଞ୍ଚଳ ପରିଦର୍ଶନ କରି ସେଠାରେ ଜନଶୁଣାଣି କରିଥିଲେ। ଶୁକ୍ରବାର କମିଟି ପକ୍ଷରୁ ହାଇକୋର୍ଟରେ ଏକ ରିପୋର୍ଟ ଦାଖଲ କରାଯାଇଥିଲା।

# ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ

## ୧୧ ଘଣ୍ଟା ବନ୍ଦ ରହିଲା ରେଳ ଚଳାଚଳ

କୋରାପୁଟ/ଜୟପୁର, ୧୧।୩(ସ୍ୱ.ପ୍ର./ନି.ପ୍ର.)

କୋରାପୁଟ-ବିଶାଖାପାଟଣା ମଧ୍ୟରେ ପାଡୁଆ ଷ୍ଟେଶନର ଭେଜା ଗ୍ରାମ ନିକଟରେ ଏକ ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ ହୋଇଛି। ଏହା ପରେ ଉକ୍ତ ରୁଟ୍‌ରେ ସମସ୍ତ ଟ୍ରେନ୍ ଚଳାଚଳ ବ୍ୟାହତ ହୋଇଥିଲା। ଲାଇନ୍ କ୍ଲିଅର କରାଯାଇ ୧୧ଘଣ୍ଟା ପରେ ଉକ୍ତ ରୁଟ୍‌ରେ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା।

ସୂଚନାନୁଯାୟୀ, ଶୁକ୍ରବାର ଭୋରରୁ କୋରାପୁଟ ଜିଲାର ପାଡୁଆ ଷ୍ଟେଶନ ନିକଟ ଭେଜା ଗ୍ରାମରେ ଛତିଶଗଡ଼ର କିରଣ୍ଡଲରୁ ଲୁହାପଥର ନେଇ ବିଶାଖାପାଟଣା ଯାଉଥିବା ଏକ ମାଲବାହୀ ଟ୍ରେନ୍ କୌଣସି କାରଣରୁ ଲାଇନଚ୍ୟୁତ ହୋଇଯାଇଥିଲା। ଏଥିରେ ଟ୍ରେନ୍‌ର ୬ଟି ବଗି ଧାରଣାରୁ ବାହାରିଯାଇଥିଲା। ଏଥିଯୋଗୁ ଏହି ରୁଟ୍‌ରେ ଯାଉଥିବା ସମସ୍ତ ଟ୍ରେନ୍ ଚଳାଚଳ ଦୀର୍ଘ



ସମୟ ଧରି ବନ୍ଦ ରହିଥିଲା। ଖବରପାଇ ପାଡୁଆ ଷ୍ଟେଶନ ଓ କୋରାପୁଟରୁ ଏକ ଯାନ୍ତ୍ରିକ ଟିମ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୀର୍ଘ ୧୧ ଘଣ୍ଟା ପରିଶ୍ରମ ପରେ ଅପରାହ୍ନରେ ୧ଟାରେ ଏହି ଲାଇନରେ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଥିବା କୋରାପୁଟ ଷ୍ଟେଶନ ମ୍ୟାନେଜର ଏନ୍.କେ. ଭିତରେ ସୂଚନା ଦେଇଛନ୍ତି।

ପ୍ରଥମ ପୃଷ୍ଠାରୁ...

### ଏପ୍ରିଲ ୨୯ରୁ ମାଟ୍ରିକ ...

ମନରେ ଥିବା ଦ୍ୱନ୍ଦ୍ୱ ଦୂର ହୋଇଛି। ସୂଚନାଯୋଗ୍ୟ, ଗତବର୍ଷ କରୋନାର ପ୍ରକୋପ ବଢ଼ିବାରୁ ମାଟ୍ରିକ ପରୀକ୍ଷା ମଧ କରାଯାଇପାରି ନ ଥିଲା। ବିକଳ୍ପ ତଥା ନୂତନ ମୂଲ୍ୟାୟନ ପଦ୍ଧତି ଦ୍ୱାରା ଫଳ ପ୍ରକାଶ କରାଯାଇଥିଲା। ୨୦୨୧-୨୨ ଶିକ୍ଷାବର୍ଷରେ ପରିସ୍ଥିତି ବଦଳିଛି ଓ ଏବେ ଶ୍ରେଣୀ ଗୃହ ଶିକ୍ଷାଦାନ କରାଯାଉଛି। ପାଖାପାଖି ୬୦ ଭାଗ ଛାତ୍ରୀଛାତ୍ର ଶ୍ରେଣୀ ଗୃହରେ ଶିକ୍ଷାଲାଭ କରୁଛନ୍ତି। ମାଟ୍ରିକ ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କ ପ୍ରସ୍ତୁତି ଓ ପରୀକ୍ଷା କରିବାକୁ ଯଥାର୍ଥ ସମୟ ଆସିଛି କି ନାହିଁ ଜାଣିବା ପାଇଁ ପରିଷଦ ପକ୍ଷରୁ ଛାତ୍ରୀଛାତ୍ର, ଶିକ୍ଷକସମାଜ, ଶିକ୍ଷକ ସଙ୍ଗଠନର ସଦସ୍ୟ, ଅଭିଭାବକ, ଅଭିଭାବକ ସଙ୍ଗଠନର ସଦସ୍ୟ, ଶିକ୍ଷା ପଦାଧିକାରୀ ଏବଂ ଶିକ୍ଷାବିତ୍‌ଙ୍କ ସହ ବିସ୍ତୃତ ଆଲୋଚନା କରାଯାଇଥିଲା। ସେମାନେ ମତ ରଖିଥିଲେ ଯେ, ସମେଟିଭ୍ ଆସେସ୍‌ମେଣ୍ଟ-୨ ବା ବାର୍ଷିକ ପରୀକ୍ଷା କରାଯିବା ଆବଶ୍ୟକ। ଏହା ଅଫ୍‌ଲାଇନ୍ ମୋଡ୍‌ରେ ପରିଚାଳନା କରାଯାଉ। ଦିନକୁ ଗୋଟିଏ ବିଷୟ ଓ କିଛି ପରୀକ୍ଷା ମଧ୍ୟରେ ଖୁବ୍ କମ୍ ବ୍ୟବଧାନ ରଖି ପରୀକ୍ଷା କରାଯାଇ ଶୀଘ୍ର ଶେଷ କରାଯାଉ। ଖରାଦିନ ଆସି ଯାଇଥିବାରୁ ପରୀକ୍ଷା ସକାଳ ୮ଟାରୁ ଆରମ୍ଭ ହେଉ। ଯେହେତୁ ପାଠ୍ୟ ଖସଡ଼ା ମାର୍ଚ୍ଚରେ ସରିଯିବ, ପରୀକ୍ଷା ଏପ୍ରିଲ ଶେଷ ସପ୍ତାହରେ ଆରମ୍ଭ କରାଯାଉ। ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷା ତଥା ଶିକ୍ଷାବିତ୍‌ଙ୍କ ଏହି ମତାମତକୁ ଆଧାର କରି ଶେଷରେ ରାଜ୍ୟ ସରକାର ସମେଟିଭ୍ ଆସେସ୍‌ମେଣ୍ଟ-୨ ପରୀକ୍ଷା କରିବାକୁ ଯାଉଛନ୍ତି। ଗତ ଦୁଇବର୍ଷର କରୋନାରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବିଗିଡି ଯାଇଥିବାରୁ ଏହାକୁ ଦୃଷ୍ଟିରେ ରଖି ପରୀକ୍ଷାର ଚାପ ସୃଷ୍ଟି ନ କରିବାକୁ ସରକାର ପରୀକ୍ଷା ସମ୍ବନ୍ଧୀୟ ଏହି ନିଷ୍ପତ୍ତି ନେଇଛନ୍ତି।

### ପ୍ରତ୍ୟକ୍ଷ ସଂଘର୍ଷ ...

ଏକ ଜରୁରୀ ବୈଠକ ଚାଲିଛି। ତେବେ ରୁଷିଆ ନିଜେ ଏପରି କରି ଓଲଟା ଦୋଷ ଦେଉଥାଇପାରେ ବୋଲି ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ସନ୍ଦେହ ବ୍ୟକ୍ତ କରିଛନ୍ତି। ଜାତିସଂଘକୁ ରୁଷିଆ ଭୁଲ୍ ତଥ୍ୟ ଦେଇ ବିଭ୍ରାନ୍ତ କରୁଥିବା ବାଇଡେନ୍ ପ୍ରଶାସନ କହିଛି। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ଟି.ଏସ୍. ତିରୁମୂର୍ତ୍ତି 'ରିପୋର୍ଟସ୍ ଅଫ୍ ବାୟୋଲୋଜିକାଲ ପ୍ରୋଗ୍ରାମ୍' ଶୀର୍ଷକ ଆଲୋଚନା ବେଳେ କହିଛନ୍ତି, ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନାକୁ ନେଇ ନୂଆଦିଲ୍ଲୀ ଚିନ୍ତିତ। ଜୈବିକ ଓ ବିଷାକ୍ତ ଅସ୍ତ୍ରକୁ ନେଇ ଉତ୍ତରଦାୟିତ୍ୱ ପ୍ରସଙ୍ଗର ସମାଧାନ ଦୁଇ ଦେଶ ମଧ୍ୟରେ ଆପୋସ ଆଲୋଚନା ଓ ସହଯୋଗ ଜରିଆରେ କରାଯିବା ଉଚିତ। ଆମେରିକା ରାଷ୍ଟ୍ରପତି ବାଇଡେନ୍ ଆହୁରି କେତେକ କଟକଣା ଜାରି କରି କହିଛନ୍ତି, ସେ ଗୋଇନ୍ଦା ତଥ୍ୟ ସମ୍ପର୍କରେ କିଛି କହୁନାହାନ୍ତି। ତେବେ ଯଦି ରୁଷିଆ ୟୁକ୍ରେନ୍‌ରେ କେମିକାଲ ୱେପନ୍ ବ୍ୟବହାର କରିଛି ତା' ହେଲେ ମସ୍କୋକୁ ମହଙ୍ଗା ପଡ଼ିବ। ୟୁକ୍ରେନ୍ ଯେତେ ସହାୟତା ମାଗିଲେ ବି ଆମେ ସେଠାକୁ ସୈନ୍ୟ ପଠାଇବୁ ନାହିଁ। ରୁଷିଆ ବିରୋଧରେ ପ୍ରତ୍ୟକ୍ଷ ଯୁଦ୍ଧ କରିବାକୁ ଚାହୁଁନାହୁଁ। ନାଟୋ-ରୁଷିଆ ମୁହାଁମୁହିଁ ହେଲେ ତୃତୀୟ ବିଶ୍ୱଯୁଦ୍ଧ ଅବଶ୍ୟମ୍ଭାବୀ, ଯାହାକୁ ଏଡ଼ାଇବା ପାଇଁ ଉଦ୍ୟମ ଜରୁରୀ। ପୁଟିନ୍‌ଙ୍କ ଉପରେ ଚାପ ବୃଦ୍ଧି ପାଇଁ ରୁଷିଆ ସହ ଆମେରିକା ସ୍ୱାଭାବିକ ବାଣିଜ୍ୟ ସମ୍ପର୍କ ଛିନ୍ନ କରିଛନ୍ତି। ପ୍ରକାଶ ଯେ, ୨୦୧୮ରେ ଆମେରିକା ଗୋପନରେ ଜର୍ଜିଆର ଏକ ଲାବରେଟୋରିରେ ଜୈବିକ ଅସ୍ତ୍ର ପ୍ରୟୋଗର ପରୀକ୍ଷାନିରୀକ୍ଷା କରୁଥିବା ନେଇ ମସ୍କୋ ଅଭିଯୋଗ ଆଣିଥିଲା। ଜର୍ଜିଆ ହେଉଛି ୟୁକ୍ରେନ୍ ଭଳି ଆଉ ଏକ ଦେଶ, ଯାହାକି ପୂର୍ବରୁ ସୋଭିଏଟ୍ ସଂଘର ସଦସ୍ୟ ଥିଲା। ଜର୍ଜିଆ ମଧ ନାଟୋ ଏବଂ ୟୁରୋପୀୟ ସଂଘର ସଦସ୍ୟତା ପାଇଁ ଆଗ୍ରହ ପ୍ରକାଶ କରିଥିଲା।

# ସହକାରୀ କୃଷି ଯନ୍ତ୍ରୀଙ୍କୁ ୨ ବର୍ଷ ଜେଲ

## ଲାଞ୍ଚ ମାମଲା

ବ୍ରହ୍ମପୁର ଅଫିସ,୧୧।୩

ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଲୁନା ମହାନ୍ତି ଶୁକ୍ରବାର ଏକ ଲାଞ୍ଚ ଗ୍ରହଣ ମାମଲାର ଶୁଣାଣି କରି ପ୍ରମାଣ ମିଳିଥିବାରୁ ଅଭିଯୁକ୍ତ ସହକାରୀ କୃଷି ଯନ୍ତ୍ରୀଙ୍କୁ ୨ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୫ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ଜରିମାନା ଅନାଦେୟ ଅତିରିକ୍ତ ୪ମାସ ଜେଲ ଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ତତ୍କାଳୀନ ରଙ୍ଗେଇଲୁଣ୍ଡା ବ୍ଲକର ସହକାରୀ କୃଷି ଯନ୍ତ୍ରୀ ପ୍ରବୀର ଚାନ୍ଦ ଦାସ। ସେ ବର୍ତ୍ତମାନ କଟକ ଜିଲା ଅନ୍ତର୍ଗତ ବାଙ୍କୀ କୃଷି କାର୍ଯ୍ୟାଳୟରେ କାର୍ଯ୍ୟରତ ଅଛନ୍ତି।

ପ୍ରକାଶ ଯେ, ଗୋଳନ୍ଥରା ଥାନା ଅନ୍ତର୍ଗତ କନିଷି ଗ୍ରାମର କାଳୁଚରଣ ପାତ୍ର ତାଙ୍କ ମା' ଇନ୍ଦୁ ପାତ୍ରଙ୍କ ନାମରେ ଏକ ଗାଈ ଫାର୍ମ କରିଥିଲେ। କୃଷି ବିଭାଗ ପକ୍ଷରୁ ଗାଈ ଫାର୍ମ ନିମନ୍ତେ ମିଳୁଥିବା ଋଣ ପାଇଁ ସେ ଆବେଦନ କରିଥିଲେ। କାଳୁଚରଣ ଏଥିପାଇଁ ବ୍ଲକର ସହକାରୀ କୃଷି ଯନ୍ତ୍ରୀ ଦାସଙ୍କୁ ଭେଟି ଋଣ କରାଇ ଦେବାକୁ ଅନୁରୋଧ କରିଥିଲେ। ହେଲେ ସେ ଋଣ କରାଇ ଦେବାକୁ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। କାଳୁଚରଣ ଏ ନେଇ ଭିଜିଲାନ୍ସରେ ଜଣାଇଥିଲେ। ଯୋଜନା ମୁତାବକ ୨୦୧୦ ଡିସେମ୍ବର ୨୩ରେ କାଳୁଚରଣ ବ୍ରହ୍ମପୁର ଜୟପ୍ରକାଶ ନଗର ଦ୍ୱିତୀୟ ଲାଇନରେ ରହୁଥିବା ସହକାରୀ କୃଷି ଯନ୍ତ୍ରୀଙ୍କ ବାସଭବନକୁ ଯାଇ ଲାଞ୍ଚ ଟଙ୍କା ଦେବା ବେଳେ ଭିଜିଲାନ୍ସ ଟିମ ତାହାକୁ ଜବତ କରିଥିଲା। ମାମଲା ନଂ.୫୭/୧୦ ଅନୁଯାୟୀ ଦାସଙ୍କୁ ଭିଜିଲାନ୍ସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ସେ ଜାମିନରେ ମୁକୁଳିଥିଲେ। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଭିଜିଲାନ୍ସ ଇନ୍ସପେକ୍ଟର ଆର. କେ. ସୁନା କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ଶୁକ୍ରବାର ଏହି ମାମଲାର ଶୁଣାଣି ବେଳେ ପ୍ରବୀର ଦାସଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଚାର୍ଜସିଟ ଓ ୬ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଭିଜିଲାନ୍ସ ଜଜ୍ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ଓ ମୁଦାଲାଙ୍କ ପକ୍ଷରୁ ପ୍ରସାଦ ପଟ୍ଟନାୟକ ଓ ପ୍ରଦୀପ ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

# ଭିଜିଲାନ୍ସ ଜାଲରେ ଟିପିଡବ୍ଲ୍ୟୁଓଡିଏଲ୍ ଜିଏମ୍

ସମ୍ବଲପୁର,୧୧।୩(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲାର ଟିପିଡବ୍ଲ୍ୟୁଓଡିଏଲ୍ ଜିଏମ୍ ସନ୍ତୋଷ କୁମାର ଦର୍ଜୀ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ଏକ ସମୟରେ ସମ୍ବଲପୁର ପ୍ରଧାନପଡାସ୍ଥିତ ତାଙ୍କ ବାସଭବନ, ବୁର୍ଲାର କର୍ପୋରେଟ ଅଫିସ, ବରଗଡ଼ ଜିଲା ଅତାବିରାର ପୈତୃକ ଘରେ ଚଢାଉ କରିଛି। ଚଢାଉରେ ଜଣେ ଡିଏସ୍‌ପି, ୬ ଜଣ ଇନ୍ସପେକ୍ଟର, ୨ ଜଣ ଏଏସ୍‌ଆଇ ସାମିଲ ଅଛନ୍ତି। ଚଢାଉ ଜାରିରହିଥିବାବେଳେ ବିଭିନ୍ନ ସ୍ଥାନରୁ ନଗଦ ୭ ଲକ୍ଷ ୨୦ ହଜାର ଟଙ୍କା, ଦୁଇ ମହଲା ବିଶିଷ୍ଟ କୋଠା, ଅଇଁଠାପାଲି ଅଞ୍ଚଳରେ ୨ ପ୍ଲଟ, ୨୦ଲକ୍ଷ ଟଙ୍କାର ୨ ଗୋଟି କାର୍, ୪ଲକ୍ଷ ଟଙ୍କାର ୨ ସୌଖୀନ ବାଇକ୍ ଠାବ ହୋଇଛି। ଏହାଛଡା ଘରୋଇ ବ୍ୟାଙ୍କରେ ତାଙ୍କର ୨ ଲକର ଥିବାବେଳେ ତାହା ଖୋଲିବା ପରେ ସମ୍ପତ୍ତି ପରିମାଣ ଜଣାପଡିବ ବୋଲି ସୂଚନା ମିଳିଛି। ତଦନ୍ତ ଜାରି ରହିଥିବାରୁ କେତେ ପରିମାଣ ସମ୍ପତ୍ତି ରହିଛି ସ୍ପଷ୍ଟ ହୋଇପାରି ନ ଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଜେଲ ଗଲେ କୋଟିପତି ନିର୍ବାହୀ ଯନ୍ତ୍ରୀ

ବ୍ରହ୍ମପୁର ଅଫିସ,୧୧।୩

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ବ୍ରହ୍ମପୁର ଗ୍ରାମ୍ୟ ନିର୍ମାଣ (ବୈଦ୍ୟୁତିକ) ବିଭାଗ ଆମ୍ବପୁଆ କାର୍ଯ୍ୟାଳୟର ନିର୍ବାହୀଯନ୍ତ୍ରୀ ଜଗନ୍ନାଥ ସେଠୀଙ୍କୁ ଶୁକ୍ରବାର ଗିରଫ କରିଛି। ଗତ ବୁଧବାର ନିର୍ବାହୀ ଯନ୍ତ୍ରୀ ଜଗନ୍ନାଥଙ୍କ ବାସଭବନ ସମେତ ୫ଟି ସ୍ଥାନରେ ଭିଜିଲାନ୍ସ ଏକକାଳୀନ ଚଢ଼ାଉ କରିଥିଲା। ଯାଞ୍ଚ ସରିବା ପରେ ନିର୍ବାହୀ ଯନ୍ତ୍ରୀ ଓ ତାଙ୍କ ପରିବାରବର୍ଗଙ୍କ ନାମରେ ମୋଟ ୭ କୋଟି ୮୩ଲକ୍ଷ ୭ହଜାର ୪୯୮ ଟଙ୍କାର ସ୍ଥାବର, ଅସ୍ଥାବର ସମ୍ପତ୍ତି ଥିବା ନେଇ ଭିଜିଲାନ୍ସ ବିଭାଗ ଆକଳନ କରିଛି। ସେଥିମଧ୍ୟରୁ ୬କୋଟି ୭୯ଲକ୍ଷ ୬୨ହଜାର ୭୪୮ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ରହିଛି। ଯାହାକି ତାଙ୍କ ଆୟ ଠାରୁ ୩୫୮ ପ୍ରତିଶତ ଅଧିକ ବୋଲି ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ତ୍ରିଲୋଚନ ସ୍ୱାଇଁ ସୂଚନା ଦେଇଛନ୍ତି। କେସ୍ ନଂ. ୩/୨୨ରେ ନିର୍ବାହୀ ଯନ୍ତ୍ରୀ ସେଠୀଙ୍କୁ ଶୁକ୍ରବାର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଛି। ପରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାସହିତ ସେଠୀଙ୍କ ସ୍ତ୍ରୀ ଓ ବଡ଼ପୁଅ ନାମରେ ମଧ ମାମଲା ରୁଜୁ ହୋଇଥିବା ଭିଜିଲାନ୍ସ ସୂତ୍ରରୁ ଜଣାପଡିଛି।

# ପ୍ୟାକ୍ସ ସମ୍ପାଦକ, ଡିଇଓ ଭିଜିଲାନ୍ସ ଦ୍ୱାରା ଗିରଫ

## ଚାଷୀଙ୍କଠାରୁ ୮ ହଜାର ଟଙ୍କା ଲାଞ୍ଚ ନେଉଥିଲେ

ସୋନପୁର/ତରଭା,୧୧।୩ (ନି.ପ୍ର./ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଶିବତୁଲା ପ୍ୟାକ୍ସ(ପ୍ରାଥମିକ କୃଷି ସମବାୟ ସମିତି)ର ଭାରପ୍ରାପ୍ତ ସମ୍ପାଦକ କୁନା ନାଏକ ଓ ଡିଇଓ(ଡାଟା ଏଣ୍ଟ୍ରି ଅପରେଟର) ଦେବାନନ୍ଦ ନାଏକ ଶୁକ୍ରବାର ଭିଜିଲାନ୍ସ ବିଭାଗ ଦ୍ୱାରା ଗିରଫ ହୋଇଛନ୍ତି। ଭାଲୁବାହାଲ ଅଞ୍ଚଳର ଚାଷୀ ଜଳନ୍ଧର ଡାଙ୍ଗଙ୍କ ନିକଟରୁ ପ୍ୟାକ୍ସର ଭାରପ୍ରାପ୍ତ ସମ୍ପାଦକ ଓ ଡିଇଓ ୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଧରାପଡିଥିଲେ। କୁନା ଓ ଦେବାନନ୍ଦଙ୍କୁ ଭିଜିଲାନ୍ସ ପକ୍ଷରୁ ବଲାଙ୍ଗୀର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ବିଚାରପତି ଜାମିନ ନାମଞ୍ଜୁର କରିବାରୁ ଉଭୟଙ୍କୁ ବଲାଙ୍ଗୀର ଜେଲ ହାଜତକୁ ପଠାଇ ଦିଆଯାଇଛି।

ପ୍ରକାଶ ଯେ, ଜଳନ୍ଧର ଡାଙ୍ଗ ଓ ପରିବାରର ଅନ୍ୟମାନେ ଗତ ଖରିଫରେ ମୋଟ ୨୬୭ କୁଇଣ୍ଟାଲ ଧାନ ଶିବତୁଲା ପ୍ୟାକ୍ସରେ ବିକ୍ରି କରିଥିଲେ। ତେବେ ଧାନ କୁଇଣ୍ଟାଲ ପ୍ରତି ୩୦ ଟଙ୍କା ହିସାବରେ ଲାଞ୍ଚ ଦେବାକୁ ସମ୍ପାଦକ କୁନା ଚାଷୀ ଜଳନ୍ଧରଙ୍କୁ କହିଥିଲେ। ଲାଞ୍ଚ ନ ଦେଲେ ଚଳିତ ରବି


ଗିରଫ ଶିବତୁଲା ପ୍ୟାକ୍ସ ସମ୍ପାଦକ ଓ ଡାଟା ଏଣ୍ଟ୍ରି ଅପରେଟର।

ଋତୁ ଧାନ ବିକ୍ରି ପାଇଁ ସେମାନଙ୍କୁ ସୁଯୋଗ ମିଳିବନି ବୋଲି କହିଥିଲେ। ଏପରି କି ରବି ଋତୁ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଥିବା ବେଳେ ଲାଞ୍ଚ ନ ଦେଲେ ସେମାନଙ୍କ ନାମ ପ୍ୟାକ୍ସ ପକ୍ଷରୁ ପଞ୍ଜୀକରଣ କରାଯିବ ନାହିଁ ବୋଲି ରୋକଠୋକ୍ ଭାବେ ଜଣାଇଥିଲେ। ଏ ସମ୍ପର୍କରେ ଜଳନ୍ଧର ସମ୍ବଲପୁର ଭିଜିଲାନ୍ସ ଏସ୍‌ପିଙ୍କ ନିକଟରେ ଗୁରୁବାର ଲିଖିତ ଅଭିଯୋଗ କରିଥିଲେ। ସମ୍ବଲପୁର ଭିଜିଲାନ୍ସ ପିଏସ୍ କେସ୍ ନଂ ୮/୨୨ ମୂଳେ ଏକ ମାମଲା ରୁଜୁ ହୋଇଥିଲା। ଶୁକ୍ରବାର ଜଳନ୍ଧର ପ୍ୟାକ୍ସ କାର୍ଯ୍ୟାଳୟକୁ ଆସି ସମ୍ପାଦକ ନାଏକଙ୍କୁ ୮ ହଜାର ଟଙ୍କା ଦେଇଥିଲେ। ତେବେ ଉକ୍ତ ଟଙ୍କା ଡିଇଓଙ୍କୁ ଦେବା ପାଇଁ ସମ୍ପାଦକ କହିଥିଲେ। ଡିଇଓ ଏହି ଟଙ୍କା ନେଇ ନିଜ ପ୍ୟାଣ୍ଟ ପକେଟ୍‌ରେ ରଖିଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଜଗି ରହିଥିବା ଭିଜିଲାନ୍ସ ବିଭାଗର ଟିମ୍ ସମ୍ପାଦକ ଓ ଡିଇଓଙ୍କୁ କାବୁ କରି ନେଇଥିଲେ। ଡିଇଓଙ୍କ ପ୍ୟାଣ୍ଟରୁ ଭିଜିଲାନ୍ସ ଟିମ୍ ରଙ୍ଗବୋଳା ୧୬ଟି ୫୦୦ଟଙ୍କିଆ ନୋଟ ଜବତ କରିଛି। ପରେ ବଲାଙ୍ଗୀର ଓ ସୋନପୁର ଭିଜିଲାନ୍ସ ଟିମ୍ ପ୍ୟାକ୍ସ କାର୍ଯ୍ୟାଳୟ ଏବଂ ପ୍ୟାକ୍ସ ସମ୍ପାଦକ ଓ ଡିଇଓଙ୍କ ବାସଭବନରେ ଚଢ଼ାଉ କରି ଆବଶ୍ୟକ କାଗଜପତ୍ର ତନଖି କରିଛି। ପ୍ୟାକ୍ସ ସମ୍ପାଦକଙ୍କ ଶିବତୁଲାସ୍ଥିତ ବାସଭବନ ତନଖି ସମୟରେ ନଗଦ ୯୨ ହଜାର ଟଙ୍କା ମିଳିଥିବା ଭିଜିଲାନ୍ସ ଡିଏସ୍‌ପି ଛତ୍ରିଆ କହିଛନ୍ତି। କୁନା ଗତ ୨୦୦୯ ମସିହାରୁ ଉକ୍ତ ପ୍ୟାକ୍ସରେ ଆକାଉଣ୍ଟାଣ୍ଟ ଭାବେ ଚାକିରି ଆରମ୍ଭ କରିଥିଲେ। ସେ ୨୦୧୭ରୁ ଭାରପ୍ରାପ୍ତ ପ୍ୟାକ୍ସ ସମ୍ପାଦକ ଭାବେ ଦାୟିତ୍ୱରେ ଥିଲେ। ଏହି ଚଢ଼ାଉରେ ବଲାଙ୍ଗୀର ଭିଜିଲାନ୍ସ ଡିଏସ୍‌ପି ପୁଲସ୍ତି ଛତ୍ରିଆ, ଇନ୍ସପେକ୍ଟର ତୁଷାରକାନ୍ତ ମହାପାତ୍ର, ହୃଦାନନ୍ଦ କାଲୁ, ବିଷ୍ଣୁପ୍ରସାଦ ଜାଲ ଓ ନନ୍ଦ କିଶୋର ବରର୍ତ୍ତି ପ୍ରମୁଖ ସାମିଲ ଥିଲେ।

## ୟୁକ୍ରେନ୍ ଆକ୍ରମଣର ଷୋଡ଼ଶ ଦିନ

- ୟୁକ୍ରେନ୍‌ରେ ରୁଷିଆର ଆକ୍ରମଣ ଆରମ୍ଭ ହେବା ପରଠାରୁ ଲୁଟ୍‌ସ୍କ, ଆଇଭାନୋ-ଫ୍ରାନ୍‌କିସ୍କ ଓ ଡାଇପ୍ରୋ ସହରକୁ ପ୍ରଥମ ଥର ପାଇଁ ଟାର୍ଗେଟ କରାଯାଇଛି।
- ୟୁକ୍ରେନ୍ ରାସାୟନିକ ଅସ୍ତ୍ର ବିକଶିତ କରୁଛି ବୋଲି ରୁଷିଆ ଆଣିଥିବା ଅଭିଯୋଗକୁ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଖଣ୍ଡନ କରିଛନ୍ତି।
- ରୁଷିଆର ଏଭଳି ଦାବିକୁ ଆମେରିକା ହାସ୍ୟାସ୍ପଦ ବୋଲି ଅଭିହିତ କରିଛି। ୟୁକ୍ରେନ୍ ବିରୋଧରେ ରୁଷିଆ ରାସାୟନିକ ଅସ୍ତ୍ର ପ୍ରୟୋଗ କରିପାରେ। ତେଣୁ ପଡ଼ୋଶୀ ଦେଶ ବିରୋଧରେ ଓଲଟା ଅଭିଯୋଗ ଆଣିଛି ବୋଲି ଆମେରିକା କହିଛି।
- ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ମସ୍କୋ ସମର୍ଥିତ ବଳଙ୍କୁ ସହଯୋଗ କରିବା ପାଇଁ ଭଲୁଣ୍ଟିୟର ଫାଇଟର୍ସଙ୍କୁ ୟୁକ୍ରେନ୍ ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି।
- ରୁଷୀୟ ସୈନ୍ୟ ୨୪ ଘଣ୍ଟା ମଧ୍ୟରେ ୟୁକ୍ରେନ୍ ରାଜଧାନୀ କ୍ୱିଭ୍‌ର ୫ କି.ମି. ନିକଟତର ହୋଇଥିବା ଆମେରିକାର ଜଣେ ବରିଷ୍ଠ ପ୍ରତିରକ୍ଷା ଅଧିକାରୀ କହିଛନ୍ତି।
- ତୁର୍କୀରେ ଚାଲିଥିବା ୟୁକ୍ରେନ୍ ଓ ରୁଷିଆର ବହିର୍ବ୍ୟାପାର ମନ୍ତ୍ରୀଙ୍କ ବୈଠକରୁ ଅସ୍ତ୍ରବିରତି ଦିଗରେ ଆଲୋଚନା ଆଗକୁ ବଢ଼ିପାରି ନାହିଁ।
- ଫେସ୍‌ବୁକ୍ ଓ ଇନ୍‌ଷ୍ଟାଗ୍ରାମ ରୁଷୀୟ ସୈନ୍ୟ କିମ୍ବା ପୁଟିନ୍‌ଙ୍କ ବିରୋଧରେ ହିଂସାର ଆହ୍ୱାନକୁ ଅନୁମତି ଦେବା ପାଇଁ ନିଜ ନିଜ ନିୟମକୁ ସାମୟିକ ଭାବେ ପରିବର୍ତ୍ତନ କରିଛନ୍ତି।



ସ୍ୱାନିଶ୍ ଡିଜାଇନର ଅଗାଥା ରୁଇଜ୍ ଡେ ଲା ପ୍ରାଡା ପ୍ରସ୍ତୁତ କରିଥିବା ପୋଷାକ ପରିହିତା ଜଣେ ମଡେଲ ସ୍ପେନ୍‌ର ମାଡ୍ରିଡ୍‌ରେ ଆୟୋଜିତ ଫ୍ୟାଶନ୍ ୱିକ୍‌ରେ ଭାଗନେଇଛନ୍ତି। ପୋଷାକରେ ୟୁକ୍ରେନ୍‌ର ଜାତୀୟ ପତାକାର ରଙ୍ଗ ଦିଆଯାଇଛି।



ରୁଷିଆର ୟୁକ୍ରେନ୍ ଆକ୍ରମଣ ଶୁକ୍ରବାର ଷୋଡ଼ଶ ଦିନରେ ପହଞ୍ଚିଥିବାବେଳେ କର୍କଟ ରୋଗରେ ଆକ୍ରାନ୍ତ ୨୦ ଶିଶୁଙ୍କୁ ଖର୍କିଭ୍‌ରୁ ଚିକିତ୍ସା ପାଇଁ ଏକ ସ୍ୱତନ୍ତ୍ର ଟ୍ରେନ୍‌ରେ ପୋଲାଣ୍ଡ ସୀମାନ୍ତ ମେଡିକା ଚେକ୍ ପଏଣ୍ଟକୁ ନିଆଯାଇଛି।

# ରୁଷିଆ ପାଇଁ ଲଢ଼ିବେ ବିଦେଶୀ ଯୋଦ୍ଧା

ମସ୍କୋ/କ୍ୱିଭ୍/ୱାଶିଂଟନ,୧୧।୩

ରୁଷିଆର ୟୁକ୍ରେନ୍ ଆକ୍ରମଣକୁ ୧୬ ଦିନ ବିତିଛି। ରୁଷୀୟ ସୈନ୍ୟଙ୍କ ଘନ ଘନ ରକେଟ ମାଡ଼ରେ ରାଜଧାନୀ କ୍ୱିଭ୍ ସମେତ ଅନେକ ସହର ଛିନ୍‌ଛତ୍ର ହୋଇଯାଇଥିବାବେଳେ ୟୁକ୍ରେନୀୟ ସୈନ୍ୟ ମଧ୍ୟ ଆତ୍ମରକ୍ଷା ପାଇଁ ମୁହଁତୋଡ଼ ଜବାବ ଦେଉଛନ୍ତି। ୟୁକ୍ରେନ୍ ସେନାର ଜବାବୀ କାର୍ଯ୍ୟାନୁଷ୍ଠାନରେ ରୁଷିଆର ବହୁ ସୈନ୍ୟ ମୃତାହତ ହେଲେଣି। ଏହାକୁ ଦୃଷ୍ଟିରେ ରଖି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ମଧ୍ୟପ୍ରାଚ୍ୟରୁ ଭଲ୍ୟୁଣ୍ଟିୟର ଫାଇଟରଙ୍କୁ ଡକାଇ ୟୁକ୍ରେନ୍ ପଠାଇବାକୁ ସେ ସ୍ଥିର କରିଛନ୍ତି। ଏହି ବିଦେଶୀ ଯୋଦ୍ଧାମାନେ ୟୁକ୍ରେନ୍‌ରେ ରୁଷୀୟ ସୈନ୍ୟଙ୍କ ସହଯୋଗୀ ଭାବେ କାର୍ଯ୍ୟ କରିବେ। ଏନେଇ ପୁଟିନ୍ ସୁରକ୍ଷା ପରିଷଦ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି।

ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ ସେର୍ଗେଇ ଶୋଇଗୁ କହିଛନ୍ତି, ମଧ୍ୟପ୍ରାଚ୍ୟରୁ ୧୬,୦୦୦ ଭଲ୍ୟୁଣ୍ଟିୟର ରୁଷିଆ ସମର୍ଥିତ ସୈନ୍ୟଙ୍କ ସହ ମିଶି ୟୁକ୍ରେନ୍ ବିରୋଧରେ ଲଢ଼ିବା ପାଇଁ ପ୍ରସ୍ତୁତ ଅଛନ୍ତି। ସେମାନେ ଅର୍ଥ ପାଇଁ ନୁହେଁ, ବରଂ ସ୍ୱଇଚ୍ଛାରେ ଡୋନ୍‌ବାସ ନାଗରିକଙ୍କୁ ସହାୟତାର ହାତ ବଢ଼ାଇବାକୁ ଆସୁଛନ୍ତି। ତେଣୁ ଯୁଦ୍ଧଭୂମିରେ ସେମାନେ ଯାହା ଚାହିଁବେ ଆମେ ତାହା ଦେବା ଉଚିତ ବୋଲି ସେ କହିଛନ୍ତି। ରୁଷିଆ ହାତରେ ପାଶ୍ଚାତ୍ୟର କେତେକ ଟ୍ୟାଙ୍କ ନିରୋଧୀ ମିଶାଇଲ ସିଷ୍ଟମ ରହିଛି। ଫେବୃୟାରୀ ୨୪ରେ ପୁଟିନ୍ ୟୁକ୍ରେନ୍‌ରୁ ବିଚ୍ଛିନ୍ନ କରି ସ୍ୱାଧୀନ ରାଷ୍ଟ୍ର ଘୋଷଣା କରିଥିବା ଲୁହନ୍‌ସ୍କ ଓ ଡୋନେସ୍କରେ ଥିବା ରୁଷିଆ ସମର୍ଥିତ ବିଦ୍ରୋହୀ ଫାଇଟର୍ସଙ୍କୁ ସେଗୁଡ଼ିକୁ ଦେବା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ପ୍ରସ୍ତାବ ଦେଇଛନ୍ତି। ପୁଟିନ୍ ମଧ୍ୟ ଏଥିରେ ସହମତି ପ୍ରକାଶ କରିଛନ୍ତି।

- ସିରିଆରୁ ୧୬,୦୦୦ ଫାଇଟର୍ସ ଡକାଇଲେ ପୁଟିନ୍
- ଜବାବ ଦେବା ପାଇଁ ଜେଲେନ୍‌ସ୍କିଙ୍କ ବଡ଼ ପ୍ରସ୍ତୁତି

ତେବେ ବିଦେଶୀ ଯୋଦ୍ଧାଙ୍କ ମଧ୍ୟରେ ସିରିଆରେ ତାଲିମପ୍ରାପ୍ତ ଫାଇଟର ସାମିଲ ଥିବା ଆମେରିକା ସନ୍ଦେହ ବ୍ୟକ୍ତ କରିଛି। ମସ୍କୋ ଦୀର୍ଘ ସମୟ ଧରି ସିରିଆର ବନ୍ଧୁ ରହିଆସିଛି। ସିରିଆରେ ଗୃହଯୁଦ୍ଧ ଚାଲିଥିବାବେଳେ ରାଷ୍ଟ୍ରପତି ବଶର ଅଲ୍-ଅସାଦଙ୍କୁ ରୁଷିଆ ପ୍ରତିପକ୍ଷ ପୁଟିନ୍ ତାଙ୍କୁ ସହଯୋଗ କରିଆସିଛନ୍ତି। ତେଣୁ ମଧ୍ୟପ୍ରାଚ୍ୟ ରାଷ୍ଟ୍ରଗୁଡ଼ିକରେ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ବିରୋଧରେ ଲଢ଼ିବା ପାଇଁ କ୍ରେମଲିନ୍‌କୁ ସାହାଯ୍ୟ କରିଥିବା ୧୬,୦୦୦ ସ୍ୱେଚ୍ଛାସେବୀ ଯୋଦ୍ଧା ୟୁକ୍ରେନ୍‌ରେ ରୁଷୀୟ ସୈନ୍ୟଙ୍କୁ ସହାୟତା ଦେବା ଲାଗି ଆବେଦନ କରିଛନ୍ତି।

ରୁଷୀୟ ସୈନ୍ୟ ୟୁକ୍ରେନ୍‌ର ବିଭିନ୍ନ ନୂଆ ଅଞ୍ଚଳକୁ ଟାର୍ଗେଟ ଆରମ୍ଭ କରିଥିବାବେଳେ ପୁଟିନ୍‌ଙ୍କ ସୁରକ୍ଷା ପରିଷଦ ବୈଠକ ଟିଭିରେ ପ୍ରସାରିତ ହୋଇଛି। ଉତ୍ତର-ପଶ୍ଚିମରେ ଥିବା ଲୁସ୍କର ଏକ ଏୟାରଫିଲ୍ଡ ଏବଂ ଜେଟ୍ ଇଞ୍ଜିନ ଫ୍ୟାକ୍ଟ୍ରିକୁ ରୁଷିଆ ସୈନ୍ୟ ବିସ୍ଫୋରଣରେ ଉଡ଼ାଇଦେଇଥିବା ମସ୍କୋ ପକ୍ଷରୁ ଦାବି କରାଯାଇଛି। କେନ୍ଦ୍ରୀୟ ପୂର୍ବ ଡିପ୍ରୋରେ ଏୟାର ଷ୍ଟ୍ରାଇକ୍‌ରେ ଜଣେ ବ୍ୟକ୍ତି ନିହତ ହୋଇଛନ୍ତି। ଯୁଦ୍ଧ ଯୋଗୁ ମୋଟ ୨.୫ ନିୟୁତ ଲୋକ ୟୁକ୍ରେନ୍ ଛାଡ଼ି ଅନ୍ୟ ଦେଶଗୁଡ଼ିକରେ ଶରଣାର୍ଥୀ ଭାବେ ଆଶ୍ରୟ ନେଲେଣି। ୟୁକ୍ରେନ୍ ସରକାରଙ୍କୁ ଶକ୍ତ ପ୍ରହାର ଦେବା ଲାଗି କ୍ୱିଭ୍ ଦଖଲରେ ସିରିଆର ଯୋଦ୍ଧାମାନଙ୍କୁ ରୁଷିଆ ନିଯୁକ୍ତ କରୁଛି। ସେମାନେ ସହରାଞ୍ଚଳରେ ଯୁଦ୍ଧ ଲଢ଼ିବା ପାଇଁ ନିପୁଣ ବୋଲି ଆମେରିକାର ଅଧିକାରୀମାନେ 'ୱାଲ୍ ଷ୍ଟ୍ରିଟ୍ ଜର୍ନାଲ'କୁ ସୂଚନା ଦେଇଛନ୍ତି। ସେପଟେ ଆମେରିକାର ଘରୋଇ ସୁରକ୍ଷା ସଂସ୍ଥାଗୁଡ଼ିକ ୟୁକ୍ରେନ୍‌ରୁ ଲୋକଙ୍କୁ ଉଦ୍ଧାର କରିବା ଲାଗି ପୂର୍ବତନ ସୈନିକମାନଙ୍କୁ ନିଯୁକ୍ତି ଦେବାକୁ ଯାଉଛନ୍ତି। ବ୍ରିଟିଶ୍ ସେନାର ପ୍ରାକ୍ତନ ଓ ବର୍ତ୍ତମାନର ସୈନିକଙ୍କ ସମେତ ବିଦେଶୀ ଫାଇଟର୍ସ ମଧ୍ୟ ୟୁକ୍ରେନ୍‌ରେ ଜେଲେନ୍‌ସ୍କି ସରକାରଙ୍କ ପକ୍ଷରୁ ଲଢ଼ିବା ପାଇଁ ପହଞ୍ଚିବାରେ ଲାଗିଛନ୍ତି। ରାଷ୍ଟ୍ରପତି ଜେଲେନ୍‌ସ୍କି କହିଛନ୍ତି, ଏହି ଅନ୍ତର୍ଜାତୀୟ ସାମରିକ ଗୋଷ୍ଠୀର ମିଶନରେ ସ୍ୱେଚ୍ଛାକୃତ ଭାବେ ସାମିଲ ହେବା ପାଇଁ ୧୬,୦୦୦ ବିଦେଶୀ ଆଗ୍ରହ ପ୍ରକାଶ କରିଛନ୍ତି।



ଭୋଲୋଡିମିର ଜେଲେନ୍‌ସ୍କି

### ଟର୍ନିଂ ପଏଣ୍ଟରେ ୟୁକ୍ରେନ୍

ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କ୍ୱିଭ୍‌ସ୍ଥିତ ପ୍ରେସିଡେନ୍ସିଆଲ ଆଡ୍‌ମିନିଷ୍ଟ୍ରେଶନ୍ ବାହାରେ ଶୁକ୍ରବାର ଏକ ଭିଡିଓ ମେସେଜ୍‌ରେ କହିଛନ୍ତି, ତାଙ୍କ ଭୂଇଁକୁ ମୁକ୍ତ କରିବା ପାଇଁ ଆଉ କେତେଦିନ ଲାଗିବ ତାହା କହିବା ଅସମ୍ଭବ ହୋଇଥିଲେ ହେଁ ଏହି ମିଶନ ସମ୍ଭବ। କାରଣ ସେମାନେ ଏକ ଷ୍ଟ୍ରାଟେଜିକ୍ ଟର୍ନିଂ ପଏଣ୍ଟରେ ପହଞ୍ଚିଛନ୍ତି। ୟୁକ୍ରେନୀୟ ଅଧିକାରୀମାନେ ଅଭାବୀ ଲୋକଙ୍କୁ ଖାଦ୍ୟ, ଔଷଧ ଓ ଜରୁରୀ ସାମଗ୍ରୀ ପହଞ୍ଚାଇବା ପାଇଁ ୧୨ ମାନବୀୟ କରିଡର ପ୍ରତିଷ୍ଠା ଦିଗରେ ଉଦ୍ୟମ ଚଳାଇଛନ୍ତି।



ମସ୍କୋରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସହ ବେଲାରୁଷ ପ୍ରତିପକ୍ଷ ଆଲେକ୍‌ଜାଣ୍ଡାର ଲୋକାଶେଙ୍କୋ।

## ସଫା କଥା କହୁନାହାନ୍ତି ପୁଟିନ୍

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଶୁକ୍ରବାର ବେଲାରୁଷ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଲୁକାଶେଙ୍କୋଙ୍କ ସହ ଆଲୋଚନା କରିଛନ୍ତି। ୟୁକ୍ରେନ୍ ସହ ଏବେ ପ୍ରାୟ ଦୈନିକ ଭିତ୍ତିରେ ବାର୍ତ୍ତା ଚାଲିଥିବା ସେ ଲୁକାଶେଙ୍କୋଙ୍କୁ ସୂଚନା ଦେଇଛନ୍ତି। ପୁଟିନ୍ ଗଣମାଧ୍ୟମକୁ କହିଛନ୍ତି, ରୁଷିଆ-ୟୁକ୍ରେନ୍ ମଧ୍ୟରେ ହୋଇଥିବା ଆଲୋଚନାରୁ କେତେକ 'ନିର୍ଦ୍ଦିଷ୍ଟ ସକାରାତ୍ମକ ଘଟଣାକ୍ରମ' ସାମ୍ନାକୁ ଆସିଛି। ତେବେ ସେହି ଡେଭେଲପ୍‌ମେଣ୍ଟଗୁଡ଼ିକ କ'ଣ ସେ ସ୍ପଷ୍ଟ ଭାବେ କିଛି କହିନାହାନ୍ତି।

## ନିରୀହଙ୍କ ମୃତ୍ୟୁ ସଂଖ୍ୟା ବଢ଼ିଚାଲିଛି

### ଏଯାଏ ୫୪୯

ରୁଷିଆର ୟୁକ୍ରେନ୍ ଆକ୍ରମଣରେ ନିରୀହ ନାଗରିକଙ୍କ ମୃତ୍ୟୁସଂଖ୍ୟା ବଢ଼ିଚାଲିଛି। ରୁଷୀୟ ସୈନ୍ୟଙ୍କ ଗୁଳିଗୋଳା ଓ ମିଶାଇଲ ମାଡ଼ରେ ଅଦ୍ୟାବଧି ୫୪୯ ୟୁକ୍ରେନୀୟ ନିହତ ଓ ୯୫୭ ଆହତ ହୋଇଥିବାବେଳେ ସାଧାରଣ ଜନତାଙ୍କୁ ଯନ୍ତ୍ରଣା ଭୋଗିବାକୁ ପଡୁଛି ବୋଲି ଜାତିସଂଘ ମାନବାଧିକାର କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ୟୁକ୍ରେନ୍‌ର ହସ୍ପିଟାଲ, ସ୍ୱାସ୍ଥ୍ୟକର୍ମୀ ଓ ଆମ୍ବୁଲାନ୍ସ ଉପରେ ରୁଷିଆ ୨୯ ଥର ଆକ୍ରମଣ କରିଥିବା ଶୁକ୍ରବାର ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କହିଛି। ମାରିଉପୋଲ ମାଟର୍ନିଟି ହସ୍ପିଟାଲକୁ ରୁଷୀୟ ସୈନ୍ୟ ବୁଧବାର ଟାର୍ଗେଟ କରିଥିଲେ। ଏହି ଆକ୍ରମଣରେ ୧୨ ମୃତ ଓ ୩୪ ଆହତ ହୋଇଥିଲେ ବୋଲି ଡବ୍ଲ୍ୟୁଏଚ୍‌ଓ ମୁଖପାତ୍ର ଡ. ମାର୍ଗାରେଟ ହାରିସ୍ ସୂଚନା ଦେଇଛନ୍ତି।

## ୩୮୬ ରୁଷୀୟ ଏମ୍‌ପିଙ୍କ ଉପରେ କଟକଣା ଜାରି

**ଲଣ୍ଡନ,୧୧।୩:** ବ୍ରିଟେନ୍‌ର ବୋରିସ୍ ଜନ୍‌ସନ୍ ସରକାର ଶୁକ୍ରବାର ୩୮୬ ରୁଷୀୟ ଏମ୍‌ପିଙ୍କ ବିରୋଧରେ କଟକଣା ଜାରି କରିଛନ୍ତି। ରୁଷିଆ ପାର୍ଲାମେଣ୍ଟର ନିମ୍ନ ସଦନ ଡୁମାର ଏହି ସଦସ୍ୟମାନେ ୟୁକ୍ରେନ୍‌ରୁ ଲୁହାନସ୍କ ଓ ଡୋନେସ୍କକୁ ବିଚ୍ଛିନ୍ନ କରି ସ୍ୱାଧୀନ ରାଷ୍ଟ୍ର ଭାବେ ଘୋଷଣା ପ୍ରସ୍ତାବକୁ ସମର୍ଥନ କରିଥିବାରୁ ଯୁଦ୍ଧ ଚାଲିଥିବା ଦର୍ଶାଇ ବ୍ରିଟେନ୍ ଏଭଳି ନିଷ୍ପତ୍ତି ନେଇଛି। ନୂଆ କଟକଣା ଫଳରେ ୩୮୬ ଏମ୍‌ପି ବ୍ରିଟେନ ଯାତ୍ରା କରିପାରିବେ ନାହିଁ। ଏଥିସହ ବ୍ରିଟେନରେ ଥିବା ସେମାନଙ୍କ ସମ୍ପତ୍ତି ଉପରେ ହାତ ମାରିପାରିବେ ନାହିଁ ବୋଲି କମନ୍‌ୱେଲ୍‌ଥ ଆଣ୍ଡ ଡେଭେଲପ୍‌ମେଣ୍ଟ ଅଫିସ (ଏଫ୍‌ସିଡିଓ) ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ବେଆଇନ ୟୁକ୍ରେନ୍ ଆକ୍ରମଣକୁ ସମର୍ଥନ କରିଥିବା ଏମ୍‌ପିମାନଙ୍କ ଯୋଗୁ ଏହି ବର୍ବର ଯୁଦ୍ଧ ଚାଲିଛି। ରୁଷିଆ ଅର୍ଥନୀତି ଉପରେ କଠୋର କଟକଣା ଜାରି ରହିବ ବୋଲି ବ୍ରିଟେନ ବହିର୍ବ୍ୟାପାର ସଚିବ ଲିଜ୍ ଟ୍ରସ୍ ସ୍ପଷ୍ଟ କରିଛନ୍ତି।

## ଇସ୍ତଫା ଦେଲେ ଚନ୍ନି, ଧାମି

**ଚଣ୍ଡିଗଡ଼,୧୧।୩(ପି.ଟି.):** ପଞ୍ଜାବ ବିଧାନସଭା ନିର୍ବାଚନରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂ ଚନ୍ନି ଶୁକ୍ରବାର ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ରାଜ୍ୟପାଳ ବନୱାରିଲାଲ୍ ପୁରୋହିତଙ୍କୁ ପ୍ରଦାନ କରିଛନ୍ତି। ଇସ୍ତଫା ଦେବା ପୂର୍ବରୁ ଚନ୍ନିଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ ବୈଠକ ବସି ବିଧାନସଭା ଭଙ୍ଗ ଲାଗି ସୁପାରିସ କରାଯାଇଥିଲା। ସେହିପରି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଶୁକ୍ରବାର ରାଜଭବନ ଯାଇ ରାଜ୍ୟପାଳ ଗୁରମିତ ସିଂଙ୍କୁ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ନୂଆ ସରକାର ଶପଥ ନେବା ପର୍ଯ୍ୟନ୍ତ ସେ କାମଚଳା ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିବେ।





ୟୁକ୍ରେନ୍‌ରୁ ଫେରିଥିବା ଭାରତୀୟଙ୍କୁ ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ସମ୍ପର୍କୀୟମାନେ ସ୍ୱାଗତ କରୁଛନ୍ତି।

## ୧୬ରେ ଶପଥ ନେବେ ମାନ୍

ଚଣ୍ଡିଗଡ଼,୧୧।୩

ଏଏପି ନେତା ଭଗୱନ୍ତ ସିଂ ମାନ୍ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭାବେ ଆସନ୍ତା ୧୬ ତାରିଖରେ ଶପଥ ନେବେ। ହାସ୍ୟାଭିନେତାରୁ ରାଜନେତା ହୋଇଥିବା ମାନ୍ ରାଜଭବନରେ ଶପଥ ନେବେ ନାହିଁ। ଏହା ବଦଳରେ ସେ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂଙ୍କ ଜନ୍ମସ୍ଥାନ ନୱାନଶହର ଜିଲାର ଖଟ୍‌କରକଲଣରେ ଶପଥ ଗ୍ରହଣ କରିବେ ବୋଲି ୪୮ ବର୍ଷୀୟ ମାନ୍ ଗୁରୁବାର ଘୋଷଣା କରିଥିଲେ। ପଞ୍ଜାବ ବିଧାନସଭା ନିର୍ବାଚନରେ ଏଏପିର ଅଭୂତପୂର୍ବ ବିଜୟ ପରେ ଏହାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ମାନ୍ ଶୁକ୍ରବାର ଦଳର ଜାତୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କୁ ସାକ୍ଷାତ କରିଥିଲେ। ଉଭୟ ୧୩ ତାରିଖରେ ଅମୃତସରରେ ଏକ ରୋଡ୍ ଶୋ'ରେ ଭାଗନେବେ। ଏହା ବ୍ୟତୀତ ଶପଥଗ୍ରହଣ ଉତ୍ସବରେ ଯୋଗଦେବା ଲାଗି ମାନ୍ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଆମନ୍ତ୍ରଣ କରିଛନ୍ତି।



ଭଗୱନ୍ତ ସିଂ ମାନ୍

## ଇସ୍ତଫା ଦେବେ ଚାଇନା ପ୍ରଧାନମନ୍ତ୍ରୀ

ବେଜିଂ,୧୧।୩(ପି.ଟି.)

ଚାଇନା ପ୍ରଧାନମନ୍ତ୍ରୀ ଲି କେକିଆଙ୍ଗ ଚଳିତ ବର୍ଷ ଇସ୍ତଫା ଦେବେ ବୋଲି କହିଛନ୍ତି। ସେ ଦଶବର୍ଷ ହେଲା ଦେଶର ଅର୍ଥନୀତି ପରିଚାଳନା କରିଆସୁଥିଲେ। ତେବେ ୧୦ ବର୍ଷରେ ଥରେ ଚାଇନାରେ ନେତୃତ୍ୱ ପରିବର୍ତ୍ତନ ଲାଗି କମ୍ୟୁନିଷ୍ଟ ସରକାର ପ୍ରସ୍ତାବ ଆଣିବାକୁ ଯାଉଛନ୍ତି। ଶାସକ କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା (ସିପିସି)ର ପ୍ରତିଷ୍ଠାତା ମାଓ ଜେଡୋଙ୍ଗଙ୍କ ପରେ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ ଦେଶର ସବୁଠୁ ପ୍ରଭାବଶାଳୀ ନେତା। ତାଙ୍କ ବ୍ୟତୀତ ଦଳ ଏବଂ ସରକାରରେ ଥିବା ଅବଶିଷ୍ଟ ନେତୃତ୍ୱ ପରିବର୍ତ୍ତନ ହେବା ଆଶା କରାଯାଉଛି। ଜିନ୍‌ପିଙ୍ଗଙ୍କ ପରେ ସିପିସିର ଦ୍ୱିତୀୟ ପାହ୍ୟାର ନେତା ଲି କହିଛନ୍ତି, ପ୍ରଧାନମନ୍ତ୍ରୀ ଭାବେ ଏହା ତାଙ୍କର ଶେଷ ବର୍ଷ। ଖବରଦାତା ସମ୍ମିଳନୀ ଶେଷରେ ଲି କୌଣସି ବିଦାୟ ବାର୍ତ୍ତା ଦେଇ ନ ଥିଲେ।



ଲି କେକିଆଙ୍ଗ

## ପାକ୍ ପାର୍ଲାମେଣ୍ଟ ଲଜ୍‌ରେ ପୋଲିସ

ଇସ୍‌ଲାମାବାଦ,୧୧।୩

### ୧୯ ବିରୋଧୀ ନେତା ଗିରଫ

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ବିରୋଧରେ ବିରୋଧୀ ଦଳଗୁଡ଼ିକ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଥିବାବେଳେ ଏହା ପୂର୍ବରୁ ଇସ୍‌ଲାମାବାଦ ପୋଲିସ ଗୁରୁବାର ରାତିରେ ପାର୍ଲାମେଣ୍ଟ ଲଜ୍‌ରେ ଧସେଇ ପଶି ୧୯ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ନ୍ୟାଶନାଲ ଆସେମ୍ବ୍ଲିର ମୁଖ୍ୟ ବିରୋଧୀ ଦଳ ସଦସ୍ୟମାନେ ଅଛନ୍ତି। ପିଏମ୍‌ଏଲ୍‌ଏନ୍ ନେତା ଖୱାଜା ସାଦ୍ ରଫିକ୍ କହିଛନ୍ତି, ପାର୍ଲାମେଣ୍ଟ ଲଜ୍‌ରେ ପୋଲିସ ପ୍ରବେଶ କରିପାରିବ ନାହିଁ ବୋଲି ବୁଝାଇବାକୁ ଉଦ୍ୟମ କରିବା ସତ୍ତ୍ୱେ ସେମାନେ ଶୁଣି ନ ଥିଲେ। ପୋଲିସ ସହ ଧସ୍ତାଧସ୍ତି ବେଳେ ରଫିକ୍ ଆହତ ହୋଇଛନ୍ତି।

ଜମାଏତ୍ ଉଲେମା-ଇ-ଇସ୍‌ଲାମ (ଜେୟୁଆଇ-ଏଫ୍) ନେତୃତ୍ୱକୁ ସୁରକ୍ଷା ଦେବା ପାଇଁ ଗଠିତ ସ୍ୱେଚ୍ଛାସେବୀ ବାହିନୀ ଅନ୍‌ସୁରାଲ ଇସ୍‌ଲାମ୍‌ର ସଦସ୍ୟମାନେ ପାର୍ଲାମେଣ୍ଟ ଲଜ୍‌ରେ ପ୍ରବେଶ କରିବା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ତେବେ ଜେୟୁଆଇ ନେତା ତଥା ନ୍ୟାଶନାଲ ଆସେମ୍ବ୍ଲି ସଦସ୍ୟ ସଲ୍ଲୁହୁଦ୍ଦିନ ଆୟୁବି ଏହାକୁ ଖଣ୍ଡନ କରିଛନ୍ତି। ଲଜ୍‌ରେ ଆୟୁବି କର୍ମଚାରୀ ଓ ପୋଲିସ ମଧ୍ୟରେ ସଂଘର୍ଷ ହୋଇଥିଲା। ସେହି ସମୟରେ ଲଜ୍‌ରେ ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ଏବଂ ପାକିସ୍ତାନ ମୁସ୍‌ଲିମ୍ ଲିଗ୍-ନୱାଜ (ପିଏମ୍‌ଏଲ୍‌ଏନ୍)ର ଅନେକ ଏମ୍‌ପି ଉପସ୍ଥିତ ଥିଲେ। ପୋଲିସ କମାଣ୍ଡୋ ସଲାହୁଦ୍ଦିନ ଆୟୁବିଙ୍କ ସୁଟ୍‌ରେ ପ୍ରବେଶ କରି ଅନସୁରାଲ ଇସ୍‌ଲାମ କର୍ମୀଙ୍କୁ ଗିରଫ କରିଥିଲେ। ପୋଲିସ କାର୍ଯ୍ୟାନୁଷ୍ଠାନରୁ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଭୟଭୀତ ଥିବା ପ୍ରମାଣିତ ହୋଇଛି ବୋଲି ପିପିପି ଅଧ୍ୟକ୍ଷ ବିଲାୱାଲ ଭୁଟ୍ଟୋ ଜର୍ଦ୍ଦାରି କହିଛନ୍ତି।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ୧୪ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା, ଜନତା ମଇଦାନ, ପୂର୍ବାହ୍ନ ୧୦ଟା।
- ସାପ୍ତାହିକ ଖବରକାଗଜ ଓଡ଼ିଶା ସ୍ୱରର ପଞ୍ଚଦଶତମ ବାର୍ଷିକ ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- ଟାଟା ଷ୍ଟିଲ ପକ୍ଷରୁ ଭୁବନେଶ୍ୱର ଲିଟେରାରୀ ମିଟ୍, ଭୁବନେଶ୍ୱର କ୍ଲବ, ୟୁନିଟ-୬, ଅପରାହ୍ନ ୪ଟା ୩୦।
- 'ହୋଟେଲ ଓଡ଼ିଶା ପାଣ୍ଠି' ପକ୍ଷରୁ 'ଓଡ଼ିଆଣୀ ପିଠା ମହୋତ୍ସବ' ଉଦ୍‌ଘାଟିତ, ଏକାମ୍ର ହାଟ, ସନ୍ଧ୍ୟା ୬ଟା।
- କଳାଶ୍ରମ ପକ୍ଷରୁ ୧୬ତମ ଗୁରୁ ଦକ୍ଷିଣା ଉତ୍ସବ, ଗୀତଗୋବିନ୍ଦ ସଦନ, ସନ୍ଧ୍ୟା ୬ଟା ୩୦।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ନାଟକ ଉତ୍ସବ 'ରଙ୍ଗ ସଙ୍ଗମ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

କଟକ

- ଅଧିବକ୍ତା ପରିଷଦ ପକ୍ଷରୁ ଆଲୋଚନାଚକ୍ର, ଶହୀଦ ଭବନ, ଅପରାହ୍ନ ୫ଟା ।
- ଗପ ଘର ପକ୍ଷରୁ ଗପ ଆସର, ଶ୍ରୀରାମଚନ୍ଦ୍ର ଭବନ, ସନ୍ଧ୍ୟା ୬ଟା।

# ପ୍ରଥମଥର ମା' ହେଲା ଧଳାବାଘୁଣୀ ରୂପା

## ଲାଳନପାଳନ କେନ୍ଦ୍ରରେ ରହିଲେ ୩ ଛୁଆ





ବାରଙ୍ଗ, ୧୧।୩(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ମୁଖ୍ୟ ଆକର୍ଷଣ ସାଜିଥିବା ଧଳା ବାଘୁଣୀ ରୂପା ପ୍ରଥମଥର ପାଇଁ ମା ହୋଇଛି। ଶୁକ୍ରବାର ସକାଳେ ଗୋଟିଏ ଓ ଅପରାହ୍ନରେ ଦୁଇଟି ପର୍ଯ୍ୟାୟରେ ଦୁଇଟି ଛୁଆଙ୍କୁ ଜନ୍ମ ଦେଇଛି ରୂପା। ତେବେ ସକାଳେ ଜନ୍ମ ଦେଇଥିବା ଛୁଆ ଠିକ୍ ଭାବେ କ୍ଷୀର ଖାଇପାରି ନ ଥିବାର ଜଣାପଡ଼ିବା ପରେ ତାକୁ ମା'ଠାରୁ ଅଲଗା କରାଯାଇଛି। ନବଜାତ ଛୁଆକୁ ଲାଳନପାଳନ କେନ୍ଦ୍ରରେ ଜଣେ ଅସ୍ଥାୟୀ କର୍ମଚାରୀଙ୍କ ଦାୟିତ୍ୱରେ ଛଡ଼ାଯାଇଛି।

ବାଘୁଣୀ ବିଜୟା ଓ ରୋଶନର ଦ୍ୱିତୀୟଗର୍ଭରୁ ୨୦୧୮ ସେପ୍ଟେମ୍ବର ୨୨ରେ ରୂପା ଓ ରାକେଶ ଜନ୍ମଗ୍ରହଣ କରିଥିଲେ। ୪ବର୍ଷ ବୟସ୍କା ବାଘୁଣୀ ରୂପା ଗତ କିଛି ମାସ ତଳେ ବାଘ ସଫାରିରେ ଭାଇ ରାକେଶ ସହ ଯାଇଥିଲା। ସେଠାରେ କିଛିଦିନ ରହିବା ପରେ ଭାଇ ଭଉଣୀଙ୍କ ମିଳନ ହୋଇଥିଲେ ମଧ୍ୟ କର୍ମଚାରୀଙ୍କଠାରୁ ଆରମ୍ଭ କରି ଜନ୍ତୁ ବିଭାଗ ଅଧିକାରୀମାନେ ମଧ୍ୟ ଜାଣିପାରି ନ ଥିଲେ। ପରେ ରୂପାକୁ ବାଘ ସଫାରିରୁ ୨୦ନଂ. ଏନକ୍ଲୋଜରକୁ ଅଣାଯାଇ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଛଡ଼ାଯାଇଥିଲା। ଏନକ୍ଲୋଜରରେ ରୂପା ରହିଥିଲେ ମଧ୍ୟ ସେ ଗର୍ଭଧାରଣ କରିଥିବା ବିଷୟରେ କେହି ଜାଣିପାରି ନ ଥିଲେ। ଶୁକ୍ରବାର ସକାଳେ ରୂପା ତା'ର ପ୍ରଥମ ଗର୍ଭସ୍ଥ ସନ୍ତାନକୁ ଜନ୍ମ ଦେଇଥିଲା। ଜନ୍ମ ପରେ ମା' ତା'ର ଛୁଆକୁ କାମୁଡି ବୁଲୁଥିବାର ଦୃଶ୍ୟ ପର୍ଯ୍ୟଟକମାନଙ୍କଠାରୁ ଖବରପାଇ ସଜାଗ ହୋଇଥିଲେ କର୍ମଚାରୀ। ତେବେ କର୍ମଚାରୀମାନେ ବାଇନାକୁଲରରେ ରୂପାର ଗତିବିଧିକୁ ପରଖିଥିଲେ। ଠିକ ଭାବେ କ୍ଷୀର ଛୁଆଟି ମା'ଠାରୁ ପାଉ ନ ଥିବାର ଜାଣିବା ପରେ ତାକୁ ଡାକ୍ତରଖାନା ପରିସରରେ ଥିବା ଲାଳନପାଳନ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଜନ୍ମିତ ଛୁଆ ସାଧାରଣ ରଙ୍ଗର ହୋଇଥିବାବେଳେ ମାଈ ବୋଲି ଜଣାପଡିଥିଲା। ସେହିଭଳି ଶୁକ୍ରବାର ଅପରାହ୍ନ ୩ଟା ୨୧ରେ ଗୋଟିଏ ଓ ୩.୩୦ରେ ଆଉ ଏକ ଛୁଆକୁ ଜନ୍ମ ଦେଇଥିଲା ବାଘୁଣୀ ରୁପା। ଏହି ଛୁଆ ଦୁଇଟିକୁ ମଧ୍ୟ ମା' ଗ୍ରହଣ ନ କରିବାରୁ ସନ୍ଧ୍ୟାରେ ଲାଳନପାଳନ କେନ୍ଦ୍ରକୁ ଅଣାଯିବା ପରେ ଛୁଆ ଦୁଇଟି ଧଳାରଙ୍ଗର ଓ ଅଣ୍ଡିରା ବୋଲି ଜଣାପଡ଼ିଥିଲା। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ କୌଣସି ବାଘ ଜନ୍ମ ହେବା ସମୟ ପୂର୍ବରୁ ଜନ୍ତୁବିଭାଗ ତା'ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇଥାଏ। ସିସିଟିଭି କ୍ୟାମେରା ଲଗାଇ ତା'ର ଗତିବିଧିକୁ ତଦାରଖ କରାଯାଏ। କିନ୍ତୁ ଏଥର ରୂପା ଗର୍ଭଧାରଣ ବିଷୟରେ କିଭଳି ଜନ୍ତୁ ବିଭାଗ କି ଡାକ୍ତରମାନେ ଜାଣିପାରିଲେ ନାହିଁ। ଠିକାଦାରୀ କାର୍ଯ୍ୟକୁ ଗୁରୁତ୍ୱ ଦେଉଥିବା ବେଳେ ବାଘ ଜନ୍ମ କଥାକୁ ଭୁଲିଯାଇଥିଲେ। ଜନ୍ତୁ ବିଭାଗର ଦାୟିତ୍ୱହୀନତାର ଏହା ନଗ୍ନ ଉଦାହରଣ ବୋଲି ରଘୁନାଥପୁର ପଞ୍ଚାୟତର ପୂର୍ବତନ ସମିତିସଭ୍ୟା ତଥା ନାରୀ ଜାଗରଣ ମଞ୍ଚର ସଭାନେତ୍ରୀ ଝୁନା ରାଉତ ଅଭିଯୋଗ କରିଛନ୍ତି। ତିନିଛୁଆ ବାଘ ଜନ୍ମ ପରେ ନନ୍ଦନକାନନରେ ବାଘ ସଂଖ୍ୟା ବୃଦ୍ଧି ପାଇ ୨୯ରେ ପହଞ୍ଚିଛି।

## ସଂକ୍ଷେପରେ

### ରେଳଧାରଣାରୁ ଯୁବକଙ୍କ ମୃତଦେହ ଜବତ

**ବାରଙ୍ଗ, ୧୧।୩(ଡି.ଏନ୍.ଏ.):** କଳାରାହାଙ୍ଗ ଲେଭଲ କ୍ରସିଂ ନିକଟ ରେଳଧାରଣାରୁ ଶୁକ୍ରବାର ଜଣେ ଯୁବକଙ୍କ ମୃତଦେହକୁ ମଞ୍ଚେଶ୍ୱର ରେଳ ପୋଲିସ ଜବତ କରିଛି। ମୃତକ ଜଣକ ହେଲେ କଟକ ନରସିଂହପୁର ଅନ୍ତର୍ଗତ ଶରଧାପୁରର ପ୍ରଭାକର ବେହେରା(୨୫)। ପ୍ରକାଶ ଯେ, ସକାଳେ କଳାରାହାଙ୍ଗ ଲେଭଲ କ୍ରସିଂ ପାଖରେ ଏକ ମୃତଦେହ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତାଙ୍କ ପାଖରେ ଥିବା ଏକ ପର୍ସରୁ ପରିଚୟ ପାଇ ପରିବାର ଲୋକଙ୍କୁ ପୋଲିସ ଖବର ଦେଇଥିଲା। ପରେ ପ୍ରଭାକରଙ୍କ ପରିବାର ଓ ସମ୍ପର୍କୀୟ ଆସି କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚିଥିଲେ। ସେମାନଙ୍କ କହିବା ଅନୁସାରେ, ପ୍ରଭାକର କିଛିଦିନ ତଳେ ରଙ୍ଗକାମ କରିବାକୁ ଆସି ତାଙ୍କ ପରିଚିତ ଜଣକ ସହ ପଟିଆ ବିଗ୍‌ବଜାର ନିକଟରେ ରହୁଥିଲେ। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

### ରେଲୱେ ଶେଡ୍‌ରୁ ମିଳିଲା ଶ୍ରମିକଙ୍କ ମୃତଦେହ

**ଖୁଣ୍ଟୁଣୀ, ୧୧।୩(ଡି.ଏନ୍.ଏ.):** ଗୁରୁଡିଝାଟିଆ ଥାନା ଅନ୍ତର୍ଗତ ଛଅଗାଁ ଷ୍ଟେଶନ ନିକଟ ରେଲୱେ ଶେଡ୍ ଭିତରୁ ସମୟ ହେମ୍ବ୍ରମ ନାମକ ଜଣେ ଶ୍ରମିକଙ୍କ ମୃତଦେହକୁ ପୋଲିସ ଶୁକ୍ରବାର ଜବତ କରି ବ୍ୟବଚ୍ଛେଦ ପାଇଁ ଆଠଗଡ଼ ଡାକ୍ତରଖାନା ପଠାଇଛି। ତାଙ୍କ ଘର ଝାଡ଼ଖଣ୍ଡରେ ହୋଇଥିବାବେଳେ ସେ ଏଠାରେ ରେଳ ଶ୍ରମିକ ଭାବେ କାମ କରୁଥିଲେ। ସେ କାମ ସାରି ଗୁରୁବାର ରାତିରେ ଶୋଇଥିଲେ। ଶୁକ୍ରବାର ସକାଳେ ତାଙ୍କୁ ସହକର୍ମୀମାନେ ରେଲୱେ ଟ୍ରାକ୍‌ରେ କାମ କରିବା ପାଇଁ ଯିବାକୁ ଡାକିଥିଲେ। ହେଲେ ସେ ନ ଉଠିବାରୁ ସେମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବା ସହ ଏକ ଅପମୃତ୍ୟୁ ମାମଲା(ନଂ.୩/୨୨) ରୁଜୁ କରିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ଜଣାପଡିବ ବୋଲି ଆଇଆଇସି ରଞ୍ଜନ କୁମାର ଜେନା କହିଛନ୍ତି।

# ଟାଟା ଷ୍ଟିଲ୍ ଭୁବନେଶ୍ୱର ଲିଟେରାରି ମିଟ୍ ଆରମ୍ଭ




କାର୍ଯ୍ୟକ୍ରମରେ ଉପସ୍ଥିତ ଟାଟାଷ୍ଟିଲ୍‌ର ଅଧିକାରୀ ଓ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୧୧।୩(ବ୍ୟୁରୋ)

ସାହିତ୍ୟ, ସଙ୍ଗୀତ ଓ ମଞ୍ଚ ସମେତ ଆନୁଷଙ୍ଗିକ ସାଂସ୍କୃତିକ କାର୍ଯ୍ୟକ୍ରମ ପାଳନ ନିମନ୍ତେ 'ଟାଟା ଷ୍ଟିଲ୍ ଭୁବନେଶ୍ୱର ଲିଟେରାରି ମିଟ୍'ର ୬ଷ୍ଠ ସଂସ୍କରଣ ଶୁକ୍ରବାର ଆରମ୍ଭ ହୋଇଛି। ଭୁବନେଶ୍ୱର କ୍ଲବ୍‌ଠାରେ ଆୟୋଜିତ ହୋଇଥିବା ଏହି ଉତ୍ସବ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଉତ୍ସବକୁ କବି ପଦ୍ମ ଭୂଷଣ ରମାକାନ୍ତ ରଥ ଉଦ୍‌ଘାଟନ କରିଥିବାବେଳେ ଟାଟା ଷ୍ଟିଲ୍ ଇଣ୍ଡିଆ ଓ ଦକ୍ଷିଣ ଏସିଆ କର୍ପୋରେଟ କମ୍ୟୁକିନେସନ୍ସ ଚିଫ୍ ସର୍ବେଶ କୁମାର, ଭୁବନେଶ୍ୱର ଲିଟେରାରି ମିଟ୍ ନିର୍ଦ୍ଦେଶିକା ମାଲବିକା ବାନାର୍ଜୀ ଉପସ୍ଥିତ ଥିଲେ। ଏହି ଅବସରରେ ସର୍ବେଶ କୁମାର କହିଥିଲେ, ଭୁବନେଶ୍ୱର ଲିଟେରାରି ମିଟ୍ କେବଳ ଓଡ଼ିଶାରୁ ନୁହେଁ, ବରଂ ସମଗ୍ର ଭାରତ ଓ ବିଶ୍ୱରୁ ଅଗ୍ରଣୀ କଳାକାରଙ୍କୁ ଆକୃଷ୍ଟ କରିଛି। ଏହି ଉତ୍ସବ ପରିବର୍ଦ୍ଧିତ ହେବା ସହିତ ଓଡ଼ିଶାର ସାଂସ୍କୃତିକ କାର୍ଯ୍ୟସୂଚୀର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି। ମାଲବିକା କହିଥିଲେ, ଚଳିତ ବର୍ଷ ଉତ୍ସବର ଏକ ସାହିତ୍ୟିକ ପ୍ରାଣ ରହିଛି। କିନ୍ତୁ ତାହା ସହିତ ଏହା ଚଳଚ୍ଚିତ୍ର, ମଞ୍ଚ ଏବଂ ଏପରିକି ଡିଜିଟାଲ ଦୁନିଆକୁ ମଧ୍ୟ ପରିବ୍ୟାପ୍ତ ହୋଇଛି। ସେହିଭଳି ଅତିଥି ଭାବେ ସନ୍ଦୀପ ରୟ, ତନୟା ପଟ୍ଟନାୟକ ଏବଂ ରସ୍କିନ ବଣ୍ଡ୍ ଯୋଗଦେଇ ବର୍ତ୍ତମାନର ଆଧୁନିକତା ଭିତରେ ପଡ୍‌କାଷ୍ଟ, ରେଡିଓ ଏବଂ ଅଡିଓ ପୁସ୍ତକଗୁଡିକର ପ୍ରଭାବ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବିଶିଷ୍ଟ ଲେଖକ ରାକେଶ ଖାନ୍ନା ତାଙ୍କର ସଦ୍ୟତମ ଉପନ୍ୟାସ 'ଘୋଷ୍ଟସ, ମୋନଷ୍ଟର୍ସ ଆଣ୍ଡ୍ ଡେମନ୍‌ସ ଅଫ୍ ଇଣ୍ଡିଆ' ସମ୍ପର୍କରେ ନିଜର ଚିନ୍ତନ ପ୍ରକାଶ କରିଥିଲେ। ଲୋକପ୍ରିୟ ହାସ୍ୟକାର ଅଭିଜିତ ଗାଙ୍ଗୁଲିଙ୍କ କାର୍ଯ୍ୟକ୍ରମ ସହିତ ଏହି ଉଦ୍‌ଘାଟନୀ ସନ୍ଧ୍ୟା ଶେଷ ହୋଇଥିଲା।

## ମେଡିକାଲ କଲେଜ ପ୍ରଫେସର ସ୍ତରରେ ବଦଳି ଓ ପଦୋନ୍ନତି

ଭୁବନେଶ୍ୱର, ୧୧।୩(ବ୍ୟୁରୋ)

ବିଭିନ୍ନ ମେଡିକାଲ କଲେଜର ପ୍ରଫେସର, ଆସୋସିଏଟ୍ ଓ ଆସିଷ୍ଟାଣ୍ଟ ପ୍ରଫେସର ସ୍ତରରେ ବଦଳି ସହ ପଦୋନ୍ନତି ହୋଇଛି। ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପ୍ରକାଶିତ ୩ ବିଜ୍ଞପ୍ତି ଅନୁସାରେ, ୧୭ଜଣ ଆସିଷ୍ଟାଣ୍ଟ ପ୍ରଫେସରଙ୍କ ପଦୋନ୍ନତି ଦିଆଯାଇଛି। ଏସ୍‌ସିବିରୁ ୧୧ଜଣ ଓ ଏମ୍‌କେସିଜିରୁ ୬ଜଣ ଡାକ୍ତରଙ୍କ ନାମ ରହିଛି। ସେହିପରି ବିଭିନ୍ନ ମେଡିକାଲ ତଥା ମେଡିକାଲ କଲେଜର ୨୨ଜଣ ଆସୋସିଏଟ୍ ପ୍ରଫେସରଙ୍କୁ ପ୍ରଫେସର ଭାବେ ପଦୋନ୍ନତି ମିଳିଛି। ଏମ୍‌କେସିଜିର ୬ଜଣ ଡାକ୍ତର ରହିଥିବାବେଳେ ଏସ୍‌ସିବିର ୧୨ଜଣ, ପିଆର୍‌ଏମ୍ ମେଡିକାଲ କଲେଜ ଓ ଶ୍ରୀଜଗନ୍ନାଥ ମେଡିକାଲ କଲେଜର ୨ଜଣ ଲେଖାଏ ଆସୋସିଏଟ୍ ପ୍ରଫେସର ରହିଛନ୍ତି। ଏହାବ୍ୟତୀତ ୧୦ଜଣଙ୍କୁ ବଦଳି କରାଯାଇଛି। ଡା. କେ ନାୟକଙ୍କୁ କେନ୍ଦୁଝର ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲ, ଡା. ଶ୍ରୀ ନନ୍ଦଙ୍କୁ ସୁନ୍ଦରଗଡ ସରକାରୀ ମେଡିକାଲ କଲେଜ, ଡା. ଛବି ଶତପଥୀଙ୍କୁ ଏମ୍‌କେସିଜି, ଡା. ନମିତା ମହାପାତ୍ର ଓ ଡା. ଲିନା ଦାଶଙ୍କୁ କ୍ୟାପିଟାଲ ହସ୍ପିଟାଲ ପିଜି ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ୍ ରିସର୍ଚ୍ଚ, ଡା. ସରିତା ପଣ୍ଡାଙ୍କୁ ଏମ୍‌କେସିଜି, ଡା. ଆରତୀ ବେହେରା ଓ ଡା. କାଳୀପ୍ରସାଦ ପଟ୍ଟନାୟକଙ୍କୁ ଶ୍ରୀଜଗନ୍ନାଥ ମେଡିକାଲ କଲେଜ, ଡା. ବନ୍ଦନା ରଥଙ୍କୁ କୋରାପୁଟ ଏସ୍‌ଏଲ୍‌ଏନ୍ ଓ ଡା. ବିଶ୍ୱଜିତ ମିଶ୍ରଙ୍କୁ ଏସ୍‌ସିବିକୁ ବଦଳି କରାଯାଇଛି।

# ରମେଶଙ୍କ ଲାଏ ଡିଟେକ୍ସନ ପାଇଁ ଅନୁମତି ଦେଲେ କୋର୍ଟ

ଭୁବନେଶ୍ୱର, ୧୧।୩(ବ୍ୟୁରୋ)

ବିଭିନ୍ନ ରାଜ୍ୟର ୧୭ରୁ ଅଧିକ ମହିଳାଙ୍କୁ ବିବାହ କରି ପ୍ରତାରଣା ପରେ ଲୁଟିବା ସହ ବିଭିନ୍ନ ଠକେଇ ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ରସିକିଆ ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଲାଏ ଡିଟେକ୍ସନ୍ ଟେଷ୍ଟ କରାଯିବ। ଏନେଇ ଭୁବନେଶ୍ୱର ଏସ୍‌ଡିଜିଏମ୍ କୋର୍ଟ କମିଶନରେଟ ପୋଲିସକୁ ଅନୁମତି ଦେଇଛନ୍ତି। ଆସନ୍ତା ବୁଧବାର ଭୁବନେଶ୍ୱର ରସୁଲଗଡ଼ସ୍ଥିତ ରାଜ୍ୟ ଫରେନ୍‌ସିକ୍ ଲାବରେଟୋରିରେ ଅଭିଯୁକ୍ତ ରମେଶଙ୍କ ଲାଏ ଡିଟେକ୍ସନ କରାଯିବ। ତେବେ ଏହି ଟେଷ୍ଟ ଜରିଆରେ ପୋଲିସ ତାଙ୍କଠାରୁ ଠକେଇ ଓ ପ୍ରତାରଣା କାର୍‌ନାମାର ସତ ଓକାଳିବାକୁ ଚେଷ୍ଟା କରିବ। ଏଥିପାଇଁ ପୋଲିସ ଟିମ୍ ପ୍ରଶ୍ନାବଳୀ ପ୍ରସ୍ତୁତ କରୁଛି। ରମେଶ ପ୍ରକୃତରେ କେତେଜଣଙ୍କୁ ବିବାହ କରିଛନ୍ତି, କେତେ ଜଣଙ୍କୁ ଚାକିରି ଆଳରେ ଠକେଇ କରିଛନ୍ତି, କାହା ନାଁରେ ସମ୍ପତ୍ତି କରିଛନ୍ତି, କେତୋଟି ରାଜ୍ୟକୁ ଠକେଇର ଚେର ଲମ୍ବିଛି, ଠକେଇ ଟଙ୍କା କେଉଁଠି ରଖିଛନ୍ତି, ଭାଇ, ଭଉଣୀ ଓ ଭିଣୋଇଙ୍କ ଭୂମିକା କ'ଣ, ଏଭଳି ବିଭିନ୍ନ ଦିଗକୁ ନେଇ ପୋଲିସ ତାଙ୍କୁ ଲାଏ ଡିଟେକ୍ସନ୍ ଟେଷ୍ଟରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରଶ୍ନ ପଚାରିବ। ରମେଶ ଭିନ୍ନ ଭିନ୍ନ ପର୍ଯ୍ୟାୟରେ ୧୩ ଦିନ ପାଇଁ ୩ଟି ପର୍ଯ୍ୟାୟରେ ରିମାଣ୍ଡରେ ଆସିଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କଠାରୁ ଅନେକ ତଥ୍ୟ ହାସଲ କରିପାରି ନ ଥିଲା। ପଚରାଉଚରା ସମୟରେ ସେ ପୋଲିସକୁ ଭ୍ରମାତ୍ମକ କଥା କହି ଦେଇ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୁଚାଇଥିଲେ। ତେଣୁ ମଙ୍ଗଳବାର ପୋଲିସ ରମେଶଙ୍କ ଲାଏ ଡିଟେକ୍ସନ୍ ଟେଷ୍ଟ କରିବାକୁ ଅନୁମତି ଲୋଡ଼ିଥିଲା।

ଅନ୍ୟପକ୍ଷରେ ରମେଶଙ୍କ ବିରୋଧରେ ଆଉଜଣେ ସ୍ତ୍ରୀ ଅଭିଯୋଗ ଆଣିଛନ୍ତି। ସେ ପଞ୍ଜାବର ଜଣେ ଅଧ୍ୟାପିକା। ରମେଶ ୨୦୧୯ରେ ତାଙ୍କୁ ବିବାହ କରିଥିଲେ। ଫାର୍ମହାଉସ କରିବେ ବୋଲି କହି ତାଙ୍କଠାରୁ ୯ ଲକ୍ଷ ଟଙ୍କା ଆଣିଥିଲେ। ଏଥିସହ ଗୁରୁଦ୍ୱାର ମେଡିକାଲ ଓ ନର୍ସିଂ କଲେଜ ଲାଇସେନ୍ସ ଦେବାକୁ କହି ଗୁରୁଦ୍ୱାର କମିଟିରୁ ୧୧ ଲକ୍ଷ ଟଙ୍କା ଠକିଥିବା ସେ କହିଛନ୍ତି। ପୋଲିସ ଏନେଇ ଅନୁସନ୍ଧାନ ଆରମ୍ଭ କରିଛି।

### ନକଲି ଡାକ୍ତରଙ୍କଠୁ ସତ ଓକାଳିବ ପୋଲିସ

**ପଞ୍ଜାବର ଅଧ୍ୟାପିକା ସ୍ତ୍ରୀ ଆଣିଲେ ଅଭିଯୋଗ**



ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ତପନ



@ ସାତାନ



@ ପିଙ୍କୁ



@ ନିବେଦିତା



@ ସଞ୍ଜୟ



@ ରୋଜି

# ୩୭.୧ ଡିଗ୍ରୀରେ ଅନୁଗୋଳ

**ଭୁବନେଶ୍ୱର, ୧୧।୩(ବ୍ୟୁରୋ):** ସାରା ରାଜ୍ୟରେ ଏବେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଶୁକ୍ରବାର ଅନୁଗୋଳରେ ସର୍ବାଧିକ ତାପମାତ୍ରା ୩୭.୧ ଡିଗ୍ରୀ ରହିଥିଲା। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନାନୁସାରେ, ବଲାଙ୍ଗୀର, ତାଳଚେର, ଟିଟିଲାଗଡ଼ ଓ ସୋନପୁର ଆଦି ୪ ସହରରେ ତାପମାତ୍ରା ୩୭ ଡିଗ୍ରୀ ରେକର୍ଡ କରାଯୋଇଥିବାବେଳେ ସମ୍ବଲପୁର ୩୬.୩, ବାରିପଦା, ଝାରସୁଗୁଡ଼ା, ଭବାନୀପାଟଣା, ନୟାଗଡ଼ ଆଦି ୩ ସହରରେ ୩୬ ଡିଗ୍ରୀ, ଭୁବନେଶ୍ୱରରେ ୩୫.୯, ହୀରାକୁଦ ୩୫.୬, ଭଦ୍ରକ ୩୫.୮, ମାଲକାନଗିରି ୩୫, କଟକ ୩୫.୨ ଓ ବାଲେଶ୍ୱର ୩୫.୪ ଡିଗ୍ରୀ ତାପମାତ୍ରା ରହିଥିଲା।



ଭୁବନେଶ୍ୱରସ୍ଥିତ ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ ଚଳଚ୍ଚିତ୍ର 'ପ୍ରେମରେ ରିସ୍କ ହେଲା ମୋତେ ଇସ୍କ'ର ଅଡିଓ ରିଲିଜ୍ କରାଯାଉଛି।




ଅନ୍‌ଲାଇନ୍ ପରୀକ୍ଷା ଦାବିରେ ବିପିୟୁଟି ଷ୍ଟୁଡେଣ୍ଟ୍ସ ଆସୋସିଏଶନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ୟୁକ୍ରେନ୍ ଉପରେ ରୁଷିଆ ବର୍ବରୋଚିତ ଆକ୍ରମଣ ବନ୍ଦ ସହ ଯୁଦ୍ଧମୁକ୍ତ, ହିଂସାମୁକ୍ତ, ଶାନ୍ତିମୟ ସୁରକ୍ଷିତ ବିଶ୍ୱର ଆହ୍ୱାନ ନେଇ ବିଭିନ୍ନ ଗଣ ସଙ୍ଗଠନ ପକ୍ଷରୁ ଶୁକ୍ରବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ।

# ନାମାଙ୍କନ ପ୍ରତ୍ୟାହାର କଲେ ୮ ପ୍ରାର୍ଥୀ

**ବିଏମ୍‌ସି ନିର୍ବାଚନ**

ଭୁବନେଶ୍ୱର, ୧୧।୩ (ବ୍ୟୁରୋ)

ବିଏମ୍‌ସି ନିର୍ବାଚନ ପାଇଁ କର୍ପୋରେଟର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବା ୮ ପ୍ରାର୍ଥୀ ଶୁକ୍ରବାର ସେମାନଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଛନ୍ତି। ନାମାଙ୍କନ ପ୍ରତ୍ୟାହାର କରିଥିବା ୮ ଜଣଙ୍କ ମଧ୍ୟରୁ ଅଧିକାଂଶ ବିଜେଡିରୁ ଟିକେଟ ନ ପାଇ ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେହିପରି କେତେଜଣ ସ୍ୱାଧୀନ ପ୍ରାର୍ଥୀ ମଧ୍ୟ ନାମାଙ୍କନ ପ୍ରତ୍ୟାହାର କରିନେଇଛନ୍ତି। ବିଦ୍ରୋହୀ ପ୍ରାର୍ଥୀଙ୍କୁ ମନାଇବା ପାଇଁ ଶାସକ ଦଳ ତରଫରୁ ଜୋର୍‌ସୋରରେ ଉଦ୍ୟମ ଜାରି ରହିଥିବାବେଳେ ୮ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥିପତ୍ର ଫେରାଇ ନେଇଛନ୍ତି। ତେବେ ବୁଝାଶୁଝା ପରେ ଆହୁରି କେତେଜଣ ପ୍ରାର୍ଥୀ ଶୃଙ୍ଖଳିତ କାର୍ଯ୍ୟକର୍ତ୍ତା ଭାବେ ସମାନ ରାସ୍ତାରେ ଯାଇପାରନ୍ତି।

ନାମାଙ୍କନ ପ୍ରତ୍ୟାହାର କରିଥିବା ୮ କର୍ପୋରେଟର ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ୨୯ ନମ୍ବର ୱାର୍ଡରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିବା ସେଖ୍ ନିଜାମୁଦ୍ଦିନ, ୭ ନମ୍ବର ୱାର୍ଡରୁ ସୁଶୀଲ କୁମାର ପଣ୍ଡା ଓ ମୃତ୍ୟୁଞ୍ଜୟ ଷଡ଼ଙ୍ଗୀ। ସେହିପରି ୧୧ ନମ୍ବର ୱାର୍ଡରୁ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ସ୍ମରଣିକା ମହାନ୍ତି, ୨୫ ନମ୍ବର ୱାର୍ଡରୁ ଅକ୍ଷୟ କୁମାର ବାରିକ, ୧୯ ନମ୍ବରରୁ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଜ୍ୟୋସ୍ନାରାଣୀ ରାଉତରାୟ, ୪୮ ନମ୍ବର ୱାର୍ଡରୁ ସ୍ୱାଧୀନ ଭାବେ ମଇଦାନକୁ ଓହ୍ଲାଇଥିବା ଜ୍ୟୋତିର୍ମୟୀ ସାହୁ ଏବଂ ୨୨ ନମ୍ବର ୱାର୍ଡରୁ ଦ୍ରୌପଦୀମଣି ସିଂହ, ୨୯ ନମ୍ବରରୁ ନିଜାମୁଦ୍ଦିନଙ୍କ ନାମାଙ୍କନ ପ୍ରତ୍ୟାହାର ପରେ ସେହି ୱାର୍ଡରେ ଏବେ ବିଜେଡି ପ୍ରାର୍ଥୀ ଏ.କେ. ରାଜୁ ଓ ଭାଜପା ପ୍ରାର୍ଥୀ ଅପରୂପା ରାଉତ ମଇଦାନରେ ଅଛନ୍ତି।

ସେହିପରି ୭ ନମ୍ବର ୱାର୍ଡରେ ୨ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଏବେ ମାନସ କୁମାର ଦାସ ବିଜେଡି, କଂଗ୍ରେସର ମନୋଜ କୁମାର ମହାପାତ୍ର, ଭାଜପାର ଯଶଧର ପ୍ରଧାନ, ସ୍ୱର୍ଣ୍ଣପ୍ରଭା ରାୟ ସ୍ୱାଧୀନ, ଲୋକନାଥ ବେହେରା ଆପ୍ ପ୍ରାର୍ଥୀ ରହିଛନ୍ତି। ସୂଚନାନୁସାରେ, ବିଏମ୍‌ସି ନିର୍ବାଚନରେ ଅସନ୍ତୁଷ୍ଟ ପ୍ରାର୍ଥୀମାନେ ଅଙ୍କ ବିଗାଡ଼ିପାରନ୍ତି। ବିଭିନ୍ନ ୱାର୍ଡରେ ବିଦ୍ରୋହୀ ପ୍ରାର୍ଥୀ ଏବେ ମୁଣ୍ଡବ୍ୟଥାର କାରଣ ପାଲଟିଛନ୍ତି। ଭୁବନେଶ୍ୱରର ମୋଟ୍ ୬୭ଟି ୱାର୍ଡରେ ୧୩୩ ସ୍ୱାଧୀନ ପ୍ରାର୍ଥୀ କର୍ପୋରେଟର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ବିଜେଡି କର୍ପୋରେଟର ଆଶାୟୀ ଥିଲେ। ଦଳୀୟ ଟିକେଟ ନ ମିଳିବାରୁ ସେମାନେ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଥିଲେ। ୧୪ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥିପତ୍ର ପ୍ରତ୍ୟାହାରର ସମୟ ରହିଥିବାରୁ ଅସନ୍ତୁଷ୍ଟଙ୍କୁ ବୁଝାଶୁଝା କରି ନାମାଙ୍କନପତ୍ର ପ୍ରତ୍ୟାହାର କରିବା ପାଇଁ କୁହାଯାଉଛି। ଏପରି କି ନ ମାନିଲେ କାର୍ଯ୍ୟାନୁଷ୍ଠାନର ଚେତାବନୀ ମଧ୍ୟ ଦିଆଯାଉଥିବା ଜଣାପଡ଼ିଛି।

## ଷ୍ଟ୍ରଙ୍ଗ୍ ରୁମ୍ ପ୍ରସ୍ତୁତି ତଦାରଖ କଲେ ବିଏମ୍‌ସି କମିଶନର



ଚଳିତ ପୌର ନିର୍ବାଚନ ପାଇଁ ଭୋଟର ଓ ବୁଥ୍ ତାଲିକା ଚୂଡ଼ାନ୍ତ ହୋଇସାରିବା ପରେ ଏବେ ନିର୍ବାଚନକୁ ବିଧିବଦ୍ଧ ତଥା ଶୃଙ୍ଖଳିତ ଭାବେ ଶେଷ କରିବା ପାଇଁ ବିଭିନ୍ନ ପ୍ରସ୍ତୁତି ପ୍ରକ୍ରିୟା ଜାରି ରହିଛି। ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର କମିଶନର ସଞ୍ଜୟ କୁମାର ସିଂ ଷ୍ଟ୍ରଙ୍ଗରୁମ ପାଇଁ ଚିହ୍ନିତ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର ତଦାରଖ କରିଛନ୍ତି। ଚଳିତ ବିଏମ୍‌ସି ସାଧାରଣ ନିର୍ବାଚନରେ କର୍ପୋରେଟର ଓ ମେୟର ପଦବୀ ପାଇଁ ସ୍ୱତନ୍ତ୍ର ଭାବେ ମତଦାନ କରାଯାଉଥିବାରୁ ଏଥିରେ ଦୁଇ ଗୁଣା ଇଭିଏମ୍ ଉପଯୋଗ ହେବ। ସେହି ଅନୁଯାୟୀ ଇଭିଏମ୍ ଓ ଆନୁଷଙ୍ଗିକ ଉପକରଣ ଦେବା ତଥା ମତଦାନ ପରେ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଷ୍ଟ୍ରଙ୍ଗ ରୁମ୍‌ର ସୁଗମ ପରିଚାଳନା ପାଇଁ ଉପସ୍ଥିତ ଥିବା ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କମିଶନରଙ୍କ ସହ ଅତିରିକ୍ତ ଜିଲାପାଳ ତଥା ନିର୍ବାଚନ ଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ, ବିଏମ୍‌ସିର ଅତିରିକ୍ତ କମିଶନର ବିନୟ କୁମାର ଦାଶ, ନିର୍ବାଚନ ଡେପୁଟି କମିଶନର ଶ୍ରୀମନ୍ତ ମିଶ୍ର, ଜୋନାଲ୍ ଡେପୁଟି କମିଶନର ପୁରନ୍ଦର ନନ୍ଦ, ଡେପୁଟି କମିଶନର (ସୋସିଆଲ୍ ୱେଲ୍‌ଫେୟାର) କମଳାକାନ୍ତ ବେହେରା ବିଜେବି କଲେଜର ଆର୍ଟସ୍ ବ୍ଲକର ତଳ ମହଲା ଏବଂ ପ୍ରଥମ ମହଲାର ବିଭିନ୍ନ କୋଠରୀକୁ ପରିଦର୍ଶନ କରିଛନ୍ତି।

## ଏନ୍‌ସିଏସ୍‌ସିଡିଏ କାର୍ଯ୍ୟାଳୟରେ ନିଯୁକ୍ତି ମେଳା

ଭୁବନେଶ୍ୱର, ୧୧।୩ (ବ୍ୟୁରୋ)

ଜାତୀୟ ଆଜୀବିକା ସେବା କେନ୍ଦ୍ର(ଏନ୍‌ସିଏସ୍‌ସିଡିଏ), ରୋଜଗାର ମହାନିର୍ଦ୍ଦେଶାଳୟ (ଡିଜିଇ) ଶ୍ରମ ଓ ନିଯୁକ୍ତି, ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ପାଇଁ ଜାତୀୟ ଆଜୀବିକା ସେବା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଏକ ନିଯୁକ୍ତି ମେଳା ଏନ୍‌ସିଏସ୍‌ସିଡିଏ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରୁ ଲୋକେ ଆସି ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ସରକାରୀ ଆଇଟିଆଇର ପ୍ରିନ୍ସିପାଲ ଜିତାମିତ୍ରା ଶତପଥୀ, ପ୍ରମୁଖ ଅତିଥି ଭାବେ ଉପକ୍ଷେତ୍ରୀୟ ରୋଜଗାର ଅଧିକାରୀ ତପନ ରାଉଳ ଉପସ୍ଥିତ ଥିଲେ। ଏଥିରେ ନର୍ସିଂ, ଇ କମର୍ସ, ଅଟୋ ମୋବାଇଲ, ମାର୍କେଟିଙ୍ଗ ଆଦି ୭୫୦ରୁ ଅଧିକ ପଦବୀ ପାଇଁ ବିଭିନ୍ନ କମ୍ପାନୀମାନେ ରହିବା ସହ ୫୦୦ରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଏନ୍‌ସିଏସ୍‌ସିଡିଏ ନିର୍ଦ୍ଦେଶକ ସୁଜିତ ସାହୁ, ସୋନିଲିକା ସୁମନ ଏବଂ ମୀନତି ପଟ୍ଟନାୟକଙ୍କ ସହଯୋଗରେ ଆୟୋଜନ ହୋଇଥିଲା।

## ‘ଜୀବନ ପଥେ’ ସାହିତ୍ୟ ଆସରର ବାର୍ଷିକୋତ୍ସବ

ଭୁବନେଶ୍ୱର, ୧୧।୩ (ବ୍ୟୁରୋ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଅବସରରେ ଓଡ଼ିଆ ଭାଷା–ସାହିତ୍ୟ ବିଭାଗର ‘ଜୀବନ ପଥେ’ ସାହିତ୍ୟ ଆସରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସସ୍ମିତା ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଯୋଗଦେଇ ଲେଖିକାମାନେ କିଭଳି ଲେଖା ମାଧ୍ୟମରେ ସମାଜର ପରିବର୍ତ୍ତନ କରିପାରନ୍ତି ତାହା ମା’ ରମାଦେବୀଙ୍କ ଆତ୍ମଜୀବନୀ ‘ଜୀବନପଥେ’ରୁ ପ୍ରମାଣ ମିଳେ ବୋଲି ସେ ମତବ୍ୟକ୍ତ କରିଥିଲେ। ଆସରର ଉପଦେଷ୍ଟା ପ୍ରଫେସର ସଂଘମିତ୍ରା ମିଶ୍ର କହିଲେଏ ଛାତ୍ରୀମାନେ ସୃଜନଶୀଳତାରେ ବ୍ରତୀ ହେବା ଉଦ୍ଦେଶ୍ୟରେ ଏହା ଗଠିତ ହୋଇଛି। ସମ୍ମାନିତ ଅତିଥି ଡକ୍ଟର ଅନିନ୍ଦିତା ଦାସ ଅଭିଭାଷଣ ପ୍ରଦାନ ସହ ଫକୀରମୋହନଙ୍କ ସଙ୍ଗୀତ ପରିବେଷଣ କରିଥିଲେ। ଲେଖକ ଭି. ରାଜୁ ଓ ଗବେଷିକା ଦୀପ୍ତିମୟୀ ସାହୁଙ୍କ ପୁସ୍ତକ ଲୋକାର୍ପିତ ହେବାସହ ପ୍ରତିଯୋଗିତାର କୃତି ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ସଂକ୍ଷେପରେ

### ‘କବିତା ଜୀବନର ଅଙ୍ଗ’

ଭୁବନେଶ୍ୱର,୧୧।୩(ବ୍ୟୁରୋ): ଡକ୍ଟର ଗୋବିନ୍ଦ ଚନ୍ଦ୍ର ଦାଶଙ୍କର ୪ଟି କବିତା ସଂକଳନ ପ୍ରକାଶନ ସଂସ୍ଥା ଏଥେନା ବୁକ୍ସ ପକ୍ଷରୁ ଶୁକ୍ରବାର ଉନ୍ମୋଚିତ ହୋଇଯାଇଛି। କବିତା ସଂକଳନ ଫେରିବା ବାଟରେ, ଅମୃତ ଆଲେଖ୍ୟ, ଶ୍ରୀଜଗନ୍ନାଥ ଭଜନ ଶତକ ଓ ଶ୍ରୁତି ସଂଜୀବନୀ ସହିତ ଏ ବି ପ୍ରଡକ୍ସନ ଦ୍ୱାରା ଏକ ମ୍ୟୁଜିକ ଭିଡିଓ ଲୋକାର୍ପିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅଭିନେତା ତଥା ରାଜନେତା ଡ. ପ୍ରଶାନ୍ତ ନନ୍ଦ, ମୁଖ୍ୟବକ୍ତା ଡ. ଫନୀ ମହାନ୍ତି, ସମ୍ମାନିତ ଅତିଥି ଅଧ୍ୟାପକ ବିଶ୍ୱରଞ୍ଜନ, ସମ୍ମାନିତ ବକ୍ତା ଡ. ବସନ୍ତ ପଣ୍ଡା ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ କବି ଡ. ଗୋବିନ୍ଦ ଦାଶ ଲେଖକୀୟ ଅଭିଭାଷଣ ପ୍ରଦାନ କରିଥିଲେ। ଡ. ନନ୍ଦ କବିତା ଜୀବନର ଅଙ୍ଗ ବୋଲି କହିଥିଲେ। ମୁଖ୍ୟବକ୍ତା ଫନୀ ମହାନ୍ତି କବିତା ଅତୀତର ଅନୁଭୂତି ଏବଂ ଭବିଷ୍ୟତରେ ସ୍ୱର ବୋଲି ତାଙ୍କର ଅଭିଭାଷଣରେ କହିଥିଲେ। ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁପ୍ରିୟା ପଣ୍ଡା ସଂଯୋଜନା କରିଥିଲେ ଏବଂ ପରିଶେଷରେ ପ୍ରକାଶକ ତଥା ଲେଖକ ରାଜକିଶୋର ଦାସ ଧନ୍ୟବାଦ ଦେଇଥିଲେ।

### ଶିଳ୍ପିକା ପକ୍ଷରୁ ଡାର୍କ ଲାଇଟ୍ ଉତ୍ସବ

ଭୁବନେଶ୍ୱେର,୧୧।୩ (ବ୍ୟୁରୋ): ସଂସ୍କୃତିକୁ ସୁରକ୍ଷା ଦେବା ଓ ପ୍ରଚାର କରିବା ପାଇଁ ସାଂସ୍କୃତିକ ଅନୁଷ୍ଠାନ ଶିଳ୍ପିକା ପକ୍ଷରୁ ସୂଚନା ଭବନଠାରେ ଡାର୍କ ଲାଇଟ୍ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା କରାଯିବା ସହ ନୃତ୍ୟ ଓ ଚିତ୍ରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିଳ୍ପିକାର ସମ୍ପାଦକ ବାସୁଦେବ ନାଥ ଏହାର ସଂଯୋଜନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଉତ୍କଳ ଖବରଦାତା ସଂଘର ସଭାପତି ବିଭୂତି ଭୂଷଣ କର, ଖବରଦାତା ସନ୍ତତ ମିଶ୍ର, ଓଡ଼ିଶୀ ନୃତ୍ୟ ଗୁରୁ ପ୍ରତିଭା ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ନୃତ୍ୟ କାର୍ଯ୍ୟକ୍ରମକୁ ପାର୍ବତୀ ବାରିକ୍ ନିର୍ଦ୍ଦେଶନା ଦେଇଥିଲେ। ଶେଷରେ ଶିଳ୍ପପତି ରଜତ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଗୁରୁ ପଣ୍ଡିତ ରବିଶଙ୍କର ଉପାଧ୍ୟାୟଙ୍କୁ ଗୁରୁ ଦକ୍ଷିଣା ସମ୍ମାନ

ଭୁବନେଶ୍ୱର,୧୧।୩(ବ୍ୟୁରୋ): କଳାଶ୍ରମ ପକ୍ଷରୁ ୩ଦିନିଆ ସାଂସ୍କୃତିକ ଭିତ୍ତିକ କାର୍ଯ୍ୟକ୍ରମ ଗୁରୁ ଦକ୍ଷିଣା ଶୁକ୍ରବାର ଆରମ୍ଭ ହୋଇଛି। ଗୁରୁ-ଶିଷ୍ୟ ପରମ୍ପରା ବଜାୟ ରଖିବା ପାଇଁ ଉତ୍ସବରେ ନୃତ୍ୟ, ସଙ୍ଗୀତ, ନାଟକ ପ୍ରଦର୍ଶନ କରାଯାଇଛି। ମୁଖ୍ୟତଃ ଦିବ୍ୟାଙ୍ଗଙ୍କୁ କଳାର ମୁଖ୍ୟସ୍ରୋତରେ ସାମିଲ କରିବା ହେଉଛି ଏହି ଉତ୍ସବର ମୁଖ୍ୟ ଲକ୍ଷ୍ୟ। ପୂର୍ବତନ ରାଷ୍ଟ୍ରଦୂତ ସଞ୍ଜୟ ପଣ୍ଡା, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପିପିଏଲ୍ କର୍ପୋରେଟ୍ ହେଡ୍ ସୁଧିରଞ୍ଜନ ମିଶ୍ର, ସଙ୍ଗୀତଜ୍ଞ ଗୁରୁ ଲକ୍ଷ୍ମୀକାନ୍ତ ପାଲିତ, ଗୁରୁ ବିଦ୍ୟାଧର ଦାସ, ସମ୍ପାଦକ ଗୁରୁ ନିତ୍ୟାନନ୍ଦ ଦାସ ଏବଂ ସଂଯୋଜକ ବିଶ୍ୱଜିତ ବଳିୟାର ସିଂ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଦିଲ୍ଲୀର ପ୍ରଖ୍ୟାତ ମୃଦଙ୍ଗ ବାଦକ ଗୁରୁ ପଣ୍ଡିତ ରବିଶଙ୍କର ଉପାଧ୍ୟାୟଙ୍କୁ ଗୁରୁ ଦକ୍ଷିଣା ସମ୍ମାନ-୨୦୨୧ ଓ ଗୁରୁ କୃପାସିନ୍ଧୁ ବେହେରାଙ୍କୁ ସର୍ଜନଶୀଳ ପ୍ରତିଭା ସମ୍ମାନ-୨୦୨୨ ପ୍ରଦାନ କରାଯାଇଥିଲା। ଗୁରୁ ରବିଶଙ୍କରଙ୍କ ପୁତ୍ର ରିଶି ଶଙ୍କର ଓ କନ୍ୟା ମହିମାଙ୍କ ସହ ମୂରଲିଧର ସ୍ୱାଇଁ ପଖାଉଜ୍ ବାଦନ କରିଥିଲେ। ମଙ୍ଗଳଧ୍ୱନି ଅନୁଷ୍ଠାନ ଦ୍ୱାରା ମୃଦଙ୍ଗ ବାଦନ, ଗୁରୁ ବିଜୟ ଦାସ ଓ ଅରୁନ୍ଧତୀ ମିଶ୍ରଙ୍କ ଓଡିଶୀ ଯୁଗଳବନ୍ଦୀ, ନୃତ୍ୟାତ୍ମା ଅନୁଷ୍ଠାନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ଦିବ୍ୟାଙ୍ଗ ଶିଳ୍ପୀ ସତ୍ୟବ୍ରତ ସାହୁ ଓ ସାଗରିକା ସାହୁଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଅର୍ପଣ ଅନୁଷ୍ଠାନ ପକ୍ଷରୁ ଦିବ୍ୟାଙ୍ଗଙ୍କୁ ନେଇ ନାଟକ ପରିବେଷିତ ହୋଇଥିଲା।



ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ରାଜ୍ୟସ୍ତରୀୟ ନାଟକ ଉତ୍ସବ ‘ରଙ୍ଗ ସଙ୍ଗମ’ର ଶୁକ୍ରବାର ସନ୍ଧ୍ୟାରେ ପରିବେଷିତ ନାଟକ ‘ଥିପ୍ ଥିପ୍ ପାନି’ର ଏକ ଦୃଶ୍ୟ।

## ପାନି ଲାଗି ଜୀବନ୍, ଜୀବନ୍ ଲାଗି ପାନି

ଭୁବନେଶ୍ୱର, ୧୧।୩ (ବ୍ୟୁରୋ)

ମାଗଣାରେ ମିଳୁଥିବା ଜିନିଷକୁ ମାଗଣା ଭାବି ଅପଚୟ କରି ଚାଲିଲେ ତାହା ଦିନେ ନା ଦିନେ ସରିଯିବ। ଆଉ କଥା ଯଦି ମୌଳିକ ଆବଶ୍ୟକତାକୁ ନେଇ ଆସେ ତା’ହେଲେ ତାହା ଦିନେ ସରିଗଲେ ମଣିଷ ଅକାଳରେ ଛଟପଟ ହୋଇ ମରିଯିବେ। ବାୟୁ, ପାଣି ଏସବୁ ମାଗଣାରେ ମିଳୁଛି ବୋଲି ଭାବି ଆମେ ଏହାର ଠିକ୍ ବିନିଯୋଗ କରୁ ନାହିଁ। ତାମିଲନାଡୁ, ମହାରାଷ୍ଟ୍ର ଭଳି ରାଜ୍ୟରେ ପାଣିର ଘୋର ଅଭାବ। କିନ୍ତୁ ଆମକୁ ପାଣି ଠିକ୍ ଭାବରେ ମିଳିଯାଉଛି ବୋଲି ଆମେ ମନ ଇଚ୍ଛା ନଷ୍ଟ କରି ଚାଲିଛେ। ପାନି ଲାଗି ଜୀବନ୍, ଜୀବନ୍ ଲାଗି ପାନି ଅର୍ଥାତ୍ ଯଦି ପାଣି ସରିଯାଏ ତା’ହେଲେ ଜୀବନ ମଧ୍ୟ ନିମିଷକେ ଶେଷ ହୋଇଯିବ। ପାଣି ଭଳି ଏକ ମୌଳିକ ଆବଶ୍ୟକତାର ଭବିଷ୍ୟତକୁ ଲକ୍ଷ୍ୟ ରଖି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ରଙ୍ଗ ସଙ୍ଗମ ୨୦୨୨ର ଅଦୃଶ୍ୟ ନାଟ୍ୟ ଆଶ୍ରମ, ସମ୍ବଲପୁର ଭେଟି ଦେଇଛି ତୃତୀୟ ସନ୍ଧ୍ୟାର ନାଟକ ‘ଥିପ୍ ଥିପ୍ ପାନି’। ପାଣି ହେଉ କି ପବନ ଏ ଦୁହେଁ ନ ହେଲେ ଚଳିବନି, ଏ କଥା ଆମେ ସଭିଏଁ ଜାଣିଛୁ। ହେଲେ କେବେ ତା’ର ଯତ୍ନ କରି ଶିଖୁଛୁ କି? ଏଭଳି ଆବଶ୍ୟକତା ଥରେ ସରିଆସିଲେ ସରକାର ମଧ୍ୟ ଏହାର ପ୍ରତିକାର କରିପାରିବେନି। ସମସ୍ୟାର ସମାଧାନ ସରଳ, ଚିରସ୍ଥାୟୀ ଓ ସୁଖ ସମୃଦ୍ଧି ଏବଂ ପ୍ରେମମୟ ହୃଦୟ ପରି ଉଚ୍ଛୁଳି ପଡ଼ିବ ଏହି ଅପଥ ପାନିରେ...। ନାଟକଟି ସମ୍ବଲପୁରୀ ଭାଷାରେ କରାଯାଇଥିଲା। ଯାହା ଦର୍ଶକଙ୍କୁ ବିଶେଷ ପ୍ରଭାବିତ କରିଥିଲା। ଏହାକୁ ଅତିଶ୍ କୁମାର ଶତପଥୀ ନିର୍ଦ୍ଦେଶନା ଦେଇଛନ୍ତି। ନରେନ୍ଦ୍ର ବେହେରା, ଶୁଭମ୍ ମେହେର, ଆଦିତ୍ୟ ଶାହା, ରାହୁଲ୍ ଗୁପ୍ତା, ସୁମିତ୍ରା ମହାକୁଡ, ଆକାଂକ୍ଷା ଦଣ୍ଡସେନା, ଭାଗବତୀ ସାଲିମା, ପଙ୍କଜିନୀ ମେହେର ପ୍ରମୁଖ ଅଭିନୟ କରିଥିଲେ। ଏହି ଅବସରରେ ଜଣାଶୁଣା ନିର୍ଦ୍ଦେଶକ ଅଭିନ୍ନ ରାଉତରାୟ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ପ୍ରବୋଧ ରଥ କାର୍ଯ୍ୟକ୍ରମ ଆରମ୍ଭରେ ଉପସ୍ଥିତ ରହି ନାଟକ ବିଷୟରେ କହିଥିଲେ। ନାଟକର ନିର୍ଦ୍ଦେଶକଙ୍କୁ ଏହି ନାଟକ ପାଇଁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ଓଡ଼ିଆ ଭାଷାର ଉନ୍ନତି ଆବଶ୍ୟକ

ଭୁବନେଶ୍ୱର, ୧୧।୩ (ବ୍ୟୁରୋ)

ଉତ୍କଳ ସମ୍ମିଳନୀ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ପାଳିତ ହୋଇଯାଇଛି। ସମ୍ମିଳନୀର ଉପ–ସଭାପତି ବିଚିତ୍ରାନନ୍ଦ ସାହୁଙ୍କ ସଭାପତିତ୍ୱରେ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ସଦସ୍ୟ ସଚିବ ଡ. ସୁବ୍ରତ ପୃଷ୍ଟି ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାର ଇତିହାସ ଓ ଏହାର ଉପକାରିତା ଉପରେ ଅତିଥି ପୃଷ୍ଟି ଆଲୋକପାତ କରିଥିଲେ। ବୈଠକରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲୀପ ଦାଶଶର୍ମା ଯୋଗଦେଇ ଗତ ୮ ବର୍ଷ ତଳୁ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେପରି କିଛି ଉନ୍ନତି ପରିଲକ୍ଷିତ ହୋଇନାହିଁ। ତେଣୁ ଓଡ଼ିଆ ଭାଷାର ଉନ୍ନତି ଆବଶ୍ୟକ ବୋଲି ସେ କହିଥିଲେ। ଏଥିସହ ଉପ–ସଭାପତି ବିଚିତ୍ର ବଡଜେନା, ଡ. ସୁରେନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ଡ. ରବି ସାହୁ, ଡ. ବିପିନି ବିହାରୀ ବାରିକ, ଡ. ଜଗବନ୍ଧୁ ଷଡଙ୍ଗୀ, ଖବରଦାତା ବାସନ୍ତୀ ତ୍ରିପାଠୀ, ମହେଶ୍ୱର ବିଶ୍ୱାଳ, ରୁଷୀ ପଟ୍ଟନାୟକ ଓ ଅନ୍ନପୂର୍ଣ୍ଣା ଦାସ ପ୍ରମୁଖ ସାମିଲ ଥିଲେ। ଶାଖା ସଭାପତି ବିଭୂତି ମିଶ୍ର ଧନ୍ୟବାଦ ଦେଇଥିଲେ।

## ‘ପଣ୍ଡିତ ଗୋପବନ୍ଧୁ ଫେଲୋଶିପ୍’ ମିଶନ ଶୁଭାରମ୍ଭ



ଭୁବନେଶ୍ୱର, ୧୧।୩ (ବ୍ୟୁରୋ)

୪୦ ବର୍ଷରେ ପାଦ ଥାପିବାକୁ ଯାଉଛି ସିଓ୍ୱାଇଏସ୍‌ଡି। ଏହି ଅବସରରେ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ ଚାହୁଁଥିବା ଆଗ୍ରହୀ ଯୁବପିଢ଼ିଙ୍କୁ ଏ ଦିଗରେ ନିଜର ଦକ୍ଷତା ବିକାଶ ସକାଶେ ଶୁଭାରମ୍ଭ ହୋଇଛି ‘ପଣ୍ଡିତ ଗୋପବନ୍ଧୁ ଫେଲୋଶିପ୍’ ମିଶନ। ଏକ ବର୍ଷର ଏହି ଫେଲୋଶିପ୍ କାର୍ଯ୍ୟକ୍ରମରେ ଆଗ୍ରହୀ ଯୁବପିଢିଙ୍କ ପାଇଁ ଏକ ସ୍ୱତନ୍ତ୍ର ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ସାମାଜିକ ସମସ୍ୟାକୁ ଚିହ୍ନଟ ସହ ନିଜର ଦକ୍ଷତାକୁ ପରିପ୍ରକାଶ କରିବା ପାଇଁ ସୁଯୋଗ ପାଇବେ। ରାଜ୍ୟର ଅନେକ ବିଶ୍ୱବିଦ୍ୟାଳୟରୁ ବିଭିନ୍ନ ପାଠ୍ୟକ୍ରମ ଯଥା–ସାମାଜିକ ବିଜ୍ଞାନ, ନୃତତ୍ତ୍ୱ ବିଜ୍ଞାନ, ଭୂଗୋଳ, ଗ୍ରାମୀଣ ବିକାଶ, ଯୁବ ବିକାଶ ଓ ଆଇନ ପାଠ୍ୟକ୍ରମରୁ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇଥିବାବେଳେ ସେମାନଙ୍କ ପାଇଁ ଏକ ତିନିଦିନିଆ ଯୁବ ନେତୃତ୍ୱ ବିକାଶ ଶିବିର ସିଓ୍ୱାଇଏସ୍‌ଡିଠାରେ ଆୟୋଜିତ ହୋଇଛି। ଶୁକ୍ରବାର ଶିବିରର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ନିଜର ମତ ରଖିଥିଲେ। ଏହି ଅବସରରେ ଲେଖକ ତଥା ସାମାଜିକ କର୍ମୀ ଜଗଦୀଶ ପ୍ରଧାନଙ୍କ ଲିଖିତ ‘ଜଣେ ସାମାଜିକ କର୍ମୀର ଡାଇରୀ’ ଶୀର୍ଷକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଯୁବଗୋଷ୍ଠୀଙ୍କୁ ସାମାଜିକ କାର୍ଯ୍ୟରେ ଅଂଶଗ୍ରହଣ ସକାଶେ ଅଧିକ ଉତ୍ସାହିତ କରିବା ତଥା ଆଗ୍ରହୀ ଯୁବଗୋଷ୍ଠୀଙ୍କ ପାଇଁ ଏକ ନୂତନ ସୁଯୋଗ ଓ ସମ୍ଭାବନା ସୃଷ୍ଟି କରିବାରେ ‘ଗୋପବନ୍ଧୁ ଫେଲୋସିପ୍ ମିଶନ୍’ ଏକ ନିଆରା ପ୍ରୟାସ ହୋଇ ପାରିବ ବୋଲି ସିଓ୍ୱାଇଏସ୍‌ଡିର ସଦସ୍ୟ ସଚିବ ଜଗଦାନନ୍ଦ ମତ ପ୍ରକାଶ କରିଛନ୍ତି।

## ଯୁବକଙ୍କୁ ଅପହରଣ କରି ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର, ୧୧।୩ (ବ୍ୟୁରୋ)

**ମହିଳା ସମେତ ୩ ଗିରଫ**

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ଅପହରଣ କରିବା ସହ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଶହୀଦ ନଗର ପୋଲିସ ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ରୂପାଲି ଛକ ନିକଟସ୍ଥ ବାୟା ବାବା ବସ୍ତିର ବାସନ୍ତି ସାହୁ(୨୫), ସେକ ଅହମ୍ମଦ ଆଲିଆ (୨୩) ଏବଂ ରାଧେ ବିଶ୍ୱାଳ (୧୯)। ଏ ନେଇ ପୋଲିସ ଏକ ମାମଲା(ନଂ.୧୦୦/୨୨) ରୁଜୁ କରିଛି। ସୂଚନାନୁଯାୟୀ, ଗତ ୮ ତାରିଖରେ ପୋଖରୀପୁଟର ଦିଲୀପ ମିଶ୍ର କୌଣସି କାମରେ ବାୟାବାବା ମଠ ନିକଟକୁ ଯାଇଥିଲେ। ସେଠାରେ ତିନି ଅଭିଯୁକ୍ତଙ୍କ ସହ କୌଣସି କଥାକୁ ନେଇ ତାଙ୍କର ଯୁକ୍ତିତର୍କ ହୋଇଥିଲା। ପରେ ସେମାନେ ଦିଲୀପଙ୍କୁ ଅପହରଣ କରିନେଇ ଗୋଟିଏ ଘର ଭିତରେ ରଖି ନିସ୍ତୁକ ମାଡ ମାରିଥିଲେ। ଏପରିକି ତାଙ୍କଠାରୁ ଗୋଟିଏ ମୋବାଇଲ ଫୋନ ଏବଂ ୩ ହଜାର ୫ ଶହ ଟଙ୍କା ଛଡାଇ ନେଇଥିଲେ। ପାଟିଶୁଣି ସ୍ଥାନୀୟ ଲୋକେ ପିସିଆରକୁ ଫୋନ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ଖବରପାଇ ପିସିଆର ପହଞ୍ଚି ଦିଲୀପଙ୍କୁ ଉଦ୍ଧାର କରିବା ସହ ହସ୍ପିଟାଲ ପଠାଇଥିଲେ। ମେଡିକାଲରୁ ସୁସ୍ଥ ହେବା ପରେ ଦିଲୀପ ଶହୀଦ ନଗର ଥାନାରେ ଶୁକ୍ରବାର ଅଭିଯୋଗ ପରେ ପୋଲିସ ତଦନ୍ତ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ନିର୍ବାଚନୀ ହିଂସା ଏଡାଇବାକୁ ସହରାଞ୍ଚଳ ଜିଲା ପୋଲିସର ତତ୍ପରତା

ଭୁବନେଶ୍ୱର, ୧୧।୩ (ବ୍ୟୁରୋ)

ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା ତରଫରୁ ସ୍ପେଶାଲ ଏନଫୋର୍ସମେଣ୍ଟ ଡ୍ରାଇଭ୍ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ଗତ ୨୫ ଫେବୃଆରୀରୁ ଏଯାବତ ଲକ୍ଷ୍ମୀସାଗର ଥାନାରେ ଗୋଟିଏ ଏବଂ କ୍ୟାପିଟାଲ ଓ ନୟାପଲ୍ଲୀ ଥାନାରେ ୨ ଟି ଭିନ୍ନ ଭିନ୍ନ ମାମଲା ରୁଜୁ କରାଯାଇଛି। ୫ଟି ମାମଲାରେ ଶାନ୍ତି ଭଙ୍ଗକାରୀ ବ୍ୟକ୍ତିଙ୍କ ବିରୋଧରେ ୧୦୭ ସିଆର୍‌ପିସି ଦଫା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାବେଳେ ୫ଜଣ ଅଭ୍ୟାସଗତ ଅପରାଧୀଙ୍କ ବିରୋଧରେ ୧୧୦ ସିଆର୍‌ପିସି ଅନୁଯାୟୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୯୨ ବେଆଇନ ମଦ କାରବାର ବିରୋଧରେ ମାମଲା ରୁଜୁ କରାଯାଇ ୭୪ ଜଣ ବ୍ୟକ୍ତିଙ୍କୁ ଗିରଫ ଓ ୧୧ଜଣଙ୍କୁ ୪୧ ସିଆର୍‌ପିସି ଅନୁଯାୟୀ ନୋଟିସ କରାଯାଇଛି। ସେହିଭଳି ବିପୁଳ ମଦ, ବ୍ରାଉନସୁଗାର ଓ ଗଞ୍ଜେଇ ଜବତ କରାଯାଇଛି।



ରାଷ୍ଟ୍ରୀୟ ଅଭିଲେଖାଗାରର ୧୩୨ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ପ୍ରତିଷ୍ଠାନରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।



ନୂଆ ଟ୍ରାଫିକ ନିୟମ ସଂକ୍ରାନ୍ତରେ ଟ୍ରାଫିକ ଡିସିପି ଏସ୍. ସୁଶ୍ରୀ ଶୁକ୍ରବାର ଭୁବନେଶ୍ୱର ଏଜି ଛକରେ ଲୋକଙ୍କୁ ଚକୋଲେଟ ଓ କାର୍ଡ ବାଣ୍ଟି ସଚେତନ କରୁଛନ୍ତି।



ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍ ପକ୍ଷରୁ ଅନୁଷ୍ଠିତ ୧୮ତମ ଏଣ୍ଟରପ୍ରିନ୍ୟୁର୍ସ ୱିକ୍‌ର ଶୁକ୍ରବାର ଉଦ୍‌ଯାପନ ଅବସରରେ ମୁଖ୍ୟ ଅତିଥି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ଅନ୍ୟ ଅତିଥିମାନେ।

## ସଂକ୍ଷେପରେ

### ପୁରୀ ଜିଲା ଅଦାଲତରେ ରାଜ୍ୟର ପ୍ରଥମ ଫାଷ୍ଟର ସେବା

ପୁରୀ ଅଫିସ, ୧୧।୩:
ରାଜ୍ୟରେ ପ୍ରଥମ ଫାଷ୍ଟର ସେବା (ଫାଷ୍ଟ ଆଣ୍ଡ୍ ସିକ୍ୟୋର୍ଡ ଟ୍ରାନ୍ସମିଶନ୍ ଅଫ୍ ଇଲେକ୍ଟ୍ରୋନିକ ରେକର୍ଡ୍‌ସ) ଶୁକ୍ରବାର ପୁରୀ ଜିଲା ଅଦାଲତରେ କାର୍ଯ୍ୟକ୍ଷମ ହୋଇଛି। ରାଜ୍ୟ ଗୃହ ବିଭାଗର ଅନୁମୋଦନ (ଅଧିସୂଚିତ ନଂ. ୫୩୫୫/୧୯.୨.୨୨) କ୍ରମେ ଏହି ବ୍ୟବସ୍ଥା କାର୍ଯ୍ୟକ୍ଷମ କରାଯାଇଛି। ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ ଅମିୟ ରଞ୍ଜନ ଜେନା ଏସ୍.ଟି କେସ୍ ନଂ.୭୬/୨୨ରେ ମୁଦାଲା ରଞ୍ଜନ ଚମ୍ପତିଙ୍କ ଜାମିନ ଆବେଦନ ବିଚାର କରି ୧୦ ତାରିଖରେ ଜାମିନ ପ୍ରଦାନ କରିଥିଲେ। ଉକ୍ତ ଜାମିନ୍ ଆଦେଶକୁ ଫାଷ୍ଟର ଆପ୍ ମାଧମରେ ଜିଲା କାରାଗାରକୁ ପଠାଯାଇଥିଲା। ଫଳରେ ପୁରୀ ସହରଠାରୁ ୨୫ କି.ମି. ଦୂର ବାଙ୍ଗରସ୍ଥିତ ଜିଲା କାରାଗାରରେ ଉକ୍ତ ଜାମିନ୍ ଆଦେଶ ମାତ୍ର କିଛି କ୍ଷଣ ମଧରେ ପହଞ୍ଚିଥିଲା ଏବଂ ମୁଦାଲା ତୁରନ୍ତ କାରାଗାରରୁ ମୁକୁଳି ପାରିଥିଲେ। ପ୍ରକାଶ ଥାଉକି, ଜିଲା କଂଗ୍ରେସ ଲିଗାଲ ସେଲ୍‌ର ଆବାହକ କାଳିପ୍ରସାଦ ନାୟକ ଗତ ଫେବୃୟାରୀ ୩ରେ ଚିଠି (ନଂ. ୦୧୧/୨୨) ମାଧମରେ ପୁରୀ ଜିଲା ଜଜ୍‌ଙ୍କୁ ଏ ସମ୍ପର୍କରେ ଅନୁରୋଧ କରିଥିଲେ। ଏହି ଆପ୍ ସୁଚାରରୂପେ କାର୍ଯ୍ୟକ୍ଷମ ହେଲେ ଓକିଲ, ମୁଦାଲା ଓ ସେମାନଙ୍କ ପରିବାର ସମେତ ସର୍ବସାଧାରଣ ବିଶେଷ ଉପକୃତ ହେବେ ବୋଲି ଆଶାବ୍ୟକ୍ତ କରାଯାଇଛି।

### ୪ ରାଜ୍ୟରେ ବିଜୟର ପ୍ରଭାବ ଓଡ଼ିଶା ପୌର ନିର୍ବାଚନରେ ପଡିବ : ଭାଜପା

ଭୁବନେଶ୍ୱର,୧୧।୩(ବ୍ୟୁରୋ): ପାଞ୍ଚ ରାଜ୍ୟରେ ବିଧାନସଭା ନିର୍ବାଚନ ଫଳ ଗୁରୁବାର ପ୍ରକାଶ ପାଇଛି। ପଞ୍ଜାବ ବ୍ୟତୀତ ଉତ୍ତର ପ୍ରଦେଶ, ମଣିପୁର, ଗୋଆ ଓ ଉତ୍ତରଖଣ୍ଡରେ ଭାଜପା ବିଜୟଲାଭ କରିଛି। ଏହାର ପ୍ରଭାବ ଓଡ଼ିଶାବାସୀଙ୍କୁ ପ୍ରଭାବିତ କରିବ। ଏଥିସହ ଚଳିତ ପୌର ନିର୍ବାଚନରେ ଏହାର ପ୍ରଭାବ ପଡ଼ିବ ବୋଲି ରାଜ୍ୟ ଭାଜପା ଦୃଢ଼ୋକ୍ତି ବାଢ଼ିଛି। ସେହିପରି ଏହି ଫଳାଫଳ ରାଜ୍ୟରେ ଶାସକ ବିଜେଡି ପାଇଁ ବିପଦ ସୃଷ୍ଟି କରିବା ନେଇ କଂଗ୍ରେସ ମଧ ଆଶଙ୍କା କରିଛି। ତେବେ ବିଜେଡି ଏହାକୁ ଖଣ୍ଡନ କରିଛି। ଆଞ୍ଚଳିକ ସ୍ତରରେ ଏହାର କୌଣସି ପ୍ରଭାବ ରହିବନାହିଁ ବୋଲି କୁହାଯାଇଛି। ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ଗଣତନ୍ତ୍ରରେ ଜନତା ହେଲେ ମାଲିକ। ଭାଜପା ଲୋକଙ୍କ ନିକଟରେ ଆସ୍ଥା ଭାଜନ ହୋଇପାରିଛି। ଜନ ସମର୍ଥନକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ଯେ, ଜନସାଧାରଣ ମୋଦିଙ୍କ ନେତୃତ୍ୱ ଉପରେ ମୋହର ଲଗାଇଛନ୍ତି। ପୌର ନିର୍ବାଚନରେ ନିଶ୍ଚିତଭାବେ ଏହା ପ୍ରତିଫଳିତ ହେବ। ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି, ଓଡିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଉଛନ୍ତି ସର୍ବଗ୍ରହଣୀୟ ନେତା। ସେଠାକାର ଅଙ୍କକଷା ଏଠାରେ ପ୍ରଭାବ ପକାଇ ପାରିବ ନାହିଁ ବୋଲି ମିଶ୍ର କହିଛନ୍ତି। ସେହିପରି କଂଗ୍ରେସର ବରିଷ୍ଠ ନେତା ତଥା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ରାଜ୍ୟ କଂଗ୍ରେସ ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ। ହେଲେ ଏହା ବିଜେଡି ପାଇଁ ବିପଦ ହେବ। ଆମ ନେତା ପଦ ପଦବୀ, ମୁଖ୍ୟମନ୍ତ୍ରୀ ପଦ ପଛରେ ଦୌଡୁଛନ୍ତି। ସେଥିପାଇଁ ଦଳର ସ୍ଥିତି ବିଗିଡ଼ିବାରେ ଲାଗିଛି। ନଚେତ ରାଜ୍ୟରେ ଦଳର ପ୍ରଦର୍ଶନ ଭଲ ହୋଇପାରିବ ବୋଲି ବାହିନୀପତି କହିଛନ୍ତି।

# '୫ ଫୁଟ୍ କହି ଖୋଳିଛନ୍ତି ୩୫'

■ନିର୍ମାଣସ୍ଥଳ ଅନୁଧ୍ୟାନ କଲା ଓକିଲ ସଂଘ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍
■ କାର୍ଯ୍ୟ ସ୍ଥଗିତ ଦାବିକୁ ଅଗ୍ରାହ୍ୟ କଲେ ଜିଲାପାଳ
■ଆଜି ବସିବ ଓକିଲ ସଂଘର ଲିଗାଲ କମିଟି ବୈଠକ

ପୁରୀ ଅଫିସ,୧୧।୩


ପୁରୀ ଓକିଲ ସଂଘର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପ୍ରକଳ୍ପ ନିର୍ମାଣସ୍ଥଳ ଅନୁଧ୍ୟାନ କରୁଛି।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ନେଇ ବିବାଦ ଥମୁନାହିଁ। ଗୋଟିଏ ପଟେ ଏନେଇ ଜାତୀୟ ସ୍ମାରକୀ ପ୍ରାଧିକରଣ (ଏନ୍ଏମ୍ଏ) ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ)ର ଅନୁମତି ରହିଛି ବୋଲି ଜିଲା ପ୍ରଶାସନ କହୁଥିବାବେଳେ ଅନ୍ୟ ପଟେ ଅନୁମତି ବିନା କାମ ଚାଲିଥିବା ବିଭିନ୍ନ ସଙ୍ଗଠନ ଅଭିଯୋଗ ଆଣିଛନ୍ତି। ଏପରି କି ୫ ଫୁଟ୍ ପାଇଁ ଅନୁମତି ଥିବାବେଳେ ୩୫ ଫୁଟ୍ ପର୍ଯ୍ୟନ୍ତ ଖନନ କାର୍ଯ୍ୟ କରାଯାଉଥିବାରୁ ଶ୍ରୀମନ୍ଦିର ଭିତ୍ତିଭୂମି ପ୍ରତି ବିପଦ ଆଶଙ୍କା ରହୁଛି ବୋଲି ପୁରୀ ଓକିଲ ସଂଘ କହିଛି। ଶୁକ୍ରବାର ପୁରୀ ଓକିଲ ସଂଘର ୩୦ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଉକ୍ତ ପ୍ରକଳ୍ପ ନିର୍ମାଣସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ପରେ ଜିଲାପାଳଙ୍କୁ ଭେଟି ଏ ନେଇ ଅସନ୍ତୋଷ ବ୍ୟକ୍ତ କରିଛି।

ଏ ନେଇ ଟିମ୍ ସଦସ୍ୟ ଆଇନଜୀବୀ ଶରତ କୁମାର ରାୟଗୁରୁ କହିଛନ୍ତି, ଶ୍ରଦ୍ଧାଳୁ ଓ ସେବାୟତଙ୍କ ସୁବିଧା ପାଇଁ ହେଉଥିବା ନିର୍ମାଣ କାର୍ଯ୍ୟରେ ୫ ଫୁଟ୍ ପର୍ଯ୍ୟନ୍ତ ଖୋଳିବା ପାଇଁ ଅନୁମତି ରହିଛି। ତେବେ ପ୍ରଶାସନ ଏହାକୁ ନ ମାନି ୩୦ରୁ ୩୫ ଫୁଟ୍ ପର୍ଯ୍ୟନ୍ତ ଖନନ କରି ଫାଉଣ୍ଡେଶନ୍ ପକାଉଛି। ଫଳରେ ଶ୍ରୀମନ୍ଦିରର ଭିତ୍ତିଭୂମି ପ୍ରଭାବିତ ହେବାର ଆଶଙ୍କା ରହୁଛି। ଶ୍ରଦ୍ଧାଳୁଙ୍କ ପାଇଁ ଶୌଚାଳୟ ଓ କ୍ଲୋକ୍ ରୁମ୍ ଇତ୍ୟାଦି ୫ ଫୁଟ୍ ବେସ୍‌ମେଣ୍ଟରେ ହୋଇପାରିବ ଏବଂ ଏହା ଅସ୍ଥାୟୀ ଭାବେ ନିର୍ମାଣ ନେଇ ନିୟମ ରହିଛି। ମାତ୍ର ଏଠାରେ ଏହି ନିୟମର ଉଲ୍ଲଂଘନ କରାଯାଉଛି। ଏଥିଯୋଗୁ ଟିମ୍ ଅସନ୍ତୋଷ ବ୍ୟକ୍ତ କରିଛି। ଉକ୍ତ ଟିମ୍ ସ୍ଥିତି ଅନୁଧ୍ୟାନ କରିବା ପରେ ଜିଲାପାଳ ସମର୍ଥ ବର୍ମା, ଉପଜିଲାପାଳ ଭବତାରଣ ସାହୁ ଏବଂ ଓଡ଼ିଶା ବ୍ରିଜ୍ କନଷ୍ଟ୍ରକ୍ସନ କର୍ପୋରେଶନ (ଓବିସିସି) କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାତ ପାଣିଗ୍ରାହୀଙ୍କୁ ଭେଟିଛି। ପ୍ରକଳ୍ପ ନିର୍ମାଣ ନେଇ ଏନ୍ଓସି ଥିବା ଜିଲାପାଳ କହିବା ସହ ଗତ ସେପ୍ଟେମ୍ବର ୨୧ରେ ଆସିଥିବା ଏଏସ୍ଆଇ ଡିଜି ଭି. ବିଦ୍ୟାବତୀଙ୍କ ନୋଟ୍‌କୁ ଦେଖାଇଛନ୍ତି। ତେବେ ସମ୍ପୃକ୍ତ ନୋଟ୍ ଆଇନତଃ ଏକ ଦସ୍ତାବିଜ୍ ନୁହେଁ ବୋଲି ଓକିଲ ସଂଘ କହିଛି। ସେହିଭଳି ବିଧାନସଭା ଓ ଶ୍ରୀମନ୍ଦିର ପରିଚାଳନା କମିଟିରେ ପ୍ରକଳ୍ପ କାର୍ଯ୍ୟ ଅନୁମୋଦନ ପ୍ରସଙ୍ଗରେ ମଧ ଦୀର୍ଘ ସମୟ ଧରି ଯୁକ୍ତି ହୋଇଛି। ଟିମ୍ ସଦସ୍ୟ କହିଛନ୍ତି, ଶୌଚାଳୟ ଓ କ୍ଲୋକ୍ ରୁମ୍ ଇତ୍ୟାଦି ଲାଗି ୫ ଫୁଟ୍ ଖନନ କରି ଅସ୍ଥାୟୀ କୋଠା ନିର୍ମାଣ ପାଇଁ ଅନୁମତି ମଗାଯାଇଥିଲା। ଫଳରେ ପ୍ରକଳ୍ପର ନକ୍ସା ଅନୁମୋଦିତ ହୋଇଯାଇଛି। ମାତ୍ର ବାସ୍ତବରେ କାର୍ଯ୍ୟ ସେହିଭଳି ଭାବେ ହେଉନାହିଁ। ସରକାର ପ୍ରଥମରୁ ଏଥିଲାଗି ୩୫ ଫୁଟ୍ ଖନନ କରିବେ ବୋଲି ସ୍ପଷ୍ଟ କରିଥିଲେ ଅନୁମୋଦନ ମିଳି ନ ଥାନ୍ତା। ଅନ୍ୟପକ୍ଷରେ ଓକିଲ ସଂଘକୁ ଶ୍ରୀମନ୍ଦିର ପ୍ରଶାସନ ମଧ ଏନ୍ଏମଏର ଅନୁମୋଦନ ପତ୍ର ଦେଖାଇଥିଲେ। ଏସମ୍ପର୍କରେ ଓକିଲ ସଂଘ ସଭାପତି ଭଗବାନ ମିଶ୍ର କହିଛନ୍ତି, ଏଏସ୍ଆଇ ତତ୍ତ୍ୱାବଧାନରେ ନିର୍ମାଣ କାର୍ଯ୍ୟ ପରିଚାଳିତ ହେବା ଦରକାର। ସେହିଭଳି ଏଏସ୍ଆଇ ଡିଜି କିମ୍ବା କେନ୍ଦ୍ର ସରକାର ପ୍ରକଳ୍ପ କାର୍ଯ୍ୟ ଉପରେ ଚୂଡ଼ାନ୍ତ ମୋହର ମାରିବେ। ଯେପର୍ଯ୍ୟନ୍ତ ଏଏସ୍ଆଇ ଡିଜିଙ୍କ ଅନୁମୋଦନପତ୍ର ସାର୍ବଜନୀନ ହୋଇନାହିଁ, ସେପର୍ଯ୍ୟନ୍ତ ପ୍ରକଳ୍ପ କାର୍ଯ୍ୟ ଆଇନତଃ ହେଉଛି ବୋଲି କୁହାଯାଇପାରିବ ନାହିଁ। ତେଣୁ କାର୍ଯ୍ୟ ସ୍ଥଗିତ ରଖିବାକୁ ସଂଘ ଦାବି କରିଛି। ତେବେ ଏହାକୁ ଜିଲାପାଳ ଅଗ୍ରାହ୍ୟ କରିଛନ୍ତି। ତେଣୁ ଶନିବାର ଓକିଲ ସଂଘ ଲିଗାଲ କମିଟି ବସି ଆଲୋଚନା କ୍ରମେ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ନିଷ୍ପତ୍ତି ନିଆଯିବ।

## ଏନ୍ଓସି ଦେଇଛି ଏନ୍ଏମ୍ଏ: ରାଜ୍ୟ ସରକାର

### ଐତିହ୍ୟ କରିଡର ପ୍ରକଳ୍ପ

ପୁରୀ ଅଫିସ,୧୧।୩

ସର୍ବସମ୍ମତିକ୍ରମେ ଚାଲିଛି କାର୍ଯ୍ୟ



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟକୁ ଜାତୀୟ ସ୍ମାରକୀ ପ୍ରାଧିକରଣ (ଏନ୍ଏମ୍ଏ) ନୋ ଅବ୍‌ଜେକ୍ସ ସାର୍ଟିଫିକେଟ (ଏନ୍ଓସି) ଦେଇଥିବାବେଳେ ଆଇନସମ୍ମତ ଭାବେ କାର୍ଯ୍ୟ ଚାଲିଛି ବୋଲି ରାଜ୍ୟ ସରକାର ଶୁକ୍ରବାର ଏକ ପ୍ରେସ୍ ବିଜ୍ଞପ୍ତିରେ ସ୍ପଷ୍ଟ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ପୁରୀ ଐତିହ୍ୟ କରିଡ଼ର ପ୍ରକଳ୍ପ ଜଷ୍ଟିସ୍ ବି.ପି.ଦାସ ଆୟୋଗଙ୍କ ସୁପାରିସ ଉପରେ ଆଧାରିତ। ଏହି ପ୍ରକଳ୍ପ ନେଇ ସମସ୍ତ ହିତାଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ନେତୃତ୍ୱରେ ଗଠିତ ଶ୍ରୀମନ୍ଦିର ପରିଚାଳନା କମିଟି ଦ୍ୱାରା ପାରିତ ହୋଇଥିଲା। ୨୦୨୧ ଫେବୃୟାରୀ ୨୭ରେ ଓଡ଼ିଶା ବିଧାନସଭାରେ ସର୍ବସମ୍ମତିକ୍ରମେ ଏହି ପ୍ରକଳ୍ପ ପାରିତ ହୋଇସାରିଛି। ବିଗତ ଦିନରେ ସୁପ୍ରିମକୋର୍ଟ ଓଡ଼ିଶା ସରକାରଙ୍କ ଏହି ପ୍ରକଳ୍ପ କାର୍ଯ୍ୟକୁ ସମର୍ଥନ କରିଥିଲେ ଓ ଅନୁମତି ଦେବା ପାଇଁ ଏଏସ୍ଆଇକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୮ର ରିଟ୍ ପିଟିଶନ୍ (ସିଭିଲ୍) ନଂ. ୬୪୯, ତା-୪ ନଭେମ୍ବର ୨୦୧୯ର ଆଦେଶରେ ସୁପ୍ରିମ୍‌କୋର୍ଟ ଏହାର ୫୬-୫୭ ପୃଷ୍ଠାରେ କହିଛନ୍ତି, ଆମେ ଆମର କୃତଜ୍ଞତାକୁ ରେକର୍ଡ କରିଛୁ ଯେ, ବିକାଶରେ ସମସ୍ତ ହିତାଧିକାରୀ ଖୁସି ଅଛନ୍ତି। ଏହା ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକ୍ଷମ ହେଉଛି ଓ ସେମାନେ ପ୍ରଭୁ ଜଗନ୍ନାଥଙ୍କ ଗୌରବ ଗାଥାର ପୁନରୁଦ୍ଧାରରେ ପରସ୍ପର ସହଯୋଗ କରୁଛନ୍ତି। ଏହି କାର୍ଯ୍ୟରେ ସହଯୋଗ ଓ ଅନୁମତି ଦେବା ପାଇଁ ଆମେ ଏଏସ୍ଆଇକୁ ନିର୍ଦ୍ଦେଶ ଦେଉଛୁ। ଏନ୍ଏମ୍ଏ ଚିଠି ନଂ. ୨-୫/୮୦/୨୦୨୧-ଏନ୍ଓସି/ଏନ୍ଏମ୍ଏର ୨୦୨୧ ସେପ୍ଟେମ୍ବର ୪ରେ ଶ୍ରୀମନ୍ଦିର ଓ ଏହାର ଆଖପାଖରେ ବିକାଶ କାର୍ଯ୍ୟ ପାଇଁ ଏନ୍ଓସି ପ୍ରଦାନ କରିଛି। ଏନ୍ଓସିରେ ଉଲ୍ଲେଖ ରହିଛି ଯେ, ନିଷିଦ୍ଧାଞ୍ଚଳରେ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ପ୍ରାଧିକରଣର କୌଣସି ଆପତ୍ତି ନାହିଁ। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍ଆଇ) ମଧ ଓଡ଼ିଶା ସରକାରଙ୍କ କାର୍ଯ୍ୟକୁ ସମର୍ଥନ କରିଛି। ଏଏସ୍ଆଇ ମହାନିର୍ଦ୍ଦେଶକ ଗତ ସେପ୍ଟେମ୍ବର ୨୧ରେ ଶ୍ରୀମନ୍ଦିର ପରିଦର୍ଶନ କରି ଐତିହ୍ୟ ପରିକ୍ରମା ପ୍ରକଳ୍ପ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଏସ୍ଆଇ ଚିଠି ନମ୍ବର ମାଧମରେ ଏକ ନୋଟ୍ -ଟି-୧୯୦୩୮/୧୬/୨୦୨୧-ଏମ୍. ତାରିଖ-୫ ମାର୍ଚ୍ଚ ୨୦୨୨ରେ କୁହାଯାଇଛି, ରାଜ୍ୟ ସରକାରଙ୍କ ଲକ୍ଷ୍ୟ ହେଉଛି ମନ୍ଦିର ବାହ୍ୟ ପରିବେଶକୁ ସୁବିଧାଜନକ ଓ ସୌନ୍ଦର୍ଯ୍ୟକରଣ କରିବା। ପ୍ରସ୍ତାବିତ ସୁବିଧାଗୁଡ଼ିକ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ରହୁଛି। ଯେହେତୁ ଶ୍ରଦ୍ଧାଳୁଙ୍କ ପାଇଁ ଏହି ସୁବିଧା ଆବଶ୍ୟକ, ଏଣୁ ଏହାକୁ ଅନୁମତି ଦିଆଯାଇପାରେ। ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରଖି ଏଏସ୍ଆଇ କାର୍ଯ୍ୟ କରିବ।

ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ସଂପୃକ୍ତ ବିକାଶମୂଳକ କାର୍ଯ୍ୟ ପାଇଁ ଏଜେଣ୍ଡା ଆଇଟମ୍ ନମ୍ବର-୫ ମାଧମରେ ଓଡ଼ିଶା ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ସମର୍ଥନ, ଏନ୍ଏମ୍ଏ ଦ୍ୱାରା ପ୍ରଦତ୍ତ ଏନ୍ଓସି ଏବଂ ଏଏସ୍ଆଇ ସମର୍ଥନ ସ୍ପଷ୍ଟ ଭାବେ ଦର୍ଶାଉଛି ଯେ, ପୁରୀ ଐତିହ୍ୟ ପ୍ରକଳ୍ପ କାର୍ଯ୍ୟ ଠିକ୍ ଭାବେ ମହାପ୍ରଭୁଙ୍କ ଆଶୀର୍ବାଦରେ ଅଗ୍ରଗତି କରୁଛି।



ଓଡ଼ିଶା ଶୁକ୍ରବାର ପାଳନ କରିଛି ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ: ଭୁବନେଶ୍ୱର ୟୁନିଟ୍-୩ ଭୀମ ଭୋଇ ଦୃଷ୍ଟିହୀନ ବିଦ୍ୟାଳୟ କାନ୍ଥରେ ଜଣେ ଚିତ୍ରକର ଓଡ଼ିଆ ଭାଷାର ଆଦ୍ୟ ଅକ୍ଷରକୁ ଆଙ୍କୁଛନ୍ତି। (ଫଟୋ: ବିକାଶ ନାୟକ)

## ନାବାଳିକା ବଳାତ୍କାର ମାମଲା: ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ

କଟକ ଅଫିସ,୧୧।୩

ନାବାଳିକା ବଳାତ୍କାର ମାମଲାରେ କଟକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ତୋଫାନ ଜେନା ନାମକ ଜଣେ ଅଭିଯୁକ୍ତଙ୍କୁ ୨୦ ବର୍ଷ ଜେଲ୍ ଓ ୨୦,୦୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ଏଥିସହିତ ପୀଡିତାଙ୍କୁ ୫ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ କୋର୍ଟ କଟକ ଜିଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି। ଏହି ଅର୍ଥ ପୀଡିତାଙ୍କ ନାମରେ ଏକ ଜାତୀୟକରଣ ବ୍ୟାଙ୍କରେ ଜମା ରହିବ। ପୀଡ଼ିତାଙ୍କୁ ୧୮ ବର୍ଷ ହେବା ପର୍ଯ୍ୟନ୍ତ ବ୍ୟାଙ୍କରେ ଏହି ଟଙ୍କା ଫିକ୍ସ ଡିପୋଜିଟ୍ ହୋଇ ରହିବ ବୋଲି କୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି।୨୦୧୮ ଅଗଷ୍ଟ ୧୨ରେ ଜଗତ୍‌ପୁର ଅଞ୍ଚଳର ନାବାଳିକା ଜଣଙ୍କ ଘରେ ଏକୁଟିଆ ଥିଲେ। ଏହି ସମୟରେ ତୋଫାନ ତାଙ୍କ ଘରେ ପଶି ଭିତର ପଟୁ କବାଟ ବନ୍ଦ କରି ବଳାତ୍କାର କରିଥିଲେ। ଏ ନେଇ ନାବାଳିକାଙ୍କ ମା' ଜଗତ୍‌ପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। ପରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୪ଟି ତଥ୍ୟପ୍ରମାଣ ଓ ୧୬ ଜଣ ସାକ୍ଷୀଙ୍କ ବୟାନ ଆଧାରରେ କୋର୍ଟ ଏହି ଦଣ୍ଡାଦେଶ ଦେଇଛନ୍ତି।

## 'ପାର୍ଲାମେଣ୍ଟରେ ଓଡ଼ିଶା ଏମ୍‌ପିମାନେ ଜାତିଗତ ଜନଗଣନା ପ୍ରସଙ୍ଗ ଉଠାନ୍ତୁ'

### ସମାଜବାଦୀ ପାର୍ଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ସୋମବାରଠାରୁ ପାର୍ଲାମେଣ୍ଟରେ ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବାକୁ ଯାଉଛି। ଏହି ଅବସରରେ ଜନଗଣନାରେ ପଛୁଆବର୍ଗଙ୍କୁ ସାମିଲ କରିବାକୁ ରାଜ୍ୟର ଏମ୍‌ପିମାନେ ଦୃଢ଼ଭାବେ ଦାବି ଉପସ୍ଥାପନ କରନ୍ତୁ। ଏନେଇ ସମାଜବାଦୀ ପାର୍ଟି ପକ୍ଷରୁ ରାଜ୍ୟ ସଭାପତି ରବି ବେହେରା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଚିଠି ଲେଖି ଦାବି ଜଣାଇଛନ୍ତି। ଉକ୍ତ ଚିଠିରେ ଉଲ୍ଲେଖ ରହିଛି ଯେ, ରାଜ୍ୟରେ ପଛୁଆବର୍ଗ ଜନଗଣନା ହୋଇ ନ ଥିବା ଯୋଗୁ ଚଳିତ ପଞ୍ଚାୟତ ଓ ପୌର ନିର୍ବାଚନରେ ୱାର୍ଡମେମ୍ବରଠାରୁ ମେୟର ପଦବୀ ପର୍ଯ୍ୟନ୍ତ କେଉଁଥିରେ ମଧ ରାଜ୍ୟର ୫୨ ଭାଗ ପଛୁଆବର୍ଗ ଜନସାଧାରଣ ସଂରକ୍ଷଣ ପାଇପାରିଲେ ନାହିଁ। ଫଳରେ ସେମାନେ ତାଙ୍କର ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେଲେ। ସେହିଭଳି ଆଇ.ଆଇ.ଟି. ଓ ଆଇ.ଆଇ.ଏମ୍. ଭଳି ପ୍ରତିଷ୍ଠିତ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ପଛୁଆବର୍ଗ ଛାତ୍ରୀଛାତ୍ରଙ୍କ ପାଇଁ ନାମଲେଖା କ୍ଷେତ୍ରରେ ୨୭ ଭାଗ ସଂରକ୍ଷଣ ଥିଲାବେଳେ ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନ ଓ ମେଡିକାଲ, ଇଞ୍ଜିନିୟରିଂ ଆଦି ପ୍ରତିଷ୍ଠାନରେ ପଛୁଆବର୍ଗ ପିଲାଙ୍କ ପାଇଁ ଆଦୌ ସଂରକ୍ଷଣ ଦିଆଯାଉନାହିଁ। ଚାକିରି କ୍ଷେତ୍ରରେ ମଧ ଏହି ବର୍ଗର ବେକାର ଯୁବତୀ ଯୁବକମାନେ ୨୭ ଭାଗ ସଂରକ୍ଷଣ ପରିବର୍ତ୍ତେ ମାତ୍ର ୧୧.୨୫% ପ୍ରତିଶତ ସଂରକ୍ଷଣ ପାଉଛନ୍ତି। ଗତ ଅଗଷ୍ଟ ମୌସୁମୀ ଅଧିବେଶନ ସମୟରେ ପାର୍ଲାମେଣ୍ଟସ୍ଥିତ ସ୍ୱରାଷ୍ଟ୍ର ବିଭାଗ କାର୍ଯ୍ୟାଳୟଠାରେ ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟି ବିଜେଡି ଏମ୍‌ପିମାନେ ପଛୁଆବର୍ଗ ଜନଗଣନା ଦାବି କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହା ସତ୍ତ୍ୱେ କେନ୍ଦ୍ର ସରକାର ଏ ପର୍ଯ୍ୟନ୍ତ ପଛୁଆବର୍ଗ ଜନଗଣନା ନେଇ କୌଣସି ପଦକ୍ଷେପ ନେଉନାହାନ୍ତି। ତେଣୁ ଆବଶ୍ୟକ ପଡ଼ିଲେ ବିଜେଡି ଏମ୍‌ପିମାନେ ସମନ୍ୱୟ ରକ୍ଷାକରି ଲୋକସଭା ଗୃହ ମଧରେ ଜାତିଗତ ଜନଗଣନା ସପକ୍ଷରେ କେନ୍ଦ୍ର ସରକାରଙ୍କୁ ଘେରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେବାକୁ ବେହେରା ଦାବି କରିଛନ୍ତି।

## ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ କାର୍ଯ୍ୟାଳୟରୁ ଝୁଲନ୍ତା ମୃତଦେହ ଜବତ

କଟକ ଅଫିସ,୧୧।୩

କଟକ ବକ୍ସିବଜାର ଛକରେ ଥିବା ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ କାର୍ଯ୍ୟାଳୟରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ କ୍ୟାଣ୍ଟନମେଣ୍ଟ ପୋଲିସ ଜବତ କରିଛି। ସେ ହେଲେ କେନ୍ଦ୍ରାପଡ଼ା ଅଞ୍ଚଳର ଶୁଭ୍ରଜ୍ୟୋତି ମହାନ୍ତି। ସବୁଦିନ ଭଳି ଶୁକ୍ରବାର ଶୁଭ୍ରଜ୍ୟୋତି ଉକ୍ତ କାର୍ଯ୍ୟାଳୟରେ କାମ କରୁଥିଲେ। ତେବେ ମଧାହ୍ନରେ ଅଫିସ କବାଟକୁ ଭିତର ପଟୁ ବନ୍ଦ କରିଦେଇଥିଲେ। ଦୀର୍ଘ ସମୟ ଧରି କାର୍ଯ୍ୟାଳୟ ଭିତରୁ ନ ବାହାରିବାରୁ ସେଠାରେ ଥିବା ଜଣେ ଆକାଉଣ୍ଟାଣ୍ଟ ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି କବାଟ ଭାଙ୍ଗିବା ପରେ ଶୁଭ୍ରଜ୍ୟୋତିଙ୍କ ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲା। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଯାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧/୨୨) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ କାରଣ ସ୍ପଷ୍ଟ ହେବ ବୋଲି ଥାନାଧିକାରୀ ଦୀନକୃଷ୍ଣ ମିଶ୍ର କହିଛନ୍ତି।

## ସିଏଜି ରିପୋର୍ଟ ରାଜ୍ୟପାଳଙ୍କୁ ପ୍ରଦାନ



ଭୁବନେଶ୍ୱର,୧୧।୩ (ବ୍ୟୁରୋ)

ଆସନ୍ତା ବିଧାନସଭାର ବଜେଟ ଅଧିବେଶନରେ ଉପସ୍ଥାପିତ ହେବାକୁ ଥିବା ୨୦୨୦ ମାର୍ଚ୍ଚ ସମାପ୍ତ ବର୍ଷ ପାଇଁ ଭାରତର ମହାଲେଖା ନିୟନ୍ତ୍ରକ ତଥା ମହାସମୀକ୍ଷକ (ସିଏଜି)ଙ୍କ ଭୂପୃଷ୍ଠ ଜଳସେଚନର ସମ୍ପାଦନା ସମୀକ୍ଷା ରିପୋର୍ଟକୁ ଓଡ଼ିଶାର ପ୍ରଧାନ ମହାଲେଖାକାର ବିଦ୍ଭୁଦ ବସନ୍ତିଆ ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ରାଜଭବନଠାରେ ଭେଟି ପ୍ରଦାନ କରିଛନ୍ତି।

## 'କୋଭିଡ୍ ପାଇଁ ପାଠ ଛାଡ଼ିଥିବା ପିଲାଙ୍କୁ ସ୍କୁଲ ଫେରାଇ ଆଣ'

### ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଲେ ଓଏଚ୍ଆର୍‌ସି

ଭୁବନେଶ୍ୱର, ୧୧।୩(ବ୍ୟୁରୋ)

କୋଭିଡ୍ ସମୟରେ ପାଠ ଛାଡ଼ିଥିବା ପିଲାଙ୍କୁ ତୁରନ୍ତ ସ୍କୁଲ (ସରକାରୀ ଓ ବେସରକାରୀ) ଫେରାଇ ଆଣିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଓଡ଼ିଶା ମାନବାଧିକାର କମିଶନ(ଓଏଚ୍ଆର୍‌ସି)। ଏଥିସହିତ ୨୬ ତାରିଖ ସୁଦ୍ଧା ଏ ନେଇ ରିପୋର୍ଟ ଦେବା ପାଇଁ ମଧ କମିଶନ କହିଛନ୍ତି। ଏ ସଂକ୍ରାନ୍ତରେ ଗତ ଜାନୁୟାରୀ ୧୦ରେ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଓଏଚ୍ଆର୍‌ସିଙ୍କ ନିକଟରେ ଏକ ପିଟିଶନ ଦାଏର ହୋଇଥିଲା। କମିଶନ ଅଧକ୍ଷ ଜଷ୍ଟିସ ବିଜୟ କ୍ରିଷ୍ଣ ପଟେଲ ଓ ସଦସ୍ୟ ଅସୀମ ଅମିତାଭ ଦାଶଙ୍କୁ ନେଇ ଗଠିତ ବେଞ୍ଚ ଏହାର ବିଚାର କରି ସ୍କୁଲ୍ ଛାଡ଼ିଥିବା ପିଲାଙ୍କୁ ତୁରନ୍ତ ମିଶନ ମୋଡ୍‌ରେ ଫେରାଇ ଆଣିବାକୁ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜାତି ଓ ଜନଜାତି ଏବଂ ଲେବର ଓ ଇଏସ୍ଆଇ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।
ରାଜ୍ୟରେ ପ୍ରାୟ ୮ ଲକ୍ଷ ପିଲା ପାଠ ଛାଡ଼ି ଓଡ଼ିଶା ତଥା ରାଜ୍ୟ ବାହାରେ କାମ କରୁଛନ୍ତି। ସରକାରୀ ସ୍କୁଲ ବନ୍ଦ ଥିଲାବେଳେ ଏହାର ଠିକ୍ ହିସାବ ମିଳିବା କଷ୍ଟକର ଥିଲା। ଏବେ ସ୍କୁଲ ଖୋଲିବା ପରେ ସ୍ପଷ୍ଟ ଚିତ୍ର ମିଳିପାରିଛି। ତେଣୁ ସେମାନଙ୍କୁ ପୁଣି ଫେରାଇ ଆଣି ସ୍କୁଲରେ ନାମ ଲେଖାଇବା ସହ ସେମାନଙ୍କ ରହିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ମହାସଂଘ ଅଧକ୍ଷ ବାସୁଦେବ ଭଟ୍ଟ ଓ ଉପଦେଷ୍ଟା ମନୋଜ ଜେନା ତାଙ୍କ ପିଟିଶନରେ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଏହାର ଶୁଣାଣି ସମୟରେ ମହାସଂଘର ସହ ଅଧକ୍ଷ ପ୍ରସନ୍ନ ବିଶୋୟୀ ଓ ସଙ୍ଗଠନ ସମ୍ପାଦକ ରମେଶ ଭାରତୀ ଉପସ୍ଥିତ ରହି ତଥ୍ୟ ଉପସ୍ଥାପନ କରିଥିଲେ। ପିଲାଙ୍କ ସ୍ଥିତି ଜାଣିବାକୁ ମହାସଂଘ ସଦସ୍ୟ ସାରା ଓଡ଼ିଶା ଗସ୍ତ କରିଥିଲେ। ଏହି ସମୟରେ ଯେଉଁ ଢାବା, ଲଜ୍, ଛୋଟ ବଡ଼ ବ୍ୟବସାୟ ଅନୁଷ୍ଠାନକୁ ଗଲେ ସବୁଠି ସାନ ପିଲାମାନେ ମଜଦୁରି କାମରେ ଲାଗିଥିବା ଦେଖିବାକୁ ପାଇଥିଲେ। ଅଧିକାଂଶ କରୋନା କାଳରେ ସ୍କୁଲ୍ ଛାଡ଼ିଥିବା ଜଣାପଡିଥିଲା। ସେମାନଙ୍କ ସଂଖ୍ୟା ଅନୁମାନ କଲେ ପ୍ରାୟ ୮ ଲକ୍ଷ ହେବ। ବିଶେଷ ଭାବେ କଳାହାଣ୍ଡି, ବଲାଙ୍ଗୀର, ବରଗଡ଼, ନୂଆପଡ଼ା, ସୋନପୁର, କନ୍ଧମାଳ, ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ବାଲେଶ୍ୱର ଓ ଅନ୍ୟାନ୍ୟ ପାଖାପାଖି ଜିଲାରୁ ପିଲାମାନେ ଅନ୍ୟ ଜିଲାକୁ ପଳାଇଥିବା ଦେଖାଯାଇଥିଲା। ବିଶେଷ ଭାବେ ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା ଓ ଗଜପତି ଜିଲାରୁ ପିଲାମାନେ ସେମାନଙ୍କ ପରିବାର ସହ ବାହାରକୁ ଇଟା ଭାଟିରେ କାମ କରିବାକୁ ଯାଇଥିବା ଜାଣିବାକୁ ପାଇଥିଲେ। ସେମାନେ ଏବେ ନ ଆସିଲେ ଆଉ ପାଠ ପଢ଼ିବେ ନାହିଁ, ଯାହାକି ଆମ ପାଇଁ ସବୁଠାରୁ ବଡ଼ କ୍ଷତି ହେବ। ସେଥିପାଇଁ ସେମାନଙ୍କୁ ତୁରନ୍ତ ସ୍କୁଲ ଫେରାଇ ଆଣିବା ପାଇଁ ମହାସଂଘ ପକ୍ଷରୁ ଅନୁରୋଧ କରାଯାଇଥିଲା।

ମନେ ପଡ଼ନ୍ତି
ସପ୍ତମ ଶ୍ରାଦ୍ଧବାର୍ଷିକୀ

ସ୍ୱର୍ଗତା ମନୋରମା ନାୟକ
(ଶିକ୍ଷୟିତ୍ରୀ)
ରେମୁଁଆ, ତାଳଚେର
ଆବିର୍ଭାବ: ୧୧।୧୧।୧୯୬୬
ତିରୋଧାନ: ୨୭।୦୨।୨୦୧୫
(ଫାଲ୍‌ଗୁନ ମାସ ଶୁକ୍ଳ ନବମୀ
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ସ୍ୱାମୀ: ମୋହନ, ପୁତ୍ର: ମନୋରଞ୍ଜନ, ଝିଅ: ମୋନାଲିସା, ଶୋକସନ୍ତପ୍ତ ପରିବାରବର୍ଗ।
ଧ-୨୩୩୭୬

# ଆରାଧ୍ୟାଙ୍କୁ ଟ୍ରିପଲ୍ ସଫଳତା

**ଭୁବନେଶ୍ୱର, ୧୧।୩ (କ୍ରୀଡ଼ା ପ୍ରତିନିଧି):** ସମ୍ପ୍ରତି ସଫଳତାର ଶିଢ଼ି ଚଢ଼ି ଚାଲିଥିବା ରାଜ୍ୟର ଟେନିସ ପ୍ରତିଭା ଆରାଧ୍ୟା ହରିୟାଣା ରୋହତକର ହକ୍ ଟେନିସ ଏକାଡେମୀରେ ଅନୁଷ୍ଠିତ ସିଏସ୍‌୭ ସର୍ବଭାରତୀୟ ଟେନିସ ଟୁର୍ନାମେଣ୍ଟରେ ଟ୍ରିପଲ୍ ଟାଇଟଲ ହାସଲ କରିଛନ୍ତି। ପଟିଆସ୍ଥିତ ଫରହାନ ଟେନିସ ଏକାଡେମୀରେ କୋଚିଂ ନେଉଥିବା ଆରାଧ୍ୟା ନିଜ ଏକାଡେମୀ ସାଥି ଖେଳାଳି କ୍ରିଷ୍ଣା ରାଜଙ୍କୁ ଡବଲ୍ସ ଇଭେଣ୍ଟ ଖେଳିଥିଲେ। ୧୪ ବର୍ଷରୁ କମ୍ ବର୍ଗ ଫାଇନାଲରେ ଆରାଧ୍ୟା ୬-୩, ୬-୧ ସେଟ୍‌ରେ କ୍ରିଷ୍ଣାଙ୍କୁ ପରାସ୍ତ କରିଥିଲେ। ସେହିପରି ୧୬ ବର୍ଷରୁ କମ୍ ଫାଇନାଲରେ ହରିୟାଣାର ଏସ. ସାରାଙ୍କୁ ୬-୩, ୬-୦ ସେଟ୍‌ରେ ହରାଇ ଦେଇଥିଲେ। ବାଳିକା ଡବଲ୍ସରେ ଆରାଧ୍ୟା-କ୍ରିଷ୍ଣା ଯୋଡ଼ି ହରିୟାଣାର ଏସ୍. ସାନା ଓ ଭକ୍ତି ଶର୍ମାଙ୍କୁ ସିଧାସଳଖ ୬-୦, ୬-୦ ସେଟ୍‌ରେ ପରାସ୍ତ କରିଥିଲେ। ଉଭୟ ଆରାଧ୍ୟା ଓ କ୍ରିଷ୍ଣା ରାଜ୍ୟର ପ୍ରତିଷ୍ଠିତ କୋଚ୍ ଫରହାନ ଅଲୀଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ।


ପୁରସ୍କାର ସହ ଆରାଧ୍ୟା ଓ କ୍ରିଷ୍ଣା ରାଜ୍।

# ଲକ୍ଷ୍ୟ ସେନ୍ ସେମିଫାଇନାଲରେ

**ମୁଏଲ୍‌ହିମ୍ ଆନ୍ ଡର୍ ରୁର୍ (ଜର୍ମାନୀ), ୧୧।୩ (ପି.ଟି.):** ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜେତା ଭାରତର ଲକ୍ଷ୍ୟ ସେନ୍ ନିଜ ଦେଶର ଏସ.ଏସ୍. ପ୍ରଣୟଙ୍କୁ ପରାସ୍ତ କରି ଏଠାରେ ଚାଲିଥିବା ଜର୍ମାନ ଓପନ୍ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୨୦ ବର୍ଷୀୟ ସେନ୍ ଗତ ଜାନୁୟାରୀରେ ଅନୁଷ୍ଠିତ ଇଣ୍ଡିଆନ ଓପନ୍‌ରେ ତାଙ୍କ କ୍ୟାରିୟରର ପ୍ରଥମ ସୁପର ୫୦୦ ଟାଇଟଲ ଜିତିଥିଲେ। ଶୁକ୍ରବାର ଏଠାରେ ଏକ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପୂର୍ବତନ ଟପ୍ ୧୦ ଖେଳାଳି ପ୍ରଣୟଙ୍କୁ ୨୧-୧୫, ୨୧-୧୬ରେ ପରାସ୍ତ କରିଛନ୍ତି। ବିଶ୍ୱର ଏହି ୧୪ ନମ୍ବର ଖେଳାଳି ଇଣ୍ଡିଆ ଓପନ କ୍ୱାର୍ଟର ଫାଇନାଲରେ ବର୍ତ୍ତମାନ ୨୪ ନମ୍ବର ର୍‍ୟାଙ୍କିଙ୍ଗରେ ଥିବା ପ୍ରଣୟଙ୍କୁ ପରାସ୍ତ କରିଥିଲେ।

# ଭାରତ-ଶ୍ରୀଲଙ୍କା ଦିବାରାତ୍ର ଟେଷ୍ଟ ଆଜିଠାରୁ

**ବେଙ୍ଗାଲୁରୁ, ୧୧।୩ (ପି.ଟି.)**

ସ୍ଥାନୀୟ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଶନିବାରଠାରୁ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ଆରମ୍ଭ ହେବ। ଏହି ଦିବାରାତ୍ର ମ୍ୟାଚ ଫ୍ଲଡଲାଇଟ୍‌ରେ ଖେଳାଯିବ। ଏହି ପିଚ୍‌ରେ ଖେଳପ୍ରେମୀମାନେ ଷ୍ଟାର ବ୍ୟାଟ୍ସମ୍ୟାନ ବିରାଟ କୋହଲିଙ୍କଠାରୁ ଏକ ଶତକ ଆଶା କରୁଛନ୍ତି। ଭାରତର ପୂର୍ବତନ ଅଧିନାୟକ ୧୮ ମାସ ହେଲା ଏକ ଅନ୍ତର୍ଜାତୀୟ ଶତକ ହାସଲ କରିପାରି ନାହାନ୍ତି। କୌତୂହଳର କଥା ହେଲା କୋହଲି ଶେଷଥର ୨୦୧୯ ନଭେମ୍ବରରେ କୋଲକାତାଠାରେ ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ଦିବାରାତ୍ର ଟେଷ୍ଟ ମ୍ୟାଚରେ ଏକ ଶତକ ହାସଲ କରିଥିଲେ। ଏହି ମ୍ୟାଚରେ ଭାରତ ଏକ ଇନିଂସ ଓ ୪୬ ରନରେ ବିଜୟ ଲାଭ କରିଥିଲା। କୋହଲି ଏହି ମ୍ୟାଚରେ ୧୩୬ ରନ କରିଥିଲେ। ପୂର୍ବତନ ଅଧିନାୟକ ଇତିମଧ୍ୟରେ ୨୮ଟି ଇନିଂସ ଖେଳି ସାରିଥିଲେ ମଧ୍ୟ ଏକ ଟେଷ୍ଟ ଶତକ ହାସଲ କରିପାରି ନାହାନ୍ତି। ଏହି ସମୟ ମଧ୍ୟରେ ୩୩ ବର୍ଷୀୟ ବ୍ୟାଟ୍ସମ୍ୟାନ ୬ଥର ୫୦ରୁ ଅଧିକ ରନ ସଂଗ୍ରହ କରିପାରିଛନ୍ତି। ଚଳିତବର୍ଷ ଜାନୁୟାରୀରେ କେପ୍‌ଟାଉନ୍‌ଠାରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୭୯ରନ ହେଉଛି ତନ୍ମଧ୍ୟରେ ଶ୍ରେଷ୍ଠ। କୋହଲି ବର୍ତ୍ତମାନ ଚିନ୍ନାସ୍ୱାମୀ ଷ୍ଟାଡିୟମକୁ ଫେରିଛନ୍ତି, ଯାହାକୁ ଦଶନ୍ଧି ଧରି ତାଙ୍କ ଆଇପିଏଲ ଦଳ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଦଳର ବେସ୍ କ୍ୟାମ୍ପ ରହି ଆସିଛି। ତେଣୁ ସେଠିକାର ଜଳବାୟୁ ସହିତ ସେ ବେଶ୍ ଅଭ୍ୟସ୍ତ ଥିବାରୁ ତାଙ୍କଠାରୁ ଭଲ ପ୍ରଦର୍ଶନ ଆଶା କରାଯାଉଛି।


ନେଟ୍ସରେ ଶୁକ୍ରବାର ବୋଲିଂ ଅବସରରେ ଅକ୍ଷର ପଟେଲ ଓ ଯଶପ୍ରୀତ୍ ବୁମ୍‌ରା।

ଦ୍ୱିତୀୟ ଟେଷ୍ଟ ଦିବାରାତ୍ର ବିଶିଷ୍ଟ ହୋଇଥିବାରୁ ଟିମ୍ ମ୍ୟାନେଜମେଣ୍ଟଙ୍କୁ ଟିମ୍ କମ୍ବିନେଶନକୁ ନେଇ ଚିନ୍ତା କରିବାକୁ ହେବ। ଜୟନ୍ତ ଯାଦବଙ୍କ ସ୍ଥାନରେ ସ୍ପିନ ଅଲରାଉଣ୍ଡର ଅକ୍ଷର ପଟେଲ କିମ୍ବା ପେସ୍ ବୋଲର ମହମ୍ମଦ ସିରାଜଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିପାରେ। ଦିବାରାତ୍ର ମ୍ୟାଚରେ ଉଭୟ ଅକ୍ଷର ଓ ସିରାଜଙ୍କ ପ୍ରଦର୍ଶନ ସଦାବେଳେ ଭଲ ରହିଛି। ଶ୍ରୀଲଙ୍କା ବିପକ୍ଷ ଗତ ମୋହାଲି ଟେଷ୍ଟରେ ଜୟନ୍ତ ଦୁଇଟି ଇନିଂସରେ ୧୭ ଓଭର ବୋଲିଂ କରିଥିଲେ। ସେ ଗୋଟିଏ ହେଲେ ଉଇକେଟ ଅକ୍ତିଆର କରିବାରେ ସମର୍ଥ ହୋଇ ନ ଥିଲେ। ଅନ୍ୟପକ୍ଷରେ ଅକ୍ଷର ତାଙ୍କ ଗତ ପିଙ୍କ୍ ବଲ ଟେଷ୍ଟ ଅହମଦାବାଦରେ ଇଂଲଣ୍ଡ ବିପକ୍ଷରେ ଖେଳିଥିଲେ। ଏହି ମ୍ୟାଚରେ ସେ ଅଣ୍ଡର କଟର ବୋଲିଂ କରି ବିପକ୍ଷ ଦଳର ବ୍ୟାଟରମାନଙ୍କୁ ଘାଇଲା କରିଥିଲେ। ସେ ୧୧ଟି ଉଇକେଟ ଅକ୍ତିଆର କରିଥିଲେ। ଇଂଲଡର ଦ୍ୱିତୀୟ ଇନିଂସ ବେଳେ ତାଙ୍କୁ ବୋଲିଂ ଓପନ କରିବାକୁ ଦିଆଯାଇଥିଲା। ପିଚ୍‌ରେ ଯଦି ଘାସ ରୁହେ ତେବେ ଅଧିନାୟକ ରୋହିତ ଶର୍ମା ସିରାଜଙ୍କୁ ଦଳରେ ନେବାକୁ ପସନ୍ଦ କରିପାରନ୍ତି। ଅପରପକ୍ଷରେ ଭାରତୀୟ ଦଳରେ ରହିଥିବା ପ୍ରତିଭାମାନଙ୍କୁ ଚ୍ୟାଲେଞ୍ଜ ଦେବା ଭଳି ସମ୍ବଳ ଶ୍ରୀଲଙ୍କା ପାଖରେ ନାହିଁ। ଦଳ ଏବେ ଇଞ୍ଜୁରି ସମସ୍ୟାରେ ରହିଛି। ହାମଷ୍ଟ୍ରିଙ୍ଗ ଇଞ୍ଜୁରି ଯୋଗୁ ପେସ୍ ବୋଲର ଲାହିରୁ କୁମାର ଶନିବାର ମ୍ୟାଚ ପାଇଁ ଉପଲବ୍ଧ ହେବେ ନାହିଁ। ଗୋଇଠିରେ ଇଞ୍ଜୁରି ଯୋଗୁ ପେସର ଦୁଷ୍ମନ୍ତ ଚାମିରାଙ୍କ ସ୍ଥାନରେ ଭ୍ରମଣକାରୀ ଦଳରେ ଚାମିକା କରୁଣାରତ୍ନେଙ୍କୁ ସାମିଲ କରାଯାଇଛି। ଗତ ମ୍ୟାଚରେ ଭଲ ପ୍ରଦର୍ଶନ କରିଥିବା ପାଥୁମ ନିଶାଙ୍କା ଆଘାତପ୍ରାପ୍ତ ହୋଇଥିବାରୁ ତାଙ୍କ ସ୍ଥାନରେ ଦୀନେଶ ଚାଣ୍ଡିମଲ ଖେଳିବେ। ମ୍ୟାଚରେ ଭଲ କରିବାକୁ ହେଲେ ଅଧିନାୟକ ଦିମୁଥ କରୁଣାରତ୍ନେଙ୍କୁ ଅସାଧାରଣ ପ୍ରଦର୍ଶନ କରିବାକୁ ପଡ଼ିବ। ଗତ ମ୍ୟାଚର ଉଭୟ ଇନିଂସରେ ସେ ଭଲ ଆରମ୍ଭ କରିଥିଲେ ମଧ୍ୟ ରୂପାନ୍ତର କରିପାରି ନ ଥିଲେ।

**ମ୍ୟାଚ ଆରମ୍ଭ: ଅପରାହ୍ଣ ୨ଟା**

# ବିଳାସ ରାଉତରାୟ ସ୍ମାରକୀ ଫୁଟବଲ

**ଭୁବନେଶ୍ୱର, ୧୧।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ବିଳାସ ରାଉତରାୟ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଚଳିତ ମାସ ୧୬ ତାରିଖରେ ପୋଖରୀପୁଟ ଖେଳ ପଡ଼ିଆରେ ଆରମ୍ଭ ହେବ। ଏହା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିବେ। ପ୍ରତି ଦିନ ୨ଟି ମ୍ୟାଚ ସକାଳ ୮ଟାରୁ ୧୦ଟା ଏବଂ ଅପରାହ୍ଣ ୪ଟାରୁ ୬ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆୟୋଜନ କମିଟି ସଭାପତି ବସନ୍ତ ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ପରିଚାଳିତ ହେବ ବୋଲି ଅନ୍ୟତମ କର୍ମକର୍ତ୍ତା ଶିବଶଙ୍କର ରାଉତରାୟ ପ୍ରକାଶ କରିଛନ୍ତି।

# ଦକ୍ଷିଣ ଆଫ୍ରିକା ବିଜୟୀ

**ମାଉଣ୍ଟ ମଙ୍ଗାନୁଇ, ୧୧।୩ (ପି.ଟି.):** ଚଳିତ ଆଇସିସି ଅନ୍ତର୍ଜାତୀୟ ଦିନିକିଆ ମହିଳା କ୍ରିକେଟ ବିଶ୍ୱକପ୍ ଲିଗ୍ ପର୍ଯ୍ୟାୟରେ ପାକିସ୍ତାନ ବିପକ୍ଷରେ ଦକ୍ଷିଣ ଆଫ୍ରିକା ରୋମାଞ୍ଚକ ବିଜୟ ହାସଲ କରିଛି। ଏହି ମ୍ୟାଚରେ ବିଜୟ ହାସଲ କରିବା ଲାଗି ପାକିସ୍ତାନ ମହିଳା ଦଳ ଶେଷ ଓଭରରେ ୧୦ରନ ଦରକାର କରୁଥିଲା। ପେସର ଶବନିମ୍ ଇସ୍‌ମାଇଲ (୩/୪୧) ମାତ୍ର ୩ ରନ ବିନିମୟରେ ଦୁଇ ଉଇକେଟ ଅକ୍ତିଆର କରିବାରୁ ଦକ୍ଷିଣ ଆଫ୍ରିକା ଏହି ମ୍ୟାଚ ୬ ରନରେ ଜିତିପାରିଛି। ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୯ ଉଇକେଟ ବିନିମୟରେ ୨୨୩ ରନ କରିଥିଲା। ପାକିସ୍ତାନ ୪୯.୫ ଓଭରରେ ୨୧୭ରନ କରି ଅଲଆଉଟ ହୋଇଯାଇଥିଲା।


## ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ଭୁବନେଶ୍ୱର

### ୧୬ତମ ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା-୨୦୨୨ରେ ଭାଗ ନେବା ସମ୍ବନ୍ଧରେ ସୂଚନା

No. PP-101: ୧୬ତମ ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା ଜନତା ମଇଦାନ, ଭୁବନେଶ୍ୱରଠାରେ ତା୨୮।୦୩।୨୦୨୨ଠାରୁ ତା୧୦।୦୪।୨୦୨୨ରିଖ ପର୍ଯ୍ୟନ୍ତ ଆୟୋଜନ କରାଯାଉଛି। ଏହି ମେଳାରେ ହସ୍ତତନ୍ତ ଉତ୍ପାଦିତ ବସ୍ତ୍ରର ବିକ୍ରୟ ନିମନ୍ତେ ରାଜ୍ୟର ବୁଣାକାର ଉଦ୍ୟୋଗୀ/ଜାତୀୟ ଅଥବା ରାଜ୍ୟ ପୁରସ୍କାରପ୍ରାପ୍ତ ବୁଣାକାର/ଡିଜାଇନରମାନଙ୍କ ପାଇଁ ହସ୍ତତନ୍ତ ଉତ୍ପାଦର ବିକ୍ରୟ ନିମନ୍ତେ ଷ୍ଟଲର ବ୍ୟବସ୍ଥା କରାଯାଇଛି। ଏହି ବର୍ଗର ଇଚ୍ଛୁକ ପ୍ରାର୍ଥୀମାନେ ତା୧୬।୦୩।୨୦୨୨ ସୁଦ୍ଧା ନିମ୍ନଲିଖିତ ଫର୍ମରେ ତାଙ୍କ ଅଞ୍ଚଳରେ ଥିବା ବିଭାଗୀୟ ବୟନ ମଣ୍ଡଳ ଅଧିକାରୀଙ୍କୁ ଆବେଦନ କରିବାକୁ ଅନୁରୋଧ। ଦିବ୍ୟାଙ୍ଗ ବ୍ୟକ୍ତିବିଶେଷ ତଥା ସଂସ୍ଥାମାନଙ୍କ ନିମନ୍ତେ ଷ୍ଟଲ ସଂରକ୍ଷଣର ବ୍ୟବସ୍ଥା ରହିଛି। ଏହା ମଧ୍ୟ www.textiles.odisha.gov.in, www.sadhacodisha.org, www.boyanika.com ୱେବସାଇଟ୍‌ରେ ଉପଲବ୍ଧ।

**୧୬ତମ ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା-୨୦୨୨ରେ ଭାଗ ନେବାପାଇଁ ଆବେଦନ ଫର୍ମ:**

୧. ପ୍ରାର୍ଥୀ/ସଂସ୍ଥା/ଏସଏଚଜିର ନାମ:
୨. ଏସଏଚଜି/ସଂସ୍ଥା ରେଜିଷ୍ଟ୍ରେସନ ନମ୍ବର/ତାରିଖ:
୩. ପ୍ରାର୍ଥୀଙ୍କ କ୍ଷେତ୍ରରେ:
   କ) ବୁଣାକାର ପରିଚୟ ପତ୍ର ନମ୍ବର (ଆବଶ୍ୟକ ସ୍ଥଳେ):
   ଖ) ବୟସ ଓ ଯୋଗ୍ୟତା:
   ଗ) ହସ୍ତତନ୍ତ ବୟନ/ବିକ୍ରୟ/ଡିଜାଇନିଂ କ୍ଷେତ୍ରରେ ଅଭିଜ୍ଞତା (ବର୍ଷରେ):
   ଘ) ପାଇଥିବା ଜାତୀୟ/ରାଜ୍ୟ ପୁରସ୍କାରର ବିବରଣୀ:
୪. ବାର୍ଷିକ କରୁଥିବା ବ୍ୟବସାୟର ମୂଲ୍ୟ:

(କ୍ରମିକ ସଂଖ୍ୟା: ୨, ୩ରେ ଦିଆଯାଇଥିବା ତଥ୍ୟ ସହିତ ପ୍ରମାଣପତ୍ର ଓ କ୍ରମିକ ସଂଖ୍ୟା ୪ ନିମନ୍ତେ ନିଜସ୍ୱ ଶପଥପାଠ ଦାଖଲ କରିବାକୁ ଅନୁରୋଧ।)

ସ୍ୱା./- ନିର୍ଦ୍ଦେଶକ, ବୟନଶିଳ୍ପ ନିର୍ଦ୍ଦେଶାଳୟ
ଓଡ଼ିଶା, ଭୁବନେଶ୍ୱର
OIPR-31003/11/0025/2122



## ପୂର୍ବ ତଟ ରେଳପଥ

**ମାର୍ଚ୍ଚ-2022 ପାଇଁ ଡିପୋ ଏବଂ ମଣ୍ଡଳ ଗୁଡ଼ିକ ନିମନ୍ତେ ସ୍କ୍ରାପ୍ ବିକ୍ରୀ ଇ-ନିଲାମ କାର୍ଯ୍ୟସୂଚୀରେ ସଂଯୋଜନ (Addendum)**

**ଇ-ନିଲାମର ଅନୁସୂଚୀ**

| ମାସ | ମୁଖ୍ୟାଳୟ/ମଣ୍ଡଳ | ତାରିଖ |
|---|---|---|
| ମାର୍ଚ୍ଚ 2022 | ଖୋର୍ଦ୍ଧା ରୋଡ଼ ମଣ୍ଡଳ | 31.03.2022 |
| | ୱାଲଟିୟର ମଣ୍ଡଳ | 31.03.2022 |

'ଯେପରି ଅଛି, ଯେଉଁଠାରେ ଅଛି' ଭିତ୍ତିରେ ସମ୍ବଲପୁର, ଖୋର୍ଦ୍ଧା ରୋଡ଼ ଏବଂ ୱାଲଟିୟର ମଣ୍ଡଳରେ ନଷ୍ଟ ହୋଇଥିବା ରୋଲିଂ ଷ୍ଟକ୍ (ଲୋକୋ, କୋଚ୍, ୱାଗନ), ସ୍କ୍ରାପ୍ ରେଲ, ବିବିଧ P.Way ଫିଟିଙ୍ଗ୍ (ସୁଇଚ, କ୍ରସିଙ୍ଗ, ଫିସ୍ ପ୍ଲେଟ୍, ସ୍ଲିପର, ଫିସ୍ ବୋଲ୍ଟ ଇତ୍ୟାଦି), ବିବିଧ ୱାର୍କସପ୍ ସ୍କ୍ରାପ୍ (ଡ୍ରମ୍, ବଗି ଫ୍ରେମ୍, ବଫର କେସିଙ୍ଗ, ବଫର ପ୍ଲଞ୍ଜର, ଟର୍ଣ୍ଣିଙ୍ଗ ଏବଂ ବୋରିଙ୍ଗ ଇତ୍ୟାଦି), ବିବିଧ ଫେରସ, ନନ୍-ଫେରସ, ନନ୍-ମେଟାଲିକ୍ ସ୍କ୍ରାପ୍, ନଷ୍ଟ ହୋଇଥିବା ମେସିନାରୀ ଏବଂ ପ୍ଲାଣ୍ଟ, ନଷ୍ଟ ହୋଇଥିବା ଯାନ, ନଷ୍ଟ ହୋଇଥିବା ଅଫିସ୍ ଉପକରଣ ଏବଂ ରେଳବାଇ ବିଦ୍ୟୁତୀକରଣ ର ସ୍କ୍ରାପ୍ ସାମଗ୍ରୀଗୁଡ଼ିକର ମଧ୍ୟ ପ୍ରସ୍ତାବିତ ନିଲାମ ବିକ୍ରୀ। ରେଳବାଇ ପ୍ରଶାସନର ଅନ୍ୟ ଆଇଟମଗୁଡ଼ିକୁ ମଧ୍ୟ ନିଲାମର ଅନ୍ତର୍ଭୁକ୍ତ କରିବାର ସ୍ୱତନ୍ତ୍ରତା ରହିଛି। ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସମ୍ପୂର୍ଣ୍ଣ ବିବରଣୀ ନିଲାମ କ୍ୟାଟଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବ ତଟ ରେଳପଥର ସମ୍ବନ୍ଧିତ ନିଲାମ ସଂଚାଳନ ପ୍ରାଧିକରଣ ଙ୍କ କାର୍ଯ୍ୟାଳୟରୁ କିମ୍ବା ନିଲାମ ତାରିଖର 07(ସାତ) ଦିନ ପୂର୍ବରୁ ଆମର ୱେବ୍‌ସାଇଟ୍: www.ireps.gov.in ରେ ଉପଲବ୍ଧ ହେବ।

PR-887/M/21-22 — ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର



## OFFICE OF THE EXECUTIVE ENGINEER
## LIFT IRRIGATION DIVISION, BARGARH

E-mail: eeolicbgh@gmail.com

**Tender Call Notice for Hiring of Vehicle**
**No.620/Date: 11.03.2022**

**No.CAD-3153:** Sealed tenders are invited from interested reputed Travel Agencies / Tour Operators / Private Individuals for providing 01 (One) no. Non A/C Diesel driven vehicle (Bolero / TUV / Scorpio) which shall not ordinarily be more than 3 years old from the date of initial registration and shall confirm to the terms and conditions for official use in rural area of various offices under the Executive Engineer, L.I. Division, Bargarh on monthly rent basis. The tender schedule containing General Bid Information & Terms and Conditions for Hiring of Vehicles etc. will be available with Office of the Executive Engineer, L.I. Division, Bargarh on payment of Rs.500/-in shape of Demand Draft (DD) drawn in favour of Executive Engineer, L.I. Division, Bargarh from 15.03.2022 to 18.03.2022 during office hours. The tenders completed in all respect should be submitted to the Office of the Executive Engineer, L.I. Division, Bargarh-768028 on 18.03.2022 by 03.00 P.M. and shall be opened on the same day at 04.00 PM.

**Sd./-Executive Engineer, L.I.Division, Bargarh**
**OIPR-32277/11/0013/2122**



## OFFICE OF THE SUPERINTENDENT, CHC, MAHANGA, CUTTACK

**DIET TENDER NOTICE**

**Letter No. 391** — **Date: 10.03.2022**

Sealed tenders in the prescribed format (available in the office of the undersigned during office hours from Date: 14.03.2022 to 21.03.2022) are invited from the suppliers for supply of Dietary and other miscellaneous contingent articles for use in the office of the CHC, Mahanga for the year 2022-23 as per the list given in the form. The rates should be quoted including all taxes and the cost of the delivery at the kitchen of the Hospital every day.

The tenders will be received by the undersign on or before 3 P.M. of dated 28.03.2022. The tenders has to furnish self Tax clearance certificate. Sample should be produced before the diet advisory committee on the date of selection of the tender. The tender will be opened on dated 28.03.2022 at 4 P.M. in the office of the Superintendent, CHC, Mahanga in the presence of tenderers or their representatives. Any other information regarding the matter will be available in the office of the undersign in any working day during office hours.

The medical Diet advisory committee reserves the right to accept or reject any or all the tenders without assigning any reason thereof.

**Sd./- Superintendent, CHC, Mahanga, Cuttack**



## ODISHA PUBLIC SERVICE COMMISSION
## CUTTACK

### NOTICE

**No. 2559/PSC, Dt.11.3.22**
**(2PE-07-21/22) (DR-I)**

**No. D-359:-** It is for information of all concerned that, **64 (Sixty four)** candidates bearing following PPSAN/Reference nos. have been called for the physical verification of original certificates/documents to determine their eligibility and suitability for recruitment to the Post of **Assistant Professor, Teacher Education( History)**, pursuant to Advt. No. 09 of 2021-22.

**PROGRAMME OF DOCUMENT VERIFICATION**

| Date | Time | PPSAN of candidates |
|---|---|---|
| 16.03.2022 | 10.30 A.M. | 00097379, 00091437, 00093615, 00111508, 00089298, 00087786, 00094434, 00091286, 00094605, 00037336, 00111880, 00087579, 00092811, 00085884, 00091356 = **15 Candidates** |
| | 02.30 P.M. | 00088880, 00091005, 00112737, 00086860, 00089489, 00069113, 00065187, 00092530, 00094955, 00095358 = **10 Candidates** |
| 17.03.2022 | 10.30 A.M. | 00086669, 00090095, 00096232, 00112474, 00088229, 00094527, 00070369, 00090347, 00111997, 00112249, 00088944, 00089238, 00112586, 00092419, 00111096 = **15 Candidates** |
| | 02.30 P.M. | 00091451, 00090519, 00112546, 00112199, 00111321, 00111801, 00024085, 00096004, 00112378, 00098091 = **10 Candidates** |
| 21.03.2022 | 10.30 A.M. | 107, 00077539, 00112489, 00096900, 00064994, 00112566, 00112302, 00071753, 00112001, 111, 00063304, 00076871, 00111263, 00094745 = **14 Candidates** |

The candidates are required to bring **one set of self-attested photocopies of all the documents along with all original documents** for verification as mentioned below:-

1. **Hard Copy of the online application form.**
2. Three passport size photographs.
3. Duly filled in & attested "**Attestation form**" and duly filled in "**Bio-data form**" (to be downloaded from the website of the Commission).
4. **H.S.C.** or equivalent certificate in support of declaration of age issued by the concerned Board/ Council.
5. **Bachelor's Degree** marksheet.
6. **B.Ed Degree** marksheet.
7. **Master's Degree** marksheet.
8. **M. Phil** marksheet.
9. **NET/JRF/SET/SLET** qualified certificate.
10. **Ph.D. Degree** certificate.
11. **Conversion Certificate** from the concerned University indicating the actual equivalent percentage of marks.
12. **Odia Test pass** certificate.
13. **Caste Certificate** wherever applicable.
14. **Identity Card** issued by the Director of Sports, Odisha in case of Sports person.
15. **Permanent Disability Certificate** (indicating permanent disability of 40% or more)
16. One set Xerox copy of **published Research papers.**
17. **Teaching/Post-Doctoral** experience certificate.
18. **Awards.**
19. **No Objection Certificate** from the competent authority in case of Govt. Servants.
20. Any proof of identity.

Note: - It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

OIPR-12002/11/0289/2122 — **Sd./- Secretary**



## Forest, Environment & Climate Change Department
## Government of Odisha

**DIVISIONAL FOREST OFFICER, ANGUL**
**KENDULEAF DIVISION SHORT TENDER NOTICE FOR HIRING OF PRIVATE VEHICLES**

**No.MM-319:** Sealed tenders are invited from interested Travel Agencies / Service Providers having valid GST Registration for providing 2 (Two) Mahindra Scorpio/ TUV and 11 (eleven) nos. diesel driven Mahindra Bolero/ Max models of vehicles for official use within the jurisdiction of the Divisional Forest Officer, Angul, Kenduleaf Division for 8 (eight) months on monthly rent basis on terms and conditions mentioned in the Standard Bidding documents. The last date of submission of Tender is dt. 24.03.2022 upto 05.00PM. The tenders will be opened on dt. 25.03.2022 at 11.30 AM in presence of the tenderer or their authorized representative. Tenders received beyond the stipulated date, time & without EMD will be rejected out rightly. The tender form containing General Bid information and terms and conditions for hiring of vehicle will be available in the office of the undersigned and can be obtained on any working day from 11.00 AM to 05.00PM.

**Sd./- Divisional Forest Officer, Angul (KL) Division**
**OIPR-08027/11/0007/2122**



CAD-3131

ସୁନ୍ଦରଗଡ଼
ଖଣି ପ୍ରଭାବିତ ଲୋକଙ୍କ ସେବାରେ

**ସର୍ବସାଧାରଣଙ୍କ ପାଇଁ ସୂଚନା**

## ଆପଣଙ୍କ ମତାମତ ଓ ପ୍ରସ୍ତାବକୁ ସ୍ୱାଗତ

ସୁନ୍ଦରଗଡ଼ ଜିଲ୍ଲାର ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ବିଶେଷ ଉନ୍ନତି ପାଇଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନର ଆର୍ଥିକ ସହାୟତାକ୍ରମେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ତେଣୁ, ସ୍ୱାସ୍ଥ୍ୟ, ପୋଷଣ, ପାନୀୟ ଜଳ, ଶିକ୍ଷା, ଦକ୍ଷତା ବିକାଶ, ଜୀବିକା, କୃଷି, ଜଳସେଚନ, ଗମନାଗମନ, ପରିମଳ ଆଦି କ୍ଷେତ୍ରରେ ନୂଆ ନୂଆ ପଦକ୍ଷେପ ହାତକୁ ନେଇ ସ୍ଥାନୀୟ ଲୋକଙ୍କ ବିକାଶ ପାଇଁ ଜିଲ୍ଲା ପ୍ରଶାସନ ସବୁବେଳେ ପ୍ରାଥମିକତା ଦେଇ ଆସୁଛି।

ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ପ୍ରଣୟନ ଓ ନିଷ୍ପତ୍ତି ବେଳେ ଜନସାଧାରଣ ଓ ହିତାଧିକାରୀଙ୍କ ପ୍ରତ୍ୟକ୍ଷ ସହଭାଗିତା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେଣୁ, ବର୍ତ୍ତମାନ ଜିଲ୍ଲାରେ ଚାଲିଥିବା କାର୍ଯ୍ୟକ୍ରମଗୁଡ଼ିକୁ କିପରି ଆହୁରି ପ୍ରଭାବଶାଳୀ କରାଯାଇପାରିବ ସେ ସମ୍ପର୍କରେ ଆମେ ଆପଣଙ୍କ ମତାମତ ସ୍ୱାଗତ କରୁଛୁ। ଏହାସହ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ସୁବିଧା ପାଇଁ ଆଉ କେଉଁ ଅଭିନବ କାର୍ଯ୍ୟକ୍ରମ ହାତକୁ ନିଆଯାଇପାରିବ ସେ ସମ୍ପର୍କରେ ମଧ୍ୟ ଆପଣମାନେ ଆମକୁ ପ୍ରସ୍ତାବ ଦେଇ ପାରିବେ।

ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଜନକଲ୍ୟାଣ ଯୋଜନାର ପ୍ରସ୍ତୁତି ଓ ପ୍ରଣୟନ ବେଳେ ଆପଣମାନଙ୍କ ମତାମତ ଓ ପ୍ରସ୍ତାବକୁ ଗୁରୁତ୍ୱ ଦିଆଯିବ।

**ଜିଲ୍ଲାପାଳ ତଥା ଅଧ୍ୟକ୍ଷ**
**ପରିଚାଳନା ପରିଷଦ, ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଟ୍ରଷ୍ଟ, ସୁନ୍ଦରଗଡ଼**

OIPR-30026/11/0006/2122

**ଯୋଗାଯୋଗ:**
ଇମେଲ୍: feedback.dmfs@gmail.com
ସୁନ୍ଦରଗଡ଼ ଜିଲ୍ଲା ହେଲ୍ପଲାଇନ୍ (୨୪/୭, ନିଃଶୁଳ୍କ): ୧୮୦୦ ୩୪୫ ୭୪୬୧ / ୦୧୧ ୪୧୧୮୨୧୩୮
www.sundergarh.nic.in, www.callcentersundargarh.in
/DMSundargarh



## ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ଯାଜପୁର

### ନିଲାମ ବିଜ୍ଞାପନ

No.L-137: ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯାଜପୁର ଜିଲ୍ଲାର ନିମ୍ନଲିଖିତ ଫାର୍ମମାନଙ୍କରେ ଥିବା ଫଳନ୍ତି ଆମ୍ବ ଓ କାଜୁ ଗଛର ନିଲାମ ପାଇଁ ୨୦୨୧-୨୨ ଆର୍ଥିକ ବର୍ଷରେ ଇଚ୍ଛୁକ ବ୍ୟକ୍ତିମାନଙ୍କଠାରୁ ନିଲାମପତ୍ର ଆହ୍ୱାନ କରାଯାଉଅଛି। ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ଏବଂ ସର୍ତ୍ତାବଳୀ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ ହୋଇପାରିବ। ପ୍ରତ୍ୟେକ ଫର୍ମ ପାଇଁ ଦରଖାସ୍ତ ସହିତ ଟ.୫୦୦୦ ଙ୍କା (ପାଞ୍ଚ ହଜାର ଟଙ୍କା) ମାତ୍ରର ଅମାନତ ରାଶି ନିମ୍ନ ସ୍ୱାକ୍ଷରକାରୀଙ୍କ ନାମରେ ଡିମାଣ୍ଡ ଡ୍ରାଫ୍ଟ ଆକାରରେ ଦାଖଲ କରିବାକୁ ପଡ଼ିବ। ଆଗ୍ରହୀ ବ୍ୟକ୍ତିବିଶେଷ ନିଲାମପତ୍ରଗୁଡ଼ିକ ତା.୨୫.୦୩.୨୦୨୨ ରିଖ ଅପରାହ୍ଣ ୧ ଘଟିକା ସୁଦ୍ଧା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିପାରିବେ। ସେହିଦିନ ଅପରାହ୍ଣ ୩ ଘଟିକା ସମୟରେ ନିଲାମପତ୍ର ଦାଖଲ କରିଥିବା ବ୍ୟକ୍ତି କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଏକ କମିଟି ସମ୍ମୁଖରେ ଖୋଲାଯାଇ ସର୍ବାଧିକ ନିଲାମ ରାଶି ଦେଇଥିବା ବ୍ୟକ୍ତିବିଶେଷଙ୍କୁ ବିଚାରକୁ ନିଆଯିବ। ଇଚ୍ଛୁକ ପ୍ରାର୍ଥୀ ଯେକୌଣସି କାର୍ଯ୍ୟ ଦିବସରେ କାର୍ଯ୍ୟାଳୟ ସମୟ ସୀମା ମଧ୍ୟରେ ଫାର୍ମ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅନୁମତି କ୍ରମେ ଫାର୍ମ ବୁଲି ଦେଖିପାରିବେ।

**ନିଲାମ ହେବାକୁ ଥିବା ଫାର୍ମର ବିବରଣୀ**

| କ୍ରମିକ ସଂଖ୍ୟା | ଫାର୍ମର ନାମ | ଠିକଣା | ଫଳନ୍ତି ଗଛର ନାମ | |
|---|---|---|---|---|
| ୧ | ମହାବିନାୟକ ଫଳ ବଗିଚା, ଦର୍ପଣୀ | ସ୍ଥାନ-ଦର୍ପଣୀ, ବ୍ଲକ-ବରଚଣା, ଜିଲ୍ଲା-ଯାଜପୁର | ଆମ୍ବ | କାଜୁ |
| ୨ | ମଡେଲ୍ ନର୍ସରୀ, ଅଞ୍ଜିରା | ସ୍ଥାନ-ଅଞ୍ଜିରା, ବ୍ଲକ-ଧର୍ମଶାଳା, ଜିଲ୍ଲା-ଯାଜପୁର | ଆମ୍ବ | କାଜୁ |
| ୩ | ସୁକିନ୍ଦା ସିଡ୍ ଫାର୍ମ | ସ୍ଥାନ-ଦାମୋଦରପୁର, ବ୍ଲକ-ସୁକିନ୍ଦା, ଜିଲ୍ଲା-ଯାଜପୁର | ଆମ୍ବ | କାଜୁ |

**ସ୍ୱା./-ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ଯାଜପୁର**
OIPR-01384/11/0001/2122



## ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN:U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES — Mining Happiness

### NOTICE

**N0.4055/OMC/2022 Date: 11/03/2022**

**No.CAD-3160:** Pursuant to the Notice No. 3092/OMC dated 24.02.2022 regarding conduct of Computer Based Test (CBT) on 17.03.2022 for the Posts of Jr. Accountant & Electrician- III against Advertisement No. 65 dtd. 04.01.2022, the candidates are advised to note the followings:

1. A "Mock Test" questionnaire is being uploaded in OMC website (https://omcltd.in) to make the candidates familiar with the interface of Computer Based Test (CBT) to be conducted on 17.03.2022 (Thursday.)
2. The Facilitation Counters to facilitate the candidates for addressing the issues related to non-receipt of e-Admit Card or any error/ discrepancy related to e-Admit Card, if any will be functional on 16.03.2022 (10:00 AM to 1:00 PM) in the following cities:

• Bhubaneswar • Cuttak • Dhenkanal • Rourkela
• Sambalpur • Berhampur • Balasore

For address details of Facilitation Counters & other informations related to CBT, candidates are advised to visit OMC website (http://omcltd.in).

**Sd./-ADDL. GENERAL MANAGER (PERSONNEL)**
**OIPR-30005/11/0265/2122**

**ପେଟିଏମ୍ ଉପରେ କଟକଣା**

ନୂଆଦିଲ୍ଲୀ:ଦେଶର ପ୍ରମୁଖ ଡିଜିଟାଲ ବ୍ୟାଙ୍କିଙ୍ଗ୍ ସେବା ଯୋଗାଉଥିବା ସଂସ୍ଥା ପେଟିଏମ୍ ପେମେଣ୍ଟ ଉପରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ କଟକଣା ଜାରି କରାଯାଇଛି। ଶୁକ୍ରବାର ଏ ନେଇ ଆର୍‌ବିଆଇ ପକ୍ଷରୁ କୁହାଯାଇଛି ଯେ ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ନିଜ ସହ ଆଉ ନୂଆ ଗ୍ରାହକ ନ ଯୋଡ଼ିବା ସହ ଉକ୍ତ ନିର୍ଦ୍ଦେଶକୁ ସଂସ୍ଥା ତତ୍କାଳ ଲାଗୁ କରିବ। ସେହିପରି ବ୍ୟାଙ୍କକୁ ଏକ ଆଇଟି ଅଡିଟ୍ ଫାର୍ମ ନିଯୁକ୍ତ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପେଟିଏମ୍ ପେମେଣ୍ଟ ବ୍ୟାଙ୍କ ଆଇଟି ଅଡିଟର ରିପୋର୍ଟର ସମୀକ୍ଷା ସହ ଆର୍‌ବିଆଇଠାରୁ ଅନୁମତି ମିଳିବା ପରେ ନୂତନ ଗ୍ରାହକଙ୍କୁ ନିଜ ସହ ଯୋଡ଼ିପାରିବ।

# ଟୟୋଟାର କୁଲ ନ୍ୟୁ ଗ୍ଲାନଜାର ବୁକିଂ ଆରମ୍ଭ

**ନୂଆଦିଲ୍ଲୀ,୧୧।୩**




ଟୟୋଟା କିର୍ଲୋସ୍କର ମୋଟରର ବହୁ ପ୍ରତୀକ୍ଷିତ ଷ୍ଟାଇଲିଶ ଏବଂ ସ୍ପୋର୍ଟି କୁଲ୍ ନ୍ୟୁ ଟୟୋଟା ଗ୍ଲାନ୍‌ଜା ପାଇଁ ବୁକିଂ ଆରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ନିକଟରେ ଏହାର ବୁକିଂ ଆରମ୍ଭ ହୋଇଯାଇଛି। ଟୟୋଟାର ନିଜସ୍ୱ କାର୍ ଟେକ୍ନୋଲୋଜି ଦ୍ୱାରା ଏହା ନିର୍ମିତ। ଶକ୍ତିଶାଳୀ ଏବଂ ଇନ୍ଧନ ଦକ୍ଷତାଯୁକ୍ତ ଇଞ୍ଜିନ ଦ୍ୱାରା କୁଲ୍ ନ୍ୟୁ ଗ୍ଲାନ୍‌ଜା ଲିଟର ପିଛା ୨୨କି.ମି.ରୁ ଅଧିକ ମାଇଲେଜ୍ ଉପଲବ୍ଧ କରାଇବ। ଏଥିରେ ଟୟୋଟା ସିଗ୍ନେଚର ଷ୍ଟାଇଲିଶ ଫ୍ରଣ୍ଟ ଗ୍ରିଲ୍ ଏବଂ ବମ୍ପର ରହିଛି। ଏହାର ସୁରକ୍ଷା ବ୍ୟବସ୍ଥାରେ ୬ଟି ଏୟାରବ୍ୟାଗ୍ ,ହେ ଟୟୋଟା ଭଏସ୍ ଆସିଷ୍ଟାଣ୍ଟ, ହେଡ୍ ଅପ୍ ଡିସ୍‌ପ୍ଲେ ଏବଂ ୩୬୦ ଡିଗ୍ରୀ କ୍ୟାମେରା ଭଳି ବୈଶିଷ୍ଟ୍ୟ ରହିଛି। ଏହାର ବୁକିଂ ରାଶି ୧୧,୦୦୦ ଟଙ୍କା ରହିଛି। ଗ୍ରାହକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବୁକିଂ ଉଭୟ ଅନ୍‌ଲାଇନ ଏବଂ ନିକଟବର୍ତ୍ତୀ ଟୟୋଟା ଡିଲରଶିପ୍‌ରେ ମଧ୍ୟ କରାଯିବାର ବ୍ୟବସ୍ଥା ହୋଇଛି। ଏ ସମ୍ପର୍କରେ ଟୟୋଟା କିର୍ଲୋସ୍କର ମୋଟରର ବିକ୍ରୟ ଏବଂ ଷ୍ଟ୍ରାଟେଜିକ ମାର୍କେଟିଂ ଆସୋସିଏଟ ଉପାଧ୍ୟକ୍ଷ ଅତୁଲ ସୁଦ୍ କହିଛନ୍ତି, କୁଲ୍ ନ୍ୟୁ ଗ୍ଲାନ୍‌ଜାର ବଜାର ପ୍ରବେଶ କରାଇଥିବାରୁ ଆମେ ବେଶ୍ ଆନନ୍ଦିତ। ଗ୍ରାହକ ସେମାନଙ୍କର ବିଶ୍ୱାସ ଆମ ଉପରେ ରଖିଥିବାରୁ ଆମେ ସେମାନଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛୁ।

# ଘରୋଇ ବିମାନ ସେବାରେ ବୃଦ୍ଧି

**ନୂଆଦିଲ୍ଲୀ,୧୧।୩**

ଭାରତୀୟ ଏୟାରଲାଇନ୍‌ଗୁଡିକ ଆଗାମୀ ଗ୍ରୀଷ୍ମ କାର୍ଯ୍ୟସୂଚୀ ପାଇଁ ସେମାନଙ୍କ ଘରୋଇ ସେବାକୁ ୧୦.୧% ବୃଦ୍ଧି କରିଛନ୍ତି ବୋଲି ଶୁକ୍ରବାର ଡାଇରେକ୍ଟୋରେଜ୍ ଜେନେରାଲ୍ ଅଫ୍ ସିଭିଲ୍ ଆଭିଏସନ୍(ଡିଜିସିଏ) ପକ୍ଷରୁ କୁହାଯାଇଛି। ଗତ ଗ୍ରୀଷ୍ମ କାର୍ଯ୍ୟସୂଚୀରେ ସାପ୍ତାହିକ ୨୨,୯୮୦ଟି ଫ୍ଲାଇଟ୍ ଚଳାଚଳ କରୁଥିବା ବେଳ ଚଳିତ ବର୍ଷ ଏଥିରେ ବୃଦ୍ଧି ଘଟି ୨୫,୩୦୯ ହୋଇଛି। ଗ୍ରୀଷ୍ମ କାର୍ଯ୍ୟସୂଚୀ ମାର୍ଚ୍ଚ ୨୭ରୁ ଆରମ୍ଭ ହୋଇ ଅକ୍ଟୋବର ୨୯ ପର୍ଯ୍ୟନ୍ତ ଚାଲୁ ହେବାକୁ ଥିବା ବେଳେ ସାପ୍ତାହିକ ୨୫,୩୦୯ ସଂଖ୍ୟକ ବିମାନ ଦେଶର ୧୧୨ଟି ବିମାନବନ୍ଦରରୁ ଚଳାଚଳ କରିବ। ଟାଟାଗ୍ରୁପ୍‌ର ସାପ୍ତାହିକ ସର୍ବାଧିକ ୧,୬୦୧ ସଂଖ୍ୟକ ଫ୍ଲାଇଟ୍ ଚଳାଚଳ ହେବ।

# 'ପାରିୱେର'ର ନୂତନ ଉତ୍ପାଦ




**ଭୁବନେଶ୍ୱର,୧୧।୩**

ଦେଶର ଅଗ୍ରଣୀ ସାନିଟାରୀ ସାମଗ୍ରୀ ଉତ୍ପାଦକ କମ୍ପାନୀ 'ପାରିୱେର' ପକ୍ଷରୁ ପାଇପ୍ସ ଆଣ୍ଡ୍ ଫିଟିଂ ରେଞ୍ଜ୍ ଆରମ୍ଭ କରାଯାଉଛି। ଏହାଛଡ଼ା ପୂର୍ବ ଓଡ଼ିଶା ବଜାରର ଗ୍ରାହକଙ୍କ ଆବଶ୍ୟକତା ପୂରଣ ପାଇଁ ଫିଟିଂ ରେଞ୍ଜ୍ ସହିତ ନୂତନ ସାମଗ୍ରୀ କ୍ରୟ ପାଇଁ ଅଫର ମଧ୍ୟ ପ୍ରଦାନ କରାଯାଇଛି। ଏହାର ବ୍ରାଣ୍ଡର ସାମଗ୍ରୀ ବର୍ତ୍ତମାନ ଗ୍ରାହକଙ୍କ ପାଇଁ ଏକ ୱାନ୍ ଷ୍ଟପ୍ ସଲ୍ୟୁସନ ଭାବେ ପରିଗଣିତ ହୋଇଛି। କମ୍ପାନୀ ପକ୍ଷରୁ ଓଡ଼ିଶାରେ ଆରମ୍ଭ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉନ୍ନତ ସୁବିଧା ଯୋଗାଉଥିବା ସିପିଭିସି, ୟୁପିଭିସି ଏବଂ ଏସ୍‌ଡବ୍ଲ୍ୟୁଆର୍ ସମେତ ପାଇପ୍ ଆଣ୍ଡ୍ ଫିଟିଙ୍ଗ୍‌ସକୁ ପ୍ରଦର୍ଶନ କରାଯାଇଥିଲା। ଏହାକୁ ସହଜରେ ଇନ୍‌ଷ୍ଟଲ ମଧ୍ୟ କରିହେବ ଏବଂ ଏହା ସୀସା ମୁକ୍ତ। ଏହି ଅବସରରେ ରୋକା 'ପାରିୱେର'ର ସିଏଫ୍‌ଓ ମିଷ୍ଟର ନିର୍ମଳ କହିଛନ୍ତି ପାଇପ୍ ଆଣ୍ଡ୍ ଫିଟିଂକୁ ଓଡ଼ିଶା ବଜାରରେ ପ୍ରବେଶ କରି ପାରିଥିବାରୁ ସେ ଖୁସି ଅନୁଭବ କରିଛନ୍ତି।

# ଜେଏସ୍‌ଏଚ୍‌ଏଲ୍‌କୁ ଆଉ ଏକ ସମ୍ମାନ

**ନୂଆଦିଲ୍ଲୀ,୧୧।୩**

ଜିନ୍ଦଲ ଷ୍ଟେନ୍‌ଲେସ୍ (ହିସାର) ଲିମିଟେଡ୍ (ଜେଏସ୍‌ଏଚ୍‌ଏଲ୍) ର ବିମାନ ଚଳାଚଳ, ମହାକାଶ ଓ ପ୍ରତିରକ୍ଷା ସଂସ୍ଥାନଗୁଡିକ ସକାଶେ ରହିଥିବା ଏକ ମାନ ପରିଚାଳନା ବ୍ୟବସ୍ଥା ଏଏସ୍‌୯୧୦୦ଡି ପ୍ରମାଣନ ହାସଲ କରିବାରେ ଭାରତରେ ପ୍ରଥମ ସମନ୍ୱିତ ଷ୍ଟେନ୍‌ଲେସ୍ ଷ୍ଟିଲ୍ ବିନିର୍ମାଣକାରୀ କମ୍ପାନୀ ଭାବେ ବିଶ୍ୱର ବଛାବଛା ହାତଗଣତି କମ୍ପାନୀ ମଧ୍ୟରେ ସ୍ଥାନ ପାଇଛି। ଏ ସମ୍ପର୍କରେ ଜେଏସ୍‌ଏଚ୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଆମେ ସର୍ବଦା ପ୍ରତିରକ୍ଷା ଏବଂ ଏରୋସ୍ପେସ୍ କ୍ଷେତ୍ର ପ୍ରତି ଆଗ୍ରହୀ ରହି ଆସିଛୁ ।

# ଦେବାଶିଷ ପଣ୍ଡାଙ୍କୁ ନୂଆ ଦାୟିତ୍ୱ



**ନୂଆଦିଲ୍ଲୀ,୧୧।୩**

ବରିଷ୍ଠ ପ୍ରଶାସକ ତଥା ପୂର୍ବତନ ବିତ୍ତୀୟ ସେବା ସଚିବ ଦେବାଶିଷ ପଣ୍ଡାଙ୍କୁ ଶୁକ୍ରବାର ଇନ୍‌ସ୍ୟୁରାନ୍ସ ରେଗୁଲେଟୋରି ଆଣ୍ଡ ଡେଭଲପମେଣ୍ଟ ଅଥରିଟି ଅଫ୍ ଇଣ୍ଡିଆ (ଆଇଆର୍‌ଡିଏଆଇ)ର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ଆସନ୍ତା ୩ବର୍ଷ ପାଇଁ ସେ ଏହି ନୂଆ ଦାୟିତ୍ୱରେ ରହିବେ ବୋଲି ସୂଚନା ମିଳିଛି। ଉତ୍ତରପ୍ରଦେଶ କ୍ୟାଡରର ୧୯୮୭ ବ୍ୟାଚ୍ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପଣ୍ଡା ଏହା ପୂର୍ବରୁ ଦୁଇ ବର୍ଷ ଧରି ବିତ୍ତୀୟ ସେବା ସଚିବ ଦାୟିତ୍ୱ ତୁଲାଇଛନ୍ତି। ୨୦୨୨ ଜାନୁୟାରୀରେ ସେ ଅବସର ଗ୍ରହଣ କରିଥିଲେ। ପୂର୍ବରୁ ଆଇଆର୍‌ଡିଏଆଇ ଅଧ୍ୟକ୍ଷ ଥିବା ସୁବାସ ଚନ୍ଦ୍ର ଖୁଣ୍ଟିଆଙ୍କର କାର୍ଯ୍ୟକାଳ ୨୦୨୧ ମେ'ରେ ଶେଷ ହେବା ପରଠାରୁ ଗତ ୯ ମାସ ହେଲା ପଦବୀ ଖାଲି ପଡ଼ିଥିଲା।

# ଏସ୍‌ବିଆଇ ପକ୍ଷରୁ ବ୍ୟାଟେରିଚାଳିତ ଯାନ ପ୍ରଦାନ



**ଭୁବନେଶ୍ୱର,୧୧।୩**

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ର ଭୁବନେଶ୍ୱର ମଣ୍ଡଳ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟକୁ ନିକଟରେ ଏକ ବ୍ୟାଟେରିଚାଳିତ ଯାନ ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଏସ୍‌ବିଆଇର ଉତ୍କଳ ବିଶ୍ୱବିଦ୍ୟାଳୟ,ବାଣୀବିହାର ଶାଖା ଆନୁକୂଲ୍ୟରେ ଏକ ସାଧାରଣ ସଭାର ମଧ୍ୟ ଆୟୋଜନ କରାଯାଇଥିଲା। ଏହି ଅବସରରେ ଏସ୍‌ବିଆଇର ମୁଖ୍ୟ ମହାପ୍ରବନ୍ଧକ ବିଦ୍ୟାକୃଷ୍ଣନ ଉପସ୍ଥିତ ରହି ଉକ୍ତ ଇ-ଯାନର ଚାବି ବିଶ୍ୱବିଦ୍ୟାଳୟର ଭିସି ସବିତା ଆଚାର୍ଯ୍ୟଙ୍କୁ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ମହାପ୍ରବନ୍ଧକ ଏନ୍‌ଡବ୍ଲ୍ୟୁ-୧ ଅଭୟ କିଶୋର ପାଣ୍ଡେ, ଉପମହାପ୍ରବନ୍ଧକ ଜୋନ୍-୧ର ଆନନ୍ଦ ବିକ୍ରମ, ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ଅଭୟ କୁମାର ନାୟକ, କଣ୍ଟ୍ରୋଲର (ଅର୍ଥ) ସୁରେଶ କୁମାର ସାହୁ ଏବଂ ବ୍ୟାଙ୍କର ଖୋର୍ଦ୍ଧା ଆଞ୍ଚଳିକ ପ୍ରବନ୍ଧକ ଭୂପଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ଭିସି ଆଚାର୍ଯ୍ୟ ବ୍ୟାଙ୍କର ଏଭଳି କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହ କହିଥିଲେ, ଏହି ଯାନଟି ବିଶ୍ୱବିଦ୍ୟାଳୟର ଦିବ୍ୟାଙ୍ଗ ଛାତ୍ରୀଛାତ୍ର ତଥା ବରିଷ୍ଠ ନାଗରିକମାନଙ୍କ ବ୍ୟବହାର ପାଇଁ ଉପଯୋଗୀ ହେବ।

# ୧୨୦ କୋଟି ଟଙ୍କାର ବୁଝାମଣାପତ୍ର ସ୍ୱାକ୍ଷର

**ଭୁବନେଶ୍ୱର,୧୧।୩**

ନ୍ୟାସନାଲ୍ ବ୍ୟାଙ୍କ ଅଫ୍ ଏଗ୍ରିକଲ୍ଚର ଆଣ୍ଡ ରୁରାଲ୍ ଡେଭଲପ୍‌ମେଣ୍ଟ (ନାବାର୍ଡ)ର ଓଡ଼ିଶା ଆର୍‌ଓ ପକ୍ଷରୁ ଶୁକ୍ରବାର ଓଡ଼ିଶା ସରକାରଙ୍କ ସହିତ ଆକ୍ୱାକଲ୍‌ଚର ଇନ୍‌ଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ (ଏଫ୍‌ଆଇଡିଏଫ୍) ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଏହି ବୁଝାମଣାପତ୍ରରେ ରାଜ୍ୟ ବିତ୍ତ ବିଭାଗୀୟ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ(ଆଇଏଏସ୍) ଏବଂ ଚିଫ୍ ଜେନେରାଲ୍ ମ୍ୟାନେଜର ସି ଉଦୟ ଭାସ୍କରଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ନାବାର୍ଡ ପକ୍ଷରୁ ରାଜ୍ୟ ସରକାରଙ୍କ ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ ବିଭାଗ ମୁଖ୍ୟ ସଚିବ ଆର୍ ରଘୁପ୍ରସାଦ, ସ୍ୱତନ୍ତ୍ର ସଚିବ ଏନ୍‌କେ ରାଉତ, ବିତ୍ତ ବିଭାଗ ଅତିରିକ୍ତ ସଚିବ ଆର୍‌ଏନ୍ ଦାସ, ଡିଜିଏସ୍ ଏସ୍‌ଆର୍ ପଣ୍ଡା, ଦୁଇ ଏଜିଏମ୍ ଏନ୍‌ଏଲ୍ ସାହୁ ଏବଂ ସ୍ମିତା ଏନ୍ ବଡ଼ଜେନା ଉପସ୍ଥିତ ଥିଲେ। ଏହି ଅବସରରେ ବିତ୍ତ ବିଭାଗୀୟ ମୁଖ୍ୟ ସଚିବଙ୍କ ସହିତ ମତ୍ସ୍ୟ ଚାଷ, ଏଏଚ୍ ସେକ୍ଟର ଏବଂ ଏଫ୍‌ଆଇଡିଏଫ୍‌ର କାର୍ଯ୍ୟକ୍ଷମତା ଉପରେ ଆଲୋଚନା କରାଯାଇଥିଲା।

# ୧୪ରୁ ଜୀ ସାର୍ଥକରେ 'ସର୍ବଜିତା ଅନୁ'

**କଟକ,୧୧।୩**

ଓଡ଼ିଆ ଚଳଚ୍ଚିତ୍ର ଦୁନିଆର ଏକ ଚିର ପରିଚିତ ନାମ ଅନୁ ଚୌଧୁରୀ। ବଡ଼ ପରଦାରେ ହସାଉଥିବା ଓ କନ୍ଦାଉଥିବା ଏହି ଅଭିନେତ୍ରୀ ଏବେ ଟେଲିଭିଜନରେ କରିବେ କମାଲ। ଦୀର୍ଘ ୨ଦଶନ୍ଧି ଧରି ୬୫ରୁ ଅଧିକ ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରିସାରିଛନ୍ତି ଅନୁ। ତାଙ୍କର ସୁନ୍ଦର ଅଭିନୟ ଓ ନୃତ୍ୟରେ ଜନତା ହୋଇଛନ୍ତି ମନ୍ତ୍ରମୁଗ୍ଧ। ସେ ଯେ କେବଳ ଓଲିଉଡ୍‌ରେ ଚର୍ଚ୍ଚିତା ତାହା ନୁହେଁ, ବେଙ୍ଗଲୀ, ତେଲୁଗୁ ଏବଂ ହିନ୍ଦୀ ଫିଲ୍ମରେ ମଧ୍ୟ ଦର୍ଶକ ଦେଖିଛନ୍ତି ତାଙ୍କ ଅଭିନୟ। ଗ୍ଲାମର ଇଣ୍ଡଷ୍ଟ୍ରିରେ ବେଶ୍ ସୁନାମ ଅର୍ଜନ କରିଥିବା ଅନୁଙ୍କୁ ୨୦୦୫ ରେ ଫିଲ୍ମ 'ଶାଶୁଘର ଚାଲିଯିବି'ରେ ଆକର୍ଷଣୀୟ ଅଭିନୟ ପାଇଁ ମିଳିଥିଲା ଓଡ଼ିଶା ରାଜ୍ୟ ଫିଲ୍ମ ପୁରସ୍କାର। ନାୟିକା ଅନୁ ପୁଣି ଆସୁଛନ୍ତି ଦର୍ଶକଙ୍କ ହୃଦୟରେ ଘର କରିବାପାଇଁ ଜୀ ସାର୍ଥକର ମେଗା ଧାରାବାହିକ 'ସର୍ବଜିତା ଅନୁ'ରେ ଲିଡ୍ ରୋଲରେ ।

ଜୀ ସାର୍ଥକ ସଦାସର୍ବଦା ତା'ର ଦର୍ଶକମାନଙ୍କ ପାଇଁ ମନପସନ୍ଦର ଧାରାବାହିକ ନେଇ ଆସିଥାଏ। ଓଡ଼ିଆ କଳା, ସଂସ୍କୃତି ଓ ଚାଲିଚଳନକୁ ସର୍ବଦା ପ୍ରାଥମିକତା ଦେଇ ଆସିଛି ଜୀ ସାର୍ଥକ। ଏହି ଧାରାରେ ସାମିଲ ହେବାକୁ ଯାଉଛି ମେଗା ଧାରାବାହିକ ସର୍ବଜିତା ଅନୁ। ଆଗରୁ 'କେମିତି କହିବି କହ'ରେ ସୁପରଷ୍ଟାର ସିଦ୍ଧାନ୍ତ ଓ 'ଦାଦାଗିରି'ରେ ଅନୁଭବଙ୍କ ଜଲୱା ପରେ ଏବେ 'ସର୍ବଜିତା ଅନୁ'ରେ ଦର୍ଶକ ଦେଖିବେ ଏଭରଗ୍ରିନ୍ ନାୟିକା ଅଭିନେତ୍ରୀ ଅନୁ ଚୌଧୁରୀଙ୍କୁ। ମାର୍ଚ୍ଚ ୧୪ରୁ ସନ୍ଧ୍ୟା ୮ ଟାରେ ଏହି ମେଗା ଧାରାବାହିକ ପ୍ରସାରଣ ହେବ। ଏହାକୁ ନେଇ ଦର୍ଶକଙ୍କ ଭିତରେ ରହିଛି ଅନେକ ଉତ୍କଣ୍ଠା। ପୂର୍ବ ସିରିଏଲ୍ ପରି ସର୍ବଜିତା ଅନୁ ମଧ୍ୟ ଦର୍ଶକଙ୍କ ମନୋରଞ୍ଜନ ଆବଶ୍ୟକତାକୁ ପୂରଣ କରିବ ବୋଲି କହିଛନ୍ତି ଜୀ ସାର୍ଥକ ଚ୍ୟାନେଲ ମୁଖ୍ୟ ଅର୍ଘ୍ୟ ରାୟ ଚୌଧୁରୀ।




## ଫୁର୍‌ସତ୍

# କାର୍‌ରେ ସୁଇମିଂ ପୁଲ୍, ହେଲିପ୍ୟାଡ୍



**ୱାଶିଂଟନ୍:** ୧୦୦ ଫୁଟ ବିଶିଷ୍ଟ ଲମ୍ବ କାର୍ ସୁପର- ଲିମୋଜିନ୍ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ଆମେରିକା ଡ୍ରିମ୍ କୁହାଯାଉଥିବା ସୁପର-ଲିମୋଜିନ୍ କାର ୧୯୮୬ରେ ତିଆରି ହୋଇଥିଲା। ସେତେବେଳେ ଏହି କାର୍‌ର ଲମ୍ବ ୧୮.୨୮ ମିଟର ଅର୍ଥାତ୍ ୬୦ ଫୁଟ୍ ଥିଲା ଯାହା ପ୍ରଥମ ଥର ଲାଗି ଗିନିଜ ୱାର୍ଲ୍ଡ ରେକର୍ଡରେ ସ୍ଥାନିତ ହୋଇଥିଲା। କିନ୍ତୁ ବର୍ତ୍ତମାନ ସୁପର-ଲିମୋଜିନ୍ କାର୍‌ର ଢାଞ୍ଚାରେ ପରିବର୍ତ୍ତନ କରାଯାଇଥିବା ବେଳେ ଏହାର ଲମ୍ବକୁ ବଢାଇଦିଆଯାଇଛି। ଏହି କାର୍‌ର ଲମ୍ବ ଏବେ ୩୦.୫୪ ମିଟର ଅର୍ଥାତ୍ ୧୦୦ ଫୁଟ୍ ୧.୦୫ ଇଞ୍ଚ ରହିଛି। ଏହି ସୁପର-ଲିମୋଜିନ୍ କାର୍ ନିଜ ରେକର୍ଡ ଭାଙ୍ଗି ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସାମିଲ ହୋଇଛି। ବିଶ୍ୱର ସବୁଠାରୁ ଲମ୍ବା କାର୍ ଭାବେ ଆଖ୍ୟା ପାଇଥିବା ସୁପର-ଲିମୋଜିନ୍ ଭିତରେ ସୁଇମିଂପୁଲ୍, ୱାଟର ବେଡ୍, ବାଥ୍ ଟବ୍ ଏବଂ ମିନି-ଗଲ୍‌ଫ କର୍ସ, ହେଲିପ୍ୟାଡ୍ ଏବଂ ଜାକୁଜି ସୁବିଧା ରହିଛି। ଏହି କାର୍‌କୁ ଉଭୟ ପାର୍ଶ୍ୱରୁ ଚଲାଯାଇପାରିବ। ଏକକାଳୀନ ଏଥିରେ ୭୫ଜଣ ଯାତ୍ରୀ ବସିପାରିବେ। ସୁପର-ଲିମୋଜିନ୍‌କୁ ଜଏ ଓହରବର୍ଗ ତିଆରି କରିଥିଲେ। ବହୁ ହଲିଉଡ୍ ଫିଲ୍ମରେ ଲିମୋଜିନ୍‌କୁ ବ୍ୟବହାର କରାଯାଇଥିବାବେଳେ କାର୍‌କୁ ଦେଖିବା ପାଇଁ ମଧ୍ୟ ଲୋକଙ୍କୁ ଲମ୍ବା ଲାଇନ୍ ଲଗାଇବାକୁ ପଡ଼ିଛି। ଫ୍ଲୋରିଡାର ଓରଲ୍ୟାଣ୍ଡୋରେ ଥିବା ଡେଜରଲ୍ୟାଣ୍ଡ ପାର୍କ କାର୍ ମ୍ୟୁଜିୟମ୍ ଆଣ୍ଡ୍ ଟୁରିଷ୍ଟ ଆକ୍ଟ୍ରାକ୍ସନ୍‌ର ମାଲିକ ମାଇକେଲ୍ ଡେଜର ୨୦୧୯ରେ ଏହି କାର୍‌ଟିକୁ କିଣିଥିଲେ। ଏହାପୂର୍ବରୁ ସୁପର- ଲିମୋଜିନ୍‌କୁ ଇ-ବାଏ ଜରିଆରେ ଓହରବର୍ଗଙ୍କଠାରୁ ଲିଜ୍‌ରେ ମାଇକେଲ ମାନିଙ୍ଗ୍ ନେଇଥିଲେ। ଲିଜ୍ ଅବଧି ସରିଲା ପରେ ଅର୍ଥାଭାବ କାରଣରୁ ସେ ଆଉଥରେ ସୁପର-ଲିମୋଜିନ୍‌ର ଲିଜ୍ ନେଇପାରି ନ ଥିଲେ।

# ଡ୍ୟାନ୍ସିଂ ଶୋ' ଜଜ୍ ହେବେ ସୋନାଲି



**ମୁମ୍ବାଇ:** କ୍ୟାନ୍‌ସରରୁ ସୁସ୍ଥ ହେବା ପରେ ପୁଣିଥରେ ଟେଲିଭିଜନ୍ ଜଗତକୁ ଫେରିବାକୁ ନିଷ୍ପତ୍ତି ନେଇଛନ୍ତି ୯୦ ଦଶକର ଚୁଲ୍‌ବୁଲି ନାୟିକା ସୋନାଲି ବେନ୍ଦ୍ରେ। ଘରୋଇ ଟିଭି ଚ୍ୟାନେଲରେ ପ୍ରସାରିତ ଡିଆଇଡି ଲିଟିଲ୍ ମାଷ୍ଟର ସିଜନ୍-୫ର ଜଜ୍ ଭାବେ ସେ ଦେଖାଯିବେ। ପୁଣିଥରେ ଟେଲି ଇଣ୍ଡଷ୍ଟ୍ରିରେ କାମ କରିବାକୁ ନେଇ ସେ କହିଛନ୍ତି, ଗତ ଦୁଇବର୍ଷ ମୋ ପାଇଁ ଚ୍ୟାଲେଞ୍ଜିଂ ଥିଲା। ପୁଣିଥରେ କାମ କରିବାର ସୁଯୋଗ ମିଳିବା ମୋ ପାଇଁ ଏକ ଭଲ ଅନୁଭୂତି। ଟ୍ରିଟମେଣ୍ଟ ଆଳରେ ମୋତେ ବହୁତ ଦିନ ବିଶ୍ରାମ ମିଳିଗଲା। ଏବେ ମୋତେ ୧୨ରୁ ୧୮ ଘଣ୍ଟା କାମ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ରେମୋ ଡିସୋଜା ଏବଂ ମୋନୀ ରଏଙ୍କ ସହ ଜଜ୍ ସିଟ୍‌ରେ ବସିବେ ସୋନାଲି। ପୁଣିଥରେ କାମ କରିବାକୁ ନେଇ ସ୍ୱାମୀ ଗୋଲ୍ଡି ବେହେଲ ସୋନାଲିଙ୍କୁ ପ୍ରୋତ୍ସାହିତ କରିବା ସହ ବହୁ ପୂର୍ବରୁ କାମ ଆରମ୍ଭ କରିବାର ଥିଲା ବୋଲି ସେ କହିଥିବା ସୋନାଲି କହିଛନ୍ତି।

# ସେପ୍ଟେମ୍ବରରେ 'ଫାଇଟର'



**ମୁମ୍ବାଇ:** ସିଦ୍ଧାର୍ଥ ଆନନ୍ଦଙ୍କ ଦ୍ୱାରା ନିର୍ଦ୍ଦେଶିତ ବଲିଉଡ୍ ଫିଲ୍ମ 'ଫାଇଟର' ଆସନ୍ତା ବର୍ଷ ସେପ୍ଟେମ୍ବର ୨୮ରେ ରିଲିଜ୍ ହେବ। ଗୁରୁବାର ଏ ନେଇ ହ୍ୟାଣ୍ଡସମ୍ ହଙ୍କ୍ ହ୍ରିତିକ ରୋଶନ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଏକ ମୋସନ୍ ପିକ୍ଚର ସେୟାର କରିଥିଲେ। ଯେଉଁଥିରେ ଫାଇଟର୍‌ର ରିଲିଜ୍ ଡେଟ୍ ଦେଖିବାକୁ ମିଳିଛି। ଏହି ଫିଲ୍ମରେ ପ୍ରଥମ ଥର ପାଇଁ ହ୍ରିତିକ ଏବଂ ଦୀପିକା ପାଦୁକୋନ ଏକାଠି ନଜରକୁ ଆସିବେ। ଏହା ଏକ ଆକ୍ସନ-ଡ୍ରାମା ଫିଲ୍ମ ହୋଇଥିବାବେଳେ ହ୍ରିତିକ ଏଥିରେ ଜଣେ ଏୟାରଫୋର୍ସ ଅଫିସର ଭୂମିକାରେ ଦେଖାଯିବେ। ଅନିଲ କପୁର ମଧ୍ୟ ଫାଇଟରରେ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି। ପୂର୍ବରୁ ଫିଲ୍ମ ରିଲିଜ୍ ପାଇଁ ୨୦୧୩ ଜାନୁୟାରୀ ସ୍ଥିର ହୋଇଥିଲା। କିନ୍ତୁ ଶୁଟିଂରେ ବିଳମ୍ବ ହେବା କାରଣରୁ ରିଲିଜ୍ ତାରିଖ ପରିବର୍ତ୍ତନ କରିଦିଆଯାଇଛି। ସିଦ୍ଧାର୍ଥ ଆନନ୍ଦଙ୍କ ସହ ହ୍ରିତିକଙ୍କର ଏହା ହେଉଛି ତୃତୀୟ ଫିଲ୍ମ। ଏହାପୂର୍ବରୁ ଦୁହେଁ ବ୍ୟାଙ୍ଗ୍‌ବ୍ୟାଙ୍ଗ୍ ଚଳଚ୍ଚିତ୍ରରେ ଏକାଠି କାମ କରିଥିଲେ।

# ସପ୍ତମ ଥର ବାପା ହେଲେ ମସ୍କ



**ୱାଶିଂଟନ:** ସପ୍ତମ ଥର ପାଇଁ ବାପା ହୋଇଛନ୍ତି ଦୁନିଆର ସବୁଠାରୁ ଧନୀ ବ୍ୟକ୍ତି ଏଲନ୍ ମସ୍କ। ଏଲନଙ୍କ ପତ୍ନୀ ତଥା ପ୍ରସିଦ୍ଧ ହଲିଉଡ୍ ଗାୟିକା ଗ୍ରିମ୍ସ ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି। ୫୦ ବର୍ଷୀୟ ଏଲନ୍ ଏବଂ ଗ୍ରିମ୍ସ ନାଁ ରଖିଛନ୍ତି ଏକ୍ସା ଡାର୍କ ସିଡ୍ରାଲ ରଖିଛନ୍ତି। ଦୁହିଙ୍କ ଝିଅ ସରୋଗେସି ଉପାୟରେ ଜନ୍ମ ହୋଇଥିବା ଜଣାପଡିଛି। ଏହା ପୂର୍ବରୁ ଏଲନ ୫ ପୁଅ ଓ ଦୁଇ ଯାଆଁଳା ସନ୍ତାନଙ୍କ ବାପା ଅଟନ୍ତି। ଭୁଲ ବୁଝାମଣା କାରଣରୁ ଏଲନ ଓ ଗ୍ରିମ୍ସ ସମ୍ପର୍କରେ ଫାଟ ଦେଖା ଦଇଥିବାବେଳେ ଏବେ ଦୁହିଁଙ୍କ ମଧ୍ୟରେ ସବୁକିଛି ଠିକ୍ ରହିଛି।

# ଜ୍ୟାକେଟରୁ ମିଳିଲା ୫୨ ପ୍ରଜାତିର ସରୀସୃପ



**ୱାଶିଂଟନ:** ଆମେରିକା ସୀମା ସୁରକ୍ଷା ବଳ ଜଣେ ୩୦ ବର୍ଷୀୟ ଯୁବକଙ୍କୁ ଗିରଫ କରିଛି। ତେବେ ଗିରଫ ପଛର କାରଣ ଜାଣିବା ପରେ ଆଶ୍ଚର୍ଯ୍ୟ ଲାଗିବ ନିଶ୍ଚୟ! ଯୁବକ ଜଣକ ପିନ୍ଧିଥିବା ଜ୍ୟାକେଟରେ ୫୨ ପ୍ରକାର ସରୀସୃପ ଲୁଚାଇ ନେଇଯାଉଥିଲେ। ସରିସୃପଙ୍କ ମଧ୍ୟରେ ଝିଟିପିଟି ଓ ବିଷାକ୍ତ ସାପ ରହିଥିଲେ। ଯୁବକ ଜଣକ ଟ୍ରକ୍ ନେଇ ସାନ୍ ସିଡ୍ରୋ ବର୍ଡରୁ ଫେରୁଥିବା ସମୟରେ ବର୍ଡର ସିକ୍ୟୁରିଟି ପକ୍ଷରୁ ଯାଞ୍ଚ ଚାଲିଥିଲା। ଯାଞ୍ଚ ବେଳେ ଯୁବକଙ୍କ ସ୍ୱଭାବ ଦେଖି ସିକ୍ୟୁରିଟି ଅଫିସରଙ୍କର ସନ୍ଦେହ ହୋଇଥିଲା, ପରେ ସେମାନେ ଯୁବକଙ୍କ ପୋଷାକ ଭିତରୁ ସ୍ୱତନ୍ତ୍ର ପଲିଥିନ୍ ବ୍ୟାଗ୍‌ରେ ୫୨ ପ୍ରକାର ସରୀସୃପ ପାଇଥିଲେ। ଯେଉଁଥିରେ ବିଶେଷ ପ୍ରକାର ସାପ ସାଙ୍ଗକୁ ଝିଟିପିଟି ରହିଥିଲେ। ତେବେ ଏହି ବିଶେଷ ପ୍ରକାର ସରୀସୃପଙ୍କ ଚୋରା ଚାଲାଣ ଅଭିଯୋଗରେ ଆମେରିକା ବର୍ଡର ସିକ୍ୟୁରିଟି ଫୋର୍ସ ଉକ୍ତ ଯୁବକଙ୍କୁ ଗିରଫ କରିଛି।

# ସ୍ପର୍ଶ

## ଅନୁବାଦ ଗଳ୍ପ

**ମୂଳ ହିନ୍ଦୀ: ପ୍ରେମସିଂହ ବରନାଲ୍‌ବି**
**ଅନୁସୃଜନ: ପ୍ରଫୁଲ୍ଲ କୁମାର ସୂତାର**

ଯେତେବେଳେ ଅଜୟ ଅମୃତସର ରେଲଷ୍ଟେଶନରେ ପହଞ୍ଚିଲା, ସେତେବେଳେ ଟ୍ରେନ ଚାଲିବାକୁ ଆରମ୍ଭ କରିଥିଲା। ସେ ଦଉଡ଼ି ଦଉଡ଼ି ଯାଇ ସେକେଣ୍ଡ କ୍ଲାସ ସ୍ଲିପର ଡବାରେ ଚଢ଼ିଗଲା। ତଳ ବର୍ଥରେ ତିରିଶ/ ବତିଶ ବର୍ଷୀୟା ସ୍ତ୍ରୀଲୋକଟିଏ ଶୋଇଥିଲା। ତା' ମୁଣ୍ଡ ଉପରେ ପଚାଶ/ ପଞ୍ଚାବନ ବର୍ଷର ପୁରୁଷ ଜଣେ ବସିଥିଲା।

ଅଜୟ ସ୍ତ୍ରୀଲୋକଟିର ଚେହେରାକୁ ଦେଖିଲା ତ ଆଖି ଯେମିତି ଲାଖି ରହିଗଲା। ଚେହେରାରୁ ରାଜସ୍ଥାନୀ ରମଣୀ ପରି ଲାଗୁଥିଲା। ପାଖରେ ବସିଥିବା ଲୋକର ପଗଡ଼ି ବି ରାଜସ୍ଥାନୀ ଷ୍ଟାଇଲରେ ଥିଲା। ସେ ତା'ର ପାଦପାଖରେ ଏପରି ବସିଥିଲା, ଯେପରି ସ୍ତ୍ରୀଲୋକଟିକୁ କଷ୍ଟ ନ ହେବ।

ଅଜୟ ଘଡ଼ି ଦେଖିଲା। ସମୟ ୧୧ଟା ହେବ। ଟ୍ରେନ୍ ଚାଲିଥିଲା। ଅଜୟ ବ୍ୟାଗ୍‌ରୁ ଗୋଟିଏ ଡିଟେକ୍‌ଟିଭ୍ ଉପନ୍ୟାସ ବାହାର କରି ପଢ଼ିବାକୁ ଆରମ୍ଭ କଲା। ତାକୁ ଲାଗିଲା ଦୁନିଆର ସବୁଠାରୁ ଜୀବନ୍ତ ପୁସ୍ତକ ଯେତେବେଳେ ତା' ଆଗରେ ରହିଛି, ତାକୁ ନ ପଢ଼ି ଏ ବହି ପଢ଼ିବାର ଆବଶ୍ୟକତା କ'ଣ ଅଛି! ଏ ନିର୍ଜୀବ କାହାଣୀରେ ଅଛି ବା କ'ଣ ?

ଅଜୟ ବହି ବନ୍ଦ କରି ଆଖି ବୁଜିଦେଲା, ଯେପରି ସେ ଦୃଶ୍ୟକୁ ଆଖି ଭିତରେ ବନ୍ଦି କରିନେବାକୁ ଚାହୁଁଥିଲା।

ଏହା ଭିତରେ ସ୍ତ୍ରୀଲୋକଟି ପଣତରେ ମୁହଁ ଘୋଡ଼େଇ ପକେଇଥିଲା। ଅଜୟ ଯେତେବେଳେ ଆଖି ଖୋଲି ସ୍ତ୍ରୀଲୋକଟିକୁ ଚାହିଁଲା, ତାକୁ ଲାଗିଲା ଜହ୍ନ ଯେମିତି ବଉଦ ତଳେ ଆତ୍ମଗୋପନ କରିଛି। ଅଜୟ ମୁଣ୍ଡ ଉପରେ ବସିଥିବା ସେହି ବୃଦ୍ଧ ବିଷୟରେ ଭାବୁଥିଲା। ଏ ବୃଦ୍ଧ ଜଣକ ସ୍ତ୍ରୀଲୋକଟିର ପିତା ନା ପତି ? ବୟସ ଦେଖିଲେ ସେ ତା'ର ପିତା ପରି ଜଣାପଡୁଛି। ପୁଣି ମନ ଭିତରେ ଆସିଲା– ନା, ନା, ସେ ତା'ର ପତି ହୋଇପାରେ! ବୟସରେ କ'ଣ ଅଛି ? ରାଜସ୍ଥାନରେ ବୟସ୍କ ଧନିକ ଶ୍ରେଣୀର ଲୋକମାନେ କମ୍‌ବୟସ୍କା କନ୍ୟାମାନଙ୍କୁ ବିବାହ କରିଥା'ନ୍ତି। ତା'ର ଏହିପରି ଅନେକ ଘଟଣା ମନେପଡ଼ିଗଲା ଏବଂ ତା' ମନ ଭିତରେ ସେ ପୁରୁଷଟିକୁ ତା'ର ପତି ବୋଲି ନିଶ୍ଚୟ କରିନେଲା।

ଟ୍ରେନ୍ ଦ୍ରୁତଗତିରେ ଧାବମାନ ହେଉଥିଲା। ଲୋକମାନେ ଧୀରେଧୀରେ ଢୁଳେଇବାରେ ଲାଗିଲେ। ରାଜସ୍ଥାନୀ ଲୋକଟି ମଧ୍ୟ ଆଖି ବୁଜିଦେଲା। କିଛି ସମୟ ପରେ ସେ ଘୁଙ୍ଗୁଡ଼ି ମାରିବାକୁ ଲାଗିଲା।

ଅଜୟ ପୁଣି ଆଖି ବୁଜିଦେଲା। ହଠାତ୍ ତା'ର ହାତ ସ୍ତ୍ରୀଲୋକଟିର ଡାହାଣ ପାଦକୁ ଛୁଇଁଗଲା। ଆଃ, ଏତେ ନରମ ରେଶମ ପରି, ତା' ଦେହରେ ଶିହରଣ ସୃଷ୍ଟି ହେଲା। ତା'ର ମନେହେଲା ତା' ହୃଦୟବୀଣାର ତାରଗୁଡ଼ିକ ଏକ ସଙ୍ଗରେ ଝଙ୍କୃତ ହୋଇଉଠିଲେ। ପୁଣି ଭୟ ଆସିଲା। ତା'ର ଏ ସ୍ପର୍ଶରେ ସ୍ତ୍ରୀଲୋକଟି ଯଦି ଚିତ୍କାର କରେ କିମ୍ବା ବଡ଼ ପାଟିକରି ଗାଳିଦିଏ, ତେବେ ତା' ଅବସ୍ଥା...

ଅଜୟ ଭାବିଲା– ହୁଁ, ସେତ ଗହନ ନିଦରେ ଶୋଇଛି। ମୋ' ସ୍ପର୍ଶକୁ ସେ ଟିକିଏ ହେଲେ ଅନୁଭବ କରିପାରି ନ ଥିବ। ସେଥିପାଇଁ କୁହାଯାଇଛି– ''ଶୋଇଥିବା ଲୋକ ମରିବା ସହିତ ସମାନ।''

ହଠାତ୍ ଅଜୟର ସ୍ତ୍ରୀ 'ଦେବାଂ' କଥା ମନେପଡ଼ିଲା। ତା' ସହିତ ତା'ର ସଂପର୍କ ଯାନ୍ତ୍ରିକ ପ୍ରକାରର ଥିଲା। ଯେବେଠାରୁ ସେ ପୂଜାପାଠର ନାଟକ ଆରମ୍ଭ କଲାଣି ସେବେଠାରୁ। ଅଜୟ ବହୁତ ଚେଷ୍ଟା କରିଥିଲା ଦେବାଂକୁ ନିଜ ଛାଞ୍ଚରେ ପକାଇବା ପାଇଁ; ଯଥା– ସେ ଯେମିତି ଚାହେଁ ଦେବାଂ ସେହିପରି ହେଉ, ତା'ର ମନକଥା ବୁଝୁ, ତା'ର ଠିକ୍ ଭାବରେ ଯତ୍ନ ନେଉ। ହେଲେ ସେ ତ ଠାକୁରଙ୍କୁ ନେଇ ବ୍ୟସ୍ତ, ତା' କଥା ବୁଝିବାକୁ ବେଳ କାହିଁ ?



ଏତେ ଟିକିଏ ଛୁଆଁରେ କେତେ ମଜା! ଏଇ ଟିକେଟିକେ ଡାହାଣ ଗୋଡ଼ର ଛୁଆଁ ଯେ କେତେବେଳେ ଚାପଦେବାରେ ପରିଣତ ହୋଇସାରିଛି ଅଜୟ ଜାଣିପାରି ନାହିଁ। ଅଜୟର ହୃତ୍‌ସ୍ପନ୍ଦନ ତୀବ୍ରରୁ ତୀବ୍ରତର ହୋଇଉଠିଲା। ଅଜୟ ଦେଖିଲା, ସ୍ତ୍ରୀଲୋକଟି ଟିକେ ହଲ୍‌ଚଲ୍ ହେଲା। ତା' ହାତ ସେଇଠି ରୁକିଗଲା। ଟିକେ ଡର ବି ଲାଗିଲା। କାଳେ... କିନ୍ତୁ ସେ ଆଶ୍ଚର୍ଯ୍ୟ ହୋଇଗଲା ଯେ ସ୍ତ୍ରୀଲୋକଟି କିଛି କହିଲା ନାହିଁ ବା ତା' ବିରୁଦ୍ଧରେ କିଛି ଅଭିଯୋଗ କଲାନାହିଁ।

ଟିକେ ବନ୍ଦ ହୋଇଯାଇ ଅଧିକ ଚାପ ଦେବାରେ ଲାଗିଲା ଅଜୟ। ଧୀରେଧୀରେ ତା' ଆଖି ବୁଜି ହୋଇ ଆସିଲା। ସ୍ତ୍ରୀଲୋକଟି ଆଖି ଖୋଲି କିଛି ସମୟ ପରେ ଆଖି ବନ୍ଦ କରି ଦେଇଥିବାର ସେ ଅନୁଭବ କଲା, ଯେମିତି ତାକୁ ସମ୍ମତି ମିଳିଯାଇଥିଲା।

ବୁଝିବାକୁ ଗଲେ ଥରେ ଏପରି ଲାଗିଥିଲା। ସ୍ତ୍ରୀଲୋକଟି ତା' ପାଖରେ ଶୋଇଥିବା ପୁରୁଷ ଲୋକଟିକୁ ଉଠେଇ ତାକୁ କହି ଅଜୟକୁ ନିସ୍ତୁତ ମାଡ଼ ମରେଇବ। ଏହି କଥା ଭାବି ସେ ଭୟରେ ଥରଥର ହୋଇ କମ୍ପିଉଠିଥିଲା। କିନ୍ତୁ ସେପରି କିଛି ହେଲାନାହିଁ।

ଲୁଧିଆନା ଷ୍ଟେସନର ଟିକେ ଆଗରୁ ଟ୍ରେନ୍‌ଟି ରହିଗଲା। ଅଜୟ ମନରେ ଏକ ଅବାନ୍ତର ଚିନ୍ତାଧାରା ଆସିଲା। ସେ ଭାବିଲା ଚା, ନାସ୍ତା ପାଇଁ ଲୋକଟି ତଳକୁ ଓହ୍ଲାଇଯା'ନ୍ତା ଏବଂ ସେ ସମୟରେ ଟ୍ରେନ୍‌ଟି ଛାଡ଼ିଦିଅନ୍ତା କିମ୍ବା କୌଣସି ଚୋର, ତାକୁ କିଛି ଔଷଧ ଶୁଙ୍ଘେଇ ଦେଇ ବେହୋସ୍ କରିଦିଅନ୍ତା, ସବୁଦିନ ପାଇଁ କଣ୍ଟାଟା ଯା'ନ୍ତା। ତେବେ ସବୁ ଛାଡ଼ି ଦେଇ ସେ ଏଇ ସ୍ତ୍ରୀଲୋକଟିକୁ ନେଇ ସୁଖରେ ଏକ ନୂଆ ଜୀବନ ଆରମ୍ଭ କରନ୍ତା।

ଓହୋଃ, ସମ୍ଭବତଃ ସେ ନିଦରୁ ଉଠିପଡ଼ିଛି। ମୁହଁରୁ ଓଢ଼ଣି କାଢ଼ି ଦେଇ ଏଣେତେଣେ ଚାହୁଁଛି। ତାକୁ ଖୋଜୁଛି କି ? ହେ ଭଗବାନ୍! ଆଉ ରକ୍ଷା ନାହିଁ... ଦେଖ... ପୁଣି ସେ ଆଖି ବୁଜି ଦେଇଛି। କେବଳ ମତେ ନୁହେଁ, ତାକୁ ମଧ୍ୟ ମୋ' ସ୍ପର୍ଶ ଭଲ ଲାଗୁଛି ବୋଧେ... ଏତିକିରେ ତ ଏତେ କଥା, ଅବଶିଷ୍ଟ ଜୀବନ ଯେବେ ମୁଁ ଏହା ସହିତ କଟାଇପାରନ୍ତି... ଅଜୟ ଭାବୁଥିଲା। ଟ୍ରେନ୍ ପୁଣି ଚାଲିବାକୁ ଲାଗିଲା। ଖୁବ୍‌ଶୀଘ୍ର ଲୁଧିଆନା ଷ୍ଟେସନ ଆସିଗଲା। ଏଠାରେ ଯେତେ ପାସେଞ୍ଜର ଓହ୍ଲେଇଗଲେ ତା'ଠାରୁ ଅଧିକ ଯାତ୍ରୀ ଚଢ଼ିଲେ। ସ୍ତ୍ରୀଲୋକଟିର ମୁଣ୍ଡ ଉପରେ ବସିଥିବା ଲୋକଟି ଉଠି ପଡ଼ିଥିଲା। ଦୁଇଜଣ ପାସେଞ୍ଜର ତା' ଆଗରେ ଠିଆ ହୋଇଥିଲେ।

ଜଣେ କହିଲା– ''ଆରେ ଭାଇ, ଆମେ ଠିଆ ହୋଇଛୁ, ଏ ମେମ୍ ସାହେବ ଆରାମରେ ଶୋଇ ରହିଛି।'' ଅନ୍ୟଜଣକ କହିଲା– ''ଆରେ ବାବା! ଚାରିଜଣିଆ ସିଟ୍। ଏ ସମୟରେ ଜାକିଜୁକି ହୋଇ ଛଅଜଣ ବସିପାରିବେ। ଶୀଘ୍ର ଏହାକୁ ଉଠାଅ।''

ସେ ବୁଢ଼ାଲୋକଟି କହିଲା– ''ଭାଇମାନେ ରାଗନାହିଁ। ମୁଁ ଉଠାଉଛି... ଏ ମା' ରୀନା'' କହି ସେ ଲୋକଟି ସ୍ତ୍ରୀଲୋକଟିକୁ ଉଠେଇଲା ଏବଂ ଧୀରେଧୀରେ ତା' ହାତଧରି ବସାଇଲା।

''ଭାଇମାନେ କ୍ଷମା କରିବେ। ଏ ପାରାଲିସିସ୍ ପେସେଣ୍ଟ, ଡାହାଣ ହାତ ଓ ଗୋଡ଼ ଅଚଳ।'' ସେହି ବୁଢ଼ାଲୋକଟି ନିଜର ଅସହାୟତା ପ୍ରକାଶ କରୁଥିଲା। ଏହା ଶୁଣି ଜଣେ ବ୍ୟସ୍ତ ହୋଇ କହିଲା– ''ହଉ ହଉ, ବ୍ୟସ୍ତ ହୁଅ ନାହିଁ। ତାଙ୍କୁ ଶୋଇ ରହିବାକୁ ଦିଅ। ମଝିରେ ଥିବା ଜିନିଷପତ୍ର ଉପରେ ଆମେ ବସିଯିବୁ।''

ଏହା ଶୁଣି ଅଜୟକୁ ଯେପରି ପାରାଲିସିସ୍ ହୋଇ ଯାଇଥିଲା।

—ରାଜନଗର, କେନ୍ଦ୍ରାପଡ଼ା

## କବିତା

### ପରିଣତି

**ହରେକୃଷ୍ଣ ଦାସ**

ପରିଣତି କଥା ଭାବି ପାରିଥିଲେ
ରାଧୁଆ କେବେହେଲେ
ମିଛ କହିବାର
ଅଭ୍ୟାସ କରିନଥା'ନ୍ତା
ଆଜି ଯଦି ସତକୁ ସତ
ବାଘ ଖାଇଯାଏ
କାହା ଆଖିରୁ ଲୁହ ଗଡ଼ିଲେ ବି
ଲାଭ କ'ଣ ?

କୋଉ ଈଶ୍ୱର ଆସି ହାତଧରି
ଉଦ୍ଧାର କରିନେବେ ବୋଲି
ଆଶା କରିବାରେ କ୍ଷତି ନାହିଁ
ହେଲେ ନିଜ ସ୍ଥିତି ଓ ସାମର୍ଥ୍ୟକୁ
ଠିକ୍ ଠିକ୍ କଳି ନେଏ ବେଣୁଧର।

ସବୁ ରହସ୍ୟ ଖୋଲିଦେବା ବି ଠିକ୍ ନୁହଁ
କିଛି ଦୁଃଖ ଗୋପନ ଥିଲେ ହିଁ ସୁନ୍ଦର
ଗଭୀର ଦୁଃଖ କାଳେ ଖୋଲିଦିଏ
ମୁକ୍ତି ପାଇଁ ମାର୍ଗ
ତେବେ ସେଇ ଆଶାରେ ବସି ନ ରହି
ସୁଦାମା ପରି ନିର୍ଲିପ୍ତ ହେବା ଧର୍ମକୁ
ଅଭ୍ୟାସ କରିନେବା ଉଚିତ।

ଶୋଷରେ ଅଧୀର ହେଲେ
ପାଣି ଲୋଡ଼ିବା ସ୍ୱାଭାବିକ
ତେବେ ଶାନ୍ତିର
ଅସଲ ଧାର କୋଉଠି
ସେ ଜ୍ଞାନ ଯଦି ନ ଥାଏ!

ଆଗପଛ ନ ଭାବି
ଡେଇଁ ପଡ଼ିବାରେ ଆମେ ମାହିର୍

ପାଣିର ଭ୍ରମ ନ ବୁଝି
ମରୁବାଲିରେ ହଜି ହଜି ଗଲୁ ତୁ
ସବୁ ସୁଖ ସାଉଁଟି ନେବା ମୋହରେ
ଝରଣାର ଧାରକୁ ଡେଇଁ ପଡ଼ିଲି ମୁଁ

ଏକା ତୁ ନୁହଁ କି ମୁଁ ନୁହଁ
ପରିଣତି କଥା ଭାବୁଚି କିଏ ?

ମୋ: ୯୮୬୧୩୪୫୬୫୮

### ଗୀତି-କବିତା

### ଅଶରୀରୀ

**ଶରତ ଦାଶ**

ମନ ଅଗଣାରେ ଏ କାହାର ଛାଇ
କିଏ ସେହି ଅଶରୀରୀ
ରାତିର ନିର୍ଜନ ଜହ୍ନ ଆଲୁଅରେ
ଚାଲୁଥାଏ ଥିରି ଥିରି।
ଏହା କିବା ମୋର ମନର ବିଭ୍ରମ
ଅବା କଳ୍ପନାର ରୂପ
ନହେଲେ ବାସ୍ତବ ଜୀବନରେ କ'ଣ
ଥାଏ କେହି ଅନୁରୂପ।

ଏ ଛାଇ କି ମୋର ଅଭୁଲା ଅତୀତ
ହୋଇଛି ଆଜି ସାକାର
ନହେଲେ କି ଏହା ସ୍ମୃତି ବଗିଚାରେ
ସବୁଜିମା ଚମତ୍କାର।
ଅନ୍ଧାରରେ ଦିଶେ ଆଲୋକେ ଅଦୃଶ୍ୟ
ହୁଏ କିମ୍ବା ଅଚାନକ
ଏହା କି ମୋହର ଆନନ୍ଦର ଉତ୍ସ
ବୁଦ୍ଧି ପ୍ରଦୀପ୍ତ ବିବେକ!!

ମନରେ ଗୋପନେ ଅଛି ନିରିଜନେ
ଯେତେ ଚିନ୍ତା ଯେତେ ଦକ
ଏହା କି ତାହାର ବୀଭତ୍ସ ବିକାର
ସଦର୍ପେ ଟେକିଛି ବେକ।
ଭୟ ଭ୍ରାନ୍ତି ସ୍ୱପ୍ନ ହୋଇ ଏକାକାର
ଧରିଛି କିବା ଶରୀର
ଛାୟାରେ ଜୀବନ କରିଛି ଧାରଣ
ଅବା କେଉଁ ସୁରେଶ୍ୱର!!

ମନର ବଶ ଏ ଚରାଚର ଧରା
ମନ ଚାହେଁ ଯାହା ଆଖି
ଦେଖଇ ଅଚିରେ ବିବିଧ ପ୍ରକାରେ
ହୃଦୟକୁ କରି ସାକ୍ଷୀ।
ମାୟାର ବଶ ଏ ଚଉଦ ଭୁବନ
ମୋହରେ ଚାଲିଛି ସବୁ
ମନ ମାୟା ପାଶେ ହୃଦୟ ବିବଶେ
ହୋଇଛି ସହଜେ କାବୁ।
ମାୟାଧର ହରି ମାୟାର ବନ୍ଧନୁ
କରିବେ ନିଶ୍ଚୟ ମୁକ୍ତ
ତାଙ୍କ ଚରଣରେ ସମର୍ପିଲେ ପ୍ରାଣ
ଜୀବନ ନ ହେବ ରିକ୍ତ।

ମୋ: ୭୪୩୮୯୧୭୨୫୫

## ପୁସ୍ତକ ପରିଚୟ

### ତୁଳସୀ ଭାଗବତ (୧ମ ଓ ୨ୟ ଖଣ୍ଡ)




**ରଚନା:** ଶଶିଭୂଷଣ ଦାଶ
**ସମ୍ପାଦନା:** ବୀରେନ୍ଦ୍ର କୁମାର ଦାଶ, ଲୋକବନ୍ଧୁ ପ୍ରଧାନ ଓ ମୋହନ ସାହୁ
**ପ୍ରକାଶକ:** ସ୍ନେହଶଶି ପ୍ରତିଷ୍ଠାନ, ବରଗଡ଼
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୫୦୦/– (ପ୍ରତି ଖଣ୍ଡ)

ଶଶିଭୂଷଣ ଦାଶଙ୍କ ଦ୍ୱାରା ଗୋସ୍ୱାମୀ ତୁଳସୀ ଦାସ ବିରଚିତ 'ଶ୍ରୀରାମ ଚରିତ ମାନସ'ର ନବାକ୍ଷରୀ ଅନୁବାଦକୁ ଉପର ସୂଚିତ ତିନିଜଣ ସମ୍ପାଦକ ଅତ୍ୟନ୍ତ ଯତ୍ନ ଓ ଦାୟିତ୍ୱବତ୍ତାର ସହ ସମ୍ପାଦନା କରିଛନ୍ତି ଓ ଦୁଇ ଖଣ୍ଡରେ ଏହା ପ୍ରକାଶ ପାଇଛି। ଡିମାଇ ସାଇଜ (୧/୮)ରେ ପ୍ରାୟ ବାର ଶହ ପୃଷ୍ଠାର ଏହି ବିପୁଳାୟତନ ପୁସ୍ତକଟିକୁ ୧୯୬୮ରୁ ୧୯୭୩ ମଧ୍ୟରେ ଶଶିଭୂଷଣ ରଚନା କରିଥିଲେ ବୋଲି ଗ୍ରନ୍ଥର ସମ୍ପାଦକ ବୀରେନ୍ଦ୍ର କୁମାର ଦାଶ ଜଣାଇଛନ୍ତି। ଶଶିଭୂଷଣ ବୀରେନ୍ଦ୍ରଙ୍କର ପିତୃଦେବ। ପିତାଙ୍କ ପରଲୋକର ଆଠବର୍ଷ ପରେ ଗ୍ରନ୍ଥଟି ଆଲୋକ ଦେଖିଛି। ଓଡ଼ିଆ ଭାଗବତର ଲୋକପ୍ରିୟ ବୃତ୍ତରେ ରଚିତ ହୋଇଥିବାରୁ ମୂଳ 'ମାନସ'ର ଏକ ବିକଳ୍ପ ପାଠ ଭାବେ ଏହାର ମାସିକ ପାରାୟଣ ସୁଦୂରପ୍ରସାରୀ ହୋଇପାରିବ। ବାଲ୍ମୀକିଙ୍କ ରାମାୟଣର କାଣ୍ଡ ବିଭାଜନରେ ସାତକାଣ୍ଡ ସହ ତୁଳସୀ ଯୋଡ଼ିଛନ୍ତି 'ଲବକୁଶ କାଣ୍ଡ', ଯାହାର ବିଶ୍ୱସ୍ତ ଅନୁଗମନ କରିଛନ୍ତି ଶଶିଭୂଷଣ। ଅନୁବାଦର ସାରଲ୍ୟ ଓ ଶବ୍ଦ ସଂଯୋଜନାରେ ଆନୁପ୍ରାସିକ ମାଧୁର୍ଯ୍ୟ ଯୋଗୁଁ ଏହା ପଣ୍ଡିତ ଓ ସାଧାରଣ ପାଠୁଆ ବର୍ଗଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ। ଉଦାହରଣଟିଏ ନେବା– ''ଯେସନେ ରବ୍ୟୁଦୟ କାଳେ/ ନିଶାନ୍ଧକାର ଦୂରେ ଚଳେ/ ତେସନ ନାମର ପ୍ରଭାବେ/ ଦୁରାଶା ଦୁଃଖ ଦୋଷ ସର୍ବେ/ ସମୂଳେ ହୁଅଇ ବିନାଶ/ ଭକତ ଜନେ ଦିଏ ଆଶ।'' (ପ୍ରଥମ ଖଣ୍ଡ, ପୃ: ୨୨)। ବହିଟି ପାଠକଲେ ପାଠକେ ଓ ଶ୍ରବଣିକମାନେ ଏଥିରୁ ଉଭୟ ଭାଗବତ ଓ ମାନସର ମହାନନ୍ଦ ଯେ ଲାଭ କରିବେ, ଏଥିରେ ସନ୍ଦେହ ନାହିଁ।

### ଫେମିନିଜିମ୍ ଓ ଅନ୍ୟାନ୍ୟ ପ୍ରସଙ୍ଗ




**ଲେଖିକା:** ପ୍ରୀତିଛନ୍ଦା ଧଳ
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୪୦/–

ଆଲୋଚ୍ୟ ଲଳିତ ନିବନ୍ଧ ଗ୍ରନ୍ଥଟିରେ ମୋଟ ୪୦ଟି ଆଲେଖ୍ୟ ସ୍ଥାନିତ ହୋଇଛି। 'କିଛି କଥା'ରେ ଲେଖିକା ଲେଖିଛନ୍ତି: ''ଯୋଉ ସମସ୍ୟା ସାଙ୍ଗରେ ମୁଁ ସମ୍ପୂର୍ଣ୍ଣ ଭାବରେ ଜଡ଼ିତ ହେଇଯାଏ, ସେ ସମସ୍ୟାକୁ ନେଇ ନିବନ୍ଧ ଲେଖିବାରେ ମତେ ବହୁତ ଖୁସି ମିଳେ। ପ୍ରାୟତଃ ମୁଁ ସମାଜର ବାସ୍ତବ ଘଟଣାଗୁଡ଼ିକୁ ଲେଖା ମାଧ୍ୟମରେ ପ୍ରକାଶ କରେ।'' ଗାନ୍ଧୀ ବିଚାର, ମହିଳା ଶକ୍ତି, ପ୍ଲାଷ୍ଟିକମୁକ୍ତ ସମାଜ, କରୋନା କାଳରେ ମହିଳାଙ୍କ ସମସ୍ୟା, ସ୍ମାର୍ଟ ନଗରୀରେ ସ୍ୱଚ୍ଛତା, ମହିଳା ଦିବସ, ଫେମିନିଜିମ୍, ସୋସିଆଲ୍ ମିଡିଆ, ନ୍ୟାୟ ପ୍ରଦାନରେ ବିଳମ୍ବ, ହିଂସାମୁକ୍ତ ରାଜନୀତି, ବିଦ୍ୟାଳୟ ବନ୍ଦ ନିଷ୍ପତ୍ତି, ଶିଶୁ ସୁରକ୍ଷା, ନାରୀବାଦ, ଖାଦ୍ୟ ଅପଚୟ, ମାନବୀୟ ଅବକ୍ଷୟ, ମିଠୁ ଅଭିଯାନ, ପରୀକ୍ଷା ପଦ୍ଧତି ଓ ରାଜକ୍ଷମା ଆଦି ଡିଙ୍କିଶାଳରୁ ଢେଙ୍କାନାଳଯାଏ ପ୍ରୀତିଛନ୍ଦାଙ୍କ ଯୁକ୍ତିନିଷ୍ଠ ତନଖିର ପ୍ରବାହ ପ୍ରଲମ୍ବିତ। ଲେଖାଗୁଡ଼ିକ କେବଳ ଘଟଣାର ଉପସ୍ଥାପନା ନୁହେଁ, ଘଟଣାର ବିଶ୍ଳେଷଣ ଓ ଏହି ବିଶ୍ଳେଷଣର ଲକ୍ଷ୍ୟ ନିଜ ମତେ ଏକ ନିଷ୍କର୍ଷରେ ପହଞ୍ଚିବା। ବହିର ଶୀର୍ଷକ ପ୍ରସଙ୍ଗ 'ଫେମିନିଜିମ୍'କୁ ନେବା। ଏଥିରେ ଫେମିନିଜିମ୍‌କୁ ଲେଖିକା ଭିନ୍ନ ଭାବେ ଦେଖିଛନ୍ତି। ସେ କହନ୍ତି: ''ପୁରୁଷ ଯଦି ନିଜର କଥାକୁ ଅଭିବ୍ୟକ୍ତ କରିପାରୁଛି, ତା'ହେଲେ ପ୍ରଶ୍ନ ଉଠୁଛି ନାରୀ କାହିଁକି ନିଜର କଥାକୁ କହିପାରିବ ନାହିଁ, ଯଦି କହିଲା ତା'ହେଲେ ତାକୁ କାହିଁକି ଫେମିନିଷ୍ଟର ଆଖ୍ୟା ଦିଆଯାଉଛି।'' (ପୃ:୪୧) ଫେମିନିଜିମ୍ ପୁରୁଷ ବିରୋଧରେ ନାରୀର ଏକ ଆନ୍ଦୋଳନ ନୁହେଁ, ପୁରୁଷ ସହ ସମାନ ଅଧିକାର ପାଇଁ ଉତ୍ଥିତ ଏକ ସ୍ୱର—ଏହାହିଁ ପ୍ରୀତିଛନ୍ଦାଙ୍କ ବକ୍ତବ୍ୟର ସାରାଂଶ ଏହି ଆଲେଖ୍ୟରେ। ବହିର ପ୍ରତିଟି ଲେଖା ପାଠିକାପାଠକଙ୍କୁ ଭାବିତ କରିବ ବୋଲି ଆଶା।

## କାଳକାଳକୁ



''ସୌନ୍ଦର୍ଯ୍ୟ ହିଁ ଏକମାତ୍ର ସତ୍ୟ,
ସତ୍ୟର ବିଶୁଦ୍ଧ ପ୍ରକାଶ ହିଁ
କେବଳ କବିତା,
ଅନ୍ୟ ସବୁ ମିଥ୍ୟା।''
– ଷ୍ଟିଫେନ୍ ମାଲାର୍ମେ

**ଷ୍ଟିଫେନ୍ ମାଲାର୍ମେଙ୍କ** ଜନ୍ମ ୧୮ ମାର୍ଚ୍ଚ ୧୮୪୨ରେ ଓ ପରଲୋକ ୯ ସେପ୍ଟେମ୍ବର ୧୮୯୮ରେ, ମାତ୍ର ୫୬ ବର୍ଷ ବୟସରେ, ଫ୍ରାନ୍ସରେ। ମାଲାର୍ମେ ଥିଲେ ପ୍ରମୁଖ ଫରାସୀ ପ୍ରତୀକବାଦୀ କବି ଓ ସମାଲୋଚକ। ତାଙ୍କ କବିତାର ଜଟିଳ ତଥା ବହୁସ୍ତରୀୟ ଧରଣ ଯୋଗୁଁ ଏହାର ଅନୁବାଦ କଷ୍ଟସାଧ୍ୟ ହୋଇଥାଏ। ସେ ଅର୍ଥ ପ୍ରଧାନ ନୁହେଁ, ଥିଲେ ଧ୍ୱନି ପ୍ରଧାନ କବିତାର କବି। ପରବର୍ତ୍ତୀ ସମୟରେ ସାହିତ୍ୟର ବହୁ 'ବାଦ' ଓ 'ଧାରା' ତାଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲା।

## କୁକୁର

### ଲଘୁ ଗଳ୍ପ

**ଡାକ୍ତର ସଚ୍ଚିଦାନନ୍ଦ ଶତପଥୀ**

ନୂଆବର୍ଷ ପାଳନ ଉପଲକ୍ଷେ କମ୍ପାନୀର ସମ୍ମିଳନୀ କକ୍ଷରେ ଏକ ଦମ୍‌ଦାର ପାର୍ଟିର ଆୟୋଜନ କରାଯାଇଛି। ରାତି ଆଠଟାରେ ପାର୍ଟି ଆରମ୍ଭ ହୋଇ ସାଢ଼େ ବାରଟା ଗୋଟାଏ ପର୍ଯ୍ୟନ୍ତ ଚାଲିବ। ଡ୍ରିଙ୍କ୍‌ସ, ଡିନର୍, ମ୍ୟୁଜିକ୍, ଡ୍ୟାନ୍ସ ସବୁଥିର ହୋଇଛି ବିପୁଳ ଆୟୋଜନ। ଚେୟାରମ୍ୟାନ୍, ସିଇଓ, ଏମ୍‌ଡି ପ୍ରମୁଖଙ୍କଠାରୁ ଆରମ୍ଭ କରି ଅଫିସ୍‌ର ତଳିଆ କର୍ମଚାରୀ ପର୍ଯ୍ୟନ୍ତ ସମସ୍ତେ ଏଥିରେ ସାମିଲ ହେବେ। ସବୁ ଶ୍ରେଣୀର କର୍ମଚାରୀମାନଙ୍କ ସହିତ ଭାବବିନିମୟ କରିବାର ଏହାଠାରୁ ଭଲ ମଉକା ଆଉ କ'ଣ ଥାଇପାରେ!

ଠିକ୍ ସମୟରେ ପାର୍ଟି ଆରମ୍ଭ ହୋଇଗଲା। ପ୍ରଥମେ ଗସିପ୍, ତା' ପରେ ଡ୍ରିଙ୍କ୍‌ସ, ପରେପରେ ଡିନର୍, ମ୍ୟୁଜିକ୍ ଡ୍ୟାନ୍ସ ଇତ୍ୟାଦି ଇତ୍ୟାଦି। ସମସ୍ତଙ୍କଠାରେ ଲଗାମ ବିହୀନ ଆଚରଣ, ପୁରୁଷ ମହିଳା ସମସ୍ତ କର୍ମଚାରୀ ଏକାକାର। ସମସ୍ତେ ମସ୍‌ଗୁଲ। କୌଣସି କଥା ପାଇଁ କେହି କାହାକୁ ନା କହିବାର ଯୁ' ନାହିଁ, କେବଳ ମଜା ହିଁ ମଜା, ଉପଭୋଗ ହିଁ ଉପଭୋଗ।

ଡିନର୍ ପରେ ଅଇଣ୍ଠା ପତ୍ରଗୁଡ଼ାକ ସୁଇପର ଆଣି ଫୋପାଡ଼ି ଦେଇଗଲ। ରାଜରାସ୍ତା କଡ଼ରେ ଥିବା ମ୍ୟୁନିସିପାଲିଟି ଡଷ୍ଟବିନ୍ ପାଖରେ। କୁଆଡ଼େ ଥିଲେ କେଜାଣି ଆଠ ଦଶଟା ବୁଲା କୁକୁର ଧାଇଁ ଆସିଲେ କେଁ କେଁ ଭେଁ ଭେଁ ରଡ଼ିଛାଡ଼ି। ପତ୍ରରେ ଲାଗିଥିବା ସୁସ୍ୱାଦୁ ଅଇଣ୍ଠାକୁ ଚାଟିବା ପାଇଁ ସେମାନଙ୍କ ଭିତରେ ଲାଗିଗଲା ପ୍ରତିଯୋଗିତା, ଏକ ରକମ ଯୁଦ୍ଧ– ଖିଙ୍କରା ଖିଙ୍କାରୀ, କାମୁଡ଼ାକାମୁଡ଼ି, ଠେଲାପେଲା ଇତ୍ୟାଦି।



ପରର ଅଇଣ୍ଠାକୁ ଚାଟି ଖାଇବା ପାଇଁ ପୁଣି କୁକୁରମାନଙ୍କର କି ଆସକ୍ତି! ସେଇ କାମୁଡ଼ାକାମୁଡ଼ି ଭିତରେ ସମସ୍ତେ ଲାଗିପଡ଼ିଲେ କିଛି କିଛି ଅଇଣ୍ଠାର ଆସ୍ୱାଦନ ପାଇଁ। ଧନ୍ୟ ଏ କୁକୁର ଜାତି।

କମ୍ପାନୀର କନ୍‌ଫରେନ୍ସ ହଲ୍ ଭିତରେ ଠିକ୍ ସମୟରେ ପାର୍ଟି ଶେଷ ହେଲା। ନୂଆବର୍ଷକୁ ସ୍ୱାଗତ ଜଣାଇ ଯେ ଯାହା ଘରକୁ ଗଲେ। କନ୍‌ଫରେନ୍ସ ହଲ୍ ହୋଇଗଲା ନୀରବ ଆଉ ନିସ୍ତବ୍ଧ। ରାଜରାସ୍ତା ବି ନିସ୍ତବ୍ଧ। ରାତି ବଢ଼ୁଥିଲା ଆଗକୁ ଆଗକୁ।

ରାତି ପାହି ସକାଳ ହେଲା। ହେଲେ ଏ କି ଅଭାବିତ ଘଟଣା! ରାଜରାସ୍ତା ପାର୍ଶ୍ୱରେ ଥିବା ମ୍ୟୁନିସିପାଲିଟି ଡଷ୍ଟବିନ୍ ପାଖରେ ପଡ଼ିରହିଛି ଏକ ଦୁର୍ବଳିଆ ମାଈ କୁକୁରର ଖଣ୍ଡିଆଖାବରା ମୃତଦେହ। ଆଉ କମ୍ପାନୀର କନ୍‌ଫରେନ୍ସ ହଲ ଭିତରେ ? ତା' ଭିତରେ ପଡ଼ିରହିଛି ଦୁଇଜଣ ତଳିଆ ବିବାହିତା ମହିଳା କର୍ମଚାରୀଙ୍କ ଚେତାହୀନ ଅର୍ଦ୍ଧନଗ୍ନ ଶରୀର। ଶରୀରର ବିଭିନ୍ନ ସ୍ଥାନରେ ଅସଂଖ୍ୟ କ୍ଷତଚିହ୍ନ ଆଉ ରକ୍ତସ୍ରାବ। ମଦ ନିଶାରେ ମତୁଆଲା ଅଫିସର କେତେକ ପୁରୁଷ କର୍ମଚାରୀଙ୍କ ଦ୍ୱାରା ସେମାନେ ହୋଇଥିଲେ ଦୁଷ୍କର୍ମର ଶିକାର।

ମ୍ୟୁନିସିପାଲିଟିର ସୁଇପରମାନେ ରାଜରାସ୍ତା ଉପରୁ କୁକୁରଟିର ମଲା ଦେହଟାକୁ କେତେବେଳୁ ଉଠାଇ ନେଲେଣି। ଆଉ ପୋଲିସ ଆମ୍ବୁଲାନ୍ସ ବି ନେଇଗଲାଣି ଚେତା ହରାଇଥିବା ମହିଳା ଦୁଇଜଣଙ୍କୁ ଡାକ୍ତରୀମାଇନା ଆଉ ଚିକିତ୍ସା ନିମନ୍ତେ।

– ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
୮୯ ଶକ୍ତିନଗର, ଲିଙ୍କ୍‌ରୋଡ୍, କଟକ

## ଅନୁପସ୍ଥିତ ଅକଲ

### ରମ୍ୟ ରଚନା

**ରାଧାଶ୍ୟାମ ରାଉଳ**

ଅନେକ ସମୟରେ ଆମେ ନ ଭାବି, ନ ଚିନ୍ତି ଅନେକ କାମ କରୁ, ଅନେକ କଥା ମଧ୍ୟ କହୁ। ଶିଖିବାର କଥା; ବର୍ତ୍ତମାନକୁ ନେଇ ଆମର କେମିତି ଚଳିବା ଓ ବଞ୍ଚିବା ଦରକାର। ଆମର ନିତିଦିନିଆ ଜୀବନରେ, ଆଚରଣରେ ହେଉ କି ଉଚ୍ଚାରଣରେ, ଆମେ ହୁଏତ କିଛିକିଛି ଭୁଲ ତ୍ରୁଟି କରିବସୁ। ହେଲେ ସେ ସବୁକୁ ହୃଦୟଙ୍ଗମ ନ କରି, ତ୍ୱରିତେ ଅନ୍ୟର ଭୁଲ ତ୍ରୁଟିକୁ ଗାବୁକିନା ଧରିପକେଇବାକୁ ଆମେ ଆମର ଦକ୍ଷତା ଓ ସଫଳତା ବୋଲି ମନେକରୁ।

ଆତ୍ମଘୋଷିତ ବୁଦ୍ଧିଜୀବୀ ବିନ୍ଦୁବିସର୍ଗ ମହାପାତ୍ର ଓରଫ ବିନ୍ଦୁବାବୁଙ୍କର ବଡ଼ ସଉକ ହେଲା ଲେଖାଲେଖି କରିବା। ସବୁ କାମକୁ ପଛରେ ପକେଇ ସେ ଅଧିକାଂଶ ସମୟ ଲେଖାଲେଖିରେ ମାତିଥା'ନ୍ତି। ତେବେ ଲେଖାଲେଖି ଭିତରେ ବୁଡ଼ିରହି ସେ ବର୍ତ୍ତମାନର କଥାକୁ ପର ମୁହୂର୍ତ୍ତରେ ପାସୋରି ପକାନ୍ତି। ସେ ଲାଗି ତାଙ୍କ ଧର୍ମପତ୍ନୀ ମୌସୁମୀ ମାଡାମ୍ କେତେବେଳେ କେମିତି ତାଙ୍କ ଉପରେ କ୍ରୋଧରେ ତମତମ କି ବିରକ୍ତିରେ ଚିଡ଼ିଚିଡ଼ି ହେଲେ ସୁଯୋଗକୁ ଆଦୌ ହାତଛଡ଼ା ନ କରି ଓଲଟି ବିନ୍ଦୁବାବୁ ମୌସୁମୀ ମାଡାମ୍‌ଙ୍କୁ କହନ୍ତି– ହୁଁ, ତୁମେ ବି ଆଜିକାଲି କୋଉ ମନେରଖିପାରୁଛ କି ସବୁକଥା ? ଆରେ, ତୁମକୁ ଆମ ବାହାଘର ତାରିଖ କେବେ କେମିତି ଦୈବାତ୍ ପଚାରିଦେଲେ ତୁମେ ପା' ବିସ୍ମରଣରେ ତୁମ ଜନ୍ମ ତାରିଖ କହିପକାଅ! ଥରେ ତ ତୁମକୁ ପଣସକଠା ତର୍କାରି କରିବାକୁ କହିଲି ଯେ, ତୁମେ ତିଆରି କରି ସାମ୍ନାରେ ଥୋଇଦେଲ ଅମୃତଭଣ୍ଡା ଝୋଳ! ଓଃ କି ସ୍ୱାଦିଷ୍ଟ! କେତେବେଳେ କେମିତି ମୁଁ ଯଦି ତୁମକୁ ଭାବପ୍ରବଣ ହୋଇ କହେ, 'ତୁମର ବୋଧେ ମନେଥିବ ମୌସୁମୀ...!' ସବୁ କାମଦାମକୁ ତୁମେ ପଛରେ ପକେଇ ପ୍ୟାର୍‌ସେ ମୋତେ ବେଗିବେଗି ପଚାରିବସ, 'ଏଁ କୋଉଁ କଥା ? କୋଉଁ କଥା ?' ତୁମର ଏମନ୍ତ ଅତିଶୟ ଆବେଗ ଓ ଆଗ୍ରହକୁ ଦେଖି ମୁଁ ସେତେବେଳକୁ ଭୁଲିଯାଏ, ସତରେ ତୁମକୁ ମୋର କ'ଣ ମନେପକେଇବାର ଥିଲା ? ହେଁ ହେଁ ହେଁ!

ମେ' ମାସର ଏକ ଦିକ୍‌ଦାରିଆ ମୁହୂର୍ତ୍ତର କଥା। ରାତ୍ରିଭୋଜନ ପାଇଁ ଶୀତତାପ ନିୟନ୍ତ୍ରିତ କକ୍ଷରେ ପାଖାପାଖି ବସିଥିଲେ ବିନ୍ଦୁବାବୁ ଓ ମୌସୁମୀ ମାଡାମ୍। ଲୋଡ୍‌ଶେଡିଂ ପାଇଁ ହଠାତ୍ ବିଦ୍ୟୁତ୍ ପ୍ରବାହ ବନ୍ଦ ହୋଇଗଲା। ତା' ସାଙ୍ଗକୁ ଶୀତତାପ ନିୟନ୍ତ୍ରିତ ସୁବିଧା ମଧ୍ୟ। ବିନ୍ଦୁବାବୁ ତ୍ୱରିତେ ଏକ କ୍ୟାଣ୍ଡେଲ୍ ଜଳେଇଲେ ଏବଂ ତା'ରି ଆଲୁଅରେ ସେମାନେ ସେମାନଙ୍କର ଖାଇବା ଜାରି ରଖିଲେ।

ବିନ୍ଦୁବାବୁ ଖାଇସାରିବା ପରେ ଲକ୍ଷ୍ୟ କଲେ, ଅସହ୍ୟ ଗୁଳୁଗୁଳି ହେତୁ ମୌସୁମୀ ମାଡାମ୍‌ଙ୍କ ସାରା ଶରୀରରୁ ବୋହୁଛି ଗମ୍‌ଗମ୍ ଝାଳ। ଓଃ କି ଯନ୍ତ୍ରଣା! ବିଦ୍ୟୁତ୍ ସରବରାହ ବିହୁନେ ନିଜ ଧର୍ମପତ୍ନୀଙ୍କର ଏମନ୍ତ ଡହଳବିକଳ ଅବସ୍ଥା ଦର୍ଶନାନ୍ତେ ବିନ୍ଦୁବାବୁଙ୍କର ପତିପ୍ରାଣ ବ୍ୟତିବ୍ୟସ୍ତ ହୋଇପଡ଼ିବା ସ୍ୱାଭାବିକ। ଅତଃପର ଅଫ୍ ଥିବା ଫ୍ୟାନ୍‌ର ସୁଇଚ୍ ଅନ୍ କରିବା ଉଦ୍ଦେଶ୍ୟରେ ବିନ୍ଦୁବାବୁ ଅଗ୍ରସର ହୁଅନ୍ତେ ମୌସୁମୀ ମାଡାମ୍ ପ୍ରଶ୍ନ କଲେ, 'ହଇହୋ, କୁଆଡ଼େ ?'

ନିମ୍ନ ସ୍ୱରରେ ବିନ୍ଦୁବାବୁ କହିଲେ, 'ତୁମକୁ ଭାରି ଗରମ ହେଉଛି ନା ? ଯାଉଛି, ଫ୍ୟାନ୍ ସୁଇଚ୍ ଅନ୍ କରିଦେବି ପ୍ରିୟେ!'

ମୁହଁ ଫୁଲେଇ ମୌସୁମୀ ମାଡାମ୍ କହିଲେ, ''ତୁମେ କ'ଣ ଚାହଁ, ମୁଁ ଅନ୍ଧାରରେ ଖାଏ ବୋଲି ?''

ଆଶ୍ଚର୍ଯ୍ୟ ହୋଇ ବିନ୍ଦୁବାବୁ ପ୍ରଶ୍ନ କଲେ, 'କାହିଁକି ?'

ସ୍ମିତହସି ମୌସୁମୀ ମାଡାମ୍ କହିଲେ, ''ଆରେ ମୁଁ ଯାହା ଦେଖୁଛି ତୁମର ଟିକେ ହେଲେ ବି କମନ୍‌ସେନ୍ସ ନାହିଁ। କ'ଣ ଜାଣିପାରୁନ, ତୁମେ ଯଦି ଫ୍ୟାନ୍‌ର ସୁଇଚ୍ ଅନ୍ କରିଦେବ, କ୍ୟାଣ୍ଡେଲ୍ ଆଲୁଅ ଲିଭିଯିବ ନାହିଁ କି ?'

ଧନ୍ୟ କହିବ ହୋ ଏମନ୍ତ ଅର୍ବାଚୀନ ପତିପତ୍ନୀଙ୍କର ଅନୁପସ୍ଥିତ ଅକଲକୁ!

ମୋ: ୯୪୩୭୦୯୦୯୮୫



# ୱାର୍ଲ୍ଡ ଆଥ୍‌ଲେଟିକ୍ସରେ ଦୂତୀ ଭାଗନେବେ

ନୂଆଦିଲ୍ଲୀ, ୧୧।୩ (ପି.ଟି.)


ଦୂତୀ ଚାନ୍ଦ

ସର୍ବିୟାର ବେଲ୍‌ଗ୍ରେଡ୍‌ରେ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଇନ୍‌ଡୋର ଚାମ୍ପିୟନଶିପ୍ ଚଳିତ ମାସ ୧୮ରୁ ୨୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ଭାଗନେବେ। ୱାର୍ଲ୍ଡ ଆଥ୍‌ଲେଟିକ୍ସ ପକ୍ଷରୁ ଆମନ୍ତ୍ରଣ କ୍ରମେ ଦୂତୀ ଆଗାମୀ ପ୍ରତିଯୋଗିତାର ୬୦ ମିଟର ଦୌଡ଼ ଇଭେଣ୍ଟରେ ଅଂଶଗ୍ରହଣ କରିବେ ବୋଲି ଆଥ୍‌ଲେଟିକ୍ସ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ସଭାପତି ଆଡିଲ ସୁମାରିୱାଲା ପ୍ରକାଶ କରିଛନ୍ତି। ଏହା ବ୍ୟତୀତ ଶଟ୍‌ପୁଟ୍ ତାରକା ତାଜିନ୍ଦରପାଲ ସିଂ ଓ ଲଙ୍ଗଜମ୍ପର ଏମ୍. ଶ୍ରୀଶଙ୍କର ମଧ୍ୟ ଏଥିରେ ଭାଗ ନେଉଥିବା ଜଣାଯାଇଛି। ଏହି ଦୁଇ ଖେଳାଳି ସେମାନଙ୍କ ର୍‍ୟାଙ୍କ୍ ଅନୁସାରେ ପ୍ରତିଯୋଗିତାରେ ଏଣ୍ଟ୍ରି ପାଇଛନ୍ତି। "ଶ୍ରୀଶଙ୍କରଙ୍କ ର୍‍ୟାଙ୍କ୍ ୧୪ ଓ ତାଜିନ୍ଦରପାଲ ୧୮ତମ ର୍‍ୟାଙ୍କ୍‌ରେ ଥିବାରୁ ବେଲ୍‌ଗ୍ରେଡ୍ ପ୍ରତିଯୋଗିତା ତାଲିକାରେ ସ୍ଥାନ ପାଇଛନ୍ତି" ବୋଲି ଚାମ୍ପିୟନଶିପ୍‌ର ଅନ୍ୟତମ ଜୁରି ସଦସ୍ୟ ଥିବା ସୁମାରିୱାଲା କହିଛନ୍ତି। ଭାରତର ୨ ପ୍ରତିଯୋଗୀଙ୍କ ଇଭେଣ୍ଟ ୧୮ ତାରିଖରେ ଅଛି। ପ୍ରଥମେ ଟ୍ରାକ୍‌କୁ ଓହ୍ଲାଇବେ ୧୦୦ ମିଟରରେ ଜାତୀୟ ରେକର୍ଡଧାରିଣୀ ଦୂତୀ। ସେ ୬୦ ମିଟର ହିଟ୍‌ରେ ଭାଗନେବେ। ଏହାପରେ ଶ୍ରୀଶଙ୍କର ଲଙ୍ଗଜମ୍ପ ଫାଇନାଲରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ୧୯ ତାରିଖ ସନ୍ଧ୍ୟାରେ ତୁର୍ ଶଟ୍‌ପୁଟ୍ ଫାଇନାଲରେ ଆକ୍ସନରେ ଦେଖିବାକୁ ମିଳିବେ।

## ଟାର୍ଗେଟ ୬.୯ ସେକେଣ୍ଡ

ଭୁବନେଶ୍ୱର, ୧୧।୩ (କ୍ରୀଡ଼ା ପ୍ରତିନିଧି): ବେଲ୍‌ଗ୍ରେଡ୍ ଇନ୍‌ଡୋର ପାଇଁ ଦୂତୀ ଚାନ୍ଦ ଏବେ ହାଇଦ୍ରାବାଦ୍‌ରେ କୋଚ୍ ନାଗାପୁରୀ ରମେଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଭ୍ୟାସ କରୁଛନ୍ତି। କୋଭିଡ୍ ମହାମାରୀ ପାଇଁ ଯଦିଓ ସେ ଅଧିକ ପ୍ରତିଯୋଗିତାରେ ଭାଗ ନେଇପାରିନାହାନ୍ତି ତେବେ ଆଗାମୀ ରେସ୍‌ରେ ସେ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ବେଶ୍ ଆଶାବାଦୀ। "ଗତବର୍ଷ ୬୦ ମିଟରରେ ମୁଁ ୭.୧୫ ସେକେଣ୍ଡ ସମୟ ନେଇ ରେକର୍ଡ କରିଥିଲି। ଏଥର ୬.୯ କିମ୍ବା ପୂରା ୭ ସେକେଣ୍ଡରେ ରେସ୍ ସମ୍ପୂର୍ଣ୍ଣ କରିବି ବୋଲି ଆଶା ରଖିଛି। ସେହି ଅନୁସାରେ ଅଭ୍ୟାସ ଜାରି ରଖିଛି। ଏହାପରେ କେରଳର ଥିରୁଭାନନ୍ତପୁରମରେ ଇଣ୍ଡିଆନ ଗ୍ରାଁ ପ୍ରି-୨, ଏପ୍ରିଲ ୨ରୁ ୬ ସେହି କେରଳରେ ଫେଡେରେଶନ୍ କପ୍ ଆଥଲେଟିକ୍ସ ମିଟ୍ ଆଦି ପ୍ରତିଯୋଗିତା ଅଛି। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଏବଂ ଏସିଆନ ଗେମ୍ସ ପରି ବଡ଼ ପ୍ରତିଯୋଗିତା ପୂର୍ବରୁ ନିଜକୁ ପ୍ରସ୍ତୁତ କରିବାକୁ ଏହିସବୁ ପ୍ରତିଯୋଗିତା ନିଶ୍ଚିତ ସହାୟକ ହେବ" ବୋଲି ସମ୍ପ୍ରତି ହାଇଦ୍ରାବାଦ୍‌ରେ ଟ୍ରେନିଂ ଜାରି ରଖିଥିବା ଦୂତୀ ଶୁକ୍ରବାର ପ୍ରକାଶ କରିଛନ୍ତି।

# କଳିଙ୍ଗରେ ଭାରତ-ଜର୍ମାନୀ ମ୍ୟାଚ ଆଜି

ଭୁବନେଶ୍ୱର, ୧୧।୩ (କ୍ରୀଡ଼ା ପ୍ରତିନିଧି)

ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତ ଓ ଜର୍ମାନୀ ମଧ୍ୟରେ ମହିଳା ବିଭାଗ ହକି ମ୍ୟାଚ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ହେବ। ଏହି ମ୍ୟାଚ ପାଇଁ ପୂର୍ବରୁ ଭାରତୀୟ ମହିଳା ଦଳ କଳିଙ୍ଗରେ ଅଭ୍ୟାସ ଚଳାଇଥିବାବେଳେ ଜର୍ମାନୀ ଦଳ ଗତ ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚି ନିଜ ପ୍ରସ୍ତୁତିକୁ ଚୂଡ଼ାନ୍ତ ରୂପ ଦେଇଛି। ଜର୍ମାନୀ ଚଳିତ ସିଜନରେ ପ୍ରଥମ ବିଜୟ ସନ୍ଧାନରେ ଥିବାବେଳେ ଭାରତ ୪ ମ୍ୟାଚରୁ ୩ ବିଜୟ ଓ ୧ ପରାଜୟ ସହ ୯ ପଏଣ୍ଟ ପାଇ ଟେବୁଲରେ ଆର୍ଜେଣ୍ଟିନା (୧୨) ଓ ନେଦରଲାଣ୍ଡ୍ସ (୧୧) ପଛକୁ ତୃତୀୟ ସ୍ଥାନରେ ରହିଛି। ଜର୍ମାନୀ ବିପକ୍ଷ ମ୍ୟାଚ ପାଇଁ ଭାରତୀୟ ଦଳରେ ଓଡ଼ିଶାର ୨ ଖେଳାଳି ଦୀପ୍‌ଗ୍ରେସ୍ ଏକ୍କା ଓ ମାରିଆନା କୁଜୁର ସାମିଲ ହୋଇଛନ୍ତି। ଅନ୍ୟତମ ଓଡ଼ିଆ ଖେଳାଳି ନମିତା ଟପ୍ପୋ ଷ୍ଟାଣ୍ଡବାଇ ତାଲିକାରେ ରହିଛନ୍ତି। ଦୀପ୍‌ଗ୍ରେସ୍ ପୂର୍ବପରି ଉପଅଧିନାୟିକା ଦାୟିତ୍ୱ ତୁଲାଇବେ।

ଭାରତୀୟ ମହିଳା ହକି ଦଳ ଚଳିତ ସିଜନରେ ଚାଇନା ବିପକ୍ଷରେ ଡବଲ ବିଜୟ ସହ ଅଭିଯାନ ଆରମ୍ଭ କରିଥିଲା। ମସ୍କଟରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଭାରତ ୭-୧ ଓ ଦ୍ୱିତୀୟ ମ୍ୟାଚରେ ୨-୧ ଗୋଲରେ ବିଜୟୀ ହୋଇଥିଲା। କୋଭିଡ୍-୧୯ କଟକଣା ଯୋଗୁ ନେଦରଲାଣ୍ଡ୍ସ ଆସିବାକୁ ମନା କରିଦେବାରୁ ଫେବୃୟାରୀ ୧୯ ଓ ୨୦ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ହେବାକୁଥିବା ମ୍ୟାଚ ସ୍ଥଗିତ ରହିଥିଲା। କଳିଙ୍ଗରେ ଅନୁଷ୍ଠିତ ସ୍ପେନ୍ ବିପକ୍ଷ ମ୍ୟାଚରୁ ଭାରତୀୟ ଦଳକୁ ମିଶ୍ରିତ ସଫଳତା ମିଳିଥିଲା। ଫେବୃୟାରୀ ୨୬ରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଭାରତ ୨-୧ ଗୋଲରେ ବିଜୟୀ ହୋଇଥିବାବେଳେ ୨୭ରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ସମାନ ପ୍ରତିଦ୍ୱନ୍ଦ୍ୱୀଠାରୁ ୩-୪ ଗୋଲରେ ହାରି ଯାଇଥିଲା। ଅନ୍ୟପକ୍ଷରେ ଜର୍ମାନୀ ଗତବର୍ଷ ଅକ୍ଟୋବରରେ ବ୍ରୁସେଲ୍ସରେ ଅନୁଷ୍ଠିତ ୨ଟି ମ୍ୟାଚରେ ବେଲଜିୟମଠାରୁ ଯଥାକ୍ରମେ ୦-୧ ଓ ୧-୩ ଗୋଲରେ ପରାଜିତ ହୋଇଥିଲା। ତେଣୁ ଏହି ଦଳ ଗତ ଅକ୍ଟୋବର ପରେ ଏଠାରେ ପ୍ରଥମ ମ୍ୟାଚ୍ ଖେଳିବାକୁ ଯାଉଛି।

ପ୍ରକାଶଯୋଗ୍ୟ ଯେ, ମାର୍ଚ୍ଚ ୧୨ ଓ ୧୩ରେ ମହିଳା ବିଭାଗ ମ୍ୟାଚ ସହ ଭାରତ- ଜର୍ମାନୀ ପୁରୁଷ ବିଭାଗ ମ୍ୟାଚ ମଧ୍ୟ ହେବାର ଥିଲା। ମାତ୍ର ଜର୍ମାନୀ ପୁରୁଷ ଦଳର ଅଧିକାଂଶ ଖେଳାଳି କୋଭିଡ୍-୧୯ରେ ସଂକ୍ରମିତ ହେବାରୁ କେବଳ ପୁରୁଷ ହକି ମ୍ୟାଚକୁ ସ୍ଥଗିତ ରଖା ଯାଇଥିଲା। ଅନ୍ତର୍ଜାତୀୟ ହକି ଫେଡେରେଶନ୍ (ଏଫ୍‌ଆଇଏଚ୍), ହକି ଇଣ୍ଡିଆ ଓ ହକି ଜର୍ମାନୀ ମିଶି ଏହାର ପରିବର୍ତ୍ତିତ ତାରିଖ ନିର୍ଦ୍ଧାରଣ କରିବେ।



କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅଭ୍ୟାସ ଅବସରରେ ଜର୍ମାନୀ ମହିଳା ହକି ଦଳ।

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

### ଭାରତୀୟ ଦଳ

ଗୋଲକିପର: ସବିତା (ଅଧିନାୟିକା), ବିଚୁ ଦେବୀ ଖରିବାମ୍। ଡିଫେଣ୍ଡର: ଦୀପ୍ ଗ୍ରେସ୍ ଏକ୍କା (ଉପ ଅଧିନାୟିକା), ଗୁରଜିତ କୌର, ନିକ୍କି ପ୍ରଧାନ, ଉଦିତା, ଅକ୍ଷତା ଆବାସୋ ଧେକାଲେ। ମିଡ୍‌ଫିଲ୍ଡର: ନିଶା, ସାଲିମା ଟେଟେ, ଜ୍ୟୋତି, ମୋନିକା, ନେହା, ନବଜୋତ କୌର, ସୋନିକା। ଫରୱାର୍ଡ: ରାଜବିନ୍ଦର କୌର, ଶର୍ମିଳା ଦେବୀ, ନବନୀତ କୌର, ଲାଲରେମସିଆମି, ସଙ୍ଗୀତା କୁମାରୀ, ମାରିଆନା କୁଜୁର, ଦୀପିକା। ଷ୍ଟାଣ୍ଡବାଇ: ରଜନୀ ଇଟିମାରପୁ, ଇଶିକା ଚୌଧାରୀ, ନମିତା ଟପ୍ପୋ।

# ଓଡ଼ିଶା ପୋଲିସ ୫-୦ ଗୋଲରେ ବିଜୟୀ

ଭୁବନେଶ୍ୱର, ୧୧।୩ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଓମେନ୍ସ ଲିଗ୍ ଫୁଟବଲର ଶୁକ୍ରବାର ଅନୁଷ୍ଠିତ ଏକ ଡେଭ୍‌ଲପମେଣ୍ଟାଲ ମ୍ୟାଚରେ ଓଡ଼ିଶା ପୋଲିସ ୫-୦ ଗୋଲରେ ୧୮ ବର୍ଷରୁ କମ୍ ଓଡ଼ିଶା ଦଳକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଜସମଣି ସମଦ ୨ଟି ଏବଂ ପ୍ୟାରୀ ଖାଖା, ସତ୍ୟବତୀ ଖାଡ଼ିଆ ଓ ଜବାମଣି ଟୁଡୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରକାଶ ଯୋଗ୍ୟ ଯେ, ଏହି ପ୍ରତିଯୋଗିତାରେ ଓଡ଼ିଶା ପୋଲିସ ସର୍ବାଧିକ ୨୮ ପଏଣ୍ଟ ପାଇ ପୂର୍ବରୁ ଚାମ୍ପିୟନ ହୋଇ ସାରିଛି। ସ୍ପୋର୍ଟ୍ସ ଓଡ଼ିଶା ୨୦ ପଏଣ୍ଟ ସହିତ ଦ୍ୱିତୀୟ, ଇଷ୍ଟକୋଷ୍ଟ ରେଲୱେ ୧୯ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଥିଲା। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଯୁଗ୍ମ ସମ୍ପାଦକ ଅଭିଜିତ ପାଲ୍‌ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ବିଜୟାନନ୍ଦ ଜେନା ମୁଖ୍ୟ ଅତିଥି ଓ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଫାଓ କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ, ଉପସଭାପତି ବିଜୟ ଦାସ, ଦିଲୀପ କୁମାର ସାହୁ, ହୃଦୟ ରଞ୍ଜନ ବେହେରା, ସଦସ୍ୟ ଗଙ୍ଗାଧର ବେହେରା ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ଓଏସ୍‌ଡି ଶୁଭେନ୍ଦୁ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଓଡ଼ିଶା ଓମେନ୍ସ ଲିଗ୍ ଫୁଟବଲ ଚାମ୍ପିୟନ ଓଡ଼ିଶା ପୋଲିସ ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ଗୋପୀଚାନ୍ଦ ନୁହନ୍ତି ସଞ୍ଜୟ ହେବେ ସମ୍ପାଦକ

**ଭାରତ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ନିର୍ବାଚନ**

ନୂଆଦିଲ୍ଲୀ, ୧୧।୩ (ପି.ଟି.): ଭାରତ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ(ବାଇ)ର ସାଧାରଣ ସମ୍ପାଦକ ପଦବୀ ପାଇଁ ନିର୍ବାଚନ ନ ଲଢିବା ଲାଗି ଜାତୀୟ ମୁଖ୍ୟ କୋଚ୍ ପୁଲେଲା ଗୋପୀଚାନ୍ଦ ନିଷ୍ପତ୍ତି ନେଇଛନ୍ତି। ଫଳରେ ଜୁନିୟର ଟିମ୍ କୋଚ୍ ସଞ୍ଜୟ ମିଶ୍ରା ସର୍ବସମ୍ମତି କ୍ରମେ ଏହି ପଦବୀ ପାଇଁ ନିର୍ବାଚିତ ହେବେ ବୋଲି ସ୍ପଷ୍ଟ ହୋଇଛି। ଗୋପୀଚାନ୍ଦ ଶୁକ୍ରବାର ଗୋଟିଏ ଉପସଭାପତି ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବାବେଳେ ମିଶ୍ରା ସାଧାରଣ ସମ୍ପାଦକ ପଦ ପାଇଁ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। ନିର୍ବାଚନ ମାର୍ଚ୍ଚ ୨୫ରେ ହେବ। ବିଭିନ୍ନ ଦିଗରୁ ବିଚାର ଆଲୋଚନା ପରେ ଗୋପୀଚାନ୍ଦ ଉପସଭାପତି ପଦ ଓ ସଞ୍ଜୟ ବର୍ତ୍ତମାନ ସାଧାରଣ ସମ୍ପାଦକ ପଦ ପାଇଁ ସର୍ବସମ୍ମତିକ୍ରମେ ପସନ୍ଦ ହୋଇଛନ୍ତି। ଗୋପୀଚାନ୍ଦ ବର୍ତ୍ତମାନ ୧୨ ଉପ ସଭାପତିଙ୍କ ମଧ୍ୟରେ ଅନ୍ୟତମ ହେବେ। ବିଦାୟୀ ସମ୍ପାଦକ ଅଜୟ ସିଙ୍ଘାଣିଆ ଓ ତାମିଲନାଡୁ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସଭାପତି ଆମ୍ମୁମଣି ରାମାଦୋସ୍ ବର୍ତ୍ତମାନ ଆସୋସିଏଶନର ଉପ ସଭାପତି ହେବେ। ଅରୁଣା ଲକ୍ଷାନୀ କୋଷାଧ୍ୟକ୍ଷ ଏବଂ ଓମାର ରଶିଦ୍ ଯୁଗ୍ମ ସମ୍ପାଦକ ଦାୟିତ୍ୱ ତୁଲାଇବେ।

# ଓଡ଼ିଶାରେ ହେବ ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍

ଭୁବନେଶ୍ୱର, ୧୧।୩ (କ୍ରୀଡ଼ା ପ୍ରତିନିଧି): ଓଡ଼ିଶାରେ ଚଳିତ ମାସ ୧୯ରୁ ଆଇଡବ୍ଲ୍ୟୁଏଲ୍ଏଫ୍ (ଭାରତୀୟ ୱେଟ୍‌ଲିଫ୍ଟିଂ ଫେଡେରେଶନ) ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍ ଆରମ୍ଭ ହେବାକୁ ଯାଉଛି। କୋଭିଡ୍ ପ୍ରୋଟୋକଲ ଅନୁସାରେ ଏହି ମେଗା ପ୍ରତିଯୋଗିତା କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଉଭୟ ମହିଳା ଓ ପୁରୁଷ ବର୍ଗରେ ୟୁଥ୍, ଜୁନିୟର ଓ ସିନିୟର କାଟେଗୋରିରେ ଆୟୋଜନ ହେବ। ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଜାତୀୟ ଚାମ୍ପିୟନଶିପ୍‌ରେ ୩୦ ଜିଲା ଓ କେନ୍ଦ୍ରଶାସିତ ଅଞ୍ଚଳରୁ ପାଖାପାଖି ୧୩୦୦ ଆଥ୍‌ଲେଟ୍, ସପୋର୍ଟ ଷ୍ଟାଫ୍ ଓ ଟେକ୍ନିକାଲ ଅଫିସିଆଲ ଅଂଶଗ୍ରହଣ କରିବା ଆଶା କରାଯାଉଛି। ଭାରତୀୟ ଭାରୋତ୍ତୋଳନ ସଂଘ, ଓଡ଼ିଶା ଭାରୋତ୍ତୋଳନ ଆସୋସିଏଶନ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ଯୁବସେବା ବିଭାଗର ମିଳିତ ଉଦ୍ୟମରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ।

ୟୁଥ୍ (ବାଳିକା, ବାଳକ), ଜୁନିୟର ଓ ସିନିୟର (ମହିଳା/ପୁରୁଷ) ବର୍ଗର ୧୦ଟି ବିଭିନ୍ନ ଓଜନ ବର୍ଗରେ ପ୍ରତିଯୋଗିତା ହେବ। ୫୮ ଟେକ୍ନିକାଲ ଅଫିସିଆଲ (୧୩ ମହିଳା ଓ ୪୫ ପୁରୁଷ) ପ୍ରତିଯୋଗିତା ପରିଚାଳନା ଦାୟିତ୍ୱରେ ରହିବେ। ଏହି ପ୍ରତିଯୋଗିତା ଚଳିତ ବର୍ଷ ଶେଷ ଭାଗରେ ହେବାକୁଥିବା ୨୦୨୨ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ୫ମ ସଂସ୍କରଣ ପାଇଁ ଯୋଗ୍ୟତା ପର୍ଯ୍ୟାୟଭାବେ ପରିଗଣିତ ହେବ। ଏହା ବ୍ୟତୀତ ଏହାକୁ ଆଇଡବ୍ଲ୍ୟୁଏଫ୍ ୟୁଥ୍ ଓ ଜୁନିୟର ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଚୟନ ଟ୍ରାଏଲ ଭାବେ ବିବେଚନା କରାଯିବ। ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍ ଆୟୋଜନ ସମ୍ପର୍କରେ ମତଦେଇ କ୍ରୀଡ଼ା ବିଭାଗ ସଚିବ ତଥା କମିଶନର ଆର. ଭିନିଲ କ୍ରିଷ୍ଣା କହିଛନ୍ତି ଯେ, "ଓଡ଼ିଶା ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ଇଭେଣ୍ଟ ଆୟୋଜନ କରି ସାରିଛି। ଆମେ ଏବେ ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍ ଭୁବନେଶ୍ୱରରେ ଆୟୋଜନ କରିବାକୁ ଯାଉଥିବାରୁ ଆନନ୍ଦିତ। ପ୍ରତିଯୋଗିତାରେ ଭାଗ ନେବା ପାଇଁ ଦେଶର ବିଭିନ୍ନ ଭାଗରୁ ଭାରୋତ୍ତୋଳକମାନେ ଏଠାରେ ଏକତ୍ରିତ ହେବେ। ପ୍ରତିଯୋଗିତାର ସଫଳ ପରିଚାଳନା ପାଇଁ ରାଜ୍ୟ କ୍ରୀଡ଼ା ବିଭାଗର କର୍ମକର୍ତ୍ତାମାନେ ଭାରତୀୟ ଭାରୋତ୍ତୋଳନ ସଂଘ ଓ ଓଡ଼ିଶା ଭାରୋତ୍ତୋଳନ ଆସୋସିଏଶନ ସହ ମିଶି କାର୍ଯ୍ୟ କରୁଛନ୍ତି। ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ସମସ୍ତ ପ୍ରତିଯୋଗୀ ଏବଂ ପ୍ରତିନିଧି ଦଳକୁ ଶୁଭକାମନା ଜଣାଉଛି"। ଜାତୀୟ ଚାମ୍ପିୟନଶିପ୍ ଆୟୋଜନ ପାଇଁ ଆଗେଇ ଆସିଥିବାରୁ କ୍ରୀଡ଼ା ବିଭାଗ ଏବଂ କିଟ୍ ବିଶ୍ୱବିଦ୍ୟାଳୟକୁ ଧନ୍ୟବାଦ ଜଣାଇଛନ୍ତି ଭାରତୀୟ ଭାରୋତ୍ତୋଳନ ସଂଘ ସଭାପତି ସହଦେବ ଯାଦବ। ଏହା ଭାରତୀୟ ଭାରୋତ୍ତୋଳନ ଏବଂ ଓଡ଼ିଶା କ୍ରୀଡ଼ାକୁ ଅଧିକ ସମୃଦ୍ଧ କରିବ ବୋଲି ସେ ଆଶାପ୍ରକାଶ କରିଛନ୍ତି। ପ୍ରତିଯୋଗିତା ଅବସରରେ ୨୦ ତାରିଖରେ ଭାରତୀୟ ଭାରୋତ୍ତୋଳନ ସଂଘ ପକ୍ଷରୁ ଜାତୀୟ ଓ ଅନ୍ତର୍ଜାତୀୟ କାଟେଗୋରିରେ ରେଫରି ପରୀକ୍ଷା ଅନୁଷ୍ଠିତ ହେବ।

# କେକେଆର୍‌ରେ ଫିଞ୍ଚ୍

ମୁମ୍ବାଇ, ୧୧।୩ (ପି.ଟି.): ଦୁଇଥର ଆଇପିଏଲ ଚାମ୍ପିୟନ କୋଲକାତା ନାଇଟ ରାଇଡର୍ସ (କେକେଆର) ଇଂଲଣ୍ଡର ଆଲେକ୍ସ ହେଲ୍ସଙ୍କ ବଦଳ ଖେଳାଳିଭାବେ ଅଷ୍ଟ୍ରେଲିଆର ଆରୋନ ଫିଞ୍ଚ୍‌ଙ୍କୁ ଦଳରେ ସାମିଲ କରିଛି। ବାୟୋ-ବବ୍‌ଲ ଜନିତ କ୍ଳାନ୍ତି ଯୋଗୁ ହେଲ୍ସ ଲିଗ୍‌ରୁ ଓହରି ଯାଇଥିଲେ। ୮୭ ଆଇପିଏଲ ମ୍ୟାଚ ଖେଳି ସାରିଥିବା ଫିଞ୍ଚ୍ କେକେଆର ସହ ୧.୫ କୋଟି ଟଙ୍କାରେ ଚୁକ୍ତିବଦ୍ଧ ହୋଇଛନ୍ତି।












1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ବଟି ମାଗି ୨ ଗିରଫ

ପୁରୀ ଅଫିସ- ବଟି ଆଦାୟ ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ମାର୍କଣ୍ଡେଶ୍ୱର ସାହି ଅଲେଇସାହିର ହରିଶଙ୍କର କାନୁନଗୋ ଓରଫ ନନ୍ନୁ। ଏ ନେଇ ପୋଲିସ ନଂ. ୫୫/୨୨ରେ ଏକ ମାମଲା ରୁଜୁ କରିଛି। ସୂଚନାନୁଯାୟୀ, ନନ୍ନୁ ତାଙ୍କ ଦୁଇ ସହଯୋଗୀଙ୍କ ସହ ଆସି ଅଟୋ ଚାଳକ ସମୀର ତରାଇଙ୍କୁ ବଟି ମାଗିଥିଲେ। ଏ ନେଇ ସମୀରଙ୍କ ସ୍ତ୍ରୀ ବୁଧବାର ଥାନାରେ ଅଭିଯୋଗ କରିଥିଲେ। ସେହିପରି ବଳିଆପଣ୍ଡା ଥାନା ପୋଲିସ ଦାଦାବଟି ଆଦାୟ ଅଭିଯୋଗରେ ଫେରାର ଥିବା ବାସେଳି ସାହି ଥାନା ଅନ୍ତର୍ଗତ ଗୋଛିକାର ସାହିର ନାରାୟଣ ଖୁଣ୍ଟିଆଙ୍କୁ ଗିରଫ କରିଛି। ତାଙ୍କଠାରୁ ଦୁଇଟି ମୋବାଇଲ ଜବତ ହୋଇଛି। କେସ୍ ନଂ. ୨୪/୨୨ରୁଜୁ କରାଯାଇଛି। ଗତ ମାସ ୨୬ ତାରିଖରେ ବିରଳା ଛକ ନିକଟରେ ୫ ଅପରାଧୀଙ୍କୁ ପୋଲିସ ଗିରଫ କରିଥିଲା। ତେବେ ନାରାୟଣ ଫେରାର ହୋଇଯାଇଥିଲେ।




୧୧।୩।୨୦୨୨

| | |
|---|---|
| ୫,୬୪,୩୧୨ ଟଙ୍କା | |
| ସୁନା | ୬.୭୮୦ ଗ୍ରାମ |
| ରୁପା | ୬୨.୭୧୦ ଗ୍ରାମ |

# ନାଏବ ସରପଞ୍ଚ ନିର୍ବାଚନକୁ ନେଇ ବିବାଦ

- ଧର୍ମଗୁଳା ପକାଇବାକୁ ନେଇ ଉଭୟ ଦଳ ମୁହାଁମୁହିଁ
- ବ୍ଲକ ଅଫିସ ଫାଟକରେ ତାଲା ପକାଇଲେ, ରାସ୍ତାରୋକୋ କଲେ

ନିମାପଡ଼ା,୧୧।୩(ଡି.ଏନ୍.ଏ.)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଚଅଁରପଦା ପଞ୍ଚାୟତରେ ଶୁକ୍ରବାର ନାଏବ ସରପଞ୍ଚ ପଦବୀ ଲାଗି ନିର୍ବାଚନ ଚାଲୁଥିବାବେଳେ ତୀବ୍ର ବିବାଦ ଓ ଉତ୍ତେଜନା ଦେଖାଦେଇଛି। ଏହି ନିର୍ବାଚନରେ ବିଜେଡି ସମର୍ଥିତ ପ୍ରାର୍ଥୀ କଳ୍ପନା ଭୋଇଙ୍କ ସପକ୍ଷରେ ୭ଖଣ୍ଡ ଭୋଟ ମିଳିଥିବା ବେଳେ ଭାଜପା ସମର୍ଥିତ ପ୍ରାର୍ଥୀ ଅଞ୍ଜନା ବଡ଼େଇଙ୍କ ସପକ୍ଷରେ ମଧ୍ୟ ୭ଖଣ୍ଡ ଭୋଟ ମିଳିଥିଲା। ଭୋଟ ସମାନ ହୋଇଯିବାରୁ ବିଜେଡି ସମର୍ଥିତ ୱାର୍ଡସଭ୍ୟ ଓ ଭାଜପା ସମର୍ଥିତ ୱାର୍ଡସଭ୍ୟଙ୍କ ଉପସ୍ଥିତିରେ ପ୍ରିଜାଇଡିଂ ଅଫିସରମାନେ ଧର୍ମଗୁଳା ପକାଇଥିଲେ। ଏଥିରେ ବିଜେଡି ସମର୍ଥିତ ପ୍ରାର୍ଥୀ କଳ୍ପନା ନାଏବ ସରପଞ୍ଚ ଭାବେ ବିଜୟୀ ହୋଇଥିବା ବିଜେଡି କର୍ମୀମାନେ ଦାବି କରିଥିଲେ। ହେଲେ ଏହି ଧର୍ମଗୁଳା ଠିକ୍ ହୋଇ ନାହିଁ ବୋଲି ଭାଜପା ସମର୍ଥିତ ଲୋକ ବିରୋଧ କରିବା ସହ ଆଉଥରେ ପକାଯିବାକୁ ଦାବି କରିଥିଲେ। ଫଳରେ ପ୍ରିଜାଇଡିଂ ଅଫିସର ଚାପର ବଶବର୍ତ୍ତୀ ହୋଇ ଉତ୍ତେଜନା ଦୃଷ୍ଟିରୁ ବାଧ ହୋଇ ପୁଣି ଧର୍ମଗୁଳା ପକାଇଥିଲେ। ଏହି ଧର୍ମଗୁଳାରେ ଭାଜପା ସମର୍ଥିତ ପ୍ରାର୍ଥୀ ନାଏବ ସରପଞ୍ଚ ଭାବେ ବିଜୟୀ ହୋଇଥିବା ଭାଜପା କର୍ମୀମାନେ ଦାବି କରିଥିଲେ। ଏହି ଧର୍ମଗୁଳା ପକାଯିବା ଘଟଣାକୁ କେନ୍ଦ୍ର କରି ଉଭୟ ବିଜେଡି ଓ ଭାଜପା କର୍ମୀମାନେ ପଞ୍ଚାୟତ ଅଫିସ ଭୋଟଦାନ କେନ୍ଦ୍ରରେ ହୋହଲ୍ଲା କରିଥିଲେ। ଏଥିଯୋଗୁ ସରକାରୀ ଭାବେ ନାଏବ ସରପଞ୍ଚ ବିଜୟୀଙ୍କୁ ନେଇ ନାମ ଘୋଷଣା କରାଯାଇ ନାହିଁ। ପରେ ବିଜେଡି ସମର୍ଥିତ ଶତାଧିକ କର୍ମୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଆମ ପ୍ରାର୍ଥୀ ବିଜୟୀ ହେବା ପରେ ପୁନଶ୍ଚ କାହିଁକି ଧର୍ମଗୁଳା ପକାଯିବା ଦର୍ଶାଇ ବ୍ଲକ କାର୍ଯ୍ୟାଳୟରେ ପାଟିତୁଣ୍ଡ କରି ଗେଟ୍‌ରେ ତାଲା ପକାଇଦେଇଥିଲେ। ପରେ ଶତାଧିକ ଭାଜପା କର୍ମୀ ମଧ୍ୟ ସନ୍ଧ୍ୟା ପ୍ରାୟ ସାଢ଼େ ୮ରେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ସମ୍ମୁଖ ମୁଖ୍ୟରାସ୍ତାକୁ ଅବରୋଧ କରି ଆନ୍ଦୋଳନ ଚଳାଇଥିଲେ। ଏ ସମ୍ପର୍କରେ ବିଡିଓ ବସନ୍ତ କୁମାର ମଲ୍ଲିକ, ପ୍ରିଜାଇଡିଂ ଅଫିସର ପୂର୍ଣ୍ଣଚନ୍ଦ୍ର ରାଉତଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ତାହା ସମ୍ଭବ ହୋଇପାରି ନ ଥିଲା। ରିପୋର୍ଟ ଲେଖାଯିବା ବେଳେ ରାସ୍ତାରୋକୋ ଜାରି ରହିଥିବା ବେଳେ କୌଣସି ଅଧିକାରୀ ଯାଇ ନ ଥିଲେ। ଅନ୍ୟପଟେ ଶନିବାର ସରକାରୀ ଭାବେ ବିଜୟୀ ନାଏବ ସରପଞ୍ଚଙ୍କ ନାମ ଘୋଷିତ ହେବ ବୋଲି ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।


ଭାଜପା କର୍ମୀମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ମୁଖ୍ୟରାସ୍ତାକୁ ଅବରୋଧ କରିଛନ୍ତି।

## ଗୋପ ବ୍ଲକ ଅଧ୍ୟକ୍ଷା ହେବେ ଝୁନୁ : ମନ୍ତ୍ରୀ

ଗୋପ,୧୧।୩(ଡି.ଏନ୍.ଏ.)

ଗୋପ ବ୍ଲକ ଅଧ୍ୟକ୍ଷା ଭାବେ ଶନିବାର ଗଣେଶ୍ୱରପୁର ପଞ୍ଚାୟତର ନବନିର୍ବାଚିତ ସମିତି ସଭ୍ୟା ଝୁନୁ ମଲ୍ଲିକ ସର୍ବସମ୍ମତିକ୍ରମେ ବସିବେ ବୋଲି ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଗୋପ ବ୍ଲକ ଅଧୀନରେ ଥିବା ୩୧ଟି ପଞ୍ଚାୟତ ମଧ୍ୟରୁ ଶାସକ ଦଳ ସମର୍ଥିତ ୨୦ରୁ ଊର୍ଦ୍ଧ୍ୱ ସମିତି ସଭ୍ୟ/ସଭ୍ୟା ବିଜୟୀ ହୋଇଥିଲେ। ପରେ ମନ୍ତ୍ରୀ ଦାଶଙ୍କ ନେତୃତ୍ୱରେ ଏହି ସଭ୍ୟାସଭ୍ୟ ଥିବା ବେଳେ ପୁରୀ ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସି ଥିବାବେଳେ ଏହି ବୈଠକରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ମନ୍ତ୍ରୀ ଦାଶ, ଯୁବନେତା ବାଲୁକେଶ୍ୱର ସାହୁଙ୍କ ସମେତ ଆଉ କେତେ ଜଣ ବରିଷ୍ଠ କର୍ମୀ ଯୋଗଦେଇଥିଲେ। ସର୍ବସମ୍ମତିକ୍ରମେ ଗୋପ ବ୍ଲକ ଗଣେଶ୍ୱରପୁର ପଞ୍ଚାୟତର ଝୁନୁ ମଲ୍ଲିକଙ୍କୁ ଶାସକ ଦଳ ପକ୍ଷରୁ ବ୍ଲକ ଅଧ୍ୟକ୍ଷା ପଦରେ ବସାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା।

## ସଂକ୍ଷେପରେ

### ପିପିଲି କଲେଜ ଅଧକ୍ଷ ଦାୟିତ୍ୱ ନେଲେ ଶିବପ୍ରସାଦ ମିଶ୍ର

ପିପିଲି, ୧୧।୩(ଡି.ଏନ୍.ଏ): ପିପିଲି ମହାବିଦ୍ୟାଳୟର ଅଧକ୍ଷ ଭାବେ ଡ. ଶିବ ପ୍ରସାଦ ମିଶ୍ର ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ଅଧକ୍ଷ ଡ. ଭୀମସେନ କର ଅବସର ନେବା ପରେ ତାଙ୍କ ସ୍ଥାନରେ ରାଜନୀତି ବିଜ୍ଞାନ ବିଭାଗର ଅଧାପକ ଡ. ମିଶ୍ର ଅଧକ୍ଷ ପଦରେ ଯୋଗଦେଇଛନ୍ତି। ଶିକ୍ଷା ବ୍ୟବସ୍ଥା, ସୁପରିଚାଳନା, କ୍ରୀଡା, ଏନ୍‌ସିସି ପ୍ରଭୃତି କ୍ଷେତ୍ର ପ୍ରତି ସେ ସ୍ୱତନ୍ତ୍ର ଧ୍ୟାନ ଦେବେ ବୋଲି ଡ. ମିଶ୍ର କହିଛନ୍ତି।

### ଶର୍ଟ ସର୍କିଟରୁ ୪ ବଖରା ଜଳିଗଲା

ଗୋପ,୧୧।୩(ଡି.ଏନ୍.ଏ.)- ଗୋପ ବ୍ଲକ ଅଧୀନ ଅଚ୍ୟୁତପୁର ପଞ୍ଚାୟତର ଅଚ୍ୟୁତପୁର ବାସୁଦେବ ସାହିରେ ଶୁକ୍ରବାର ରାତି ୮ରେ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ଦୁଇ ପରିବାରର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ିଯିବା ସହ ୪ ବଖରା ଜଳି ନଷ୍ଟ ହୋଇଯାଇଛି। ଖବରପାଇ ଗୋପ, କୋଣାର୍କ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ପ୍ରକାଶ ଯେ, ସନ୍ଧ୍ୟା ୮ଟାରେ ବାସୁଦେବ ସାହିରେ ଗୋଟିଏ ଘରେ ବିଦ୍ୟୁତ୍ ତାରରୁ କେଉଁଠି ଲିକ୍ ହୋଇ ଅଗ୍ନିକାଣ୍ଡ ହୋଇଥିଲା। ଚାଳଘରେ ନିଆଁ ଲାଗିବା ପରେ ଏହା ସଙ୍ଗେସଙ୍ଗେ ପଡ଼ୋଶୀ ଘରକୁ ବ୍ୟାପିଥିଲା। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହ କୋଣାର୍କ, ଗୋପ ଅଗ୍ନିଶମ ବିଭାଗକୁ ଫୋନ୍ କରିଥିଲେ। ଖବରପାଇ ୨ଟି ଅଞ୍ଚଳରୁ ଅଗ୍ନିଶମ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିବା ବେଳକୁ ବାସୁଦେବ ବିଶ୍ୱାଳ, ରବୀନ୍ଦ୍ର ବିଶ୍ୱାଳଙ୍କ ୪ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା। ପରେ ଖବରପାଇ ସ୍ଥାନୀୟ ସରପଞ୍ଚ ରଶ୍ମିତା ଶତପଥୀ ପହଞ୍ଚି ଉକ୍ତ ୨ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଜିଲାପାଳଙ୍କୁ ଜଣାଇଛନ୍ତି।

### ୨୨ ଦୋକାନରେ ଚଢ଼ାଉ

କାକଟପୁର,୧୧।୩(ଡି.ଏନ୍.ଏ.): କାକଟପୁର ବ୍ଲକ ଅଞ୍ଚଳରେ ଖାଉଟିଙ୍କଠାରୁ ଲିଟର ପିଛା ଖାଇବା ତେଲ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ନେଉଥିବା ଅଭିଯୋଗ ହୋଇଆସୁଥିଲା। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଯୋଗାଣ ବିଭାଗ ପକ୍ଷରୁ ବ୍ଲକର ବିଭିନ୍ନ ଅଞ୍ଚଳର ପ୍ରାୟ ୨୨ରୁ ଊର୍ଦ୍ଧ୍ୱ ଗ୍ରସେରି ଦୋକାନ ଉପରେ ଶୁକ୍ରବାର ଚଢ଼ାଉ କରାଯାଇଛି। ବ୍ଲକ ଯୋଗାଣ ନିରୀକ୍ଷକ ସୁଧାକର ମଲ୍ଲିକ ଟିମ୍ ସହ ଓଥକା, କୁଣ୍ଡେଇ, ଅଳ୍ପୁଣିଆପାଟଣା, ବାଙ୍ଗୁରୀଗାଁ ଓ କାକଟପୁର ଅଞ୍ଚଳର ବିଭିନ୍ନ ରାଶନ ଦୋକାନ ଉପରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଦୋକାନର ଜିନିଷ ଯାଞ୍ଚ କରିବା ସହ ସମସ୍ତ ସାମଗ୍ରୀର ଦର ସୂଚୀ ଦୋକାନ ସମ୍ମୁଖରେ ଲଗାଇବାକୁ କହିଥିଲେ। ଏଥିସହ ଏମ୍‌ଆର୍‌ପି ଦରଠାରୁ ଅଧିକ ଦରରେ ବିକ୍ରି କରୁଥିବା ଦୋକାନୀଙ୍କୁ ତାଗିଦ୍ କରିଥିଲେ।


ପୁରୀର ଶ୍ରୀଜଗନ୍ନାଥ ସଂସ୍କୃତି ସୁରକ୍ଷା ସଂଗଠନ ପକ୍ଷରୁ ଜିଲାପାଳଙ୍କୁ ଐତିହ୍ୟ କରିଡର ସଂକ୍ରାନ୍ତ ଦାବିପତ୍ର ଦିଆଯାଉଛି।

## ବିଭିନ୍ନ ପଞ୍ଚାୟତର ନାଏବ ସରପଞ୍ଚ ନିର୍ବାଚିତ

ପୁରୀ ଅଫିସ,୧୧।୩:

ପୁରୀ ସଦର ବ୍ଲକରେ ଶୁକ୍ରବାର ନାଏବ ସରପଞ୍ଚ ନିର୍ବାଚନ ଶେଷ ହୋଇଛି। ପଞ୍ଚାୟତ ସ୍ତରରେ ପଞ୍ଚାୟତ ଅଧିକାରୀ କିମ୍ବା ବିଡିଓ ପ୍ରତିନିଧିଙ୍କ ଜରିଆରେ ନିର୍ବାଚନ ପରିଚାଳିତ ହୋଇଥିଲା। ବିଡିଓଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ସରିଛି। ପୁରୀ ସଦରର କହ୍ନେଇ ବିଦ୍ୟାଧରପୁର ପଞ୍ଚାୟତରେ ଧ୍ରୁବଚରଣ ଭୋଇ, ଗଉଡ଼କେରାରେ ସବିତା ନାୟକ, ତଳଜଙ୍ଗରେ ଜଗବନ୍ଧୁ ଜେନା, ପ୍ରତାପପୁରୁଷୋତ୍ତମପୁରରେ ବୀରବର ମହାରଣା, ପ୍ରତାପରାମଚନ୍ଦ୍ରପୁରରେ ରୋଜି ବରାଳ, ବିଜୟରାମଚନ୍ଦ୍ରପୁରରେ ହରପ୍ରିୟ ମହାପାତ୍ର, ବୀରନରସିଂହପୁରରେ ନାରାୟଣ ଜେନା, ବୀରବଳଭଦ୍ରପୁରରେ ସଞ୍ଜୟ କୁମାର ଭୋଇ, ଭାଇଲିପୁରରେ ଉଦୟନାଥ ବରାଳ, ମାଳତିପାଟପୁରରେ ସୀତା ସ୍ୱାଇଁ, ହନ୍ତୁକରେ ମହେନ୍ଦ୍ର ପ୍ରଧାନ ନାଏବ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ସେହିଭଳି କାଶୀହରିପୁରରେ ରଶ୍ମିତା ନାୟକ, କେରାଣ୍ଡିପୁରରେ ସୁକାନ୍ତ ମଲ୍ଲିକ, ଗୋପୀନାଥପୁରରେ ରତିରଞ୍ଜନ ପଣ୍ଡା, ବାଲିଗୁଆଲିରେ ନିରଞ୍ଜନ ପ୍ରଧାନ, ବେଲଦଳରେ ବୀଣା ପ୍ରଧାନ, ଶାସନଦାମୋଦରପୁର ପ୍ରତିମା ପଲେଇ, ସମଙ୍ଗରେ ସଞ୍ଜୟ ମହାନ୍ତି, ସମଙ୍ଗାରାରେ ସୁରେନ୍ଦ୍ର ସାହୁ, ହରେକୃଷ୍ଣପୁରରେ ସୁକାନ୍ତ ସ୍ୱାଇଁ, ଗଡ଼ମୃଗଶିରାରେ ଫିରୋଜ କୁମାର ବଳବନ୍ତରାୟ, ଗଙ୍ଗାନାରାୟଣପୁରରେ ନିରୁପମା ଜେନା, ଚନ୍ଦନପୁରରେ ବିପ୍ଳବ ଜେନା, ଚାଳିଶିବାଟିଆରେ ବାପିନ୍ କୁମାର ସ୍ୱାଇଁ, ବାଲିପଡ଼ାରେ କୁମର ମହାରାଣା, ବାଲିପୁଟରେ ସସ୍ମିତ୍ ପରିଡ଼ା, ବୀରପ୍ରତାପପୁରରେ ଦୀପକ ପଣ୍ଡା ନାଏବ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି। ଅନ୍ୟପଟେ ବାସୁଦେବପୁର, ଜମାରସୁଆଁ ଓ ରାଇଗୋରଡ଼ା ପଞ୍ଚାୟତରେ କୌଣସି ପ୍ରାର୍ଥୀପତ୍ର ଦାଖଲ ହୋଇନାହିଁ।

## ଦାୟିତ୍ୱ ସମ୍ଭାଳିଲେ ସରପଞ୍ଚ, ନାଏବ ସରପଞ୍ଚ

ଅସ୍ତରଙ୍ଗ,୧୧।୩(ଡି.ଏନ୍.ଏ.):

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତର ନବନିର୍ବାଚିତ ସରପଞ୍ଚ ଇଞ୍ଜିନିୟର ଦୀପକ ପରିଡ଼ା ଏବଂ ନାଏବ ସରପଞ୍ଚ ପ୍ରଭାସିନୀ ନାୟକ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଦୁହିଁଙ୍କ ନେତୃତ୍ୱକୁ ପଞ୍ଚାୟତବାସୀ ସ୍ୱାଗତ ଜଣାଇଥିଲେ। ପ୍ରଥମ ଦିନରେ ସରପଞ୍ଚ ପରିଡ଼ା ପଞ୍ଚାୟତବାସୀ ସରକାରଙ୍କ ଜନକଲ୍ୟାଣ ଯୋଜନା ପାଇବା ପାଇଁ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ଅନ୍ୟ ପଞ୍ଚାୟତରେ ନବନିର୍ବାଚିତ ସରପଞ୍ଚ ଏବଂ ନାଏବ ସରପଞ୍ଚମାନେ ଦାୟିତ୍ୱ ଗ୍ରହଣ କରିଛନ୍ତି। ତେବେ ଶନିବାର ଅସ୍ତରଙ୍ଗରେ ବ୍ଲକ ଅଧ୍ୟକ୍ଷ ପଦବୀର ଫଳାଫଳ ନିର୍ଣ୍ଣୟ ହେବ।

## ପୁରୀ ସଦର ବ୍ଲକ୍ ଅଧ୍ୟକ୍ଷ ପଦକୁ ନେଇ ଚର୍ଚ୍ଚା

ପୁରୀ ଅଫିସ,୧୧।୩:

ଶନିବାର ବ୍ଲକ୍ ଅଧ୍ୟକ୍ଷ ନିର୍ବାଚନ। ପୁରୀ ସଦର ବ୍ଲକରେ ବିଜେଡି ସମର୍ଥିତ ସମିତିସଭ୍ୟଙ୍କ ସଂଖ୍ୟା ଅଧିକ ଥିବାରୁ ଅଧ୍ୟକ୍ଷ ପଦ ବିଜେଡି ପ୍ରାର୍ଥୀ ଜିତିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତି ଓ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମାଙ୍କ ସମର୍ଥିତ ସମିତିସଭ୍ୟମାନଙ୍କ ମଧ୍ୟରୁ କିଏ ଅଧ୍ୟକ୍ଷ ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିବେ ସେନେଇ ସ୍ପଷ୍ଟ ଚିତ୍ର ମିଳିପାରି ନାହିଁ। ଅନ୍ୟପକ୍ଷରେ ବିଜେଡି କ୍ୟାମ୍ପରୁ ବାଲିପଡ଼ା ସମିତି ସଭ୍ୟ ଦିବାକର ପାତ୍ର ଏବଂ ଭାଇଲିପୁର ସମିତି ସଭ୍ୟ କାର୍ତ୍ତବୀର୍ଯ୍ୟ ସ୍ୱାଇଁଙ୍କ ମଧ୍ୟରୁ କେହି ଜଣେ ପ୍ରାର୍ଥୀ ହେବା ନେଇ ଆଶା କରାଯାଉଛି। ସେହିଭଳି ସମଙ୍ଗ ପଞ୍ଚାୟତର ସମିତିସଭ୍ୟ ପ୍ରସନ୍ନ ମିଶ୍ର ମଧ୍ୟ ପ୍ରାର୍ଥୀ ହେବେ। ବିରୋଧୀ ଦଳର ସମର୍ଥିତ ସମିତିସଭ୍ୟମାନେ ପ୍ରସନ୍ନଙ୍କୁ ସମର୍ଥନ ଦେବେ ବୋଲି ରାଜନୈତିକ ଆଲୋଚନା ଜୋର ଧରିଛି। ରାଜ୍ୟ ଯୁବ ବିଜେଡି ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ହାତରେ ୫ଜଣ ସମିତି ସଭ୍ୟ ଥିବା କୁହାଯାଉଥିବାବେଳେ ସେ କାହାକୁ ସମର୍ଥନ ତେବେ ତାହା ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ତେବେ ଶୁଭାଶିଷଙ୍କ ସମର୍ଥିତ ସମିତିସଭ୍ୟଙ୍କ ଭୋଟ ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଉଛନ୍ତି।

## କ୍ୟାରିୟର ଉନ୍ନତି ସଂକ୍ରାନ୍ତ କର୍ମଶାଳା

ପୁରୀ ଅଫିସ, ୧୧।୩:

ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍‌ବିଏ ଏବଂ ବିବିଏ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ରଙ୍କ ପାଇଁ 'କ୍ୟାରିୟରର ଉନ୍ନତି ଓ ନିଯୁକ୍ତି ଦକ୍ଷତାର ବିକାଶ' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅଧ୍ୟକ୍ଷା ଡ. ସୁଜାତା ମିଶ୍ର ଉଦ୍‌ଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ କ୍ଷେତ୍ରରେ ଏଭଳି କାର୍ଯ୍ୟକ୍ରମର ଗୁରୁତ୍ୱ ରହିଥିବା ସେ କହିଥିଲେ। ଏମ୍‌ବିଏ ଏବଂ ବିବିଏ ବିଭାଗର ମୁଖ୍ୟ ଡ. ସତ୍ୟପ୍ରକାଶ ମିଶ୍ର ଅତିଥି ପରିଚୟ ଏବଂ ସଂଯୋଜକ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ କର୍ମଶାଳା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଇଣ୍ଡିଆନ୍ ବ୍ୟାଙ୍କର ପୂର୍ବତନ ମୁଖ୍ୟ ପ୍ରବନ୍ଧକ ତଥା ବ୍ୟାଙ୍କ ଅଫିସରମାନଙ୍କ ପ୍ରଶିକ୍ଷକ ରବୀନ୍ଦ୍ରନାଥ ଦୀକ୍ଷିତ ଯୋଗଦେଇ ବର୍ତ୍ତମାନ ପରିସ୍ଥିତିରେ ଦକ୍ଷତା ବିକାଶ ପାଇଁ ଅନ୍‌ଲାଇନରେ ଉପଲବ୍ଧ ନିଯୁକ୍ତିମୂଳକ ପ୍ରଶିକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଜୁକେଟ ଓଡ଼ିଶା ସଂସ୍ଥାର ଅପରେଶନ୍ ହେଡ୍ (ସଞ୍ଚାଳନ ମୁଖ୍ୟ) ବିଶ୍ୱ ପ୍ରକାଶ ପାଣିଗ୍ରାହୀ ବିଭିନ୍ନ ବୃତ୍ତି ଲାଗି ଉପଲବ୍ଧ ଅନ୍‌ଲାଇନ କୋଚିଂ ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ। ଏମ୍‌ବିଏ ଛାତ୍ରୀଛାତ୍ରଙ୍କ ଅଧ୍ୟୟନ ସମାପ୍ତି ପରେ ତାଙ୍କ ନିଜ ଅନୁଷ୍ଠାନରେ ଉପଲବ୍ଧ ନିଯୁକ୍ତି ସୁଯୋଗ ସମ୍ପର୍କରେ ପାଣିଗ୍ରାହୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମକୁ ବିଭାଗୀୟ ଅଧ୍ୟାପକ ଶିବପ୍ରସନ୍ନ ପଟ୍ଟନାୟକ ପରିଚାଳନା କରିଥିଲେ। ଅଧ୍ୟାପକ ଅଭିଷେକ ଶତପଥୀ ଏବଂ ପ୍ୟାରୀମୋହନ ଜେନା ସହଯୋଗ କରିଥିବାବେଳେ ଅଧ୍ୟାପିକା ବିଜୟଲକ୍ଷ୍ମୀ ଭୋଳ ଧନ୍ୟବାଦ ଦେଇଥିଲେ।

## ଭାଜପା ପକ୍ଷରୁ ବିଜୟ ଉତ୍ସବ ପାଳନ

ପୁରୀ ଅଫିସ, ୧୧।୩:

ପାଞ୍ଚଟି ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ଗୁରୁବାର ପ୍ରକାଶ ପାଇଥିବାବେଳେ ପଞ୍ଜାବକୁ ଛାଡି ଅନ୍ୟ ୪ଟି ରାଜ୍ୟରେ ଭାଜପା ବିପୁଳ ବିଜୟ ହାସଲ କରିଛି। ଭାଜପାର ବିଜୟ ଖୁସିରେ ପୁରୀ ଶାଖା ପକ୍ଷରୁ ପୂର୍ବତନ ପୌରସଦସ୍ୟ ମାନସ ଲେଙ୍କାଙ୍କ ନେତୃତ୍ୱରେ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଦଶାବତାର ମଠ ନିକଟରେ ବିଜୟ ଉତ୍ସବ ଗୁରୁବାର ପାଳନ ହୋଇଯାଇଛି। କର୍ମୀମାନେ ସେଠାରେ ବାଣ ଫୁଟାଇ, ବାଜା ବଜାଇ, ମିଷ୍ଟାନ୍ନ ବଣ୍ଟନ କରି ବିଜୟ ଉତ୍ସବ ପାଳିଥିଲେ। ଉତ୍ସବରେ ସୁଦର୍ଶନ ରାଉଳ, ବିଷ୍ଣୁ ଦାସ, ବିନୟ ନୃସିଂହ ମହାପାତ୍ର, ମମତା ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ତରୁଣାଦିତ୍ୟ ମିଶ୍ର, ବିଚିତ୍ରା ସାହୁ, ସୁରେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ହେମନ୍ତ ମହାନ୍ତି ଏବଂ ରବୀନ୍ଦ୍ର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜଗନ୍ନାଥ ସମର୍ଥା ଧନ୍ୟବାଦ ଦେଇଥିଲେ।

## 'ନିଜ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ନେଇ ଗର୍ବ କର'

### ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ

ପୁରୀ ଅଫିସ, ୧୧।୩:



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିବୃନ୍ଦ।

ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଶୁକ୍ରବାର ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷା ପ୍ରଫେସର ସୁଜାତା ମିଶ୍ର ଯୋଗଦେଇ ନିଜ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ନେଇ ଗର୍ବ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସେ କହିଥିଲେ, ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପ୍ରମାଣ କରୁଛି ଯେ ଓଡ଼ିଶାର ପରମ୍ପରା, ଜୀବନ ଧାରା ଏବଂ ସଂସ୍କୃତି ବହୁ ପ୍ରାଚୀନ ଓ ଉନ୍ନତ। ଛାତ୍ରୀଛାତ୍ରମାନେ ଏହି ପରମ୍ପରାକୁ ଆଗେଇ ନେବା ପାଇଁ ଅଧ୍ୟକ୍ଷା ଆହ୍ୱାନ ଜଣାଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଇଂଲିଶ ବିଭାଗର ମୁଖ୍ୟ ଡ. ଭୀମ ଚରଣ ନାୟକ ଯୋଗଦେଇ ଓଡ଼ିଆ ଭାଷାର ମହନୀୟତା ଓ କାବ୍ୟ ଭାଷା ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପିକା ଡ. ଶୁଭ୍ରଶ୍ରୀ ସୌମ୍ୟ ସାହୁ ଶାସ୍ତ୍ରୀୟ ଓଡ଼ିଆ ଭାଷାର ସ୍ୱରୂପ ସମ୍ପର୍କରେ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ। ଓଡ଼ିଆ ବିଭାଗର ମୁଖ୍ୟ ଡ. ଦିଲୀପ କୁମାର ସ୍ୱାଇଁ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ଓଡ଼ିଆ ଭାଷାର ବିକାଶ ଧାରା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଓଡ଼ିଆ ବିଭାଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଶ୍ରୁତଲିଖନ ଓ କବିତା ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରେ ପ୍ରଥମ ବର୍ଷର ଛାତ୍ରୀ ମୀରାସ୍ମିକା ପାତ୍ର ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଛାତ୍ର ପବିତ୍ର ପ୍ରଧାନ ଓ ରାମ ପ୍ରକାଶ ଜେନା ପରିଚାଳନା କରିଥିଲେ।

## ରାସ୍ତା ଶୋଚନୀୟ: ମରାମତି ନ ହେଲେ ଆନ୍ଦୋଳନ

ପୁରୀ ଅଫିସ, ୧୧।୩:

ପୁରୀ-କୋଣାର୍କ ମେରାଇନ ଡ୍ରାଇଭ୍ ରୋଡ୍‌ର ରେଲୱେ ଲେଭଲ କ୍ରସିଂରୁ ସିଦ୍ଧମହାବୀର ମନ୍ଦିରକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ମରାମତି ନିମନ୍ତେ ଶୁକ୍ରବାର ଜନ ଜାଗରଣ ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ପୁରୀ-କୋଣାର୍କ ମେରାଇନ ଡ୍ରାଇଭ୍ ରୋଡ୍‌ର ସିଦ୍ଧମହାବୀର ଅଞ୍ଚଳ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଲୋକ ଯାତାୟତ କରୁଛନ୍ତି। ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁ ଦୁର୍ଘଟଣା ଘଟୁଛି। ନଳାପାଣି ରାସ୍ତାରେ ଭାସୁଛି, ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ବର୍ଷାପାଣି ଜମିରହୁଛି। ଯାତାୟତରେ ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ପ୍ରଶାସନକୁ ଜଣାଇଲେ ମଧ୍ୟ ପଦକ୍ଷେପ ନିଆଯାଇନାହିଁ। ତୁରନ୍ତ ରାସ୍ତା ମରାମତି କରା ନ ଗଲେ ମଞ୍ଚ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଜ୍ୟୋତି ରଞ୍ଜନ ନାୟକ କହିଛନ୍ତି।

## ୪ ପ୍ରଗଣା ମୁକ୍ତି ପାଇଁ ଯୁଦ୍ଧ କରିଥିଲେ ଜୟୀ ରାଜଗୁରୁ

### ବାରବାଟୀ ଘେରାଉ, ପ୍ରଗଣା ଦଖଲ ନେଇ ସ୍ମୃତିଚାରଣ

ପୁରୀ ଅଫିସ, ୧୧।୩:

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୪ଟି ପ୍ରଗଣା ଇଷ୍ଟ ଇଣ୍ଡିଆ କମ୍ପାନୀଠାରୁ ମୁକ୍ତ କରିବା ପାଇଁ ଶହୀଦ ଜୟୀ ରାଜଗୁରୁ ୧୮୦୪ ମାର୍ଚ୍ଚ ୧୧ ତାରିଖରେ ଦୁଇହଜାରରୁ ଅଧିକ ପାଇକ ସେନାଙ୍କୁ ସାଙ୍ଗରେ ଧରି କଟକ ବାରବାଟୀରେ ପହଞ୍ଚି କର୍ନେଲ ହାଇକୋର୍ଟଙ୍କ ନିକଟରେ ଦାବି କରିଥିଲେ। କର୍ନେଲ ହାଇକୋର୍ଟ ଏହି ଜମି ଫେରାଇବାକୁ ମନା କରିଦେବାରୁ ଜୟୀ ରାଜଗୁରୁ ତାହାକୁ ହାସଲ କରିବେ ବୋଲି କହି ଯୁଦ୍ଧ ଘୋଷଣା କରିଥିଲେ। ଫଳସ୍ୱରୂପ ପୁରୀ ନିକଟ ରାହାଙ୍ଗ ପ୍ରଗଣା ମଧ୍ୟରେ ବାଟଗାଁ ଗ୍ରାମକୁ ଅଚ୍ୟୁତ ବାରିକଙ୍କୁ ପଠାଇ ଖଜଣା ଅସୁଲ କରିବା ସହିତ ଏହି ପ୍ରଗଣାକୁ ପ୍ରଥମେ ସ୍ୱାଧୀନ ବୋଲି ଘୋଷଣା କରିଥିଲେ। ବାଟଗାଁ ଗ୍ରାମଟି ଶହୀଦଙ୍କ ଜନ୍ମସ୍ଥାନ ବୀରହରେକୃଷ୍ଣପୁରର ଅତି ନିକଟତମ ଗ୍ରାମ। ପରେ ଅନ୍ୟ ଇଂରେଜ ଅଧିକୃତ ପ୍ରଗଣାରୁ ଖଜଣା ଆଦାୟ କରାଯାଇ ସେହିବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିବା ନେଇ ବିଭିନ୍ନ ଐତିହାସିକମାନେ ମତ ଦେବା ସହିତ ସେତେବେଳର ପୁରୀ କଲେକ୍ଟର ସରକାରଙ୍କୁ ଦେଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଜୟୀ ରାଜଗୁରୁଙ୍କ ଏଭଳି ଐତିହାସିକ କାର୍ଯ୍ୟକୁ ମନେ ପକାଇ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ପ୍ରତିବର୍ଷ ଏହି ଦିନ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏହି କ୍ରମରେ ଶୁକ୍ରବାର ବୀରହରେକୃଷ୍ଣପୁର ଗ୍ରାମ ବଜାରସ୍ଥିତ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତି ନିକଟରେ ସ୍ମୃତିଚାରଣ ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ଉପାଧ୍ୟକ୍ଷ ଉମାବଲ୍ଲଭ ମହାପାତ୍ର ସଭାପତିତ୍ୱ କରିଥିଲେ। ସୂର୍ଯ୍ୟନାରାୟଣ ରଥ, ଜଗନ୍ନାଥ ରଥ, ରବିନାରାୟଣ ମିଶ୍ର, ଭାସ୍କର ଚନ୍ଦ୍ର ରଥ, ରମାକାନ୍ତ ରଥ, ଗୌରୀଶଙ୍କର ମିଶ୍ର, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଗଙ୍ଗାଧର ମହାନ୍ତି, ଗଙ୍ଗାଧର ଜେନା, ଲକ୍ଷ୍ମୀଧର ସ୍ୱାଇଁ, ହରିହର ଜେନା, ବିଷ୍ଣୁପ୍ରିୟା ରାଉତ, ରାଜକିଶୋର ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ, ବ୍ରଜ କିଶୋର ମହାରଣା ଏବଂ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବାଟଗାଁସ୍ଥିତ ଖଜଣା ଆଦାୟ ଗୃହର ଭଗ୍ନାବଶେଷ ଓ ପୁଷ୍କରିଣୀ ସ୍ଥାନ ପରିଦର୍ଶନ କରାଯାଇଥିଲା। ପରିଷଦର ସମ୍ପାଦକ ଡ. ଜଟାଧାରୀ ମିଶ୍ର ଧନ୍ୟବାଦ ଦେଇଥିଲେ।

## 'ପୁରୀ କେଭିକେ କୃଷିଭିତ୍ତିକ ପର୍ଯ୍ୟଟନ କେନ୍ଦ୍ର ହେଉ'

### ସପ୍ତଦଶ ବୈଜ୍ଞାନିକ ମଣ୍ଡଳୀ ବୈଠକ

ସାକ୍ଷୀଗୋପାଳ,୧୧।୩(ଡି.ଏନ୍.ଏ.)



ବୈଠକରେ କୃଷି ବିଜ୍ଞାନୀ ଏବଂ ଅନ୍ୟମାନେ।

ପୁରୀ ଜିଲା କୃଷି ବିଜ୍ଞାନ କେନ୍ଦ୍ର(କେଭିକେ)ର ସପ୍ତଦଶ ବୈଜ୍ଞାନିକ ପରାମର୍ଶଦାତା ମଣ୍ଡଳୀ ବୈଠକ କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ କାର୍ଯ୍ୟାଳୟ ସାକ୍ଷୀଗୋପାଳରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭାଗୀୟ ପ୍ରମୁଖଙ୍କ ସହ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ପରାମର୍ଶ ଓ ଆଲୋଚନା କରାଯାଇଥିଲା। ଭାରତୀୟ କୃଷି ଗବେଷଣା ପରିଷଦ କୋଲକାତାର ଆଟାରୀଠାରୁ ପ୍ରମୁଖ ବୈଜ୍ଞାନିକ ଡା. ଅଭିଜିତ ହାଲଦାର ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ କହିଥିଲେ, ଉଚ୍ଚମାନର କାର୍ଯ୍ୟଦକ୍ଷତା ପାଇଁ ରାଜ୍ୟରେ ଶ୍ରେଷ୍ଠ କେଭିକେ ଭାବେ ପୁରୀ କେଭିକେ ମାନ୍ୟତା ପାଇଛି। ଅପରପକ୍ଷେ ଏହି କେନ୍ଦ୍ରଟି ଅନ୍ତର୍ଜାତୀୟ ପର୍ଯ୍ୟଟନ କ୍ଷେତ୍ର ପୁରୀ ବାଟରେ ଅବସ୍ଥିତ। ଏଣୁ ଏହି କେନ୍ଦ୍ରକୁ ଅତ୍ୟାଧୁନିକ କୃଷିଭିତ୍ତିକ ପର୍ଯ୍ୟଟନ କେନ୍ଦ୍ର ଭାବେ ଗଢ଼ି ତୋଳିବାକୁ ସେ ଉପସ୍ଥିତ ବୈଜ୍ଞାନିକ ଓ ଉଚ୍ଚ ଅଧିକାରୀଙ୍କୁ ଆହ୍ୱାନ ଦେଇଥିଲେ। ତତ୍‌ସହିତ କୃଷି ବିଜ୍ଞାନ କେନ୍ଦ୍ରର ନବନିର୍ମିତ ମୁଖ୍ୟ ଦପ୍ତର ଖୁବ୍‌ଶୀଘ୍ର ଲୋକାର୍ପଣ ହେବ ବୋଲି ହାଲ୍‌ଦାର ସୂଚନା ଦେଇଥିଲେ। କୃଷକମାନଙ୍କୁ ସମୃଦ୍ଧ କରିବା, ନୂତନ ପରିକଳ୍ପନାକୁ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବା ଦିଗରେ ପ୍ରୟାସ ଜାରି ରଖିବାକୁ ଓୟୁଏଟି କୃଷି ସମ୍ପ୍ରସାରଣ ନିର୍ଦ୍ଦେଶାଳୟର ଅଧ୍ୟକ୍ଷ ପ୍ରଫେସର ପ୍ରସନ୍‌ଜିତ ମିଶ୍ର ବୈଠକରେ ସଭାପତିତ୍ୱ କରି ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡା. ସଞ୍ଜୟ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେବା ସଙ୍ଗେସଙ୍ଗେ ବୈଜ୍ଞାନିକ ଡା. ମହାନ୍ତି ପୂର୍ବ ବର୍ଷ ବୈଠକରେ ଆସିଥିବା ପରାମର୍ଶ ଅନୁଯାୟୀ ପୁରୀ କେଭିକେ ଗ୍ରହଣ କରିଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଆଗାମୀ ୨୦୨୨-୨୩ ବର୍ଷ ନିମନ୍ତେ ପ୍ରସ୍ତୁତ କରାଯାଇଥିବା କାର୍ଯ୍ୟଖସଡ଼ା ବୈଠକରେ ଉପସ୍ଥାପନ କରିଥିଲେ। ଓୟୁଏଟିର ସହକାରୀ ଗବେଷଣା ନିର୍ଦ୍ଦେଶକ ପ୍ରଫେସର ଚିନ୍ତାମଣି ଖଣ୍ଡା, ପୁରୀ ଜିଲା ମୁଖ୍ୟ କୃଷି ଅଧିକାରୀ ରମେଶ ଚନ୍ଦ୍ର ରାୟ, ଅତିରିକ୍ତ ଉଦ୍ୟାନ ନିର୍ଦ୍ଦେଶକ ଅଜୟ ପ୍ରଧାନ, ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଜି. ନରେଶ କୁମାର, ଜିଲା ମତ୍ସ୍ୟ ଉପନିର୍ଦ୍ଦେଶକ କୁଅଁର ମାରାଣ୍ଡି, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଦାମୋଦର ପାଣିଗ୍ରାହୀ, ଚାଷୀ ପ୍ରତିନିଧି ଏବଂ ଅନ୍ୟ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ରର ଅମ୍ବିକା ପ୍ରସାଦ ନାୟକ, ନିଭା ମହାପାତ୍ର, ସୁମିତା ଆଚାର୍ଯ୍ୟ, ଦୀପସିକା ପରମଜିତା, ସୋନିତା ରାଣୀ ସେଠୀ, ବିଭୂତିପ୍ରସାଦ ଦାଶ, ପୁଷ୍ପାଞ୍ଜଳି ମିଶ୍ର, ମଧୁସ୍ମିତା ସାହୁ, ଚନ୍ଦନା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ୪ ପ୍ରଗଣା ମୁକ୍ତି ପାଇଁ ଯୁଦ୍ଧ କରିଥିଲେ ଜୟୀ ରାଜଗୁରୁ

**ପୁରୀ ଅଫିସ, ୧୧।୩:** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୪ଟି ପ୍ରଗଣା ଇଷ୍ଟ ଇଣ୍ଡିଆ କମ୍ପାନୀଠାରୁ ମୁକ୍ତ କରିବା ପାଇଁ ଶହୀଦ ଜୟୀ ରାଜଗୁରୁ ୧୮୦୪ ମାର୍ଚ୍ଚ ୧୧ ତାରିଖରେ ଦୁଇହଜାରରୁ ଅଧିକ ପାଇକ ସେନାଙ୍କୁ ସାଙ୍ଗରେ ଧରି କଟକ ବାରବାଟୀରେ ପହଞ୍ଚି କର୍ଣ୍ଣେଲ ହାଇକୋର୍ଟଙ୍କ ନିକଟରେ ଦାବି କରିଥିଲେ। କର୍ଣ୍ଣେଲ ହାଇକୋର୍ଟ ଏହି ଜମି ଫେରାଇବାକୁ ମନା କରିଦେବାରୁ ଜୟୀ ରାଜଗୁରୁ ତାହାକୁ ହାସଲ କରିବେ ବୋଲି କହି ଯୁଦ୍ଧ ଘୋଷଣା କରିଥିଲେ। ଫଳସ୍ୱରୂପ ପୁରୀ ନିକଟ ରାହାଙ୍ଗ ପ୍ରଗଣା ମଧ୍ୟରେ ବାଟଗାଁ ଗ୍ରାମକୁ ଅଚ୍ୟୁତ ବାରିକଙ୍କୁ ପଠାଇ ଖଜଣା ଅସୁଲ କରିବା ସହିତ ଏହି ପ୍ରଗଣାକୁ ପ୍ରଥମେ ସ୍ୱାଧୀନ ବୋଲି ଘୋଷଣା କରିଥିଲେ। ବାଟଗାଁ ଗ୍ରାମଟି ଶହୀଦଙ୍କ ଜନ୍ମସ୍ଥାନ ବୀରହରେକୃଷ୍ଣପୁରର ଅତି ନିକଟତମ ଗ୍ରାମ। ପରେ ଅନ୍ୟ ଇଂରେଜ ଅଧିକୃତ ପ୍ରଗଣାରୁ ଖଜଣା ଆଦାୟ କରାଯାଇ ସେହିବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିବା ନେଇ ବିଭିନ୍ନ ଐତିହାସିକମାନେ ମତ ଦେବା ସହିତ ସେତେବେଳର ପୁରୀ କଲେକ୍ଟର ସରକାରଙ୍କୁ ଦେଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଜୟୀ ରାଜଗୁରୁଙ୍କ ଏଭଳି ଐତିହାସିକ କାର୍ଯ୍ୟକୁ ମନେ ପକାଇ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ପ୍ରତିବର୍ଷ ଏହି ଦିନ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏହି କ୍ରମରେ ଶୁକ୍ରବାର ବୀରହରେକୃଷ୍ଣପୁର ଗ୍ରାମ ବଜାରସ୍ଥିତ ଜୟୀ ରାଜଗୁରୁଙ୍କ ପ୍ରତିମୂର୍ତ୍ତି ନିକଟରେ ସ୍ମୃତିଚାରଣ ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ଉପାଧ୍ୟକ୍ଷ ଉମାବଲ୍ଲଭ ମହାପାତ୍ର ସଭାପତିତ୍ୱ କରିଥିଲେ। ସୂର୍ଯ୍ୟନାରାୟଣ ରଥ, ଜଗନ୍ନାଥ ରଥ, ରବିନାରାୟଣ ମିଶ୍ର, ଭାସ୍କର ଚନ୍ଦ୍ର ରଥ, ରମାକାନ୍ତ ରଥ, ଗୌରୀଶଙ୍କର ମିଶ୍ର, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଗଙ୍ଗାଧର ମହାନ୍ତି, ଗଙ୍ଗାଧର ଜେନା, ଲକ୍ଷ୍ମୀଧର ସ୍ୱାଇଁ, ହରିହର ଜେନା, ବିଷ୍ଣୁପ୍ରିୟା ରାଉତ, ରାଜକିଶୋର ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ, ବ୍ରଜ କିଶୋର ମହାରଣା ଏବଂ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବାଟଗାଁସ୍ଥିତ ଖଜଣା ଆଦାୟ ଗୃହର ଭଗ୍ନାବଶେଷ ଓ ପୁଷ୍କରିଣୀ ସ୍ଥାନ ପରିଦର୍ଶନ କରାଯାଇଥିଲା। ପରିଷଦର ସମ୍ପାଦକ ଡ. ଜଟାଧାରୀ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଅସନ୍ତୁଷ୍ଟ କର୍ମୀ ହୋଇପାରନ୍ତି କଣ୍ଟା

**ଖୋର୍ଦ୍ଧା ପୌରନିର୍ବାଚନ**

ଖୋର୍ଦ୍ଧା ଅଫିସ,୧୧।୩

ଖୋର୍ଦ୍ଧା ପୌର ନିର୍ବାଚନ ପାଇଁ ରାଜନୀତି ସରଗରମ ହେବାରେ ଲାଗିଛି। ୩ ବର୍ଷ ପରେ ନିର୍ବାଚନ ହେଉଥିବାରୁ ପୌରାଧ୍ୟକ୍ଷ ପଦ ପାଇଁ ୩ ପ୍ରମୁଖ ଦଳ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ଏଥିପାଇଁ ବିଜେଡିରୁ କନକଲକ୍ଷ୍ମୀ ମହାନ୍ତି, ଭାଜପାର କୁନିଲତା ସ୍ୱାଇଁ ଏବଂ କଂଗ୍ରେସରୁ ବିନୋଦିନୀ ମହାପାତ୍ର ପ୍ରାର୍ଥୀ ରହିଛନ୍ତି। ଅନ୍ୟପଟେ ଦଳୀୟ ଟିକେଟରୁ ବାଦ୍ ପଡିବା ପରେ ଅସନ୍ତୁଷ୍ଟ କର୍ମୀ ସ୍ୱାଧୀନ ଭାବେ ଲଢ଼ିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ଦଳୀୟ ପ୍ରାର୍ଥୀଙ୍କ ବିଜୟରେ ଅସନ୍ତୁଷ୍ଟ କର୍ମୀ କଣ୍ଟା ସାଜିପାରନ୍ତି ବୋଲି ଚର୍ଚ୍ଚା ହେଉଛି।

ପୌରାଧ୍ୟକ୍ଷ ପଦ ପାଇଁ ଶେଷ ପର୍ଯ୍ୟାୟରେ ବିଜେଡି ଏକାଧିକ ଆଶାୟୀଙ୍କ ମଧ୍ୟରୁ କନକଲକ୍ଷ୍ମୀଙ୍କ ନାମରେ ମୋହର ମାରିଥିଲା। କନକଲକ୍ଷ୍ମୀ ପୂର୍ବରୁ ଥରେ କାଉନ୍‌ସିଲର ରହିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ, ମିଶନ ଶକ୍ତି, ମହିଳା ସଶକ୍ତୀକରଣ ଏବଂ ବିକାଶକୁ ସେ ମୁଦ୍ଦା କରିଛନ୍ତି। ତେବେ ଦଳୀୟ ଟିକେଟକୁ ନେଇ ଅନ୍ତଃକନ୍ଦଳ ଦେଖାଦେଇଛି। ପୂର୍ବରୁ କେତେଜଣ କାଉନ୍‌ସିଲର ପ୍ରାର୍ଥୀ ଦଳ ପକ୍ଷରୁ ଗ୍ରୀନ୍ ସିଗ୍‌ନାଲ ପାଇଥିଲେ ମଧ୍ୟ ଶେଷ ପର୍ଯ୍ୟାୟରେ ଦଳୀୟ ଟିକେଟରୁ ବଞ୍ଚିତ ହୋଇ ସ୍ୱାଧୀନ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତେବେ ଦଳ ଉପରେ ଏହାର କୌଣସି ପ୍ରଭାବ ପଡ଼ିବନି ବୋଲି ରାଜ୍ୟ ସଭା ସଦସ୍ୟ ମିଜୁବୁଲ୍ଲା ଖାନ୍ କହିଛନ୍ତି। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କହିଛନ୍ତି, ପଞ୍ଚାୟତ ପରେ ପୌର ନିର୍ବାଚନରେ ମଧ୍ୟ ଦଳ ସଫଳତା ହାସଲ କରିବ। ଦଳୀୟ ପ୍ରାର୍ଥୀ ବିରୋଧୀଙ୍କଠାରୁ ବିପୁଳ ବ୍ୟବଧାନରେ ବିଜୟୀ ହେବେ ବୋଲି ସେ କହିଛନ୍ତି। ସେହିପରି ଭାଜପାର କୁନିଲତା ଜଣେ ଦକ୍ଷ ସଙ୍ଗଠିକା ଏବଂ ନାରୀନେତ୍ରୀ ଭାବେ ପରିଚିତ। ସେ ପୂର୍ବରୁ ୩ଥର କାଉନସିଲର ସହ ଥରେ ଉପାଧ୍ୟକ୍ଷା ରହିଥିଲେ। ୨୦୧୯ ସାଧାରଣ ନିର୍ବାଚନରେ ଖୋର୍ଦ୍ଧା ନଗର ପାଇଁ ସଙ୍ଗଠନ ଦାୟିତ୍ୱରେ ରହିଥିଲେ। ଏ ନେଇ ଭାଜପା କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ରହିଛି। ଟିକେଟ ବଣ୍ଟନକୁ ନେଇ କୋର୍ କମିଟି ଗଠନ ହୋଇଥିଲେ ମଧ୍ୟ ଶେଷ ପର୍ଯ୍ୟନ୍ତ ୱାର୍ଡୱାରୀ ତାଲିକା ପ୍ରସ୍ତୁତ ହୋଇପାରି ନ ଥିଲା। ନାମାଙ୍କନର ଗୋଟିଏ ଦିନ ପୂର୍ବରୁ ତରବରିଆ ଭାବେ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଥିଲା। ଅସନ୍ତୁଷ୍ଟ କର୍ମୀ ଦଳ ପାଇଁ ଅସୁବିଧା ସୃଷ୍ଟି କରିବା ଆଶଙ୍କା ରହିଛି। ପଞ୍ଚାୟତ ନିର୍ବାଚନରେ ଭାଜପା ଭଲ ପ୍ରଦର୍ଶନ କରି ନ ଥିଲେ ମଧ୍ୟ ଭୋଟ୍ ହାର ବଢ଼ିଛି ବୋଲି ଜିଲା ସଭାପତି ରଶ୍ମି ମହାପାତ୍ର କହିଛନ୍ତି। ଅନ୍ୟପଟେ କଂଗ୍ରେସର ବିନୋଦିନୀ ଗୃହିଣୀରୁ ଚେୟାରମ୍ୟାନ ପଦ ପାଇଁ ଲଢୁଛନ୍ତି। ସହରର ବିକାଶ ଲାଗି ସେ ଆଗକୁ ଆସିଥିବା କହିଛନ୍ତି। ସ୍ୱଚ୍ଛ ଓ ସୁନ୍ଦର ସହର ଗଠନ ତାଙ୍କର ଲକ୍ଷ୍ୟ ରହିଛି। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ କୌଣସି ପ୍ରଭାବ ପଞ୍ଚାୟତ ନିର୍ବାଚନରେ ଦେଖିବାକୁ ମିଳିଲା ନାହିଁ। ତେଣୁ ବିନୋଦିନୀଙ୍କୁ ଜିତାଇବା ପାଇଁ କସରତ ଆରମ୍ଭ କରିଛି କଂଗ୍ରେସ। ଏନେଇ ନଗର ସଭାପତି ରଣଜିତ୍ ମହାପାତ୍ର କହିଛନ୍ତି, କଂଗ୍ରେସ ପ୍ରତି ଲୋକଙ୍କ ଭଲ ପାଇବା ରହିଛି। ଚଳିତ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହେବେ ବୋଲି ସେ ଆଶା କରିଛନ୍ତି।

## ନିର୍ବାଚନରୁ ଓହରିଲେ ସବନମ୍ ବିବି

ଖୋର୍ଦ୍ଧା ପୌର ନିର୍ବାଚନରେ ବିଜେଡି ପୌରାଧ୍ୟକ୍ଷ ପ୍ରାର୍ଥୀ ଚୟନକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଟିକେଟ ତାଲିକାରୁ ବାଦ୍ ପଡ଼ିବା ପରେ ଦଳୀୟ ନିଷ୍ପତ୍ତି ବିରୋଧରେ ଯାଇ ଜିଲା ଉପସଭାପତି ଦିଲୀପ ହୋତା ଏବଂ ନଗର ସଭାପତି ମହମ୍ମଦ ଆରିଫଙ୍କ ସହଧର୍ମିଣୀ ସ୍ୱାଧୀନ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଶନିବାର ଆରିଫଙ୍କ ସହଧର୍ମିଣୀ ସବନମ୍ ବିବି ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛନ୍ତି। ଖୋର୍ଦ୍ଧା ପୌର ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ଆଇ.ଗୌରବ ଶିବାଜୀଙ୍କ ନିକଟରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଲାଗି ନିବେଦନ କରିଛନ୍ତି। ପ୍ରକାଶ ଯେ, ବିଜେଡି ରାଜ୍ୟ ସଙ୍ଗଠନ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କୁ ଦୁଇଦିନ ତଳେ ଆରିଫ ଓ ସବନମ୍ ଭୁବନେଶ୍ୱରସ୍ଥିତ ବାସଭବନରେ ଭେଟିଥିଲେ। ଟିକେଟ ବଣ୍ଟନକୁ ନେଇ ଆରିଫ୍ ଅସନ୍ତୋଷ ପ୍ରକାଶ କରିଥିଲେ। ପରେ ବିଧାୟକ ଦାସ ଆରିଫଙ୍କୁ ବୁଝାଇବା ସହ ଦଳୀୟ ନିଷ୍ପତ୍ତିକୁ ଗ୍ରହଣ କରି ଦଳ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଏହି ସମୟର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏନେଇ ଆରିଫ୍ କହିଛନ୍ତି, ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ନାଁ ରହିଥିବା ବେଳେ କିପରି ଟିକେଟ କଟିଲା, ତାକୁ ନେଇ ମନରେ ଅସନ୍ତୋଷ ରହିଥିଲା। ଦଳର ଜଣେ ଶୃଙ୍ଖଳିତ କର୍ମୀଭାବେ ଦଳୀୟ ନିଷ୍ପତ୍ତିକୁ ସମ୍ମାନ ଜଣାଇ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛୁ ବୋଲି ସେ କହିଛନ୍ତି। ସେହିପରି ଦଳୀୟ ନିଷ୍ପତ୍ତିକୁ ସମ୍ମାନ ଜଣାଇ ଜିଲା ଉପସଭାପତି ଦିଲୀପ ହୋତାଙ୍କ ସହଧର୍ମିଣୀ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବେ କି ନାହିଁ, ତାହାକୁ ନେଇ ସବୁଠି ଉତ୍କଣ୍ଠା ରହିଛି।


ଉପଜିଲାପାଳ ଆଇ. ଗୌରବ ଶିବାଜୀଙ୍କୁ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଲାଗି ନିବେଦନ କରୁଛନ୍ତି।

## ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

ବୋଲଗଡ଼,୧୧।୩(ଡି.ଏନ୍.ଏ.)

ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଅବସରରେ ଶୁକ୍ରବାର ବୋଲଗଡ଼ ଅବସରପ୍ରାପ୍ତ କର୍ମଚାରୀ ଭବନଠାରେ ବଳଦୁର୍ଗ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦ ପକ୍ଷରୁ କବିତା ପାଠୋତ୍ସବ ଆୟୋଜିତ ହୋଇଯାଇଛି। ଆୟୋଜକ ଅନୁଷ୍ଠାନର ଗୋପୀନାଥ ଖାଡ଼ଙ୍ଗାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ଅଧ୍ୟାପକ ଅଶୋକ ନାୟକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ରଙ୍ଗନିଧି ବଳିୟାରସିଂହ, ଅତିଥିଭାବେ ପୂର୍ବତନ ଅଧ୍ୟାପକ ପଣ୍ଡିତ ସତ୍ୟନାରାୟଣ ରଥ, ଭାଷାପ୍ରେମୀ ଡା. ମଧୁମିତା ଷଡ଼ଙ୍ଗୀ, ଜହୁରୁଦ୍ଦିନ ଖାଁ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ସମ୍ପର୍କରେ ବିଶ୍ୱବ୍ୟାପୀ ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଗୁରୁତ୍ୱ ଦେଇଥିଲେ। ଏଥିସହ ଓଡ଼ିଆ ଭାଷାର ଶାସ୍ତ୍ରୀୟତାକୁ ପ୍ରତିପାଦନ କରିବା ପାଇଁ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କବୟିତ୍ରୀ ସରୋଜିନୀ ପାଢଶାଣୀ ଓ କବି ଗୌରଚରଣ ସାମନ୍ତ ସିଂହାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ବାଲ୍ମୀକି ବଳିୟାରସିଂହ ଧନ୍ୟବାଦ ଦେଇଥିଲେ।

## ନବନିର୍ବାଚିତ ସରପଞ୍ଚଙ୍କ ଦାୟିତ୍ୱ ଗ୍ରହଣ

ନିରାକାରପୁର/କୃଷ୍ଣପ୍ରସାଦ,୧୧।୩ (ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକର ୨୬ ପଞ୍ଚାୟତରେ ଶୁକ୍ରବାର ନବନିର୍ବାଚିତ ସରପଞ୍ଚମାନେ ପଞ୍ଚାୟତ ଗୃହରେ ପୂଜାର୍ଚ୍ଚନା କରିବା ସହିତ ବ୍ଲକରୁ ଆସିଥିବା ଅଧିକାରୀଙ୍କ ସମ୍ମୁଖରେ ସମୂହ ଶପଥପାଠ କରିଥିଲେ। ପରେ ପଞ୍ଚାୟତ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିଥିଲେ। ସେହିପରି ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ୨୧ପଞ୍ଚାୟତରେ ନୂତନଭାବେ ନିର୍ବାଚିତ ହୋଇଥିବା ସରପଞ୍ଚ, ସମିତିସଭ୍ୟମାନେ ଦାୟିତ୍ୱ ଗ୍ରହଣ କରିଛନ୍ତି। ମାଲୁଦ ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳି ଜେନା ଏବଂ ସମିତିସଭ୍ୟ ମଧୁସ୍ମିତା ପଲେଇଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ନାଏବ ସରପଞ୍ଚ ପାଇଁ ୨୧ ପଞ୍ଚାୟତରୁ ୧୬ ପଞ୍ଚାୟତରେ ନିର୍ବାଚନ ହୋଇଥିବା ବେଳେ ଗମ୍ଭାରୀରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। କୋରମ ଅଭାବରୁ କୃଷ୍ଣପ୍ରସାଦ, ମାଣିକ, ଗୋମୁଣ୍ଡିଆ ଓ ଅଲଣ୍ଡାରେ ନାଏବ ସରପଞ୍ଚ ନିର୍ବାଚନ ହୋଇପାରିନାହିଁ।


ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଶୁକ୍ରବାର ରାଜ୍ୟସ୍ତରୀୟ ନାଟକ ଉତ୍ସବ 'ରଙ୍ଗ ସଙ୍ଗମ'ରେ ପରିବେଷିତ ନାଟକ 'ଥିପ୍ ଥିପ୍ ପାଣି'ର ଏକ ଦୃଶ୍ୟ।

## ଖୋର୍ଦ୍ଧାରେ ରାଜୁ, ଟାଙ୍ଗୀରେ ଗୀତାଞ୍ଜଳି ଅଧ୍ୟକ୍ଷ ହେବା ଚର୍ଚ୍ଚା

ଖୋର୍ଦ୍ଧା ଅଫିସ,୧୧।୩

ଖୋର୍ଦ୍ଧା ଜିଲାରେ ପଞ୍ଚାୟତ ନିର୍ବାଚନ ସରିଥିବା ବେଳେ ଶନିବାର ବ୍ଲକ ଅଧ୍ୟକ୍ଷ ପ୍ରାର୍ଥୀ କିଏ ହେବ ତାକୁ ନେଇ ସମସ୍ତଙ୍କ ନଜର ରହିଛି। ତେବେ ଦଳୀୟ ନିଷ୍ପତ୍ତି ବିଧାୟକଙ୍କ ସପକ୍ଷରେ ଯିବ କିମ୍ବା ଦଳ ପୁଣି ଥରେ ପୌର ଅଧ୍ୟକ୍ଷ ଭଳି ନୂଆମୁହଁ ଦେବ ତାହାକୁ ନେଇ ଚର୍ଚ୍ଚା ହେଉଛି। ଅନ୍ୟପଟେ ଫଳାଫଳ ପ୍ରକାଶ ପରେ ଅଜ୍ଞାତବାସରେ ରହିଥିବା ପ୍ରାର୍ଥୀମାନେ ଶନିବାର ଫେରିବାର ସମ୍ଭାବନା ରହିଛି। ଖୋର୍ଦ୍ଧା ବ୍ଲକରେ ରାଜୁ ପାତ୍ର ଏବଂ ଟାଙ୍ଗୀ ବ୍ଲକରେ ଗୀତାଞ୍ଜଳି ଅଧ୍ୟକ୍ଷ ହେବା ନେଇ ଚର୍ଚ୍ଚା ଜୋର ଧରିଛି। ଜିଲାର ୧୯୦ ପଞ୍ଚାୟତରେ ଶାସକ ଦଳ ବିଜେଡି ଭଲ ପ୍ରଦର୍ଶନ କରିଛି। ବିଜେଡି ସମର୍ଥିତ ବହୁ ସରପଞ୍ଚ ଏବଂ ସମିତିସଭ୍ୟ ବିଜୟୀ ହୋଇଛନ୍ତି। ତେବେ ବିଜୟୀ ପରେ ପ୍ରାର୍ଥୀମାନେ ଅଜ୍ଞାତବାସରେ ରହିଛନ୍ତି। ଦଳୀୟ ବିଧାୟକମାନେ ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ଚେୟାରମ୍ୟାନ ଆସନରେ ବସାଇବା ପାଇଁ ରଣନୀତି ପ୍ରସ୍ତୁତି କରୁଥିବା ବେଳେ ଦଳ କାହାକୁ ମୋହର ମାରିବ ତାହାକୁ ନେଇ ଆଲୋଚନା ହେଉଛି।

## ୨୨ ଦୋକାନରେ ଚଢ଼ାଉ

କାକଟପୁର,୧୧।୩(ଡି.ଏନ୍.ଏ.)

କାକଟପୁର ବ୍ଲକ ଅଞ୍ଚଳରେ ଖାଉଟିଙ୍କଠାରୁ ଲିଟର ପିଛା ଖାଇବା ତେଲ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ନେଉଥିବା ଅଭିଯୋଗ ହୋଇଆସୁଥିଲା। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଯୋଗାଣ ବିଭାଗ ପକ୍ଷରୁ ବ୍ଲକର ବିଭିନ୍ନ ଅଞ୍ଚଳର ପ୍ରାୟ ୨୨ରୁ ଉର୍ଦ୍ଧ୍ୱ ଦୋକାନୀଙ୍କ ଉପରେ ଶୁକ୍ରବାର ଚଢ଼ାଉ କରାଯାଇଛି। ପ୍ରକାଶ ଯେ, ୟୁକ୍ରେନ-ରୁଷିଆ ଯୁଦ୍ଧ ପରିସ୍ଥିତିରେ ଫାଇଦା ଉଠାଇ କେତେକ ବ୍ୟବସାୟୀ ଖାଇବା ତେଲର ଦର ମନଇଚ୍ଛା ବଢାଇଥିଲେ। ଏହାକୁ ନେଇ ଖାଉଟି ହନ୍ତସନ୍ତ ହେବା ପରେ ଯୋଗାଣ ବିଭାଗର ଦ୍ୱାରସ୍ଥ ହୋଇଥିଲେ। ଫଳରେ ବ୍ଲକ ଯୋଗାଣ ନିରୀକ୍ଷକ ସୁଧାକର ମଲ୍ଲିକ ଟିମ୍ ସହ ଓଥକା, କୁଣ୍ଢେଇ, ଅଚ୍ଛୁଣିଆପାଟଣା, ବାଙ୍ଗୁରୀଗାଁ ଓ କାକଟପୁର ଅଞ୍ଚଳର ବିଭିନ୍ନ ରାଶନ ଦୋକାନ ଉପରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ଦୋକାନର ଜିନିଷ ଯାଞ୍ଚ କରିବା ସହ ସମସ୍ତ ସାମଗ୍ରୀର ଦର ସୂଚୀ ଦୋକାନ ସମ୍ମୁଖରେ ଲଗାଇବାକୁ କହିଥିଲେ। ଏମ୍‌ଆର୍‌ପି ଦରଠାରୁ ଅଧିକ ଦରରେ ବିକ୍ରି କରୁଥିବା ତାଗିଦ୍ କରିଥିଲେ।

## ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ



ନିରାକାରପୁର,୧୧।୩(ଡି.ଏନ୍.ଏ.)

ଟାଙ୍ଗୀ ବ୍ଲକ ନିରାକାରପୁର ଥାନା ଅନ୍ତର୍ଗତ ଲେଣ୍ଡୋ ପଞ୍ଚାୟତରେ ଶୁକ୍ରବାର ନାଏବ ସରପଞ୍ଚ ନିର୍ବାଚନକୁ କେତେଜଣ ଗ୍ରାମବାସୀ ବିରୋଧ କରିବାରୁ ନିର୍ବାଚନ ବାତିଲ ହୋଇଛି। ଏହି ପଞ୍ଚାୟତ ଅନ୍ତର୍ଗତ ୧୧ନଂ. ଓାର୍ଡ ଆରେଡି ଗ୍ରାମର ସୌଭାଗ୍ୟ ପାଇକରାୟଙ୍କୁ ଫେବୃୟାରୀ ୨୮ରେ ଭୋଟ ଗଣତି ସମୟରେ ବିଭାଗୀୟ ଅଧିକାରୀ ଓାର୍ଡସଭ୍ୟ ଭାବେ ଘୋଷଣା କରିଥିଲେ। ତେବେ ସରକାରୀ ବିଜ୍ଞପ୍ତି ଅନୁସାରେ ସେ ପରାଜିତ ହୋଇଥିବା ଜଣାପଡ଼ିଥିଲା। ଏନେଇ ସୌଭାଗ୍ୟ ଗୁରୁବାର ଟାଙ୍ଗୀ ବିଡିଓ ଐଶ୍ୱର୍ଯ୍ୟା ସାମନ୍ତରାୟଙ୍କୁ ଭେଟି ଅଭିଯୋଗ କରିଥିଲେ। କୌଣସି ନ୍ୟାୟ ନ ମିଳିବାରୁ ସୌଭାଗ୍ୟଙ୍କ ସହ ସମର୍ଥକମାନେ ନ୍ୟାୟ ପାଇଁ ଶୁକ୍ରବାର ନାଏବ ସରପଞ୍ଚ ନିର୍ବାଚନ ହେବାକୁ ଥିବା ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ। ଖବରପାଇ ଟାଙ୍ଗୀ ଅତିରିକ୍ତ ତହସିଲଦାର ଶରତ କୁମାର ଦେହୁରି, ସ୍ଥାନୀୟ ଥାନା ଅଧିକାରୀ ଗୀତାଞ୍ଜଳି ନାୟକ ପ୍ରମୁଖ ପହଞ୍ଚି ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ନିର୍ବାଚନ କମିଶନଙ୍କ ନିୟମ ଅନୁସାରେ ସମୟ ଅତିକ୍ରମ ହୋଇଯାଇ ଥିବାରୁ ନିର୍ବାଚନ ବାତିଲ ହୋଇଥିଲା।

## ବଟି ମାଗି ୨ ଗିରଫ

**ପୁରୀ ଅଫିସ ୧୧।୩:** ବଟି ଆଦାୟ କରିବା ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ମାର୍କଣ୍ଡେଶ୍ୱର ସାହି ଅଲେଇସାହିର ହରିଶଙ୍କର କାନୁନଗୋ ଓରଫ ନନ୍ନୁ। ସୂଚନାନୁଯାୟୀ, ନନ୍ନୁ ତାଙ୍କ ଦୁଇ ସହଯୋଗୀଙ୍କ ସହ ଆସି ଅଟୋ ଚାଳକ ସମୀର ତରାଇଙ୍କୁ ବଟି ମାଗିଥିଲେ। ଏ ନେଇ ସମୀରଙ୍କ ସ୍ତ୍ରୀ ବୁଧବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରି ଅଭିଯୁକ୍ତ ନନ୍ନୁଙ୍କୁ ଶୁକ୍ରବାର ଗିରଫ କରିଛି। ସେହିପରି ବଳିଆପଣ୍ଡା ଥାନା ପୋଲିସ ଦାଦାବଟି ଆଦାୟ ଅଭିଯୋଗରେ ଫେରାର ଥିବା ଗୋଛିକାର ସାହିର ନାରାୟଣ ଖୁଣ୍ଟିଆଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ଦୁଇଟି ମୋବାଇଲ ଜବତ କରିଛି। କେସ ନଂ. ୨୪/୨୨ ରୁଜୁ ହୋଇଛି। ଗତ ମାସ ୨୬ ତାରିଖରେ ବିରଳା ଛକ ନିକଟରେ ୫ଜଣ ଅପରାଧୀଙ୍କୁ ପୋଲିସ ଗିରଫ କରିଥିଲା। ତେବେ ନାରାୟଣ ଫେରାର ହୋଇଯାଇଥିଲେ।

# ୨୯ ନାଏବ ସରପଞ୍ଚ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ବେଗୁନିଆ/ବୋଲଗଡ, ୧୧।୩(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର ୨୧ଟି ପଞ୍ଚାୟତରୁ ୨୦ପଞ୍ଚାୟତର ନିର୍ବାଚିତ ନାଏବ ସରପଞ୍ଚ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଦେଉଳି ପଞ୍ଚାୟତ ପାଇଁ କୋରମ ଅଭାବରୁ ନିର୍ବାଚନ ସ୍ଥଗିତ ରହିଛି। ଦିନ ଧାର୍ଯ୍ୟ ପରେ ଭୋଟ ହେବ ବୋଲି ବ୍ଲକ ନିର୍ବାଚନ ଅଧିକାରୀ ଲକ୍ଷ୍ମୀଧର ସାହୁ କହିଛନ୍ତି। ବାଘମାରୀ, ଡିଙ୍ଗର ଓ ସାରୁଅ ପଞ୍ଚାୟତରେ ଏହି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ବେଳେ ଅନ୍ୟ ୧୭ପଞ୍ଚାୟତରେ ନିର୍ଦ୍ୱନ୍ଦ୍ୱରେ ପ୍ରାର୍ଥୀମାନେ ନିର୍ବାଚିତ ହୋଇଛନ୍ତି। ବଡ଼ବେରଣାରୁ ମିନତୀ ପଣ୍ଡା, ବେଗୁନିଆରୁ ସବିତା ମହାପାତ୍ର, ବୋତଳମାରୁ ସୁପ୍ରଭା ସୁନ୍ଦରାୟ, ଦୁର୍ଗାପୁରରୁ ଟିଙ୍କିନା ରାଉତରାୟ, ଗଡ଼ମାଣତୀର ସୁନିତା ମହାରଣା, ଗୋବିନ୍ଦପୁରରୁ ସନ୍ତୋଷ ସାମନ୍ତରା, ହଜରୁ ବିଦ୍ୟାଧର ସାହୁ, ହିରାପୁରରେ ସୂର୍ଯ୍ୟକାନ୍ତ ବେହେରା, କଣ୍ଟାବାଡ଼ରେ କୁଞ୍ଜବିହାରୀ ମହାପାତ୍ର, କୁଞ୍ଜୁରିରେ ଦୁଃଖିଶ୍ୟାମ ଦଳେଇ, ପଙ୍ଗାରସିଂହରେ ନିରଞ୍ଜନ ଚମ୍ପତି, ପୋଡାଡିହରେ ଅଜୟ କୁମାର ଲେଙ୍କା, ରାଧାକାନ୍ତପୁରରେ ସଚିଲତା ସାହୁ, ରାଉତପଡାରେ ସନ୍ଦିପ ବେହେରା, ଶଗଡଭଙ୍ଗାରେ ରାଧାମୋହନ ମହାନ୍ତି, ସିକୋରେ ସୁଶାନ୍ତ ରାଉତରାୟ, ସିମୋରରେ ଉଷାମଣି ମାର୍ଥା, ବାଘମାରୀ ବବିତା ସାମନ୍ତ, ଡିଙ୍ଗର ବନିତା ବେହେରା ଏବଂ ସାରୁଅରେ ଦେବାଶିଷ ଦଳେଇ ନିର୍ବାଚିତ ହୋଇଛନ୍ତି।

ବୋଲଗଡ଼ ବ୍ଲକର ୧୯ପଞ୍ଚାୟତରୁ ୧୮ ପଞ୍ଚାୟତର ନିର୍ବାଚିତ ନାଏବ ସରପଞ୍ଚ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ତେବେ କଳାଙ୍ଗ ପଞ୍ଚାୟତ ପାଇଁ କୋରମ ଅଭାବରୁ ନିର୍ବାଚନ ହୋଇପାରି ନାହିଁ। ୧୨ ପଞ୍ଚାୟତରେ ନିର୍ଦ୍ୱନ୍ଦ୍ୱର ନାଏବ ସରପଞ୍ଚ ନିର୍ବାଚିତ ହୋଇଥିବା ବେଳେ ୬ ପଞ୍ଚାୟତରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଅସରଳାଦଳ ପଞ୍ଚାୟତରେ ଶ୍ରୀନିବାସ ସ୍ୱାଇଁ, ଆରିକିମାରେ ସୁବାସିନି ଯତି, ବାଙ୍କୋଇଦେଶରେ ବୀରକିଶୋର ପରିଡ଼ା, ବୋଲଗଡ଼ରେ କିଶୋର ଚନ୍ଦ୍ର ଛୋଟରାୟ, ଡାବରଧୁଆପାଟଣାରେ ମନ୍ଦାକିନୀ ଦଳାଇ, ବଡ଼କୁମାରୀରେ ପ୍ରତିମା ପରିଡ଼ା, ଦଳେଇସାହି ସୁଶାନ୍ତ କୁମାର ପ୍ରଧାନ, ଧଳାପଥରରେ ଜୋସ୍ନାରାଣୀ ଦେଉରି, ଫାଶୀଓଦାରେ ସୁଧାକର ବେହେରା, ଗେଡିଆପଲ୍ଲୀ ଲକ୍ଷ୍ମୀଧର ସ୍ୱାଇଁ, ଗୋପାଳପୁର ସୀତା ରାଉତ, କଡ଼ବ ବାସନ୍ତୀ ସାହୁ , ଖଗୁରିଆ ସୁକୁମାରୀ ସୁବୁଦ୍ଧି , ମାଣିବନ୍ଧ ବିଷ୍ଣୁପ୍ରିୟା ସାହୁ ,ପାଟପୁର ଶାସନ ସୁଶାନ୍ତ ସାହୁ, ପିତୁକୁଳି ରାକେଶ ଛୁଆଳ ସିଂହ, ସାଗରଗୁଆଁ ଆଲୋକ ପ୍ରଧାନ ଓ ସାନପଦରରେ ସୁଜାତା ପାଲଟାସିଂହ ନାଏବ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି।

## ଶାସ୍ତ୍ରୀୟ ଓଡ଼ିଆ ଭାଷାର ଭିତ୍ତିଭୂମି ପରମ୍ପରା ଉପରେ ପର୍ଯ୍ୟବସିତ

ଖୋର୍ଦ୍ଧା ଅଫିସ,୧୧।୩

ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଅବସରରେ ଖୋରଧା ସାହିତ୍ୟ ସଂସଦ ଶ୍ରୀରାମନଗରସ୍ଥିତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ସାରସ୍ୱତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷାର ଉତ୍ପତ୍ତି, ବିବର୍ତ୍ତନ, କ୍ରମବିକାଶ ଓ ସାମ୍ପ୍ରତିକ ଓଡ଼ିଆ ଭାଷାର ସ୍ଥିତି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ସଂସଦ ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ଅଧ୍ୟକ୍ଷତା କରିଥିଲେ। ପ୍ରଫେସର ନାରାୟଣ ରାଓ ମୁଖ୍ୟଅତିଥି, ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ସସ୍ମିତା ପଟ୍ଟନାୟକ, ଶିକ୍ଷାବିତ୍ ଭୀମସେନ ପ୍ରଧାନ, ଖୋର୍ଦ୍ଧା ବାର୍ ଆସୋସିଏଶନ ସଭାପତି ଅଜିତ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଇତିହାସକୁ ଅବଲୋକନ କଲେ ଐତିହ୍ୟ, ଖ୍ରୀ.ପୂ. ତୃତୀୟ ଶତାବ୍ଦୀର ଧଉଳି ଶିଳାନୁଶାସନ, ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖ, ଷଷ୍ଠ ଶତାବ୍ଦୀରେ ଶିଳାଲେଖ ତାମ୍ରଲେଖ, ପରିବ୍ରାଜକ ହୁଏନ୍‌ସାଙ୍ଗ ଭ୍ରମଣଲେଖା, ଖୋରଧା ରାଜବଂଶକାଳୀନ ଶିଳାଲେଖ, ତାମ୍ରଶାସନ, ମାଦଳା ପାଞ୍ଜି, ଶିଶୁ ଅନନ୍ତଙ୍କ ରଚନାବଳୀଠାରୁ ଆରମ୍ଭ କରି ଗୋଦାବରୀଶ, କୁନ୍ତଳା କୁମାରୀ, ସଚ୍ଚି ରାଉତରାୟଙ୍କ ପର୍ଯ୍ୟନ୍ତ ବଳିଷ୍ଠ ପରମ୍ପରାର ଭିତ୍ତିଭୂମି ଉପରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ସୁପ୍ରତିଷ୍ଠିତ ବୋଲି ମୁଖ୍ୟଅତିଥି ରାଓ ଏବଂ ଅଧ୍ୟକ୍ଷତା ଭାଷଣରେ ଦାସ କହିଥିଲେ। ଗବେଷକ ଲକ୍ଷ୍ମୀଧର ବଡ଼ଜେନା, ଆଇନଜୀବୀ ବିଜୟ ସାମନ୍ତସିଂହାର, କଥାକାର ତପନ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନୀଳାଦ୍ରିନାଥ ଜଗଦେବ, ଜ୍ୟୋତିପ୍ରଭା ପଟ୍ଟନାୟକ ପ୍ରମୁଖ କବିତା ପାଠ କରିଥିଲେ। ପୂର୍ବତନ ଅଧ୍ୟକ୍ଷ ଡ. ବୃନ୍ଦାବନ ପଣ୍ଡା ଧନ୍ୟବାଦ ଦେଇଥିଲେ।



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# 'ଖୋର୍ଦ୍ଧା ଉନ୍ନୟନ କର୍ତ୍ତୃପକ୍ଷ ଗଠନ ହେଉ'

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର**

ଖୋର୍ଦ୍ଧା ଅଫିସ,୧୧।୩

ଖୋର୍ଦ୍ଧାରେ ସ୍ୱତନ୍ତ୍ର ଭାବେ ଖୋର୍ଦ୍ଧା ଉନ୍ନୟନ କର୍ତ୍ତୃପକ୍ଷ ଘୋଷଣା କରିବା ଦାବିରେ ଶୁକ୍ରବାର ସହରର ଏକାଧିକ ବୁଦ୍ଧିଜୀବୀ, ଶିକ୍ଷାବିତ୍, ଆଇନଜୀବୀ, ସାମାଜିକ କର୍ମୀ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏପ୍ରିଲ ୧୯୯୩ରେ ଖୋର୍ଦ୍ଧା ଜିଲା ଗଠନ ହୋଇଥିଲା। ଜିଲା ଗଠନ ହେବାର ୨୮ବର୍ଷ ବିତିଥିଲେ ମଧ୍ୟ ଖୋର୍ଦ୍ଧା ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧୀନରେ ରହିଛି। ଖୋର୍ଦ୍ଧାରେ ଜିଲାପାଳଙ୍କ କାର୍ଯ୍ୟାଳୟ ଥିବା ସତ୍ତ୍ୱେ ଅନେକ ଜିଲା ସ୍ତରୀୟ କାର୍ଯ୍ୟାଳୟ ମୁଖ୍ୟାଳୟ ଭୁବନେଶ୍ୱରରେ ରହିଛି। ଖୋର୍ଦ୍ଧାର ସମସ୍ତ ଘରବାଡ଼ି, ବାଣିଜ୍ୟକ ପ୍ରତିଷ୍ଠାନର ଖସଡ଼ା ପାଇଁ ବିଡିଏ ଉପରେ ନିର୍ଭର କରିବାକୁ ପଡୁଛି। କୌଣସି ଏକ ପ୍ଲାନ ଅନୁମୋଦନ ପାଇଁ ଦୀର୍ଘଦିନ ବିଡିଏ କାର୍ଯ୍ୟାଳୟକୁ ଦୌଡିବାକୁ ପଡୁଛି। ପ୍ରତି ଜିଲାରେ ହେଡକ୍ୱାଟରରେ ଉନ୍ନୟନ କର୍ତ୍ତୃପକ୍ଷ ରହିଛି। ପୁରୀ ପାଇଁ ପୁରୀ-କେଣାର୍କ ପିଡିସିଏ, କଟକ ପାଇଁ ସିଡିଏ, ବ୍ରହ୍ମପୁର ପାଇଁ ବିଡିଏ ରହିଥିବା ବେଳେ ଖୋର୍ଦ୍ଧା ଓ ଭୁବନେଶ୍ୱର ପାଇଁ ବିଡିଏ ରହିଛି। ଐତିହ୍ୟ ସମ୍ପନ୍ନ ଖୋର୍ଦ୍ଧା ସହର, ଗଡଖୋର୍ଦ୍ଧା ପାଇଁ ଏହାର ପ୍ରସିଦ୍ଧି ରହିଛି। ପ୍ରାକୃତିକ ସମ୍ପଦ ଓ ସବୁଜିମାର ଭରପୁର, ଆକର୍ଷଣୀୟ ପର୍ଯ୍ୟଟନ କ୍ଷେତ୍ର ସତ୍ତ୍ୱେ ଖୋର୍ଦ୍ଧା ସବୁଠୁ ପଛରେ ରହିଛି। କ୍ୟାବିନ ମୁକ୍ତ ପାଇଁ ପ୍ରସ୍ତାବିତ ମାର୍କେଟ କମ୍ପ୍ଲେକ୍ସ ବିଡିଏ ସରକାରୀ ନାଲି ଫିତା ତଳେ ଚାପି ରହିଛି। ଖୋର୍ଦ୍ଧାର ସର୍ବାଙ୍ଗୀନ ବିକାଶ ଲାଗି ଖୋର୍ଦ୍ଧାକୁ ଭୁବନେଶ୍ୱର ଠାରୁ ଅଲଗା କରାଯାଇ ସ୍ୱତନ୍ତ୍ର ଖୋର୍ଦ୍ଧା ଉନ୍ନୟନ କର୍ତ୍ତୃପକ୍ଷ ଗଠନ କରାଯାଉ। ଏହା ଅଧୀନରେ ଖୋର୍ଦ୍ଧାର ସହରର ଉତ୍ତର ଦିଗରେ ହଳଦିଆ, ଦକ୍ଷିଣରେ କାଇପଦର, ପୂର୍ବରେ ପିତାପଲ୍ଲୀ ଏବଂ ବଡତୋଟା, ସାରୁଅ ପର୍ଯ୍ୟନ୍ତ ଥିବା ଅଞ୍ଚଳକୁ ଅନ୍ତର୍ଭୁକ୍ତ କରାଯାଇ ଖୋର୍ଦ୍ଧା ଉନ୍ନୟନ କର୍ତ୍ତୃପକ୍ଷର ସ୍ୱତନ୍ତ୍ର ମାନଚିତ୍ର ପ୍ରସ୍ତୁତ ସହ ଖୋର୍ଦ୍ଧା ଠାରେ ସ୍ୱତନ୍ତ୍ର କାର୍ଯ୍ୟାଳୟ ସ୍ଥାପନା ଲାଗି ଦାବି ହୋଇଛି। ବରିଷ୍ଠ ଆଇନଜୀବୀ ସତ୍ୟରଞ୍ଜନ ଲାଲା, ଆଇନଜୀବୀ ପ୍ରଫୁଲ୍ଲ କୁମାର ଦାସ, ଲୋକନାଥ ପଟ୍ଟନାୟକ, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ପ୍ରଫେସର ନାରାୟଣ ରାଓ, ସାମାଜିକ କର୍ମୀ ଅମିତ ବକ୍ସ, ସୁରଜ ଖାନ, ପ୍ରଭାତ ମିଶ୍ରଙ୍କ ସମେତ ଅନେକ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଦାବି କରିଛନ୍ତି।


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଆଇନଜୀବୀ ଓ ଅନ୍ୟମାନେ।

**ଗାଡ଼ି ଶୋ'ରୁମ୍‌ରେ ଅଗ୍ନିକାଣ୍ଡ**

**ବାଙ୍କୀ,(ସ୍ୱ.ପ୍ର.):** ବାଙ୍କୀ ଟାଉନସ୍ଥ ରେଣୁକା ନଦୀ ନିକଟରେ ଅବସ୍ଥିତ ଅନ୍ନପୂର୍ଣ୍ଣା ମୋଟର୍ସରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟି ୮ଟି ୟାମା ସ୍କୁଟି ଜଳିଯାଇଛି। ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ କୌଣସି ଜିନିଷ ଉଦ୍ଧାର ହୋଇ ପାରି ନ ଥିଲା। ଶୋ'ରୁମ୍ ମାଲିକ ନୀଳମଣି ମହାପାତ୍ର ରାତି ୧୦ଟାରେ ଶୋ' ରୁମ୍ ବନ୍ଦ କରି ଆସିଥିଲେ। ତେବେ ସେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିଥିବାରୁ ଏହା ଶର୍ଟ ସର୍କିଟ୍ ଯୋଗୁ ହୋଇ ନ ଥିବା ଅନୁମାନ କରିଛନ୍ତି। ସେ ଏ ସମ୍ପର୍କରେ ବାଙ୍କୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ନୀଳମଣି ଏବଂ ତାଙ୍କ ସ୍ତ୍ରୀ ସରୋଜିନୀ ଏନ୍ଏସି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ତେଣୁ ରାଜନୈତିକ ପ୍ରତିଶୋଧ ପରାୟଣ ହୋଇ କେହି ଏଭଳି ଘଟଣା ଘଟାଇ ପାରିଥାନ୍ତି ବୋଲି ଆଲୋଚନା ହେଉଛି।

## ସଂକ୍ଷେପରେ

### ୬ ଦଫା ଦାବି ନେଇ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**କଟକ ଅଫିସ,୧୧।୩:** ୬ ଦଫା ଦାବି ନେଇ ଭାରତୀୟ ମଜଦୁର ସଂଘ ପକ୍ଷରୁ କଟକ ପୁରୁଣା ସେକ୍ରେଟେରିଏଟ୍‌ସ୍ଥିତ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଧାରଣା ଦିଆଯାଇଥିଲା। ପରେ ସଂଘ ପକ୍ଷରୁ ୬ ଦଫା ସମ୍ବଳିତ ଦାବିପତ୍ର ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ଜରିଆରେ ଶ୍ରମ ଆୟୁକ୍ତଙ୍କୁ ପ୍ରଦାନ କରାଯାଇଥିଲା। ବନ୍ଦ ରହିଥିବା କାରଖାନାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ବିଭିନ୍ନ ଖଣି ଓ କାରଖାନାରେ ବନ୍ଦ କରାଯାଇଥିବା ଗୋପନୀୟ ମତଦାନ (ସିକ୍ରେଟ୍ ବାଲଟ୍) କାର୍ଯ୍ୟକାରୀ କରାଯିବା, ଶ୍ରମ ବିଭାଗରେ ଖାଲି ପଡ଼ିଥିବା ପଦବୀଗୁଡ଼ିକ ପୂରଣ କରାଯିବା, ଦୀର୍ଘଦିନରୁ ଜିଲା ଶ୍ରମ କାର୍ଯ୍ୟାଳୟରେ ପଡ଼ିରହିଥିବା ନିର୍ମାଣ ଶ୍ରମିକଙ୍କ ସହାୟତା ରାଶି ଓ ନୂତନ ପଞ୍ଜୀକରଣକୁ କାର୍ଯ୍ୟକାରୀ କରାଯିବା ଭଳି ଦାବି ରହିଛି। ଏହି ଧାରଣାରେ ଭାରତୀୟ ମଜଦୁର ସଂଘ ରାଜ୍ୟ ଡେପୁଟି ଜେନେରାଲ୍ ସେକ୍ରେଟାରି ଶାନ୍ତନୁ ମହାପାତ୍ର, ଶ୍ରମିକ ନେତା ବସନ୍ତ ସାହୁ, ଅକ୍ଷୟ କୁମାର ଦାସ, ପ୍ରଶାନ୍ତ ତ୍ରିପାଠୀ, ଭାଗୀରଥି ବେହେରା, ଗୌରାଙ୍ଗ ଚରଣ ରଥ, ଅଶୋକ ସ୍ୱାଇଁ, କୋଷାଧକ୍ଷ ସନ୍ତୋଷ ଭୂୟାଁ ପ୍ରମୁଖ ସାମିଲ ହୋଇଥିଲେ।

### ଜିଲାପାଳଙ୍କ ପୌର ନିର୍ବାଚନ କାର୍ଯ୍ୟ ସମୀକ୍ଷା



**ବାଙ୍କୀ,୧୧।୩ (ସ୍ୱ.ପ୍ର.):** କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ବାଙ୍କୀ ଗସ୍ତରେ ଶୁକ୍ରବାର ଆସି ଆସନ୍ତା ୨୪ତାରିଖରେ ହେବାକୁ ଥିବା ପୌର ନିର୍ବାଚନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଥମେ ଜିଲାପାଳ ଚୟନୀ ବାଙ୍କୀ ଏନ୍ଏସି କାର୍ଯ୍ୟାଳୟକୁ ଯାଇ ୧୭ ଟି ୱାର୍ଡରେ ହେବାକୁ ଥିବା କାଉନସିଲର ଓ ଅଧକ୍ଷ ନିର୍ବାଚନ ସମ୍ପର୍କରେ ନିର୍ବାଚନ ଅଧିକାରୀ ତଥା ତହସିଲଦାର ସତ୍ୟରଞ୍ଜନ ପଣ୍ଡା, ଉପଜିଲାପାଳ ରଞ୍ଜନ କୁମାର ଜେନା, କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗେଶ୍ୱର ନାୟକଙ୍କ ସହ ଆଲୋଚନା କରିଥିଲେ। ନିର୍ବାଚନ କିପରି ଅବାଧ ନିରପେକ୍ଷ ଓ ଭୟମୁକ୍ତ ଭାବେ କରାଯାଇପାରିବ ସେ ସମ୍ପର୍କରେ ପଚାରି ବୁଝି ଥିଲେ। ଆଦର୍ଶ ଓ ପିଙ୍କ୍ ବୁଥ୍ ଚିହ୍ନଟ କରିବା ସହ କୋଭିଡ୍ କଟକଣାରେ ପ୍ରତ୍ୟେକ ୧୮ଟି ବୁଥ୍‌ରେ ନିର୍ବାଚନ କରାଯିବାକୁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳ ନିର୍ବାଚନ ପରେ ଚର୍ଚ୍ଚିକା ୟୁଜିଏମ୍ଇ ସ୍କୁଲଠାରେ ଭୋଟ ବାକ୍ସ ଲାଗି ହୋଇଥିବା ଷ୍ଟ୍ରଙ୍ଗ୍‌ରୁମ୍ ପରିଦର୍ଶନ କରିଥିଲେ। ତାହାର ସ୍ଥିତି ଜିଲାପାଳ ପରଖିବା ସହ ସେଠାରେ ଇଭିଏମ୍ ଦ୍ୱାରା କିପରି ଠିକ୍ ଭାବେ ଗଣତି ହୋଇପାରିବ ସମ୍ପର୍କରେ ଆଲୋଚନା କରିଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟ ଘେରିଲେ ୱାର୍ଡବାସୀ

**ସାଲେପୁର,୧୧।୩(ଡି.ଏନ.ଏ.)**

ସାଲେପୁର ବ୍ଲକ୍ ପ୍ରଶାସନ ପକ୍ଷରୁ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଭୋଟ ଗଣତି ଖାମଖିଆଲି ଭାବେ କରାଯାଇଥିବା ଶିଶୁଆ ପଞ୍ଚାୟତର ୭ ନମ୍ବର ୱାର୍ଡବାସୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ସେମାନେ ୮ ତାରିଖରେ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବିଡିଓ ରାଜୀବ ଦାସ ପହଞ୍ଚି ଦୁଇ ଦିନ ମଧ୍ୟରେ ସମସ୍ୟା ସମାଧାନ ଉଦ୍ୟମ କରାଯିବ ବୋଲି କହିଥିଲେ। ହେଲେ ୱାର୍ଡବାସୀଙ୍କ ଅଭିଯୋଗର ସୁଫଳ ନ ମିଳିବାରୁ ସେମାନେ ଶୁକ୍ରବାର ଶିଶୁଆ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

ବିଡିଓ ପହଞ୍ଚି କହିଥିଲେ, ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। ତେଣୁ କିଛି କରିବାର ଉପାୟ ନାହିଁ। ସେ କୋର୍ଟଙ୍କ ନିର୍ଦ୍ଦେଶର ସମସ୍ତ ସହଯୋଗ କରିବେ ବୋଲି ଲିଖିତ ଭାବେ ଆନ୍ଦୋଳନକାରୀଙ୍କୁ ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସାଲେପୁର ତହସିଲଦାର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଏସଡିପିଓ ବିମଳ ଲୋଚନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।



ୱାର୍ଡବାସୀ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଛନ୍ତି।

**ବିଜୟୀ ୱାର୍ଡ ସଭ୍ୟଙ୍କୁ ପରାଜୟ ଘୋଷଣା ପ୍ରସଙ୍ଗ**

ଧାରଣା ପ୍ରତ୍ୟାହୃତ ପରେ ନାଏବ ସରପଞ୍ଚ ନିର୍ବାଚନ ହୋଇଥିଲା। ହେଲେ ସେଠାରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ଓ ୱାର୍ଡବାସୀ ବିଡିଓଙ୍କୁ ନାଏବ ସରପଞ୍ଚ ନିର୍ବାଚନର ସମୟ ଅବଧି ସମ୍ପର୍କରେ ପ୍ରଶ୍ନ କରିବାରୁ ବିଡିଓ ଏହାକୁ ଏଡାଇ ଦେଇଥିଲେ। ପରବର୍ତ୍ତୀ ସମୟରେ ବିଡିଓ ନାଏବ ସରପଞ୍ଚ ନିର୍ବାଚନ ସ୍ଥଗିତ ରହିଲା ବୋଲି ଜୟଦେବଙ୍କୁ ସୂଚନା ଦେଇଥିଲେ। ଶିଶୁଆର ନବ ନିର୍ବାଚିତ ସରପଞ୍ଚ ପ୍ରତିମା ସାହୁ ଶପଥ ପାଠ କରିବା ସହିତ ଦାୟିତ୍ୱ ଗ୍ରହଣ କରିଥିଲେ। ଏଥିରେ ୱାର୍ଡ ସଭ୍ୟସଭ୍ୟା ଉପସ୍ଥିତ ଥିଲେ।

ଆନ୍ଦୋଳନକାରୀଙ୍କ ଅଭିଯୋଗ ମୁତାବକ, ଶିଶୁଆ ପଞ୍ଚାୟତ ୭ ନମ୍ବର ୱାର୍ଡରୁ ଜୟଦେବ ରାଉତ ୱାର୍ଡସଭ୍ୟ ପ୍ରାର୍ଥୀ ଭାବେ ନିର୍ବାଚନ ଲଢିଥିଲେ। ଭୋଟ ଗଣତି କେନ୍ଦ୍ରରେ ଜୟଦେବ ୧୯୧ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱି ଜଗନ୍ନାଥ ବେହେରା ୮୨ ଖଣ୍ଡ ଭୋଟ ପାଇଥିଲେ। କେନ୍ଦ୍ରରେ ଉପସ୍ଥିତ ଥିବା ୱାର୍ଡସଭ୍ୟ ପ୍ରାର୍ଥୀ ଜୟଦେବ ଏହା ଦେଖିଥିଲେ। ପରେ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ସହାୟତାରେ ସେ ବିଜୟୀ ହୋଇଥିବା ଘୋଷଣା କରାଯାଇଥିଲା। କିନ୍ତୁ ବ୍ଲକ୍ ପ୍ରଶାସନ ପକ୍ଷରୁ ୭ ତାରିଖରେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିବା ବିଜୟୀ ପ୍ରାର୍ଥୀଙ୍କ ତାଲିକାରେ ଜୟଦେବଙ୍କ ପରିବର୍ତ୍ତେ ପରାଜିତ ପ୍ରାର୍ଥୀ ଜଗନ୍ନାଥଙ୍କ ନାମ ରହିଛି। ଏକଥା ଜଣାପଡ଼ିବା ପରେ ୱାର୍ଡବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

# ପଞ୍ଚାୟତ ପାଇଲା ନୂଆ ନାଏବ ସରପଞ୍ଚ

**ଫୁଲନଖରା,୧୧।୩(ଡି.ଏନ୍.ଏ.)**

କଟକ ସଦର ବ୍ଲକ ଆମଣ ପଞ୍ଚାୟତର ନାଏବ ସରପଞ୍ଚ ଭାବେ ବିଦ୍ୟୁଲତା ରାଉତରାୟ ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ଆମଣ ପଞ୍ଚାୟତ ପରିସରରେ ନାଏବ ସରପଞ୍ଚ ପାଇଁ ନିର୍ବାଚନ ହୋଇଥିଲା। ଏଥିପାଇଁ ୮ନମ୍ବର ୱାର୍ଡର ୱାର୍ଡ ମେମ୍ବର ବିଦ୍ୟୁଲତା ରାଉତରାୟ ଓ ୩ ନମ୍ବର ୱାର୍ଡର ୱାର୍ଡ ମେମ୍ବର ବନମାଳୀ ଭୋଇ ପ୍ରାର୍ଥୀ ହୋଇଥିଲେ। ବିଦ୍ୟୁଲତାଙ୍କୁ ୧୧ ଖଣ୍ଡ ଓ ବନମାଳୀଙ୍କୁ ୨ ଖଣ୍ଡ ଭୋଟ ମିଳିଥିଲା। ପରେ ନାଏବ ସରପଞ୍ଚ ଭାବେ ବିଦ୍ୟୁଲତା ଓ ସରପଞ୍ଚ ଭାବେ ମାନସୀ ପୃଷ୍ଟି ଦାୟିତ୍ୱ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଶିବ ଚରଣ ପୃଷ୍ଟି, ସାମାଜିକ କର୍ମୀ ଆଲୋକ ଚନ୍ଦ୍ର ମହାନ୍ତି, ଶିବୁ ମଙ୍ଗରାଜ, ରମାକାନ୍ତ ସେଠୀ, ବିଶ୍ୱରଞ୍ଜନ ରାଉତରାୟଙ୍କ ସମେତ ସମସ୍ତ ୱାର୍ଡମେମ୍ବର ଓ ଗ୍ରାମର ମୁରବିମାନେ ଉପସ୍ଥିତ ଥିଲେ।

**ଖୁଣ୍ଟୁଣୀ:** ଖୁଣ୍ଟୁଣୀ ପଞ୍ଚାୟତର ୮ ନଂ. ୱାର୍ଡସଭ୍ୟ ସୁଚରିତା ନାୟକ ନାଏବ ସରପଞ୍ଚ ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ଖୁଣ୍ଟୁଣୀ ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ନୂତନ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ସଭ୍ୟାସଭ୍ୟମାନଙ୍କ ଦାୟିତ୍ୱ ଗ୍ରହଣ ଉତ୍ସବରେ ଆଠଗଡ଼ ବ୍ଲକ ନିର୍ବାଚନ ଅଧିକାରୀ ସନ୍ତୋଷ କୁମାର ଚୌଧୁରୀ ଯୋଗ ଦେଇଥିଲେ। ପରେ ଚୌଧୁରୀ ନୂତନ ସରପଞ୍ଚ କୈଳାସ ଚନ୍ଦ୍ର ଦାସ, ସମିତିସଭ୍ୟ ଗଗନ ବିହାରୀ ପରିଡା, ନାଏବ ସରପଞ୍ଚ ନାୟକ ଓ ସମସ୍ତ ୱାର୍ଡସଭ୍ୟଙ୍କୁ ଶପଥପାଠ କରାଇ ସରପଞ୍ଚ ଦାସଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ। ଏଥିର ପୂର୍ବତନ ସରପଞ୍ଚ ଫୁଲ ବେହେରା, ଆଠଗଡ଼ ବିକାଶ ମଞ୍ଚର ସଭାପତି ମାନସ ରଞ୍ଜନ ବସ୍ତିଆଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

**ଚୌଦ୍ୱାର:** ଟାଙ୍ଗୀ-ଚୌଦ୍ୱାର ବ୍ଲକ ୪ଟି ଜୋନ୍‌ର ୨୪ଟି ପଞ୍ଚାୟତରେ ନାଏବ ସରପଞ୍ଚ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ୧୦ନଂ. ଜୋନ୍ ବଡସାମନ୍ତରାୟପୁର ପଞ୍ଚାୟତର ଅନୀତା ଦାସ, ବରମପୁରର ମୁରଲୀଧର ନାୟକ, ଗରୁଡଗାଁର ମାନସ ରଞ୍ଜନ ଭଗତ, ମଙ୍ଗରାଜପୁରା ସ୍ୱପ୍ନାରାଣୀ ବେହେରା, ସଫା ପଞ୍ଚାୟତର ଝରଣା ରାଉତ, ଶଙ୍କରପୁରର ପ୍ରଭାତ କୁମାର ସାହୁ, କରଞ୍ଜୀର ସୁଷମା ମାହନ୍ତ, ମହିଁଶାଲଣ୍ଡା କୁଞ୍ଜ ବୁଢୁଲି, ୧୧ନଂ ଜୋନ୍ ଆଗ୍ରାହାଟ ଭୁବନ ମୋହନ ନାଟିଆ, ଇନ୍ଦାଣୀପାଟଣା ଧନେଶ୍ୱର ନାୟକ, କଖଡି ପଞ୍ଚାୟତର ମନୋଜ ରାଉତ, କୟଳପଡାର ମଧୁସୂଦନ ସେଠୀ, ବାଣୀପଦା ସୁଷମା ସାମଲ, ୧୨ନଂ. ଜୋନ କନ୍ହେଇପୁରର ଜେମା ସର୍ଦ୍ଦାର, କୋଠସାହି ପଞ୍ଚାୟତର କବିତା ମହାରଣା, ନଖରା ରତ୍ନାକର ନାୟକ, ଶାଳଗାଁ ପଞ୍ଚାୟତର ଅନ୍ନପୂର୍ଣ୍ଣା ବିଶ୍ୱାଳ, ଉଚ୍ଚପଦାର ରାଜକିଶୋର ସ୍ୱାଇଁ, ୧୩ନଂ ଜୋନ୍ ଗୋବିନ୍ଦପୁର ପ୍ରମିଳା ମଲ୍ଲିକ, ହରିଅନ୍ତା ସଫିଆ ବିବି, ଭଟିମୁଣ୍ଡାର ଲତା ନାୟକ, ଜରିପଡାର କାମିନୀ ସାହୁ, ନପଙ୍ଗର ମାନସ ରଞ୍ଜନ ଓଝା ଓ ମାଗୁରା ଧାନମଣ୍ଡଳ ପଞ୍ଚାୟତର ନାଏବ ସରପଞ୍ଚ ଭାବେ ଦେବକୀ ଦାସ ନିର୍ବାଚିତ ହୋଇଥିବା ବ୍ଲକ ପକ୍ଷରୁ ସୂଚନା ମିଳିଛି।

**କଟକ ସଦର:** କଟକ ସଦର ବ୍ଲକ ଅନ୍ତର୍ଗତ ୨୧ଟି ପଞ୍ଚାୟତରେ ନାଏବ ସରପଞ୍ଚ ନିର୍ବାଚନ ହୋଇଥିଲା। ଅରିଲୋ ପଞ୍ଚାୟତରୁ ସୁନାକର ପଣ୍ଡା, ଆୟଉପୁରରୁ ହୀରାରାଣି ସେଠୀ, ବରଦାରୁ ଚିତ୍ତରଞ୍ଜନ ମଲ୍ଲିକ, ବେଣ୍ଟକାରରୁ ସ୍ୱର୍ଣ୍ଣଲତା ନନ୍ଦ, ବରହମପୁରରୁ ରୀତା ଭୋଇ, ବୋଧପୁରରୁ ଦେବସ୍ମିତା ସେଠୀ, ଦଧିବାମନପୁରରୁ ସରୋଜ ବେହେରା, ଧରିଣାରୁ ସୁଜାତା ବେହେରା, ଫକୀରପଡାରୁ ସୂର୍ଯ୍ୟକାନ୍ତ ବିଶ୍ୱାଳ, ଗତିରାଉତପାଟଣାରୁ ମନୋଜ ରାଉତ, ଝରକଟାରୁ ସସ୍ମିତା ମହାପାତ୍ର, କଳପଡାରୁ ସସ୍ମିତ ପରିଡା, କନ୍ଦରପୁରରୁ ବୈଜୟନ୍ତି ଦାସ, ଖଣ୍ଡେଏତାରୁ ସୋନାଲି ପରିଡା, କିଶୋର ନଗରରୁ ମନୋରଞ୍ଜନ ବେହେରା, କୁଳସରିଚୁଆଁରୁ ଅମିତା ସାହୁ, ନିମେଇଶାପୁରରୁ ଗୟାଧର ଭୋଇ, ପରମହଂସରୁ ରଶ୍ମିରେଖା ବେହେରା, ପ୍ରହରାଜପୁରରୁ ଝୁଲନା ବେହେରା, ସୋମପୁରରୁ ମୁନିଆ ବେଗମ ଓ ଉରାଳି ପଞ୍ଚାୟତରୁ ଉଲ୍ଲାସ ବିଶ୍ୱାଳ ନିର୍ବାଚିତ ହୋଇଥିବା ବ୍ଲକ ନିର୍ବାଚନ ଅଧିକାରୀ ରାଜୀବ ଲୋଚନ ପରିଡ଼ା ସୂଚନା ଦେଇଛନ୍ତି।

**ନିଶ୍ଚିନ୍ତକୋଇଲି,(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ୪୧ଟି ପଞ୍ଚାୟତରେ ଶୁକ୍ରବାର ନାଏବ ସରପଞ୍ଚ ନିର୍ବାଚନ ଶେଷ ହୋଇଛି। ଶନିବାର ବ୍ଲକ ଅଧକ୍ଷ ନିର୍ବାଚନ ଥିବାରୁ ବ୍ଲକ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଶୁକ୍ରବାର ୧୦ଟାରୁ ବିଭିନ୍ନ ପଞ୍ଚାୟତରେ ସରପଞ୍ଚ ଓ ୱାର୍ଡ ସଭ୍ୟ ଉପସ୍ଥିତ ହୋଇଥିଲେ। ବ୍ଲକରୁ ପ୍ରତିପଞ୍ଚାୟତକୁ ଜଣେଜଣେ ନିର୍ବାଚନ ଅଧିକାରୀ ନିଯୁକ୍ତି କରାଯାଇଥିଲା। ୪୧ଟି ପଞ୍ଚାୟତ ମଧ୍ୟରୁ ୨୯ଟି ପଞ୍ଚାୟତରେ ଏକକ ପ୍ରାର୍ଥୀଥିବାରୁ ନିର୍ଦ୍ୱନ୍ଦ୍ୱରେ ନାଏବ ସରପଞ୍ଚ ନିର୍ବାଚନ ହୋଇଥିଲା। ୧୨ଟି ପଞ୍ଚାୟତରେ ନିର୍ବାଚନ କରାଯାଇ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲା। ତେବେ ସରପଡ଼ା, ନିଶ୍ଚିନ୍ତକୋଇଲି, ନତକାଇ, ନରେନ୍ଦ୍ରପୁର କଟରପଡ଼ା ଆଦି ପଞ୍ଚାୟତରେ ନାଏବ ସରପଞ୍ଚ ନିର୍ବାଚନ ରୋଚକ ମୋଡ ନେଇଥିଲା। ଅଧକ୍ଷ ନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି ଥିବାବେଳେ ଶାସକ ବିଜେଡି ମିଳିତ ଭାବେ ଏକକ ପ୍ରାର୍ଥୀ ଚୟନ କରିଥିବାରୁ ଅଧକ୍ଷ ପଦ ସୁନିଶ୍ଚିତ ଥିବା ଚର୍ଚ୍ଚା ହେଉଛି।

**ଟିଗିରିଆ,(ଡି.ଏନ.ଏ.):** ଟିଗିରିଆ ବ୍ଲକର ସମସ୍ତ ୧୪ ପଞ୍ଚାୟତରେ ନବନିର୍ବାଚିତ ସରପଞ୍ଚ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେମାନେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କଠାରୁ ଦାୟିତ୍ୱ ଗ୍ରହଣ କରିବା ସହ ୱାର୍ଡ ସଭ୍ୟାସଭ୍ୟଙ୍କୁ ନେଇ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ସେହିଭଳି ପ୍ରତ୍ୟେକ ପଞ୍ଚାୟତରେ ଶାନ୍ତି ଶୃଙ୍ଖଳାର ସହିତ ନାଏବ ସରପଞ୍ଚ ନିର୍ବାଚନ ମଧ୍ୟ ଅନୁଷ୍ଠିତ ହୋଇଛି। ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତି ପଞ୍ଚାୟତର ନିର୍ବାହୀ ଅଧିକାରୀଙ୍କ ସହିତ ୧୪ ପଞ୍ଚାୟତ ପାଇଁ ୧୪ ପ୍ରିଜାଇଡିଂ ଅଫିସର ନିୟୋଜିତ କରାଯାଇଥିଲା। ନାଏବ ସରପଞ୍ଚ ନିର୍ବାଚନରେ ଅଚଳକୋଟରେ ଅମୂଲ୍ୟ ଦାସ, ଭିରୁଡ଼ାରେ ଉଲ୍ଲାସ ବିଶ୍ୱାଳ, ପାଞ୍ଚଗାଁରେ କୌଶଲ୍ୟା ସାହୁ, ସୋମପଡ଼ାରେ ସୌମ୍ୟାସରିତା ଦାସ, ନିଜିଗଡ଼ରେ ଅଶ୍ୱିନୀ କୁମାର ବେହେରା, ପୁରୁଣାଟିଗିରିଆରେ ମଧୁସ୍ମିତା ରାଉତ, ବାଲିପୁଟରେ ମାନି ନାଏକ, ବିନ୍ଧାଣିମାରେ ପ୍ରମୋଦ କୁମାର ରାଉତ, ବଡ଼ନାଉପୁଟରେ ମନୋରଞ୍ଜନ ସ୍ୱାଇଁ, ହାଟମାଳରେ ମାନ ବେହେରା, ଗଦାଧରପୁରରେ ବନମାଳି ବାରିକ, ଜେମାଦେଈପୁରରେ ସଙ୍ଗୀତା ବେହେରା, ନୂଆପାଟଣାରେ ସରସ୍ୱତୀ ଗୁଇଁ ଏବଂ ଭୋଗଡ଼ାରେ ରବୀନ୍ଦ୍ର ପାଣିଗ୍ରାହୀ ନାଏବ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି।

**ବାଙ୍କୀ,(ସ୍ୱ.ପ୍ର.):** ବାଙ୍କୀ ବ୍ଲକରେ ବିଡିଓ ତଥା ନିର୍ବାଚନ ଅଧିକାରୀ ପ୍ରଦୀପ୍ତ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ନାଏବ ସରପଞ୍ଚ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ୨୦ଟି ପଞ୍ଚାୟତରୁ ୫ ପଞ୍ଚାୟତ ବରପୁଟ, ଓସ୍ତିଆ, ସୁବର୍ଣ୍ଣପୁର, ବନ୍ଦାଳ, କାଳିପୋଇ ପଞ୍ଚାୟତରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ୧୫ ପଞ୍ଚାୟତରେ ନାଏବ ସରପଞ୍ଚମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ବରପୁଟ-ସରୋଜିନୀ ନାୟକ, ଓସ୍ତିଆ-ସୁମିତ୍ରା ରାଉତ, ସୁବର୍ଣ୍ଣପୁର-ବିନୋଦିନୀ ବେହେରା, ବନ୍ଦାଳ-ମଧୁସ୍ମିତା ସାହୁ, କାଳିପୋଇ-ଝୁନଲତା ସେଠୀ, କଳାପଥର-କିଶୋର ପ୍ରଧାନ, ବୈଦ୍ୟେଶ୍ୱର ତପସ୍ୱିନୀ ସର୍ଦ୍ଦାର ସିଂହ, କେନ୍ଦୁପଲ୍ଲୀ-ପ୍ରଭାତୀ ବେହେରା, ଜଗନ୍ନାଥପୁର-ଉର୍ମିଳା ବିଶ୍ୱାଳ, ବଳଭଦ୍ରପୁର- କାହ୍ନୁ ନିଶଙ୍କ, ନୂଆଗାଁ-ତୃପ୍ତିରଞ୍ଜନ ପଣ୍ଡା, ଅନୁଆରୀ-ସୁରେଶ ଦେଉରୀ, ଗୋଳାଗଣ୍ଡ-ସୌଦାମିନୀ ପ୍ରଧାନ, କିଆପଲ୍ଲା- ସତ୍ୟଭାମା ମୁଦୁଲି, ବ୍ରହ୍ମପୁରା-ନବୀନ ସେନାପତି, ପୁଇଁଚା-ଝୁନା ପ୍ରଧାନ, କଦଳୀବାଡି-ଗଗନ ବିହାରୀ ସାହୁ, ରତାଗଡ-ସୁରେନ୍ ବେହେରା, କନ୍ତପହଁରା-ରଞ୍ଜୁଲତା ସାହୁ ଓ ବାଉଁଶପୁଟ ପଞ୍ଚାୟତରେ ନଳିନୀ ପ୍ରଭା ରାଉତ ନିର୍ଦ୍ୱନ୍ଦ୍ୱରେ ନାଏବ ସରପଞ୍ଚ ଭାବେ ନିର୍ବାଚିତ ହୋଇଛନ୍ତି।

ସେହିପରି ଡମପଡ଼ା ବ୍ଲକର ୧୭ ପଞ୍ଚାୟତରେ ନାଏବ ସରପଞ୍ଚ ନିର୍ବାଚନ ଅନୁଷ୍ଠିତ ହୋଇଛି। ଏଥିରେ ୭ଟି ପଞ୍ଚାୟତ ଯଥା, ତୁଳସୀପୁର, ନରଗାଙ୍ଗ, ବାଆଁରା, ଭଗୀପୁର, ଶିମିଳିପୁର, ତାଳବସ୍ତ, ହରିରାଜପୁର ପଞ୍ଚାୟତରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ବେଳେ ଅନ୍ୟ ୧୦ ପଞ୍ଚାୟତରେ ନିର୍ଦ୍ୱନ୍ଦ୍ୱରେ ନାଏବ ସରପଞ୍ଚମାନେ ନିର୍ବାଚିତ ହୋଇଥିଲେ। ବିଳାସିନୀ ସାହୁ-ତୁଳସୀପୁର, ପ୍ରସନ୍ନ କୁମାର ମହାପାତ୍ର-ନରଗାଙ୍ଗ, ରବୀନ୍ଦ୍ରନାଥ ବିଶ୍ୱାଳ-ଢଁସର, ସନ୍ତୋଷ କୁମାର ମହାଭୋଇ-ଦୁର୍ଗାପୁର, ଶରତ କୁମାର ସାହୁ-ବିଲିପଡା, ଭାଗୀରଥି ବେହେରା-ରଗଡି, ନିତ୍ୟାନନ୍ଦ ସାହୁ-ଗୋପାଳପୁର, ବିଭୂତି ଭୂଷଣ ଦାଶ-ଗୋବିନ୍ଦପୁର, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ-ବାଆଁରା, ବିମଳା ବେହେରା-ପାଥପୁର, ଇନ୍ଦୁମତୀ ସେଠୀ-ଶିମିଳିପୁର, ଗଦାଧର ବସ୍ତି-ତାଳବସ୍ତ, ସୁଜାତା ସ୍ୱାଇଁ-ହରିରାଜପୁର, ନରେଶ ଚନ୍ଦ୍ର ବେହେରା-ଡମପଡ଼ା, ସନ୍ତୋଷ କୁମାର ନାୟକ-ଦୁଲଣାପୁର, ରଞ୍ଜିତା ସ୍ୱାଇଁ-କୁସୁପଙ୍ଗି ନାଏବ ସରପଞ୍ଚ ଭାବରେ ନିର୍ବାଚିତ ହୋଇଛନ୍ତି ବୋଲି ନିବାଚନ ଅଧିକାରୀ ତଥା ବିଡିଓ ଶ୍ୟାମଳ କୁମାର ରାୟ ପ୍ରକାଶ କରିଛନ୍ତି।

# 'ଗ୍ରାମାଞ୍ଚଳରେ କ୍ରୀଡ଼ା ଭିତ୍ତିଭୂମି ସୃଷ୍ଟି ହେବ'

**କଟକ,୧୧।୩**

ରାଜ୍ୟର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡ୍ରିମ୍‌ସ ଗ୍ରୁପ୍ ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମାଣ କରାଯାଇଥିବା 'ଡ୍ରିମ୍‌ସ ସ୍ପୋର୍ଟସ କମ୍ପ୍ଲେକ୍ସ' ପରିଦର୍ଶନରେ କ୍ରୀଡ଼ା ଓ ଯୁବସେବା ସଚିବ ଆର୍. ଭିନିଲକ୍ରିଷ୍ଣା ଆସିଥିଲେ। ଏହି ପରିପ୍ରେକ୍ଷୀରେ ସେ ଏଠାକାର କ୍ରୀଡ଼ା କ୍ଷେତ୍ର ଓ ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହ ବୁଲିବା ସହ କହିଥିଲେ, ଏହାଦ୍ୱାରା ଗ୍ରାମାଞ୍ଚଳରେ ଗଢ଼ି ଉଠିଥିବା କ୍ରୀଡ଼ା ଭିତ୍ତିଭୂମି ଓ ନୂତନ ପ୍ରତିଭା ସୃଷ୍ଟି ହେବା ସହ ରାଜ୍ୟରେ କ୍ରୀଡ଼ାର ପ୍ରସାର ଅଧିକ ହେବ । ସେହିଭଳି ଏହାର କ୍ରିକେଟ ଷ୍ଟାଡିୟମ, ବାସ୍କେଟବଲ, ଟେନିସ୍, ବ୍ୟାଡ୍‌ମିଣ୍ଟନ, ସ୍କ୍ୱାସ୍, ବିଲିୟାର୍ଡ୍ସ କୋର୍ଟ, ଜିମ୍, ସୁଇମିଂପୁଲ୍ ଓ ବୋଟିଂ କ୍ଲବ ଆଦି ଦେଖିବା ସହ ଏଠାରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ମ୍ୟାଚ୍‌ର ସଫଳ ଆୟୋଜନ ସମ୍ପର୍କରେ ମଧ୍ୟ ଅବଗତ ହୋଇଥିଲେ।


କ୍ରୀଡ଼ା ଓ ଯୁବସେବା ସଚିବ ଆର୍. ଭିନିଲକ୍ରିଷ୍ଣା ଡ୍ରିମ୍‌ସ ଅଧିକାରୀମାନଙ୍କ ସହିତ ଆଲୋଚନା କରୁଛନ୍ତି।

ପରିଶେଷରେ ଏଠାକାର କ୍ରୀଡ଼ା ଭିତ୍ତିଭୂମି କିଭଳି ଅଧିକ ଉପଯୋଗୀ ଓ ବିକଶିତ ହୋଇପାରିବ ସେ ପ୍ରସଙ୍ଗରେ ମଧ୍ୟ ବିସ୍ତୃତ ଆଲୋଚନା ପାଇଁ ସମ୍ମତି ଦେଇଥିଲେ। ଏଥିସହିତ ଗତବର୍ଷ ଅଗଷ୍ଟରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏଠାରେ ଶୁଭାରମ୍ଭ ହୋଇଥିବା 'ପଦ୍ମିନୀ କେୟାର'ହସ୍ପିଟାଲର ବିଭିନ୍ନ ବିଭାଗ ପରିଦର୍ଶନ କରି ଏଠାରେ ଉପଲବ୍ଧ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ୍ରିମ୍‌ସର ଅଧକ୍ଷ ପ୍ରମୋଦ ଚନ୍ଦ୍ର ରଥ, ସହ ଅଧକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଏକାଡେମିକ୍ ନିର୍ଦ୍ଦେଶକ ଡ. କପିଳେଶ୍ୱର ମିଶ୍ର ଓ କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ରହି ସଚିବଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# 'କର୍ତ୍ତବ୍ୟନିଷ୍ଠା ସହ ଅଧ୍ୟବସାୟ କରନ୍ତୁ ଛାତ୍ରୀ'

**କଟକ ଅଫିସ, ୧୧।୩**

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକୋତ୍ସବ ଓ ନାଟ୍ୟ ପରିଷଦର ବାର୍ଷିକ ଦିବସ ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ଅପରାଜିତା ଚୌଧୁରୀ ଯୋଗଦେଇ କର୍ତ୍ତବ୍ୟନିଷ୍ଠା ସହ ଅଧ୍ୟବସାୟ କରିବାକୁ ଛାତ୍ରୀମାନଙ୍କୁ କହିଥିଲେ। ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱରର ପୂର୍ବତନ ନିର୍ଦ୍ଦେଶକ ଏ. ମହେଶ୍ୱର ରାଓ, ସଙ୍ଗୀତଜ୍ଞ ଦେବେନ୍ଦ୍ର ପତି, ସାଗର ଲେଙ୍କା ଓ ସ୍ମୃତିମୟୀ ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀ ବିଜୟଲକ୍ଷ୍ମୀ ସାହୁ, ମୁସାବେହା କୌଶର୍, ଶୁଭସ୍ମିତା ଜେନା, ଲାବଣ୍ୟଶ୍ରୀ ନାଏକ, ଦୀପ୍ତିରାଣୀ ଦାସ, ନିବେଦିତା ମିଶ୍ର, ମିନତୀ ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଫେସର ଚାରୁବାଳା ପାଣି ଅତିଥି ପରିଚୟ, ଡ. ସଞ୍ଜିତା ମିଶ୍ର ବିବରଣୀ ପାଠ ଓ ଡ. ଦୀପ୍ତି ପଣ୍ଡା ଉତ୍ସବ ପରିଚାଳନା କରିଥିଲେ। ଏହି ଉତ୍ସବରେ ଡ. ମୌସୁମୀ ପଟ୍ଟନାୟକ, ସ୍ୱପ୍ନଶଙ୍କର ନାୟକ, ମମତାରାଣୀ ସାହୁ, ନର୍ମଦା କୁମାରୀ ପରିଡ଼ା, ଆନନ୍ଦିନୀ ପଣ୍ଡା, ନରେନ୍ଦ୍ର ନାଥ ନାୟକ, ଡ. ଯୋଗମାୟା ପଣ୍ଡା, ପଦ୍ମଜା ଜଗତି ପ୍ରମୁଖ ଉପସ୍ଥିତ ଥିଲେ।

# ସରପଞ୍ଚ ଦାୟିତ୍ୱ ଗ୍ରହଣବେଳେ ପରାଜିତ ପ୍ରାର୍ଥୀଙ୍କ ଅନଶନ

**ନିଶ୍ଚିନ୍ତକୋଇଲି,୧୧।୩(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ପାଳଦା ପଞ୍ଚାୟତର ସରପଞ୍ଚ ଚିନ୍ମୟୀ ବେହେରା ଶୁକ୍ରବାର ଦାୟିତ୍ୱ ଗ୍ରହଣ ନିମନ୍ତେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ। ଏହି ସମୟରେ ପରାଜିତ ପ୍ରାର୍ଥିନୀ ସୁଜାତା ମଲିକ ତାଙ୍କ ସମର୍ଥକଙ୍କ ସହ ଆସି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ। ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ନିଶ୍ଚିନ୍ତକୋଇଲିର ଅତିରିକ୍ତ ତହସିଲଦାର କ୍ରିଷ୍ଣା ପାଢୀ, ନେମାଳ ଥାନା ପୋଲିସ ପହଞ୍ଚି ଅନଶନକାରୀଙ୍କୁ ବୁଝାଶୁଝା କରିଥିଲେ। ପରେ ଜିଲାପାଳଙ୍କ ଉପଦେଶ କ୍ରମେ ସୁଜାତା ଅନଶନ ପ୍ରତ୍ୟାହାର କରିଥିଲେ। ସୁଜାତା ୨ଟି ଭୋଟରେ ପରାଜିତ ହୋଇଥିବା ପ୍ରଶାସନ ତରଫରୁ ଘୋଷଣା କରାଯାଇଥିଲା। ସେ ଏଥିରେ ଆପତି ଉଠାଇଥିଲେ ମଧ୍ୟ ପ୍ରଶାସନ ତରଫରୁ କର୍ଣ୍ଣପାତ କରାଯାଇ ନ ଥିଲା। ତେଣୁ ସେ ନ୍ୟାୟ ପାଇବା ନିମନ୍ତେ ଆବେଦନ କରି ନିରାଶ ହେବା ପରେ ସମର୍ଥକଙ୍କୁ ନେଇ ଅନଶନ କରିଥିଲେ।


କଟକ ଦେଉଳସାହି ଅଞ୍ଚଳକୁ ଭାଜପା ମେୟର ପ୍ରାର୍ଥୀ ଶ୍ରୀତମ ଦାସ କର୍ପୋରେଟର ପ୍ରାର୍ଥିନୀ ସ୍ନେହମଞ୍ଜରୀ ମହାନ୍ତିଙ୍କ ସହ ନିର୍ବାଚନ ପ୍ରଚାର ପାଇଁ ଯାଉଛନ୍ତି।


ସିଏମ୍‌ସି ୱାର୍ଡ ନଂ ୪୦ରେ ବିଧାୟକ ମହମ୍ମଦ ମୋକିମ ଓ ଦଳୀୟ ସମର୍ଥକଙ୍କ ସହ କଂଗ୍ରେସ ମେୟର ପ୍ରାର୍ଥୀ ଗିରିବାଳା ବେହେରା ପ୍ରଚାର କରୁଛନ୍ତି।


ଏସ୍‌ୟୁସିଆଇ(ସି)ର ମେୟର ପ୍ରାର୍ଥୀ ବବି ବଳବନ୍ତରାୟ ମହାନଦୀ ବିହାର ଅଞ୍ଚଳରେ ପ୍ରଚାର କରୁଛନ୍ତି।

# ପୌର ନିର୍ବାଚନ ପାଇଁ ଜମୁଛି ପ୍ରଚାର

**କଟକ ଅଫିସ, ୧୧।୩**

ପୌର ନିର୍ବାଚନ ପାଇଁ ସରଗରମ ହୋଇଛି କଟକ ସହର। ଆସନ୍ତା ୨୪ ତାରିଖରେ ଭୋଟ ଗ୍ରହଣ। ହାତରେ ଆଉ ଅଳ୍ପଦିନ ବାକି ଥିବାବେଳେ ପ୍ରାର୍ଥୀମାନେ ପ୍ରଚାରକୁ ଜୋର୍‌ଦାର କରିଛନ୍ତି। ବିଶେଷକରି ଘର ଘର ବୁଲି ଭୋଟରଙ୍କ ପାଖରେ ପହଞ୍ଚିବା ସହ ନିଜ ସପକ୍ଷରେ ଭୋଟ ଦେବା ପାଇଁ ନିବେଦନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର କଂଗ୍ରେସ, ଭାଜପା ଏବଂ ଏସ୍‌ୟୁସିଆଇ(ସି)ର ମେୟର ପ୍ରାର୍ଥୀ ଘର ଘର ବୁଲି ପ୍ରଚାର କରୁଥିବା ଦେଖିବାକୁ ମିଳିଥିଲା।

କଂଗ୍ରେସର ମେୟର ପ୍ରାର୍ଥିନୀ ଗିରିବାଳା ବେହେରା କଟକ ମହାନଗର ନିଗମ(ସିଏମ୍‌ସି)ର ୪୦, ୪୧ ନମ୍ବର ୱାର୍ଡରେ ପ୍ରଚାର କରିଛନ୍ତି। ସେ କର୍ପୋରେଟର ପ୍ରାର୍ଥିନୀ ସ୍ୱର୍ଣ୍ଣପ୍ରଭା ପଶାୟତଙ୍କ ସହ ମିଶି ମଲ୍ଲାସାହି, ଟିଣପିଟା ସାହି, ମାଳିସାହି, ଯୋବ୍ରା, ମଖିସାହି, ରେହମାନ ଛକ, ପାରେଶ୍ୱର ସାହିରୁ ମାଛ ମାର୍କେଟ ଆଦି ଅଞ୍ଚଳରେ ପଦଯାତ୍ରା କରିଥିଲେ। ଏଥିସହ ୱାର୍ଡ ଅଞ୍ଚଳର ମୌଳିକ ସମସ୍ୟାରେ ସୁଧାର ଆଣିବା, ସିଏମ୍‌ସିକୁ ଦୁର୍ନୀତି ମୁକ୍ତ ଓ ସମୃଦ୍ଧ କରି ଗଢିବା ପାଇଁ କହି ଲୋକମାନଙ୍କୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ, ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର, ଜଗଦୀଶ ମହାନ୍ତି, ତ୍ରିଲୋଚନ ମହାନ୍ତି, ନିକୁଞ୍ଜ ପଶାୟତ, ବିଶ୍ୱଜିତ୍ ଦାସ, ସତ୍ୟାନନ୍ଦ ରାଉତ, ଡ. କସ୍ତୁରୀ ଖଟାଇ, ସିପିଆଇ ଜିଲା ସମ୍ପାଦକ ଅମରେନ୍ଦ୍ର ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

**ଭୋଟରଙ୍କ ସମର୍ଥନ ଲୋଡୁଛନ୍ତି ମେୟର ପ୍ରାର୍ଥୀ**

ସେହିପରି ଭାଜପା ମେୟର ପ୍ରାର୍ଥୀ ଶ୍ରୀତମ ଦାସ ସିଏମ୍‌ସିର ୭, ୧୭, ୧୯, ୨୫, ୩୩ ନମ୍ବର ୱାର୍ଡରେ ପ୍ରଚାର କରିଥିଲେ। ଏହି ପ୍ରଚାରରେ ୭ ନଂ. ୱାର୍ଡର କର୍ପୋରେଟର ପ୍ରାର୍ଥୀ ସ୍ନେହମଞ୍ଜରୀ ମହାନ୍ତି, ୨୫ନଂ. ୱାର୍ଡର ପ୍ରାର୍ଥୀ ନିତାଇ ନନ୍ଦ, ୩୩ ନଂ. ୱାର୍ଡର ପ୍ରାର୍ଥୀ ଆର୍ଯ୍ୟକନ୍ୟା ମହାରଣା, ୧୯ ୱାର୍ଡର ପ୍ରାର୍ଥୀ ୱାଇ. ୱାଣି, ୧୭ନଂ. ୱାର୍ଡର ପ୍ରାର୍ଥୀ ସୀମାରାଣୀ ସିଂ ନିଜ ୱାର୍ଡରେ ଶ୍ରୀତମଙ୍କ ସହ ମିଶି ପ୍ରଚାର କରିଥିଲେ। ଏହି ପ୍ରଚାରରେ କଟକ ନଗର ଜିଲା ସଭାପତି ଲଲାଟେନ୍ଦୁ ବସ୍ତ୍ର, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ରଶ୍ମିରେଖା ଦାସ ପ୍ରମୁଖ ସାମିଲ ହୋଇଥିଲେ।

ଏସ୍‌ୟୁସିଆଇ(ସି)ର ମେୟର ପ୍ରାର୍ଥୀ ବବି ବଳବନ୍ତରାୟ ମହାନଦୀ ବିହାର ଅଞ୍ଚଳରେ ଘର ଘର ବୁଲି ପ୍ରଚାର କରିଥିଲେ। ସହରରେ ଥିବା ବିଭିନ୍ନ ସମସ୍ୟା ଦୂର କରିବା ପାଇଁ କହିବା ସହ ନିଜ ସପକ୍ଷରେ ଭୋଟ ଦେବା ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ।